# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୨୫/୨୦୨୫ (୧୬ ପୃଷ୍ଠା) | Bhubaneswar, Tuesday, March 25/2025 | Page 16 | ₹ 7.00

୫୧ଶ ଭାଗ ୧୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 119 | ମୂଲ୍ୟ ₹୭/-





**ଆଶୁତୋଷଙ୍କ ଚିତ୍ତାକର୍ଷକ ବ୍ୟାଟିଂ**

ଲକ୍ଷ୍ମୌ ସୁପର ଜାଏଣ୍ଟ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଅପରାଜିତ ୬୬ ରନ କରି ଦିଲ୍ଲୀ କ୍ୟାପିଟାଲ୍ସକୁ ଜିତାଇଛନ୍ତି ଆଶୁତୋଷ ଶର୍ମା। **୧୫**

**୧୨** **'ଗ୍ରାଉଣ୍ଡ ଜିରୋ'ରେ ବିଏସ୍ଏଫ୍ ଯବାନଙ୍କ କାହାଣୀ**

ଅଭିନେତା ଇମ୍ରାନ ହାସ୍‌ମୀଙ୍କ ଆଗାମୀ ଫିଲ୍ମ 'ଗ୍ରାଉଣ୍ଡ ଜିରୋ' ଆସନ୍ତା ଏପ୍ରିଲ ୨୫ରେ ରିଲିଜ୍ ହେବ। ଫିଲ୍ମରେ ଇମ୍ରାନ ଜଣେ ବିଏସ୍ଏଫ୍ ଯବାନଙ୍କ ଭୂମିକାରେ ନଜରକୁ ଆସିବେ।






ରାଜ୍ୟରେ ମହିଳାଙ୍କ ପ୍ରତି ଅତ୍ୟାଚାର ବଢୁଥିବା ପ୍ରତିବାଦରେ କଂଗ୍ରେସ ବିଧାୟକମାନେ ଏବଂ ଇଞ୍ଜିନିୟରିଂ ଓ ମେଡିକାଲ ଶିକ୍ଷାରେ ଏସ୍‌ସି, ଏସ୍‌ଟି, ଓବିସିଙ୍କୁ ସଂଖ୍ୟାନୁପାତରେ ସଂରକ୍ଷଣ ଦେବା ଦାବିରେ ବିଜେଡି ବିଧାୟକମାନେ ସୋମବାର ବିଧାନସଭାରେ ବାଚସ୍ପତିଙ୍କ ପୋଡିୟମ ପାଖରେ ହୋହଲ୍ଲା କରୁଛନ୍ତି।

# ବାକ୍ ସ୍ୱାଧୀନତା ଉପରେ ଶିବସେନାର ଆକ୍ରମଣ

**ମୁମ୍ବାଇ, ୨୪।୩**

ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ତଥା ଶିବସେନା ନେତା ଏକନାଥ ଶିନ୍ଦେଙ୍କୁ ଥଟ୍ଟା କରିବାକୁ ନେଇ ଷ୍ଟାଣ୍ଡଅପ୍ କମେଡିଆନ୍ କୁନାଲ କାମ୍‌ରାଙ୍କୁ ଏବେ ଶିବସେନା କ୍ରୋଧର ଶିକାର ହେବାକୁ ପଡ଼ିଛି। ଏନେଇ ଶିବସେନା କର୍ମୀମାନେ ମୁମ୍ବାଇର ଖାର୍ ଅଞ୍ଚଳରେ ୟୁନିକଣ୍ଟିନେଣ୍ଟାଲ ହୋଟେଲ ପରିସରରେ ଥିବା ଦି ହାବିଟାଟ୍ କମେଡ଼ି କ୍ଲବ୍‌ରେ ଭଙ୍ଗାରୁଜା କରିଛନ୍ତି। ଏହି ଘଟଣାରେ ୧୨ ଜଣଙ୍କୁ ଅଟକ ରଖାଯାଇଥିବାବେଳେ ବ୍ରିହନ୍‌ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ଅଧିକାରୀମାନେ ହୋଟେଲ ପ୍ରଥମ ମହଲାରେ ଥିବା ଦି ହାବିଟାଟ ଷ୍ଟୁଡିଓରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହିସହିତ ଉକ୍ତ କ୍ଲବ୍‌କୁ ସାମୟିକ ବନ୍ଦ ଘୋଷଣା କରାଯାଇଛି। ବାକ୍ ସ୍ୱାଧୀନତା ଉପରେ ଶିବସେନାର ଆକ୍ରମଣକୁ ବିଭିନ୍ନ ଦଳ ପକ୍ଷରୁ ସମାଲୋଚନା କରାଯାଇଛି।



କୁନାଲ କାମ୍‌ରା

ହାବିଟାଟ୍ ଷ୍ଟୁଡିଓରେ କମେଡି ପ୍ରଦର୍ଶନ ବେଳେ କୁନାଲ ଶିବସେନା ନେତା ଶିନ୍ଦେଙ୍କୁ ଜଣେ ଦେଶଦ୍ରୋହୀ କହିବା ସହ ତାଙ୍କ ଉପରେ ଏକ ହାସ୍ୟପୂର୍ଣ୍ଣ ବ୍ୟଙ୍ଗ କବିତା ଆବୃତ୍ତି କରିଥିଲେ। ୨୦୨୨ରେ ତତ୍କାଳୀନ ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କ ବିରୋଧରେ ଶିନ୍ଦେଙ୍କ ବିଦ୍ରୋହକୁ ସମାଲୋଚନା କରିବାକୁ ଯାଇ କୁନାଲ 'ଦିଲ୍ ତୋ ପାଗଲ ହେ' ଚଳଚ୍ଚିତ୍ର ଗୀତର ଏକ ପରିବର୍ତ୍ତିତ ରୂପକୁ ଗାଇଥିଲେ। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ରବିବାର ରାତିରେ ଶିବସେନାର ଅନେକ କର୍ମୀ ହୋଟେଲ ଏବଂ ଏହା ପରିସରରେ ଥିବା ଷ୍ଟୁଡିଓରେ ଭଙ୍ଗାରୁଜା କରିଥିଲେ। ☞ପୃଷ୍ଠା-୪

# '୬୦' ଥୋପ

## ଏବର୍ଷ ବଢ଼ିବନି ବିଦ୍ୟୁତ୍ ଟାରିଫ୍: ଓଇଆର୍‌ସି

**ଆର୍ଥିକ ବର୍ଷ ୨୦୨୫-୨୬ରେ ରାଜ୍ୟରେ ବିଦ୍ୟୁତ୍ ଶୁଳ୍କ (ଟାରିଫ୍) ବଢ଼ିବ ନାହିଁ ଏବଂ ୨ କିଲୋୱାଟ ବ୍ୟବହାର କରୁଥିବା ସ୍ମାର୍ଟ ମିଟର ଭଡ଼ା(ରେଣ୍ଟ) ବାବଦ ମାସକୁ ୬୦ ଟଙ୍କା ଛାଡ଼ କରାଯିବ ବୋଲି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ପକ୍ଷରୁ ସୋମବାର ଘୋଷଣା କରାଯାଇଛି । କିନ୍ତୁ ସ୍ମାର୍ଟ ମିଟର ମାଧ୍ୟମରେ ବିଦ୍ୟୁତ୍ ଉପଭୋକ୍ତା ଦୀର୍ଘଦିନ ଧରି ଶୋଷଣର ଶିକାର ହୋଇଆସୁଥିଲେ ମଧ୍ୟ ଏଥିପ୍ରତି ଓଇଆର୍‌ସି ନୀରବ ରହିଛି। ଘରୋଇ ବିତରଣ କମ୍ପାନୀ ବିଦ୍ୟୁତ୍ ଯୋଗାଣ ଦାୟିତ୍ୱ ନେବା ପରଠୁ ପ୍ରତି ଘରେ ସ୍ମାର୍ଟ ମିଟର ଲଗାଇବାକୁ ତତ୍ପରତା ଦେଖାଉଛି। ତେବେ ପୂର୍ବର ବିଦ୍ୟୁତ୍ ମିଟର ଅପେକ୍ଷା ସ୍ମାର୍ଟ ମିଟରରେ ପ୍ରାୟ ଦେଢ଼ରୁ ୨ଗୁଣା ଅଧିକ ୟୁନିଟ୍ ଉଠୁଥିବାରୁ ଜନସାଧାରଣ ଏହାକୁ ବିରୋଧ କରିଆସୁଛନ୍ତି। ଏପରି କି ଲୋକେ ଘରୁ ସ୍ମାର୍ଟ ମିଟର ଉପାଡ଼ି ଆଣି ବିଦ୍ୟୁତ୍ ଅଫିସ୍ ଆଗରେ ଫିଙ୍ଗି ପ୍ରତିବାଦ କରୁଥିବା ଦେଖିବାକୁ ମିଳୁଛି। ନୂଆ ଆର୍ଥିକ ବର୍ଷ ଆରମ୍ଭ ପୂର୍ବରୁ ଓଇଆର୍‌ସି ଦ୍ୱାରା ଏହି ସ୍ମାର୍ଟ ମିଟର ସମସ୍ୟାର ସମାଧାନ ହେବା ଆଶା କରାଯାଉଥିଲା। କିନ୍ତୁ ଓଇଆର୍‌ସି ଏଥିପ୍ରତି ଧ୍ୟାନ ନ ଦେଇ ଉପଭୋକ୍ତାଙ୍କୁ ସାମାନ୍ୟ ୬୦ ଟଙ୍କା ଛାଡ଼ କରି ଥୋପ ପକାଇଛି। ଏହା ମାଧ୍ୟମରେ ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ଲଗାଇବାକୁ ପ୍ରୋତ୍ସାହିତ କରିବା ଏବଂ ଉଠୁଥିବା ପ୍ରତିବାଦକୁ ପ୍ରଶମନ ଲକ୍ଷ୍ୟରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ସାଧାରଣରେ ଆଲୋଚନା ହେଲାଣି।**

**ଭୁବନେଶ୍ୱର, ୨୪।୩ (ରବିନାରାୟଣ ଜେନା)**

ଦୀର୍ଘ ୪ମାସ ଧରି ବିଦ୍ୟୁତ୍ ଟାରିଫ ବଢ଼ିବ କି କମିବ ସେନେଇ ଚାଲିଥିବା କଳ୍ପନାଜଳ୍ପନାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ୨୦୨୫-୨୬ ଆର୍ଥିକବର୍ଷ ଲାଗି ବିଦ୍ୟୁତ୍ ଟାରିଫ ଅପରିବର୍ତ୍ତିତ ରହିବ ବୋଲି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି) ପକ୍ଷରୁ ଘୋଷଣା କରାଯାଇଛି। ଏଥିସହ ୨ କିଲୋୱାଟ ବ୍ୟବହାର କରୁଥିବା ସ୍ମାର୍ଟ ମିଟର ଉପଭୋକ୍ତାଙ୍କ ଲାଗି ମାସିକ ମିଟର ରେଣ୍ଟ ୬୦ଟଙ୍କା ଛାଡ଼ ହେବ ବୋଲି ସୂଚନା ଦିଆଯାଇଛି।

ଗତ ୪ ମାସ ଧରି ଓଇଆର୍‌ସି ପକ୍ଷରୁ ରାଜ୍ୟରେ ବିଦ୍ୟୁତ୍ ବଣ୍ଟନକାରୀ ସଂସ୍ଥା ଓ ବିଭିନ୍ନ ବିଦ୍ୟୁତ୍ ଉପଭୋକ୍ତା ସଙ୍ଗଠନ ପକ୍ଷରୁ ଚଳିତବର୍ଷ ବିଦ୍ୟୁତ୍ ଟାରିଫ ବୃଦ୍ଧି ସମ୍ପର୍କରେ ପ୍ରସ୍ତାବ ଆହ୍ୱାନ କରାଯାଇଥିଲା। ଏହାକୁ ନେଇ ବିତରକ କମ୍ପାନୀମାନେ ସେମାନଙ୍କ ପ୍ରସ୍ତାବ ଓଇଆର୍‌ସିକୁ ପ୍ରଦାନ କରିଥିଲେ। ସେମାନେ ବିଦ୍ୟୁତ୍ ଟାରିଫ ବୃଦ୍ଧି କରିବା ସପକ୍ଷରେ ଥିଲେ। ନଭେମ୍ବର ୩୦ରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଜାନୁଆରୀ ୧୬ରେ ଓଇଆରସି ପକ୍ଷରୁ ଏସଂକ୍ରାନ୍ତରେ ଯଦି କାହାର କିଛି ଆପତ୍ତି ଥାଏ ଆବେଦନ କରିବାକୁ ସର୍ବସାଧାରଣ(ପବ୍ଲିକ) ନୋଟିସ କରାଯାଇଥିଲା। ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ବିଦ୍ୟୁତ୍ ଦର ବୃଦ୍ଧି ନ କରିବାକୁ ଦାବି କରାଯାଇଥିଲା। ☞ପୃଷ୍ଠା-୪



# ୨୪୪ ବର୍ଗ କି.ମି. ଜଙ୍ଗଲ ଜମି କିସମ ବଦଳାଇଛି ଓଡ଼ିଶା

**ନୂଆଦିଲ୍ଲୀ, ୨୪।୩(ପି.ଟି.)**

ବିକାଶମୂଳକ କାର୍ଯ୍ୟ ପାଇଁ ଗତ ୧୦ ବର୍ଷରେ ଦେଶରେ ମୋଟ ୧,୭୩୪ ବର୍ଗ କିଲୋମିଟର ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରାଯାଇଛି। ଏହା ଦିଲ୍ଲୀର ମୋଟ ଭୌଗୋଳିକ ଅଞ୍ଚଳଠାରୁ ଅଧିକ ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି। ଲୋକ ସଭାରେ ସୋମବାର ଏଭଳି ଏକ ପ୍ରଶ୍ନରେ କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି, ବନ (ସଂରକ୍ଷଣ ଏବଂ ସମ୍ବର୍ଦ୍ଧନ) ଅଭିଯାନ, ୧୯୮୦ ଅନୁଯାୟୀ, ୨୦୧୪-୧୫ରୁ ୨୦୨୩-୨୪ ମଧ୍ୟରେ ୧,୭୩,୩୯୬.୮୭ ହେକ୍ଟର ଜଙ୍ଗଲ ଜମିକୁ ଭିତ୍ତିଭୂମି ପ୍ରକଳ୍ପ ସମେତ ବିଭିନ୍ନ ଅଣଜଙ୍ଗଲ ବ୍ୟବହାର ନିମନ୍ତେ ଅନୁମୋଦନ କରାଯାଇଛି। ମଧ୍ୟପ୍ରଦେଶ ସର୍ବାଧିକ ୩୮୫.୫୨ ବର୍ଗ କିଲୋମିଟର ଜଙ୍ଗଲ ☞ପୃଷ୍ଠା-୪

# ଏମ୍‌ପିଙ୍କ ବେତନ, ପେନ୍‌ସନ ବଢ଼ିଲା

**ନୂଆଦିଲ୍ଲୀ, ୨୪।୩(ପି.ଟି.)**

କେନ୍ଦ୍ର ସରକାର ପାର୍ଲାମେଣ୍ଟ ସଦସ୍ୟ (ଏମ୍‌ପି)ମାନଙ୍କ ବେତନ ୨୪ ପ୍ରତିଶତ ବୃଦ୍ଧି କରିଛନ୍ତି। ମୂଲ୍ୟ ମୁଦ୍ରାସ୍ଫୀତି ସୂଚକାଙ୍କ ଆଧାରରେ ଏହି ବର୍ଦ୍ଧିତ ବେତନ ୨୦୨୩ ଏପ୍ରିଲ ୧ରୁ ପିଛିଲା ଭାବେ ଲାଗୁ ହେବ ବୋଲି ସୋମବାର କେନ୍ଦ୍ର ସରକାର ପ୍ରକାଶ କରିଥିବା ବିଜ୍ଞପ୍ତିରେ କୁହାଯାଇଛି। ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଉକ୍ତ ବିଜ୍ଞପ୍ତିରେ ସଦସ୍ୟମାନଙ୍କ ଦୈନିକ ସିଟିଂ ଭତ୍ତା ଏବଂ ପେନ୍‌ସନ ତଥା ୫ ବର୍ଷ ପରେ ପ୍ରତ୍ୟେକ ଅତିରିକ୍ତ ସେବା ବର୍ଷ ପାଇଁ ଅତିରିକ୍ତ ପେନ୍‌ସନକୁ ମଧ୍ୟ ବୃଦ୍ଧି କରାଯାଇଛି। ତଦନୁଯାୟୀ ଏବେ ଏମ୍‌ପିମାନେ ମାସିକ ୧ ଲକ୍ଷ ଟଙ୍କା ପରିବର୍ତ୍ତେ ୧ ଲକ୍ଷ ୨୪ ହଜାର ଟଙ୍କା ବେତନ ପାଇବେ। ସେହିପରି ଦୈନିକ ଭତ୍ତା ୨,୦୦୦ ଟଙ୍କାରୁ ୨,୫୦୦ ଟଙ୍କାକୁ ବୃଦ୍ଧି ହୋଇଛି। ପୂର୍ବତନ ସାଂସଦମାନଙ୍କ ମାସିକ ପେନ୍‌ସନ ୨୫,୦୦୦ ଟଙ୍କାରୁ ବୃଦ୍ଧି କରାଯାଇ ୩୧,୦୦୦ ଟଙ୍କା କରାଯାଇଛି। ସେହିପରି ଅତିରିକ୍ତ ପେନ୍‌ସନ ମଧ୍ୟ ମାସିକ ୨,୦୦୦ ଟଙ୍କାରୁ ୨,୫୦୦ ଟଙ୍କାକୁ ବଢ଼ାଯାଇଛି।

# ବାଲ୍‌ଟି ପାଣିରେ ବୁଡ଼ି ଶିଶୁପୁତ୍ର ମୃତ

**ପାଟଣା, ୨୪।୩(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ଡୁରୁମୁଙ୍ଗା ଥାନା କେନ୍ଦେଇପଶି ପଞ୍ଚାୟତ ସିଳିଦା ଗ୍ରାମ ବେହେରାସାହିରେ ସୋମବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ଦେଢ଼ବର୍ଷର ଶିଶୁପୁତ୍ର ବାଲ୍‌ଟିପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ଶିଶୁପୁତ୍ର ଜଣକ ହେଲେ ଉକ୍ତ ଗ୍ରାମର ଜିତେନ ବେହେରାଙ୍କ ପୁଅ ଅଭିଜିତ।

ଅଭିଜିତଙ୍କୁ ପରିବାର ଓ ଗାଁ ଲୋକେ ମିଶି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶୁଭେନ୍ଦୁ ସାଗର କୁମାର ନାଏକ ମୃତ ଶିଶୁଙ୍କ ପରିବାର ଲୋକଙ୍କୁ ଥାନାରେ ରିପୋର୍ଟ କରିବା ପାଇଁ ପରାମର୍ଶ ଦେଇଥିଲେ। ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ଡିଜିଟାଲ ଠକେଇ


# ବର୍ଷା ପାଇଁ ୧୩ ଜିଲାକୁ ୟେଲୋ ୱାର୍ନିଂ

**ଭୁବନେଶ୍ୱର, ୨୪।୩ (ଅନୁରାଧା ମହାରଣା)**

ରାଜ୍ୟରେ ଗତ କିଛିଦିନ ଧରି କାଳବୈଶାଖୀ ପ୍ରଭାବରେ ବର୍ଷା ହେଉଛି। ସୋମବାର ଗୋପାଳପୁରରେ ସର୍ବାଧିକ ୩୦.୮ ମି.ମି. ବର୍ଷା ହୋଇଥିବାବେଳେ କୋରାପୁଟରେ ୨୯, ରାୟଗଡ଼ାରେ ୨୮.୨ ମିମି ରେକର୍ଡ କରାଯାଇଛି। ସେହିଭଳି କେନ୍ଦୁଝର, କଟକ, ଭୁବନେଶ୍ୱର, ବଲାଙ୍ଗୀର ସହ ଅନ୍ୟ କେତେକ ଜିଲାରେ ମଧ୍ୟ ବର୍ଷା ହୋଇଛି। ମଙ୍ଗଳବାର ମଧ୍ୟ ରାଜ୍ୟର ବିଭିନ୍ନ ଜିଲାରେ ଝଡ଼ ବର୍ଷା ନେଇ ୟେଲୋ ୱାର୍ନିଂ କରାଯାଇଛି। ଉପକୂଳ ଓଡ଼ିଶା ସମେତ ମୟୂରଭଞ୍ଜ ଓ କେନ୍ଦୁଝରଗଡ଼ରେ ଘଡ଼ଘଡ଼ି ବିଜୁଳି ସହ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇପାରେ। ଏଥିସହ ମୋଟ ୧୩ ଜିଲାରେ କାଳବୈଶାଖୀ ବର୍ଷା ହେବା ସହ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିପାରେ। ଏହିସବୁ ଜିଲାଗୁଡ଼ିକ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରପଡ଼ା, କଟକ, ☞ପୃଷ୍ଠା-୪

# ଋଣ ଦେବା ନାଁରେ ଠକେଇ: ମହିଳା ଗିରଫ

## ୨୦କେଜି ସୁନା, ବିପୁଳ ୫୦୦ ଟଙ୍କିଆ ଜବତ ଚର୍ଚ୍ଚା

**ପୁରୀ, ୨୪।୩(ଅଜିତ୍ କୁମାର ମହାନ୍ତି)**

ଋଣ ବା ଲୋନ ଦେବାକୁ କହି ଲୋକମାନଙ୍କୁ ପ୍ରାୟ ୨କୋଟି ଟଙ୍କା ଠକିବା ଅଭିଯୋଗରେ ଚନ୍ଦନପୁର ପୋଲିସ ସୋମବାର ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଉକ୍ତ ମହିଳାଙ୍କ ଘରେ ଚଢ଼ାଉ ସମୟରେ ୨୦ କେଜିରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର ଏବଂ ବିପୁଳ ପରିମାଣର ୫୦୦ ଟଙ୍କିଆ ଜବତ କରାଯାଇଥିବା ସାଧାରଣରେ ଆଲୋଚନା ହେଉଥିବାବେଳେ ପୋଲିସ ଏହାକୁ ଖଣ୍ଡନ କରିଛି। ଏଭଳି କୌଣସି ସୁନା ଏବଂ ଟଙ୍କା ମହିଳାଙ୍କ ଘରୁ ଜବତ ହୋଇ ନ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଗିରଫ ମହିଳା ହେଉଛନ୍ତି ତିଳୋତ୍ତମା ପ୍ରଧାନ। ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରୀ ଅଭିମନ୍ୟୁ ଜେନାଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ନେଇଛି।

ଅଭିଯୋଗ ଅନୁସାରେ, ଗତ ୫ବର୍ଷ ହେବ ତିଳୋତ୍ତମା ଋଣ କରିଦେବେ ବୋଲି ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଉଥିଲେ। ଏପରି କି ତାଙ୍କ ନିକଟରେ ସୁଟ୍‌କେସ୍ ଭର୍ତ୍ତି ୫୦୦ଟଙ୍କିଆ ନୋଟ୍, ୨୦କେଜିରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର ଏବଂ ଆଲ୍‌ମିରାରେ ବନ୍ଧା ରହିଥିବା ଲୋକମାନଙ୍କୁ କହିବା ସହ ଟଙ୍କା ଓ ସୁନା ଅଳଙ୍କାରର ଏକାଧିକ ଫଟୋ ଦେଖାଉଥିଲେ। ଫଳରେ ଲୋକମାନେ ☞ପୃଷ୍ଠା-୪

# ବଳାତ୍କାରରୁ ବର୍ତ୍ତିବା ପାଇଁ ଟ୍ରେନ୍‌ରୁ ଡେଇଁଲେ

**ହାଇଦ୍ରାବାଦ, ୨୪।୩**

ହାଇଦ୍ରାବାଦରେ ଜଣେ ଯୁବତୀ (୨୩) ବଳାତ୍କାରରୁ ବର୍ତ୍ତିବା ପାଇଁ ଚଳନ୍ତା ଟ୍ରେନ୍‌ରୁ ଡେଇଁ ପଡ଼ିଛନ୍ତି। ତାଙ୍କୁ ଆହତ ଅବସ୍ଥାରେ ହାଇଦ୍ରାବାଦର ରାହୋଗିରୋସ୍ଥିତ ଏକ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଟ୍ରେନ୍ ମଧ୍ୟରେ ଜଣେ ଯୁବକ ତାଙ୍କୁ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ ବୋଲି ଯୁବତୀ ଜଣକ କହିଛନ୍ତି।

ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ରେଲୱେ ପୋଲିସ (ଜିଆର୍‌ପି)କୁ ବୟାନ ଦେଇ ପୀଡ଼ିତା କହିଛନ୍ତି, ରବିବାର ରାତିରେ ସେ ସିକନ୍ଦରାବାଦ ରେଲୱେ ଷ୍ଟେଶନରୁ ମେଡ୍‌ଚଲ ଅଭିମୁଖେ ଏକ ମଲ୍ଟି ମୋଡାଲ ଟ୍ରାନ୍ସପୋର୍ଟ ସର୍ଭିସ (ଏମ୍ଏମ୍‌ଟିଏସ୍) ଟ୍ରେନର ମହିଳା କୋଚ୍‌ରେ ଯାଉଥିଲେ। ଅଲ୍‌ୱାଲ ରେଲୱେ ଷ୍ଟେଶନରେ ୨ ଜଣ ମହିଳା ଯାତ୍ରୀ ଟ୍ରେନ୍‌ରୁ ଓହ୍ଲାଇ ପଡ଼ିବା ପରେ ସେ ଉକ୍ତ କୋଚ୍‌ରେ ଏକୁଟିଆ ହୋଇଯାଇଥିଲେ। ତେବେ ଏହି ସମୟରେ ଜଣେ ଅଚିହ୍ନା ଯୁବକ ଆସି ତାଙ୍କ ସହ ଯୌନ ସମ୍ପର୍କ ରଖିବାକୁ ଇଚ୍ଛା ଜାହିର କରିଥିଲେ। ଏଥିରେ ପୀଡ଼ିତା ଜଣକ ଅସହମତି ପ୍ରକାଶ କରିବାରୁ ଯୁବକ ଜଣକ ତାଙ୍କୁ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ଫଳରେ ସେ ଜୀବନ ବିକଳରେ ଚଳନ୍ତା ଟ୍ରେନ୍‌ରୁ ଡେଇଁ ପଡ଼ିଥିଲେ ବୋଲି ପୀଡ଼ିତା କହିଛନ୍ତି। ପୀଡ଼ିତାଙ୍କ ମୁଣ୍ଡ, ଓଠ, ଡାହାଣ ହାତ ଏବଂ ଅଣ୍ଟାରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା ବୋଲି ସ୍ଥାନୀୟ ଜିଆର୍‌ପି ଅଧିକାରୀ କହିଛନ୍ତି। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍)ର ଧାରା ୭୫ (ମହିଳାଙ୍କୁ ଆକ୍ରମଣ) ଓ ୧୩୧ (ଆପରାଧିକ ବଳ ପ୍ରୟୋଗ) ଅନୁଯାୟୀ, ମାମଲା ରୁଜୁ କରିଛି। ଗତ ୨୨ରେ ପୀଡ଼ିତା ନିଜ ମୋବାଇଲ ଫୋନ୍‌ର ଡିସପ୍ଲେ ଠିକ୍ କରାଇବାକୁ ମେଡ୍‌ଚଲରୁ ସିକନ୍ଦରାବାଦ ଆସିଥିଲେ।


SIKSHA 'O' ANUSANDHAN

SAAT-2025

Empowering students for a brighter future

B.TECH PROGRAMMES IN ELECTRONICS
- Electrical and Electronics Engineering
- Electronics and Communication Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

# ଆଇଇଏମ୍‌ଏସ କମାଇବ ସଡ଼କ ଦୁର୍ଘଟଣା

## ସଡ଼କ ସୁରକ୍ଷା ମାସ ପାଳନ ଯୋଗୁ ଜାନୁଆରୀରେ ୧୪% ଦୁର୍ଘଟଣା, ମୃତ୍ୟୁହାର କମିଛି: ମନ୍ତ୍ରୀ ଜେନା

ଭୁବନେଶ୍ୱର, ୨୪।୩(ସୁନିତ୍ ମିଶ୍ର)

ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ ରାଜ୍ୟ ବଜେଟରେ ପରିବହନ ବିଭାଗ ପାଇଁ ମୋଟ ୩ ହଜାର ୭ ଶହ ୯୪ କୋଟି ୮୮ ଲକ୍ଷ ୧୯ ହଜାର ଟଙ୍କା ଆବଣ୍ଟନ କରାଯାଇଛି। ସେଥିରୁ ଯୋଜନା ବ୍ୟୟ ବରାଦ ବାବଦରେ ୩୬୫୧ କୋଟି ଟଙ୍କା ଏବଂ ପ୍ରଶାସନିକ ଖର୍ଚ୍ଚ ପାଇଁ ବ୍ୟୟ ବରାଦ ବାବଦରେ ୧୪୩ କୋଟି ୮୮ ଲକ୍ଷ ୧୯ ହଜାର ଟଙ୍କା ରଖାଯାଇଛି। ରାଜ୍ୟର ସଡକ ଦୁର୍ଘଟଣା ବିଷୟକୁ ନେଇ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଚିନ୍ତା ପ୍ରକଟ କରିଛନ୍ତି। ଚଳିତ ବର୍ଷ ସଡକ ସୁରକ୍ଷା ମାସ ପାଳନ ଯୋଗୁ ଜାନୁଆରୀରେ ୧୪% ଦୁର୍ଘଟଣା ସାଙ୍ଗକୁ ମୃତ୍ୟୁହାର ମଧ୍ୟ କମିଛି।

ପରିବହନ ବିଭାଗର ଖର୍ଚ୍ଚଦାବି ଆଲୋଚନା ପରେ ଗୃହରେ ଉତ୍ତର ରଖି ମନ୍ତ୍ରୀ ଜେନା କହିଛନ୍ତି, ସଡ଼କ ପରିବହନ କର୍ତ୍ତୃପକ୍ଷ ପ୍ରତିଷ୍ଠାନ(ଏସ୍‌ଟିଏ) ପାଇଁ ୪୬୬ କୋଟି, ବ୍ୟାପକ ସାର୍ବଜନୀନ ପରିବହନ ବ୍ୟବସ୍ଥା(ଓଏସ୍‌ଆର୍‌ଟିସି) ପାଇଁ ୨,୪୮୩ କୋଟି, ରେଲୱେ ପାଇଁ ୩୨୦ କୋଟି, ବେସାମରିକ ବିମାନ ଚଳାଚଳ ପାଇଁ ୩୮୨ କୋଟି ଟଙ୍କା ରଖାଯାଇଛି।

ମନ୍ତ୍ରୀ ଜେନା ଆହୁରି କହିଛନ୍ତି, ରାଜ୍ୟର ପ୍ରମୁଖ ରାଜପଥ/ଏକ୍ସପ୍ରେସ୍‌ୱେରେ ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଇଏମ୍‌ଏସ) କାର୍ଯ୍ୟକାରୀ କରାଯିବା ଫଳରେ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇବ। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରରୁ ପୁରୀ, ରାମେଶ୍ୱରଠାରୁ ପାଣିକୋଇଲି ଓ ପୁରୀଠାରୁ କୋଣାର୍କ ପର ମୁହୂର୍ତ୍ତରେ ରାଜ୍ୟର ଅନ୍ୟ ରାଜପଥରେ କାର୍ଯ୍ୟକାରୀ ହେବ। ଏହାଛଡା ମୁଖ୍ୟମନ୍ତ୍ରୀ ବସ ସେବା ମାଧ୍ୟମରେ ୧୩୨୬ଟି ବସ୍ ରାଜ୍ୟର ଦୁର୍ଗମ ଅଞ୍ଚଳ ତଥା ସମସ୍ତ ପଞ୍ଚାୟତକୁ ପରିବହନ ସେବା ଯୋଗାଇ ଦେଉଛି। ମୁଖ୍ୟମନ୍ତ୍ରୀ ବସ ସେବାରେ ଯାତ୍ରା କରୁଥିବା ବରିଷ୍ଠ, ଛାତ୍ରୀଛାତ୍ର,ମହିଳା ଓ ଟ୍ରାନ୍ସଜେଣ୍ଡରମାନଙ୍କୁ ୫୦ ଭାଗ ରିହାତି ମିଳିବ। ପାରାଦୀପରେ ନୂତନ ଗ୍ରୀନଫିଲ୍ଡ ବିମାନ ବନ୍ଦର, ଜୟପୁର, ରଙ୍ଗେଇଲୁଣ୍ଡା, ଜମାଦାରପାଲି ଓ ତୁଷୁରା ଇତ୍ୟାଦି ବିମାନବନ୍ଦରଗୁଡିକର ଉନ୍ନତୀକରଣ, ପୁରୀରେ ୨ୟ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ଓ ଢେଙ୍କାନାଳ ସ୍ଥିତ ବିଜୁ ପଟ୍ଟନାୟକ ବିମାନ ଚଳାଚଳ କେନ୍ଦ୍ରର ଅଧିକ ବିକାଶ କରିବାର ଯୋଜନା ରହିଛି ବୋଲି ପରିବହନ ମନ୍ତ୍ରୀ କହିଛନ୍ତି।

# ଇସ୍ପାତ ଓ ଖଣି ବିଭାଗ ଖର୍ଚ୍ଚଦାବି ଅନୁମୋଦିତ

ଭୁବନେଶ୍ୱର, ୨୪।୩(ସୁନିତ୍ ମିଶ୍ର)

୨୦୨୩-୨୪ ଆର୍ଥିକ ବର୍ଷରେ ଖଣି ରାଜସ୍ୱ ବାବଦକୁ ୪୬ ହଜାର କୋଟି ଟଙ୍କାରୁ ଅଧିକ ଅର୍ଥ ଆଦାୟ ହୋଇଥିଲା। ୨୦୨୪-୨୫ ଆର୍ଥିକ ବର୍ଷରେ ୨୦୨୫ ଶେଷ ସୁଦ୍ଧା ୩୯ ହଜାର କୋଟିରୁ ଅଧିକ ଟଙ୍କା ରାଜସ୍ୱ ବାବଦକୁ ଆଦାୟ ହୋଇଛି ବୋଲି ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ସୋମବାର ବିଧାନସଭାରେ ଇସ୍ପାତ ଓ ଖଣି ବିଭାଗ ଖର୍ଚ୍ଚଦାବି ଆଲୋଚନା ପରେ ଗୃହରେ ଉତ୍ତର ରଖି ମନ୍ତ୍ରୀ ଜେନା କହିଛନ୍ତି, ଓଡ଼ିଶାରେ ୩୩ ପ୍ରତିଶତ ଲୌହପଥର, ୪୧ ପ୍ରତିଶତ ବକ୍ସାଇଟ୍, ୯୫.୭ ପ୍ରତିଶତ କ୍ରୋମାଇଟ୍, ୨୪ ପ୍ରତିଶତ କୋଇଲା, ୪୩ ପ୍ରତିଶତ ମାଙ୍ଗାନିଜ, ୯୨ ପ୍ରତିଶତ ନିକେଲ ଉପଲବ୍ଧ ଅଛି। ଏହାସହ ୨୨ଟି ଗୁରୁ ଖଣିଜ, ୩୩ଟି ବିନିର୍ଦ୍ଦିଷ୍ଟ ଲଘୁଖଣିଜ, ୧୦ଟି ଦୁଷ୍ପ୍ରାପ୍ୟ ଖଣିଜ ଓ ସମସ୍ତ ଲଘୁ ଖଣିଜ ଦ୍ରବ୍ୟ ମିଳୁଛି। ରାଜ୍ୟରେ ଖଣି ଓ ଖଣିଜର ପରିଚାଳନାରେ ସ୍ୱଚ୍ଛତା ଅଭାବରୁ ସେହି ଅନୁରୂପ ରାଜସ୍ୱ ପାଇବାରୁ ବଞ୍ଚିତ ହେଲୁ। ଗତ ସରକାର ସମୟରେ ଖଣି ଦୁର୍ନୀତି ନେଇ ଚହଳ ପଡିଥିଲା। ଏହାର ତଦନ୍ତ ଲାଗି କେନ୍ଦ୍ର ସରକାର ଶାହା କମିଶନ ଗଠନ କରିଥିଲେ। ଏହାପରେ ସିଇସି ଗଠନ କରାଯାଇଥିଲା। ବେଆଇନ ଖଣି କାର୍ଯ୍ୟ ବନ୍ଦ ଲାଗି ସୁପ୍ରିମକୋର୍ଟ ଉଲ୍ଲଂଘନକାରୀ ଖଣି ପଟ୍ଟାଧାରୀଙ୍କଠାରୁ ଜରିମାନା ବାବଦକୁ ୧୮,୧୬୯ କୋଟି ୧୪ ଲକ୍ଷ ୯୫୬ ଟଙ୍କା ଧାର୍ଯ୍ୟ କରିଥିଲେ। ଗତ ସରକାରଙ୍କ ଗଳା ବାଟ କାରଣରୁ ହଜାର ହଜାର କୋଟି ଟଙ୍କା ଅନାଦାୟ ହୋଇ ପଡି ରହିଛି। ବେଆଇନ ଖଣି ଓ ଖଣିଜ ପଦାର୍ଥର ଚୋରାଚାଲାଣ ରୋକିବା ଲାଗି ଓଏମ୍‌ପିଟିଏସ୍ ରୁଲ୍‌ସ ଅନୁସରଣ କରି ରାଜ୍ୟସ୍ତରୀୟ ପ୍ରବର୍ତ୍ତନ ସ୍କ୍ୱାଡ ଗଠନ କରାଯାଇଛି। ଶେଷରେ ଏହି ବିଭାଗର ଖର୍ଚ୍ଚଦାବି ଗୃହରେ ଅନୁମୋଦିତ ହୋଇଛି।

# ୫ ବର୍ଷରେ ୧୫୯ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୪।୩ (ରବିନାରାୟଣ ଜେନା)

ଗତ ୧୦ ବର୍ଷରେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ୩,୬୨୩ ମାମଲା ପଞ୍ଜୀକରଣ କରାଯାଇଛି। ଦୁର୍ନୀତି ଓ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗତ ୫ ବର୍ଷରେ ୧୫୯ ସରକାରୀ ଅଧିକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହକୁ କହିଛନ୍ତି। ସୋମବାର ବିଧାୟକ ଧ୍ରୁବଚରଣ ସାହୁ ଓ ଟଙ୍କଧର ତ୍ରିପାଠୀଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ୫ବର୍ଷରେ ଦୁର୍ନୀତି ଅଭିଯୋଗରେ ୧୨୦ ସରକାରୀ ଅଫିସର ଓ କର୍ମଚାରୀଙ୍କୁ ଚାକିରିରୁ ବରଖାସ୍ତ କରାଯାଇଛି। ସେହିପରି ୩୯ ଜଣଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୧୫ ଜାନୁଆରୀ ପହିଲାରୁ ୨୦୨୫ ଫେବୃଆରୀ ପର୍ଯ୍ୟନ୍ତ ଭିଜିଲାନ୍ସ ପକ୍ଷରୁ ପଞ୍ଜୀକୃତ ୩,୬୨୩ ଦୁର୍ନୀତି ମାମଲା ମଧ୍ୟରୁ ୨,୩୫୩ଟି ଫଇସଲା ହୋଇଛି। ୯୩୯ ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୧,୦୫୩ ମାମଲାରେ ଅଭିଯୁକ୍ତ ଦୋଷମୁକ୍ତ ହୋଇଛନ୍ତି। ଏହି ସମୟ ମଧ୍ୟରେ ୫୯ କୋଟି ୪୭ ଲକ୍ଷ ୮୪ ହଜାର ୯୮୧ ଟଙ୍କା ଜବତ ହୋଇଛି।

# ଜଳ ସଙ୍କଟର ସମ୍ମୁଖୀନ ହେବାକୁ ଦିଆଯିବ ନାହିଁ: ମନ୍ତ୍ରୀ

ଭୁବନେଶ୍ୱର,୨୪।୩(ରବିନାରାୟଣ ଜେନା)

ରାଜ୍ୟବାସୀ ଯେଭଳି ଜଳସଙ୍କଟର ସମ୍ମୁଖୀନ ହେବେ ନାହିଁ, ସେଥିପ୍ରତି ସରକାର ସଜାଗ ରହିଛନ୍ତି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି।

**୨୧ ହଜାର ନୂତନ ନଳକୂପ ଖୋଳାଯିବ**

ସୋମବାର ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ୫ ଲକ୍ଷ ୧୮ହଜାର ୨୬୭ ନଳକୂପ ରହିଛି। ଅତିରିକ୍ତ ଭାବେ ଚଳିତବର୍ଷ ୨୦ ହଜାର ୯୦୪ ନଳକୂପ ସରକାର ଖୋଳାଯିବ। ଦରକାର ପଡ଼ିଲେ ଆଉ ଏକ ହଜାର ନଳକୂପ ଖନନ କରାଯିବ। ବର୍ତ୍ତମାନ ସୁଦ୍ଧା ୨ ହଜାର ନଳକୂପ ସମ୍ପୂର୍ଣ୍ଣ ହୋଇସାରିଲାଣି। ଜୁନ୍ ୧୫ସୁଦ୍ଧା ସମସ୍ତ ନଳକୂପ ଖନନ କରିବା ଲାଗି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଠାରେ ନଳକୂପ ଅଚଳ ରହିଛି, ସେଠାରେ ନୂତନ ନଳକୂପ ଖୋଳାଯିବ। ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ନିକଟରେ ମଧ୍ୟ ନଳକୂପ ଖୋଳାଯିବ। ରାଜ୍ୟ ସରକାରଙ୍କ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ନଳକୂପ ଖନନ ଲାଗି ଇତିମଧ୍ୟରେ ୩୫୪କୋଟି ଟଙ୍କା ମଞ୍ଜୁର ହୋଇ ଜିଲାଗୁଡ଼ିକୁ ଦିଆଯାଇସାରିଛି ବୋଲି ମନ୍ତ୍ରୀ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡହ ଡହ ଜାଉ ଦହି ପଖାଳ**
**କାଞ୍ଜି ସଙ୍ଗରେ ଯେ ଓଉର ଫାଳ**
**ତହିଁ ଶଙ୍ଖ ସାରୁ ଭଜା**
**ଏକା ସାଙ୍ଗରେ ଖାଇବୁ ଯେବେ**
**ଯମପୁରକୁ ଯା ଯା।**

ସାଧାରଣତଃ ଜାଉ ଦହି ପଖାଳ କାଞ୍ଜି ସହିତ ଓଉ ଏବଂ ସାରୁ ଭଜା ଖାଇବା ଲାଗି ବାରଣ କରାଯାଇଥାଏ। କାରଣ ଏପରି କ୍ରମରେ ଖାଦ୍ୟ ଖାଇଲେ ଦେହ ଅସୁସ୍ଥ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଡାବୁ ଥିଲେ ବାବୁ**
**ଡାବୁ ସରିଗଲେ କାବୁ।**

ସାଧାରଣତଃ ପାଖରେ ଟଙ୍କା ପଇସା ଥିଲେ ସମସ୍ତେ ବାବୁ ବାବୁ କହି ସଲାମି ଦେଇଥାନ୍ତି ଏବଂ ବେଳ ଅବେଳରେ ତଥା ଦରକାର ପଡ଼ିଲେ ଗୋଡ଼ ତଳେ ମଧ୍ୟ ପଡ଼ିଯାଇଥାନ୍ତି। ତେବେ ହାତରୁ ଟଙ୍କା ସରିଗଲେ କେହି କାହାକୁ ନ ଚିହ୍ନିଲା ପରି ଦୂରରୁ ଦେଖି ମୁହଁ ବୁଲାଇ ଦେଇଥାନ୍ତି। ଏହାହିଁ ଦୁନିଆର ରୀତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।






# ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ପାଇଁ ଆସିବ ନୂଆ ଆଇନ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୪।୩(ରବିନାରାୟଣ ଜେନା)**

ରାଜ୍ୟରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ଲାଗି ରାଜ୍ୟ ସରକାର ନୂଆ ଆଇନ ଆଣିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବିଧାୟିକା ସୋଫିଆ ଫିର୍‌ଦୋସଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର କ୍ଷୁଦ୍ର ଜମାକାରୀଙ୍କୁ ତ୍ୱରିତ୍ ଅର୍ଥ ଫେରସ୍ତ ପାଇଁ ପଦକ୍ଷେପ ନେଉଛନ୍ତି। ଟଙ୍କା ଫେରସ୍ତ ପ୍ରକ୍ରିୟା ସରଳୀକରଣ ହେବ। ଏଥିପାଇଁ ନିର୍ଦ୍ଦେଶାବଳୀ ପ୍ରସ୍ତୁତ ହେଉଛି। ଫେରସ୍ତ ପ୍ରକ୍ରିୟାକୁ ବିକେନ୍ଦ୍ରୀକରଣ କରି ପ୍ରତ୍ୟେକ ଜିଲାକୁ କ୍ଷତିଗ୍ରସ୍ତ ଜମାକାରୀଙ୍କ ଜମାରାଶି ଫେରସ୍ତ ପାଇଁ ଅଧିକୃତ କରାଯାଇଛି। ତଦନ୍ତ ରିପୋର୍ଟ ଅନୁଯାୟୀ, ୪ଲକ୍ଷ ୭୨ ହଜାର ୬୫୧ ଜଣ ଫେରସ୍ତ ପାଇବେ। ବର୍ତ୍ତମାନ ସୁଦ୍ଧା ୯୬ହଜାର ୪୭୪ ଜମାକାରୀଙ୍କୁ ୪୫କୋଟି ୬୯ଲକ୍ଷ ୩୬ହଜାର ୮୩୩ ଟଙ୍କା କର୍ପସ ପାଣ୍ଠିରୁ ପ୍ରଦାନ କରାଯାଇସାରିଲାଣି। ଅବଶିଷ୍ଟ ଜମାକାରୀଙ୍କୁ ଅର୍ଥ ଫେରସ୍ତ କରିବା ପାଇଁ ପ୍ରକ୍ରିୟା ଜାରି ରହିଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, କଟକ ଅତିରିକ୍ତ ଜିଲାପାଳ ଓ କ୍ଷମତାସମ୍ପନ୍ନ ପ୍ରାଧିକାରୀଙ୍କ ଦ୍ୱାରା ପ୍ରକୃତ ଜମାକାରୀଙ୍କୁ ଚିହ୍ନଟ ପାଇଁ ଆହ୍ୱାନ କରାଯାଇଛି। ରୋଜଭ୍ୟାଲି ଗ୍ରୁପ୍ ଅଫ୍ କମ୍ପାନୀରେ ୨ଲକ୍ଷ ୩୮ହଜାର ୪୭୭ ଜଣ କ୍ଷୁଦ୍ର ଜମାକାରୀ ଚିହ୍ନଟ ହୋଇଛନ୍ତି। ଗୋଲ୍‌ଡେନ ଲ୍ୟାଣ୍ଡ ଡେଭଲପର୍ସ ଗ୍ରୁପ୍ ଅଫ୍ କମ୍ପାନୀରେ ୨ଲକ୍ଷ ୯୭ହଜାର ୫୨୫ କ୍ଷୁଦ୍ର ଜମାକାରୀ ଚିହ୍ନଟ ହୋଇଛନ୍ତି। ନିର୍ଦ୍ଧାରିତ ନ୍ୟାୟାଳୟଙ୍କ ଆଦେଶ ମୁତାବକ ରୋଜଭ୍ୟାଲି କମ୍ପାନୀର ବ୍ୟାଙ୍କ୍ ଆକାଉଣ୍ଟରୁ ଜବତ ହୋଇଥିବା ଅର୍ଥରୁ ୧ଲକ୍ଷ ୮୨ହଜାର ୧୫୫ କ୍ଷୁଦ୍ର ଜମାକାରୀଙ୍କୁ ୬୫କୋଟି ୩୫ଲକ୍ଷ ୯୨ହଜାର ୪୭୭ ଟଙ୍କା ଫେରସ୍ତ କରାଯାଇଛି। ଏହାସହିତ ଗୋଲ୍‌ଡେନ ଲ୍ୟାଣ୍ଡ ଡେଭଲପର୍ସ ଗ୍ରୁପ୍ ଅଫ୍ କମ୍ପାନୀର ସମ୍ପତ୍ତି ନିଲାମ ଏବଂ ବ୍ୟାଙ୍କ ଆକାଉଣ୍ଟରୁ ଜବତ ହୋଇଥିବା ଅର୍ଥରୁ ୨୪ହଜାର ୮୨୫ କ୍ଷୁଦ୍ର ଜମାକାରୀଙ୍କୁ ୮କୋଟି ୫୨ଲକ୍ଷ ୬୪ହଜାର ୧୨ଟଙ୍କା ଫେରସ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି। ଏ ସମ୍ପର୍କରେ ବିଧାୟିକା ସୋଫିଆ କହିଛନ୍ତି, ସରକାର ଖାଲି ଗୋଳମାଳିଆ ଉତ୍ତର ଗୃହକୁ ଦେଉଛନ୍ତି; ଯଦ୍ଦ୍ୱାରା କେତେକ ଜମାକାରୀ କେତେ ଟଙ୍କା ପାଇଛନ୍ତି ତା'ର ଠିକ୍ ତଥ୍ୟ ଜାଣି ହେଉନାହିଁ।




# ଶବର ସଂସ୍କୃତି ଉତ୍କଳୀୟ ଐତିହ୍ୟର ବାର୍ତ୍ତାବହ: ରାଷ୍ଟ୍ରପତି



ନୟାଗଡ଼ ଜିଲା ଭାପୁର ବ୍ଲକ୍ କାଳିଆପଲ୍ଲୀରେ ସୋମବାର ଆୟୋଜିତ ବିଶ୍ୱାବସୁ ଶବର ସମାଜ ପ୍ରତିଷ୍ଠାନର ବାର୍ଷିକ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଅନ୍ୟମାନେ।

**ନୟାଗଡ଼/ଖଣ୍ଡପଡ଼ା,୨୪।୩ (ଲୋକନାଥ ମିଶ୍ର/ଅଜୟ କୁମାର ମହାରଣା)**

ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦିନିକିଆ ଓଡ଼ିଶା ଗସ୍ତରେ ଆସି ନୟାଗଡ଼ ଜିଲା ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀନୀଳମାଧବଙ୍କ ଦର୍ଶନ କରିଛନ୍ତି। ସେବାୟତଙ୍କ ସହିତ ରାଷ୍ଟ୍ରପତି ମନ୍ଦିର ପରିକ୍ରମା କରିବା ସହ ପୂଜାର୍ଚ୍ଚନା କରିଥିଲେ। ନୂଆଦିଲ୍ଲୀରୁ ଏକ ସ୍ୱତନ୍ତ୍ର ବିମାନରେ ରାଷ୍ଟ୍ରପତି ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସ୍ୱାଗତ କରିଥିଲେ। ପରେ ରାଷ୍ଟ୍ରପତି ହେଲିକପ୍ଟରରେ ଆସି କଣ୍ଟିଲୋ ପଲଟନ୍ ପଡ଼ିଆରେ ଅବତରଣ କରିଥିଲେ। ଏହାପରେ ସେ ନୂତନ ଭାବେ ପ୍ରତିଷ୍ଠା କରାଯାଇଥିବା ସ୍କାଏ ଲିଫ୍ଟ ମାଧ୍ୟମରେ ପଦ୍ମାଦ୍ରି ଓ ବ୍ରହ୍ମାଦ୍ରି ପାହାଡ଼ ଉପରେ ବିରାଜିତ ଶ୍ରୀନୀଳମାଧବଜୀଉଙ୍କୁ ଦର୍ଶନ କରିଥିଲେ। ପୂଜକ ସମାଜ ପକ୍ଷରୁ ରାଷ୍ଟ୍ରପତିଙ୍କୁ ନୀଳମାଧବଙ୍କ ଏକ ଫଟୋଚିତ୍ର ପ୍ରଦାନ କରାଯାଇଥିଲା। ରାଷ୍ଟ୍ରପତିଙ୍କ ସହ ମୁଖ୍ୟମନ୍ତ୍ରୀ ମାଝୀ, ରାଜ୍ୟପାଳ କମ୍ଭମପାଟି, ବାଚସ୍ପତି ସୁରମା ପାଢୀ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ମନ୍ଦିର ପରିଦର୍ଶନ କରିଥିଲେ।

ଏହାପରେ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରାଷ୍ଟ୍ରପତି ଭାପୁର ବ୍ଲକର ଧାନଚେଙ୍ଗଡା ପଞ୍ଚାୟତ ଅଧୀନ କାଳିଆପଲ୍ଲୀ ଗ୍ରାମରେ ପହଞ୍ଚିଥିଲେ। ସେଠାରେ ବିଶ୍ୱାବସୁ ଶବର ସମାଜ ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସ ସମାବେଶରେ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ରାଷ୍ଟ୍ରପତି ଜଗନ୍ନାଥ ସଂସ୍କୃତି ସହ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ରର ପରମ୍ପରା କିଭଳି ନିବିଡ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଜୟ ଜଗନ୍ନାଥ, ଜୟ ନୀଳମାଧବ, ଜୟ ବିଶ୍ୱାବସୁ କହି ରାଷ୍ଟ୍ରପତି ଉଦ୍‌ବୋଧନ ଆରମ୍ଭ କରି କହିଥିଲେ, ଶବର ସଂସ୍କୃତି ଉତ୍କଳୀୟ ଐତିହ୍ୟର ବାର୍ତ୍ତାବହ। ସମସ୍ତେ ପାଠପଢ଼ି ନିଜକୁ ବିଭିନ୍ନ କ୍ଷେତ୍ରରେ ଦକ୍ଷ କରାଅ। ଆଦିବାସୀଙ୍କ ପାଇଁ ପର୍ଯ୍ୟାପ୍ତ ସରକାରୀ ସୁବିଧା ରହିଛି, ଏହାର ସୁଫଳ ନିଅ। ଆଦିବାସୀଙ୍କ ସମୃଦ୍ଧି ନ ହେଲେ ଦେଶର ବିକାଶ ହେବନାହିଁ। ଦେଶରେ ଥିବା ୧ଲକ୍ଷ ଆଦିବାସୀ ବିଦ୍ୟାଳୟର ସୁଫଳ ଉଠାଅ। ବିଶ୍ୱାବସୁଙ୍କ ବାସସ୍ଥଳୀ ଅନେକ ବର୍ଷର ଐତିହ୍ୟ ଏବଂ ଧାର୍ମିକ ପୀଠ। ସେହି ମାଟି ଦେଇ ମହାନଦୀ ଓ କୁସୁମୀ ନଦୀ ପ୍ରବାହିତ। ଧାର୍ମିକ ମାଟିକୁ ମୁଁ ଆସି ନିଜକୁ ଧନ୍ୟ ମନେକରୁଛି। ବିଶ୍ୱାବସୁ ଓ ଲଳିତାଙ୍କ ପାଇଁ ଜଗନ୍ନାଥଙ୍କ ଆଦିପୀଠ ରୂପେ ନୀଳମାଧବ ପୀଠ ପରିଚିତ। ନୀଳମାଧବଙ୍କୁ ଏଠାର ପାହାଡ଼ରେ ବିଶ୍ୱାବସୁ ଶବର ରାଜା ପୂଜା କରୁଥିଲେ। ଶବରମାନେ ହେଉଛନ୍ତି ଜଗନ୍ନାଥ ମହାପ୍ରଭୁଙ୍କର ଆଦି ସେବକ। ବିଶ୍ୱାବସୁ ଓ ବିଦ୍ୟାପତିଙ୍କ ବଂଶଧରମାନେ ଦଇତାପତିଭାବେ ଜଗନ୍ନାଥ ମହାପ୍ରଭୁଙ୍କୁ ପୂଜା କରୁଛନ୍ତି। ଏମାଟିକୁ ପୁନରୁଦ୍ଧାର କରାଯିବା ଦରକାର। ଏହି ପୀଠକୁ ଐତିହ୍ୟ ସମ୍ପନ୍ନ ଓ ଧାର୍ମିକ ପୀଠ ଭାବେ ବିଶ୍ୱସ୍ତରରେ ପରିଚିତ କରାଗଲେ କାଳିଆପଲ୍ଲୀର ଆର୍ଥିକ ବିକାଶ ହୋଇପାରିବ ବୋଲି ସେ କହିଥିଲେ।

- **ଶ୍ରୀନୀଳମାଧବଙ୍କ ଦର୍ଶନ କଲେ**
- **କାଳିଆପଲ୍ଲୀ ଯଜ୍ଞରେ ପୂର୍ଣ୍ଣାହୁତି ଦେଲେ**

ଉକ୍ତ ସମାବେଶରେ ମୁଖ୍ୟମନ୍ତ୍ରୀ ମାଝୀଙ୍କ ସମେତ ରାଜ୍ୟପାଳ କମ୍ଭମପାଟି, ବାଚସ୍ପତି ପାଢ଼ୀ, ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା, ଶବର ସମାଜ ପ୍ରତିଷ୍ଠାନର ସଭାପତି ହୃଷିକେଶ ଦେହୁରୀ, ସମ୍ପାଦକ ବୈଷ୍ଣବ ଦେହୁରୀ ଓ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଆଦିବାସୀ ସମ୍ପ୍ରଦାୟର ସାମଗ୍ରିକ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବା ଅନେକ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ। ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତଙ୍କ ଜନ୍ମମାଟି ଖଣ୍ଡପଡ଼ାର ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟପାଳ କମ୍ଭମପାଟି କହିଥିଲେ ଓଡ଼ିଶା ଏକ ଧାର୍ମିକ, ସାଂସ୍କୃତିକ ଓ ପ୍ରାକୃତିକ ସମ୍ପଦଭରା ରାଜ୍ୟ। ବିଶ୍ୱାବସୁ ଶବର ପୀଠରେ ଯୋଗଦେଇ ନିଜକୁ ଧନ୍ୟ ମନେ କରୁଛି। ରାଜ୍ୟ ସରକାର ପ୍ରତ୍ୟେକ କ୍ଷେତ୍ରରେ ଉନ୍ନତି ପାଇଁ ବଦ୍ଧପରିକର।

ପଣ୍ଡିତ ନିରୋଦ ଚନ୍ଦ୍ର ଅଚାର୍ଯ୍ୟ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏହି ଅବସରରେ ଶବର ସମାଜ ପକ୍ଷରୁ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଉତ୍ସବରେ ରାଷ୍ଟ୍ରପତି ଯୋଗଦେଇ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ଅପରାହ୍ନ ପ୍ରାୟ ୫ଟାରେ ପଲଟନ ପଡ଼ିଆରୁ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ରାଷ୍ଟ୍ରପତି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ। ରାଷ୍ଟ୍ରପତିଙ୍କ ଏହି କାର୍ଯ୍ୟକ୍ରମରେ ବହୁ ଲୋକଙ୍କ ସମାଗମ ହୋଇଥିଲା।

# ୩ ଦିନରେ ୧.୨୦ ଲକ୍ଷ ଅଲିଭରିଡ୍‌ଲେଙ୍କ ଗଣ ଅଣ୍ଡାଦାନ

**୨ୟ ପର୍ଯ୍ୟାୟ**

**ବ୍ରହ୍ମପୁର,୨୪।୩(ଅଶୋକ କୁମାର ସାହୁ)**

ଗଞ୍ଜାମ ଜିଲା ଋଷିକୁଲ୍ୟା ମୁହାଣ ସାମୁଦ୍ରିକ ବେଳାଭୂମିରେ ପୁଣି ଅଲିଭ ରିଡ୍‌ଲେ କଇଁଛଙ୍କ ଦ୍ୱିତୀୟ ପର୍ଯ୍ୟାୟ ଗଣ ଅଣ୍ଡାଦାନ ଆରମ୍ଭ ହୋଇଛି। ଆଜକୁ ୩ ଦିନ ହେଲା କଇଁଛମାନେ ଅଣ୍ଡାଦେବାରେ ଲାଗିଛନ୍ତି। ୩ ଦିନ ଭିତରେ ୧ ଲକ୍ଷ ୨୦ ହଜାର ୩୧ କଇଁଛ ଅଣ୍ଡା ଦେଇଛନ୍ତି। ପାଗ ଅନୁକୂଳ ଥିବା ଯୋଗୁ ଏହା ସମ୍ଭବ ହୋଇଛି ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ପ୍ରଥମ ପର୍ଯ୍ୟାୟରେ ୮ ଦଫାରେ ୬ ଲକ୍ଷ ୯୭ ହଜାର ୭୧୮ କଇଁଛ ଅଣ୍ଡା ଦେଇଥିଲେ। ଦୀର୍ଘ ବର୍ଷ ବ୍ୟବଧାନରେ ଏତେ ସଂଖ୍ୟକ କଇଁଛ ଅଣ୍ଡା ଦେଇଥିବାରୁ ଚଳିତବର୍ଷ ଏହା ରେକର୍ଡ କରିଥିଲା। ପୁଣି ପାଗ ଅନୁକୂଳ ହେବାରୁ ସୋମବାର ୪୧ ହଜାର ୭୩୧ କଇଁଛ ଗଣ ଅଣ୍ଡାଦାନ କରିଛନ୍ତି। ତେବେ ଦୁଇଟି ପର୍ଯ୍ୟାୟରେ ବର୍ତ୍ତମାନ ସୁଦ୍ଧା ୮ ଲକ୍ଷ ୧୮ ହଜାର ୭୪୯ କଇଁଛ ଅଣ୍ଡା ଦେଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ପ୍ରଥମ ପର୍ଯ୍ୟାୟରେ ଅଣ୍ଡା ଓ କଇଁଛମାନଙ୍କ ଯେଭଳି ସୁରକ୍ଷା କରିବା କଥା ବନ ବିଭାଗ ଓ ସ୍ୱେଚ୍ଛାସେବୀମାନେ ମିଶି କରିଛନ୍ତି। ପ୍ରତି ୫୦ ମିଟରରେ ଜଣେ ବନ କର୍ମଚାରୀଙ୍କୁ କଇଁଛ ଗଣତି ସକାଶେ ନିୟୋଜିତ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଗୋଖରକୁଦାରୁ ବଟେଶ୍ୱର ମୁହାଣ ପର୍ଯ୍ୟନ୍ତ କଇଁଛମାନେ ଅଣ୍ଡା ଦେଇଛନ୍ତି। ବଡ କଥା ହେଲା ରବିବାର ପ୍ରବଳ ବର୍ଷାରେ ବାଲି ଦବି ଯାଇଛି। ପୂର୍ବରୁ ଯେଉଁ କଇଁଛମାନେ ଅଣ୍ଡାଦେବାକୁ ଆସିଥିଲେ ସେମାନଙ୍କ ଛୁଆ ଫୁଟିବା ବେଳ ପାଖେଇ ଆସୁଥିବାବେଳେ ସେଥିରୁ ଛୁଆ ଫୁଟିବେ କି ନାହିଁ ତାହା ପରିବେଶବିତ୍‌ଙ୍କୁ ଆନ୍ଦୋଳିତ କରୁଛି। ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁ କଇଁଛମାନେ ଆସି ଅଣ୍ଡା ଦେଇଛନ୍ତି ସେମାନେ ସେହି ସ୍ଥାନରେ ହିଁ ଅଣ୍ଡା ଦେଇଥିବାରୁ ପୂର୍ବ କଇଁଛଙ୍କ ଅଣ୍ଡା ପ୍ରତି ବିପଦ ରହିଛି। ତେଣୁ ଯେମିତି ହେଲେ ବି ବହୁତ ଅଣ୍ଡା ନଷ୍ଟ ହୋଇଯାଇପାରେ ବୋଲି ପରିବେଶବିତ ମହଲରେ ଆଶଙ୍କା ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସୋନୀ ଖୋଖରଙ୍କୁ ପଚାରିବାରେ ସେ କହିଲେ ଯେ, କଇଁଛମାନେ ସୁରକ୍ଷିତ ଭାବେ ଅଣ୍ଡା ଦେଇ ଯାଇଥିଲେ। ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟ ଅଣ୍ଡା ଦେବାକୁ ଆସୁଥିବା କଇଁଛଙ୍କୁ ସୁରକ୍ଷା ସହ ଅଣ୍ଡାଗୁଡିକ କିଭଳି ସୁରକ୍ଷିତ ରହିବ ସେଥିନେଇ ପ୍ରୟାସ ଜାରି ରହିଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରୋଟାରି ଇଣ୍ଟରନ୍ୟାଶନାଲ ଡିଷ୍ଟ୍ରିକ୍ଟ ୩୨୬୨ ପକ୍ଷରୁ ମାଗଣା ଆଖି ସ୍କାନିଂ ଓ ଶିବିର, ସ୍ଥାନ: ବସ୍ ମାଲିକ ଆସୋସିଏଶନ ଅଫିସ, ବରମୁଣ୍ଡା, ସମୟ: ସକାଳ ୮ଟା।
- ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟ ପକ୍ଷରୁ ଏନ୍ଏସ୍ଏସ୍ ଶୀତକାଳୀନ ସ୍ୱତନ୍ତ୍ର ଶିବିର, ସ୍ଥାନ: ମହାବିଦ୍ୟାଳୟ ପରିସର, ଭୁବନେଶ୍ୱର ଉପକଣ୍ଠ, ସମୟ: ପୂର୍ବାହ୍ନ ୧୦ଟା।
- ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ ପକ୍ଷରୁ 'ଓପେନ୍ ଡେ', ସ୍ଥାନ: ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ, ସୈନିକ, ପୂର୍ବାହ୍ନ ୧୦ଟା ୩୦।
- ସୋସିଓଲୋଜି ଡିପାର୍ଟମେଣ୍ଟ ପକ୍ଷରୁ ଜାତୀୟ ସମ୍ମିଳନୀ, ସ୍ଥାନ: ପିଜି କାଉନସିଲ୍ ହଲ୍, ଉତ୍କଳ ୟୁନିଭର୍ସିଟି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାଜପା କୃଷକ ମୋର୍ଚ୍ଚା ଆନୁକୂଲ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡ. ଦେବେନ୍ଦ୍ର ପ୍ରଧାନଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବୁଲନ ଭାଇ ସେବା ଭବନ, ମାଷ୍ଟରକ୍ୟାଣ୍ଟିନ ଛକ ନିକଟ, ସମୟ: ପୂର୍ବାହ୍ନ ୧୧ଟା।
- ଇଷ୍ଟ ଆଣ୍ଡ ନର୍ଥ ଇଷ୍ଟ ରିଜିଅନର ରିଜିଓନାଲ କନ୍ଫରେନ୍ସ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆରାଧନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ୧୨ତମ ଗୋଟିପୁଅ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ୪ଟି ନାଟକର ନାମକରଣ ଏବଂ ଯାଜ୍ଞସେନୀର ୱେବ୍ ସାଇଟ୍ ଉନ୍ମୋଚନ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ଭଞ୍ଜଭାରତୀ ଆୟୋଜିତ ଓଡ଼ିଆ ସାହିତ୍ୟ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ୨୭ତମ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।
- ଦଶଦୋଳ ମେଳଣର ପଞ୍ଚଦଶ ବାର୍ଷିକୀ ସମାରୋହରେ ଦିଅଁ ମେଳଣ, ସ୍ଥାନ: ବିଷ୍ଣୁମନ୍ଦିର ପରିସର, ଶହୀଦ ନଗର, ସମୟ: ରାତି ୮ଟା।

## କଟକ

- ଭାରତୀୟ ମଜଦୂର ସଂଘ ସଂଲଗ୍ନ ଅଖିଳ ଭାରତୀୟ ଅଙ୍ଗନୱାଡି କର୍ମଚାରୀ ମହାସଂଘର ୧୦ମ ତ୍ରୟବାର୍ଷିକ ଅଧିବେଶନ ଉଦ୍‌ଘାଟନୀ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗଡ଼ିରାଉତ ପାଟଣା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: ମହାବିଦ୍ୟାଳୟ ଅଡିଟୋରିୟମ, ସମୟ: ମଧ୍ୟାହ୍ନ ୧୨ଟା।
- ରେଜ୍ ଫାଉଣ୍ଡେଶନ ପକ୍ଷରୁ ୪ର୍ଥତମ ସ୍ୱୟଂସିଦ୍ଧା ସମ୍ମାନ, ସ୍ଥାନ: ତଥାସ୍ତୁ କନ୍‌ଭେନ୍‌ଶନ, ଶିଖରପୁର, ସମୟ: ଅପରାହ୍ନ ୪ଟା।
- ଭାଜପା କଟକ ଜିଲା ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଶାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର

- କଇଁଛ ସୁରକ୍ଷା ଅଭିଯାନ, ସ୍ଥାନ: ବାହାବଳପୁର ମତ୍ସ୍ୟ ଅବତରଣ କେନ୍ଦ୍ର, ବାଲେଶ୍ୱର, ସମୟ: ସକାଳ ୯ଟା।

## ଭଦ୍ରକ

- ଶ୍ରୀରାମ ନବମୀ ଓ ବିଜୟା ଦଶମୀ ଉପଲକ୍ଷେ ଗଣଦୌଡ଼, ସ୍ଥାନ: ଜୟନଗର, ଧାମନଗର, ସମୟ: ସକାଳ ୬ଟା ୩୦।
- ଗୟାଧର ବାରିକ୍‌ଙ୍କ ସ୍ମୃତିସଭା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଐତିହାସିକ ବାଦୀପାଲା ଉଦ୍‌ଯାପନୀ, ସ୍ଥାନ: ଭଗବାନପୁର, ଧାମନଗର, ସମୟ: ରାତି ୮ଟା।

## ମୟୂରଭଞ୍ଜ

- କଂଗ୍ରେସ ଅନୁଧାନ ଟିମର କାଳବୈଶାଖୀ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ, ସ୍ଥାନ: ବାଙ୍ଗିରିପୋଷି,ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ଜାତୀୟ ନାଟକ ମହୋତ୍ସବ ସପ୍ତମ ସନ୍ଧ୍ୟାରେ ବେଙ୍ଗଲି ନାଟକ କର୍ଣ୍ଣଭାସ ମଞ୍ଚସ୍ଥ, ସ୍ଥାନ: ଜୟଦେବ ଭବନ ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କୃଷି ବିଭାଗ ପକ୍ଷରୁ ଜିଲାସ୍ତରୀୟ କୃଷି ଯନ୍ତ୍ରପାତିକ ମେଳା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଦଶଦୋଳ ଯାତ୍ରାର ୨ୟ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି, ସମୟ:ଅପରାହ୍ନ ୪ଟା।
- ଦଶଦୋଳ ଯାତ୍ରାର ୨ୟ ଦିବସ, ସ୍ଥାନ: ରଣପୁର ବ୍ଲକର ଚାନ୍ଦପୁର ଦଶଦୋଳ ପଡିଆ, ସମୟ:ଅପରାହ୍ନ ୪ଟା।
- ଦଶଦୋଳ ଯାତ୍ରାର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଖଳିସାହି ଦଶଦୋଳ ପଡିଆ, ସମୟ:ଅପରାହ୍ନ ୫ଟା।

## ରାୟଗଡ଼ା

- ଟ୍ରାକ୍ଟର ୟୁନିୟନ ପକ୍ଷରୁ ବୈଠକ, ସ୍ଥାନ: କୁମୁଡିପେଣ୍ଟ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ଆର୍‌ସିଡି ହାଇସ୍କୁଲ ପଡ଼ିଆ, ସମୟ : ସକାଳ ୭ଟା।
- ଗିର୍ଲିଗୁଡ଼ା ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଡାବୁଗାଁସ୍ଥିତ ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ପାପଡ଼ାହାଣ୍ଡି ବ୍ଲକ ଉନ୍ନୟନ କାର୍ଯ୍ୟର ସମୀକ୍ଷା, ସ୍ଥାନ: ପାପଡ଼ାହାଣ୍ଡି , ସମୟ: ୧୦ଟା ୩୦।

## କୋରାପୁଟ

- ଅଗ୍ନିଗଙ୍ଗାମାଁଙ୍କ ୩ଦିନିଆ ଘଟଯାତ୍ରା, ସ୍ଥାନ: କଣ୍ଟାଗୁଡାସ୍ଥିତ ନୀଳାବାଡି ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## ମାଲକାନଗିରି

- କଂଗ୍ରେସର ବନ୍ଦ ଡାକରା, ସ୍ଥାନ: ବାଲିମେଳା, ସମୟ: ସକାଳ ୭ଟା।
- ଚିତ୍ରକୋଣ୍ଡାରେ ବନ ବିଭାଗର ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା, ସ୍ଥାନ: ଚିତ୍ରକୋଣ୍ଡା, ସମୟ: ସକାଳ ୯ଟା।
- ମାଥିଲି ବ୍ଲକ ଭେଜାଗୁଡା ଲ୍ୟାମ୍ପସ୍ ବାର୍ଷିକ ବୈଠକ, ସ୍ଥାନ: ଭେଜାଗୁଡା, ସମୟ: ପୂର୍ବାହ୍ନ ୧୦ଟା।
- ଜୟବଜରଙ୍ଗବାଲି କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପନୀ, ସ୍ଥାନ: କୋରୁକୋଣ୍ଡା ମିନି ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- କୋରୁକୋଣ୍ଡା ବ୍ଲକରେ ପ୍ରଶିକ୍ଷଣ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବାଲିମେଳା ବନ ବିଭାଗର ଜଙ୍ଗଲ ସୁରକ୍ଷା ସଚେତନତା, ସ୍ଥାନ: ବାଲିମେଳା, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ : ୬ଟା।
- ହୀରାକୁଦ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ କର୍ମଶାଳା, ସ୍ଥାନ : ଡେବ୍ରିଗଡ ଅଭୟାରଣ୍ୟ, ସମୟ : ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ : ଧନକଉଡା ଫୁଟବଲ ପଡିଆ, ସମୟ : ସକାଳ ୯ଟା ୩୦।
- ବାଦ୍ୟକଳା ଓ ବାଦ୍ୟଶିଳ୍ପୀ ସଂଘର ଆଲୋଚନା ଚକ୍ର, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା ବିଜୁ ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ : ବୁର୍ଲା ପିଜି ଛକ, ସମୟ : ପୂର୍ବାହ୍ନ ୧୧ଟା।
- ବ୍ରଜବାହୁ ଶତପଥୀ ସ୍ମାରକୀ ବକ୍ତୃତା, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ସହଭାଗିତା କେନ୍ଦ୍ର, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ମହାରାଜା ଆରଏନ୍ ସିଂଦେଓ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଗାନ୍ଧୀ ଷ୍ଟାଡ଼ିୟମ, ବଲାଙ୍ଗୀର,ସମୟ: ଅପରାହ୍ନ ୪ଟା।

## ରାଉରକେଲା

- ବ୍ୟାସଦେବ ବିଦ୍ୟା ମନ୍ଦିରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ବାସନ୍ତୀ କଲୋନି, ସମୟ: ସକାଳ ୭ଟା ୩୦।
- ସିଟୁ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୧୬ ଶ୍ରମିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ତାଲପାଲି, ଗାଇସିଲେଟ୍, ସମୟ: ସକାଳ ୮ଟା।
- ଜବରଦଖଲ ଉଚ୍ଛେଦ ଦାବିରେ ସ୍ମାରକପତ୍ର ପ୍ରଦାନ,ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼,ସମୟ:ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ମାଣିକେଶ୍ୱରୀ ବକ୍ତୃତାମାଳା, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷା ବିକାଶ ଉତ୍ସବ, ସ୍ଥାନ: ଭବାନୀପାଟଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ଦେବଗଡ଼

- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସ୍ୱର୍ଣ୍ଣପ୍ରୟାଗ ତଥା ଶ୍ରୀରାମେଶ୍ୱର ତ୍ରିବେଣୀ ସଙ୍ଗମରେ ଅମୃତ ସ୍ନାନ, ସ୍ଥାନ ମହାନଦୀ ଓ ତେଲ ନଦୀର ସଙ୍ଗମ ସ୍ଥଳ, ସମୟ: ପ୍ରାତଃ ୪ଟା।
- ସୁବର୍ଣ୍ଣପୁରରେ ଜଗନ୍ନାଥ ମହୋତ୍ସବ ଉପଲକ୍ଷେ ଚବିଶ ପ୍ରହରୀ ନାମଯଜ୍ଞର ଉଦ୍‌ଯାପନୀ ଦିବସ, ସ୍ଥାନ: ରାମେଶ୍ୱର ମନ୍ଦିର ପରିସର, ସମୟ: ସକାଳ ୬ଟା।
- ସୁବର୍ଣ୍ଣପୁରରେ ଜଗନ୍ନାଥ ମହୋତ୍ସବ ଉଦ୍‌ଯାପନୀ ଉପଲକ୍ଷେ ନଗର ପରିକ୍ରମା, ସ୍ଥାନ: ରାମେଶ୍ୱର ଷ୍ଟାଡ଼ିୟମ ପରିସର, ସମୟ: ସକାଳ ୭ଟା।
- ଜଗନ୍ନାଥ ମହୋତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ଶ୍ରୀ ବିଷ୍ଣୁ ମହାଯଜ୍ଞ ଓ ଶ୍ରୀ ବିଷ୍ଣୁ ପୂଜନ, ସ୍ଥାନ: ରାମେଶ୍ୱର ଷ୍ଟାଡିୟମ ପରିସର, ସମୟ: ସକାଳ ୮ଟା।
- ବୀରମହାରାଜପୁର ବ୍ଲକ ଟିଁପିପାଲିରେ ନବାହ୍ନ ପାରାୟଣର ନବମ ଦିବସ, ସ୍ଥାନ: ରାଧେଶ୍ୟାମ ମଠ ପରିସର, ସମୟ: ସକାଳ ୯ଟା।
- ବୀରମହାରାଜପୁର ବ୍ଲକ ଜମ୍ବାଲିପାଲିଠାରେ ରାମାୟଣ ନବାହ୍ନ ପାରାୟଣର ନବମ ଦିବସ, ସ୍ଥାନ: ଗ୍ରାମ୍ୟ ମଣ୍ଡପ ସମ୍ମୁଖ, ସମୟ: ସକାଳ ୯ଟା।
- ଜଗନ୍ନାଥ ମହୋତ୍ସବର ପୂର୍ଣ୍ଣାହୁତି, ସ୍ଥାନ: ରାମେଶ୍ୱର ଷ୍ଟାଡିୟମ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ସୁବର୍ଣ୍ଣପୁରର ମା ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଓ ଆଳତି, ସ୍ଥାନ: କୋମନା ବ୍ଲକ ଗଣ୍ଡାମେର ଗାଁ, ସମୟ: ପ୍ରାତଃ ୫ଟା।
- ମାରାଗୁଡା ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।
- ଷୋହଳପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ସିନାପାଲି ବ୍ଲକ ନିଳଜି ପଞ୍ଚାୟତ କଡରାମାଲ ଗାଁ, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା

- ୨୪ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ହରେକୃଷ୍ଣପୁର ନାମ ମଣ୍ଡପ, ସମୟ: ସକାଳ ୭ଟା।
- ଭାଗବତ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚଗାଁ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଏକାଦଶୀ ଉପଲକ୍ଷେ ବିଷ୍ଣୁ ସହସ୍ର ନାମ ପାଠ, ସ୍ଥାନ: ତିଳେଇ ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଓଏସ୍ଏପି ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା।

# ୧୯ ଦିନ ପରେ ବିଶାଖାପାଟଣାରୁ ଅପହୃତ ଶିଶୁପୁତ୍ର ଉଦ୍ଧାର

**ନବରଙ୍ଗପୁର,୨୪।୩(ସଦାଶିବ ପ୍ରହରାଜ)**

ସ୍ତ୍ରୀଙ୍କ ଅନୁପସ୍ଥିତିରେ ଶିଶୁପୁତ୍ରକୁ ସ୍ୱାମୀ ଉଠାଇନେବା ଘଟଣାରେ ଦୀର୍ଘ ୧୯ ଦିନ ପରେ ନବରଙ୍ଗପୁର ପୋଲିସ ବିଶାଖାପାଟଣାରୁ ୪ବର୍ଷର ଶିଶୁକୁ ଉଦ୍ଧାର କରିଛି। ପୋଲିସ ସ୍ୱାମୀଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ସେଠାରେ ତାଙ୍କ ଜାମିନ ମଞ୍ଜୁର ହୋଇଛି। ସୂଚନାନୁଯାୟୀ ଏଏସ୍ଆଇ ମୀନକେତନ ଗନ୍ତାୟତଙ୍କ ଝିଅ ରାଜଶ୍ରୀ କୋରାପୁଟର ପବିତ୍ର ମୋହନ ରାଉତଙ୍କୁ ୨୦୧୯ରେ ବିବାହ କରିଥିଲେ। ତାଙ୍କର ୪ ବର୍ଷର ଏକ ପୁଅ ରହିଛି। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହକୁ ନେଇ କୋର୍ଟରେ ମାମଲା ବିଚାରାଧୀନ ରହିଛି। ବର୍ଷେ ତଳେ ରାଜଶ୍ରୀ ନିଜ ୪ ବର୍ଷର ପୁଅକୁ ନେଇ ବାପଘରକୁ ଚାଲିଆସିଥିଲେ। ଗତ ୪ ତାରିଖରେ ରାଜଶ୍ରୀ ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଏମ୍ଏସି ଫାଇନାଲ ପରୀକ୍ଷା ଦେବାକୁ ଯାଇଥିଲେ। ଏହି ସମୟରେ ସେ ପୁଅକୁ ବାପା ମୀନକେତନ ରହୁଥିବା ମାଝୀଗୁଡ଼ାସ୍ଥିତ ଭଡ଼ାଘରେ ଛାଡ଼ିଯାଇଥିଲେ। ଘରେ କେହି ନ ଥିବାବେଳେ ମୀନକେତନ ପିଲାଟିକୁ ପଡ଼ୋଶୀଙ୍କ ପାଖରେ ଛାଡ଼ି ଅଫିସ ଯାଇଥିଲେ। ଏହାର ସୁଯୋଗ ନେଇ ରାଜଶ୍ରୀଙ୍କ ସ୍ୱାମୀ ନିଜର କେତେଜଣ ସହଯୋଗୀଙ୍କ ସହ ଏକ କାର୍‌ରେ ଆସି ସେଠାରୁ ପିଲାଟିକୁ ନେଇ ପଳାଇଥିଲେ। ଏ ନେଇ ନବରଙ୍ଗପୁର ଥାନାରେ ଅଭିଯୋଗ ହୋଇଥିଲା। ଘଟଣାର ୧୯ ଦିନ ପରେ ଶନିବାର ରାତି ପ୍ରାୟ ୧୦ଟା ୩୦ରେ ନବରଙ୍ଗପୁର ଏସ୍ଆଇ ସୀମା ଲାକ୍ରା, ସବିର ଅହମ୍ମଦ ପ୍ରମୁଖ ବିଶାଖାପାଟଣାର ଏକ ଭଡ଼ାଘରୁ ପବିତ୍ର ଓ ଶିଶୁପୁତ୍ରକୁ ଠାବ କରିଥିଲେ। ପିଲାଟିକୁ ଜିଲା ଶିଶୁ ମଙ୍ଗଳ କମିଟିକୁ ଦିଆଯାଇଥିଲା। ଜିଲା ଶିଶୁ ମଙ୍ଗଳ କମିଟି ଏବେ ଶିଶୁକୁ ରାଜଶ୍ରୀଙ୍କୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି।

# ୮୭ ଗୋରୁ ଉଦ୍ଧାର, ୭ ଗିରଫ

## ବାଲେଶ୍ୱର, ମୟୂରଭଞ୍ଜରେ ପୋଲିସର ସ୍ପେଶାଲ ଡ୍ରାଇଭ

**ବାଲେଶ୍ୱର, ୨୪।୩(ବାଞ୍ଛାନିଧି ଦେ)**

ବାଲେଶ୍ୱର ପୂର୍ବାଞ୍ଚଳ ଡିଆଇଜି ଡା. ସତ୍ୟଜିତ ନାୟକଙ୍କ ନିର୍ଦ୍ଦେଶକ୍ରମେ ବେଆଇନ ଗୋଚାଲାଣ ବିରୋଧରେ ପୋଲିସ ପକ୍ଷରୁ ରବିବାର ଏକ ସ୍ପେଶାଲ ଡ୍ରାଇଭ୍ କରାଯାଇଥିଲା। ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୬ ଗୋରୁ ବୋଝେଇ ଭ୍ୟାନ୍ ଜବତ କରାଯାଇ ୮୭ଟି ଗୋରୁ ଉଦ୍ଧାର କରାଯାଇଥିଲା। ଏ ସମ୍ପର୍କରେ ୭ଟି ପୃଥକ ମାମଲା ରୁଜୁ ହେବା ସହ ୭ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସୂଚନା ଯେ, ରାଜ୍ୟର ବିଭିନ୍ନ ସ୍ଥାନରେ ବେଆଇନ ଗୋଚାଲାଣ ବୃଦ୍ଧି ପାଇଛି। ବିଶେଷ କରି ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରୁ ନିୟମିତ ରାଜପଥ ଦେଇ ପଶ୍ଚିମବଙ୍ଗକୁ ବେଧଡ଼କ ଗୋଚାଲାଣ ହେଉଥିବା ଦେଖିବାକୁ ମିଳିଛି। ଡିଆଇଜି ଡା. ନାୟକଙ୍କ ନିର୍ଦ୍ଦେଶକ୍ରମେ ଉଭୟ ଜିଲାର ଏସ୍‌ପିଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ପୋଲିସ ଟିମ୍ ସହ ଅତର୍କିତ ଚଢାଉ କରାଯାଇଥିଲା। ମୟୂରଭଞ୍ଜ ଜିଲାର ୪ଟି ଗୋରୁ ବୋଝେଇ ଭ୍ୟାନ୍ ଜବତ ସହ ୭୫ଟି ଗୋରୁ ଏବଂ ବାଲେଶ୍ୱରରେ ୨ଟି ଗୋରୁ ବୋଝେଇ ଭ୍ୟାନ୍ ଜବତ ସହ ୧୨ଟି ଗୋରୁ ଉଦ୍ଧାର କରାଯାଇଥିଲା।

**ପ୍ରଥମ ପୃଷ୍ଠାରୁ...**

### '୬୦' ଥୋପ...

ଉଭୟ ପକ୍ଷରୁ ଶୁଣାଣି କରାଯିବା ପରେ ସୋମବାର ଓଇଆର୍‌ସି ଏହି ନିଷ୍ପତ୍ତି ଶୁଣାଇଛନ୍ତି। ଓଇଆର୍‌ସି ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତି ଅନୁଯାୟୀ, ବିଦ୍ୟୁତ୍ ଦର ଅପରିବର୍ତ୍ତିତ ରହିବ। ମାସିକ ୬୦ ଟଙ୍କା ସ୍ମାର୍ଟ ମିଟର ଉପରେ ଭଡ଼ା(ରେଣ୍ଟ) ଛାଡ଼ କରାଯିବ। ଯେଉଁ ସ୍ମାର୍ଟ ମିଟର ଉପଭୋକ୍ତା ମାସିକ ୨ କିଲୋ ୱାଟ୍ ବ୍ୟବହାର କରୁଛନ୍ତି ସେମାନଙ୍କ ପାଇଁ ରେଣ୍ଟ ଛାଡ଼ କରାଯିବ। ଏଥିସହ ଯେଉଁ ଉପଭୋକ୍ତାମାନେ ଇ-ପେମେଣ୍ଟ ସିଷ୍ଟମ୍ ଆପଣେଇବେ ସେମାନଙ୍କୁ ପ୍ରତ୍ୟେକ ବିଲ୍ ପିଛା ଅତିରିକ୍ତ ୧୦ ଟଙ୍କା ପର୍ଯ୍ୟନ୍ତ ରିହାତି ମିଳିବ। ପୂର୍ବପରି ଉପଭୋକ୍ତା ମାସିକ ୫୦ୟୁନିଟ ବ୍ୟବହାର କରୁଥିଲେ ୟୁନିଟ ପିଛା ୨ଟଙ୍କା ୯୦ପଇସା ଦେବାକୁ ପଡ଼ିବ। ୫୦ରୁ ୨୦୦ ୟୁନିଟ୍ ବ୍ୟବହାରକାରୀଙ୍କୁ ୪ ଟଙ୍କା ୭୦ ପଇସା, ୨୦୦ରୁ ୪୦୦ୟୁନିଟ୍ ବିଦ୍ୟୁତ୍ ବ୍ୟବହାର କଲେ ଉପଭୋକ୍ତାଙ୍କୁ ୟୁନିଟ ପିଛା ୫ ଟଙ୍କା ୭୦ ପଇସା ଦେବାକୁ ପଡ଼ିବ। ସେହିପରି ୪୦୦ୟୁନିଟ୍‌ରୁ ଅଧିକ ବିଦ୍ୟୁତ୍ ବ୍ୟବହାର କଲେ ୬ଟଙ୍କା ୧୦ ପଇସା ଦେବାକୁ ହେବ। ଅନୁରୂପ ଭାବେ ଯେଉଁ ଉପଭୋକ୍ତା ପ୍ରି-ପେଡ୍ ମିଟର ବ୍ୟବହାର କରିବେ ସେମାନଙ୍କୁ ୪ ପ୍ରତିଶତ ରିହାତି ପ୍ରଦାନ କରାଯିବ ବୋଲି ଓଇଆର୍‌ସି ସଚିବ ପ୍ରିୟବ୍ରତ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏନେଇ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି, ଓଇଆର୍‌ସି ବିଦ୍ୟୁତ୍ ଟାରିଫ ଅପରିବର୍ତ୍ତିତ ରଖିଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ଗତ ଆର୍ଥିକବର୍ଷ ବିଦ୍ୟୁତ୍ ବଣ୍ଟନକାରୀ କମ୍ପାନୀ ଉପଭୋକ୍ତାଙ୍କଠାରୁ ୯୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରି ନେଇଛନ୍ତି। ବିଦ୍ୟୁତ୍ ଆଇନ ଅନୁଯାୟୀ, ବିତରଣକାରୀ କମ୍ପାନୀଗୁଡ଼ିକ ସେହି ଅଧିକ ଅର୍ଥକୁ ସୁଧ ସହିତ ଉପଭୋକ୍ତାଙ୍କୁ ଫେରସ୍ତ କରିବା କଥା। ମାତ୍ର ଏଦିଗରେ ଓଇଆର୍‌ସି ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ। ଅପରପକ୍ଷେ ଓଡ଼ିଶା ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘ ଆବାହକ ରବି ବେହେରା କହିଛନ୍ତି, ଆମେ ଓଡ଼ିଶାରେ ସ୍ମାର୍ଟ ମିଟର ବ୍ୟବସ୍ଥା ବନ୍ଦ କରିବାକୁ ଦାବି କରିଆସୁଛୁ। ଏବେ ୨ କିଲୋୱାଟ ବ୍ୟବହାର କରୁଥିବା ସ୍ମାର୍ଟ ମିଟର ଉପଭୋକ୍ତାଙ୍କ ଲାଗି ମାସିକ ମିଟର ରେଣ୍ଟ ୬୦ଟଙ୍କା ଛାଡ଼ ହେବ ବୋଲି ଓଇଆର୍‌ସି ପକ୍ଷରୁ ଘୋଷଣା କରାଯାଇଛି। ଏହା କେବଳ ଧର୍ମକୁ ଆଖିଠାର। ୬୦ଟଙ୍କା ହିସାବରେ ବର୍ଷକୁ ୭୨୦ଟଙ୍କା ଛାଡ଼ କରିବେ। କିନ୍ତୁ ସାଧାରଣ ମିଟର ଅପେକ୍ଷା ସ୍ମାର୍ଟ ମିଟରରେ ଦେଢ଼ରୁ ପାଖାପାଖି ୨ଗୁଣା ଅଧିକ ବିଲ୍ ଆସୁଛି। ସ୍ମାର୍ଟ ମିଟରକୁ ବିରୋଧ ହେଉଥିବାରୁ ଏହି ମିଟର ଲଗାଇବାକୁ ଉପଭୋକ୍ତାଙ୍କୁ ଓଇଆର୍‌ସି ଥୋପ ଦେଖାଇଛି ବୋଲି ରବି କହିଛନ୍ତି।

### ରଣ ଦେବା ନାଁରେ...





ତିଳୋତ୍ତମାଙ୍କ କଥାରେ ବିଶ୍ୱାସ କରି ଋଣ ନେବା ପାଇଁ ତାଙ୍କୁ ଟଙ୍କା ଦେଉଥିଲେ। ହେଲେ ପରବର୍ତ୍ତୀ ସମୟରେ ଋଣ ନ ଦେବାରୁ ଲୋକମାନଙ୍କ ସନ୍ଦେହ ବଢ଼ିଥିଲା। ଏପରି କି ଲୋକମାନେ ଦେଇଥିବା ଟଙ୍କା ଫେରାଇବାକୁ କହିବାରୁ ସେମାନଙ୍କୁ ତିଳୋତ୍ତମା ଗାଳିଗୁଲଜ ମଧ୍ୟ କରୁଥିଲେ। ଏନେଇ ଅଭିଯୋଗକାରୀ ଚନ୍ଦନପୁର ଥାନାରେ ଗତ ଫେବୃଆରୀ ୧୯ତାରିଖରେ ଅଭିଯୋଗ କରିଥିଲେ। ଏପରି କି ପୁରୀ ଏସ୍‌ପିଙ୍କ ଦ୍ୱାରସ୍ଥ ମଧ ହୋଇଥିଲେ। ସୋମବାର ଚନ୍ଦନପୁର ପୋଲିସ ତିଳୋତ୍ତମାଙ୍କ ଘରେ ଚଢ଼ାଉ କରିଥିଲା। ସେଠାରୁ ତାଙ୍କୁ ଗିରଫ କରିବା ସହ ତିଳୋତ୍ତମାଙ୍କ ବ୍ୟାଙ୍କ ପାସ୍‌ବୁକ୍ ଏବଂ ବ୍ଲାଙ୍କ ଚେକ୍ ବୁକ୍ ଜବତ କରିଥିଲା। ଏହି ଠକେଇ ଘଟଣାରେ ଅନ୍ୟ ୨ଜଣଙ୍କ ସମ୍ପୃକ୍ତି ରହିଥିବା ଆଲୋଚନା ହେଉଛି।

### ବର୍ଷା ପାଇଁ...

ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଜପତି, ଗଞ୍ଜାମ, ମୟୂରଭଞ୍ଜ ଓ କେନ୍ଦୁଝର ରହିଛି। ତେବେ କାଳବୈଶାଖୀ ବର୍ଷା ଯୋଗୁ ଗରମ ଓ ଗୁଳୁଗୁଳିରୁ ଲୋକେ ଆଶ୍ୱସ୍ତ ହୋଇଥିଲେ ମଧ ଆଗକୁ ତାପମାତ୍ରା ପୁଣି ବୃଦ୍ଧି ପାଇବ। ଆସନ୍ତା ୫ଦିନ ମଧ୍ୟରେ ତାପମାତ୍ରା ୫ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

### ବାକ୍ ସ୍ୱାଧୀନତା...

ଶିନ୍ଦେଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ପାଇଁ କୁନାଲଙ୍କ ବିରୋଧରେ ମୁମ୍ବାଇ ପୋଲିସ ସୋମବାର ଏତଲା ଦାଏର କରିଛି। ଏଥିସହିତ ଶିବସେନା କାର୍ଯ୍ୟକର୍ତ୍ତା ରାହୁଲ କନାଲ ଓ ଅନ୍ୟ ୧୧ ଜଣଙ୍କୁ ପୋଲିସ ଗିରଫ କରିଥିଲା ବେଳେ ସେମାନଙ୍କୁ ପରେ ଜାମିନରେ ଛଡ଼ାଯାଇଛି।

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ହାସ୍ୟାଭିନେତା କୁନାଲଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ ତୁରନ୍ତ କ୍ଷମା ମାଗିବାକୁ ଦାବି କରିଛନ୍ତି। ଅଭିବ୍ୟକ୍ତି ସ୍ୱାଧୀନତା ନାଁରେ ଉପମୁଖ୍ୟମନ୍ତ୍ରୀଙ୍କ ଉପରେ ନିମ୍ନସ୍ତରର କମେଡି ଏବଂ ଅସମ୍ମାନ କରାଯାଇପାରିବ ନାହିଁ ବୋଲି ଫଡ୍‌ନବିସ୍ ବିଧାନସଭାରେ କହିଛନ୍ତି। କିଏ ଦେଶଦ୍ରୋହୀ ଏବଂ କିଏ ସ୍ୱାଭିମାନୀ, ତାହା ୨୦୨୪ ବିଧାନସଭା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି। ବାଲ୍ ଠାକ୍‌ରେଙ୍କ ଶିବସେନାର ପ୍ରକୃତ ଉତ୍ତରାଧିକାରୀ ଶିନ୍ଦେ, ଏହାକୁ ଜନସାଧାରଣ ଅନୁମୋଦନ କରିଛନ୍ତି। ଅନ୍ୟପକ୍ଷରେ କୁନାଲ ତାଙ୍କ ମନ୍ତବ୍ୟକୁ ନେଇ ଅନୁତପ୍ତ ନୁହନ୍ତି ବୋଲି କହିବା ସହ କେବଳ ଅଦାଲତ କହିଲେ ସେ କ୍ଷମା ମାଗିବେ ବୋଲି ସ୍ପଷ୍ଟ କରିଛନ୍ତି। ତାମିଲନାଡୁରେ ଥିବା କୁନାଲ ପୋଲିସ ସହ କଥା ହୋଇ ଶିନ୍ଦେଙ୍କୁ ଟାର୍ଗେଟ କରିବା ନିମନ୍ତେ ବିରୋଧୀଙ୍କଠାରୁ ଟଙ୍କା ନେଇଥିବା ଗୁଜବକୁ ଖଣ୍ଡନ କରିଛନ୍ତି। ଏନେଇ ଯାଞ୍ଚ କରିବା ପାଇଁ କୁନାଲ ପୋଲିସକୁ ଅନୁମତି ଦେଇଛନ୍ତି।

କୁନାଲଙ୍କ ମନ୍ତବ୍ୟକୁ ନେଇ ମହାରାଷ୍ଟ୍ରର ଶାସକ ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ବାକ୍ ସ୍ୱାଧୀନତା ଉପରେ ଶିବସେନାର ଆକ୍ରମଣକୁ ଶିବସେନା(ୟୁବିଟି), କଂଗ୍ରେସ ସମେତ ବିଭିନ୍ନ ଦଳର ନେତା ସମାଲୋଚନା କରିଛନ୍ତି। ସେମାନେ ହାସ୍ୟାଭିନେତାଙ୍କୁ ସମର୍ଥନ ଜଣାଇବା ସହ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା ନେଇ ମହାମେଣ୍ଟ ସରକାରଙ୍କୁ ନିନ୍ଦା କରିଛନ୍ତି। ଦେଶରେ ବାକ୍ ସ୍ୱାଧୀନତା ନ ଥିବା ସମାଜବାଦୀ ପାର୍ଟି ଏମ୍‌ପି ଜୟା ବଚନ କହିଛନ୍ତି। ଭାଜପା ନେତୃତ୍ୱାଧୀନ ମହାମେଣ୍ଟ ସରକାର ମହାରାଷ୍ଟ୍ରକୁ ତାଲିବାନ ଭଳି ଶାସନରେ ପରିଣତ କରିଥିବା ବରିଷ୍ଠ କଂଗ୍ରେସ ନେତା ହର୍ଷବର୍ଦ୍ଧନ ସପ୍‌କାଲ ଅଭିଯୋଗ କରିଛନ୍ତି।

### ୨୪୪ ବର୍ଗ କି.ମି....

ଜମିକୁ ପରିବର୍ତ୍ତନ କରିଥିବାବେଳେ ଓଡ଼ିଶା ୨୪୪ ବର୍ଗ କି.ମି., ତେଲଙ୍ଗାନା ୧୧୪.୨୨ ବର୍ଗ କି.ମି., ଗୁଜରାଟ ୯୯.୮୫ ବର୍ଗ କି.ମି. ଏବଂ ଅରୁଣାଚଳପ୍ରଦେଶ ୯୪.୯୫ ବର୍ଗ କି.ମି. ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରିଛି। ସେହିପରି ରାଜସ୍ଥାନ ୮୭.୯୬ ବର୍ଗ କି.ମି., ମହାରାଷ୍ଟ୍ର ୮୫ ବର୍ଗ କି.ମି., ଛତିଶଗଡ଼ ୭୯.୨୫, ଉତ୍ତରପ୍ରଦେଶ ୭୦.୫୯, ଉତ୍ତରାଖଣ୍ଡ ୬୪.୭୧ ଏବଂ ଆନ୍ଧ୍ରପ୍ରଦେଶ ୫୪.୫୫ ବର୍ଗ କିଲୋମିଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ କାର୍ଯ୍ୟରେ ବିନିଯୋଗ ଲାଗି କିସମ ପରିବର୍ତ୍ତନ କରିଥିବା ମନ୍ତ୍ରୀ କହିଛନ୍ତି।

### ବାଲ୍‌ଟି ପାଣିରେ...

ମାତ୍ର ୨ଟି ଅଟୋରେ ଆସିଥିବା ୧୨ରୁ ଊର୍ଦ୍ଧ୍ୱ ପରିବାର ଓ ଗାଁ ଲୋକେ ବ୍ୟବଚ୍ଛେଦ କରିବାକୁ ନ ଦେଇ ଜୋର୍ ଜବରଦସ୍ତ ମେଡିକାଲରୁ ମୃତଦେହ ନେଇ ଘରକୁ ପଳାଇଥିଲେ। ଘଟଣା ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ନାଏକ ଟୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତିଙ୍କୁ ଜଣାଇଥିଲେ। ଖବରପାଇ ଥାନା ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରଖିବା ସକାଶେ ଚେଷ୍ଟାକରି ବିଫଳ ହେବେ। କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ଏକ ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବାର ସୂଚନା ରହିଛି।

**ବୃଷ** ପ୍ରତ୍ୟେକ ଦିଗ ସକାଶେ ଅନୁକୂଳ ସ୍ଥିତି ରହିଲେ ମଧ ପାରିବାରିକ ସମସ୍ୟା ସମାଧାନ କରିପାରିବେ ନାହିଁ। କାମ ହାସଲ ପରିପ୍ରେକ୍ଷୀରେ ସମ୍ପର୍କୀୟ ଆପଣଙ୍କୁ ସୁହାଇଲା ଭଳି କଥା କହିପାରନ୍ତି। ବ୍ୟବସାୟ, ପରିବହନ, ପ୍ରଶାସନ, ଆଇନ ଓ ରାଜନୈତିକ ସଙ୍ଗଠନର କାର୍ଯ୍ୟ ଭଲରେ ଚାଲିବ।

**ମିଥୁନ** ପାରିବାରିକ ଜୀବନ ପୂର୍ବଭଳି ରହିଲେ ମଧ ସମ୍ପର୍କୀୟଙ୍କ କାନକୁହା କଥା ବ୍ୟତିକ୍ରମ ସୃଷ୍ଟିକରିବ। ସହକର୍ମୀଙ୍କୁ ସନ୍ତୁଷ୍ଟକରାଇ ଲକ୍ଷ୍ୟ ହାସଲରେ ସମର୍ଥ ହେବେ। ରାଜନୀତି ତଥା ସାଙ୍ଗଠନିକ ସ୍ତରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇବାରେ ଜଣେ ହିତାକାଂକ୍ଷୀ ସାହାଯ୍ୟ କରିପାରନ୍ତି।

**କର୍କଟ** ଆଜି ବନ୍ଧୁସମ୍ପର୍କ, ବିବାଦୀୟ ପରିସ୍ଥିତି ତଥା କର୍ମାରମ୍ଭରେ ଅସ୍ଥିରତା ସୃଷ୍ଟିହୋଇପାରେ। ଅପେକ୍ଷା କରିବାକୁ କହିଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତହେବେ। ପରିବାରରେ ପୂର୍ବ ସମସ୍ୟା ସମାଧାନ ଦିଗରେ ପଡ଼ୋଶୀ ସାହାଯ୍ୟ କରିବେ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପାରେ।

**ସିଂହ** ଅଧିକାଂଶ ସମୟ ସମସ୍ୟାଗ୍ରସ୍ତ ରହିବା ହେତୁ ମନ ବିଚଳିତ ରହିବ। କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା, ଚଳଚ୍ଚିତ୍ର ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ଦୀର୍ଘଦିନରୁ ଲାଗି ରହିଥିବା ଶତ୍ରୁତା, ଅଶାନ୍ତି, ଓ ଋଣଭାର କ୍ରମଶଃ ହ୍ରାସ ପାଇବ। ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ସମ୍ମାନିତ ହୋଇପାରନ୍ତି।

**କନ୍ୟା** କାର୍ଯ୍ୟବ୍ୟସ୍ତତା କାରଣରୁ ଆଜି କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ବେଶି ସମୟ ରହିପାରିବେ ନାହିଁ। ବନ୍ଧୁଙ୍କ ପ୍ରାୟୋଜିତ ମିଥ୍ୟା ଗୁଜବ ମନକୁ ଚହଲାଇଦେବ। ଆନୁଷ୍ଠାନିକ କିମ୍ବା ସାମାଜିକ ସ୍ତରରେ ମଙ୍ଗଳଜନକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଟଙ୍କା ପଇସା ଦେବାନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟିହୋଇପାରେ।

**ତୁଳା** ବହୁଦିନରୁ ଚେଷ୍ଟା କରୁଥିବା କାମଟି ଜଣେ ସହକର୍ମୀଙ୍କ ଜରିଆରେ ସଫଳହେବ। ଆତ୍ମୀୟଙ୍କ ସମସ୍ୟା ବିଷୟରେ ଦୁଶ୍ଚିନ୍ତା ବୃଦ୍ଧି ଟେନ୍‌ସନର କାରଣ ହେବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ଆଇନ ଅଦାଲତ କ୍ଷେତ୍ରରୁ ଆଶାନୁଯାୟୀ ସୁଫଳ ପାଇବେ। ମନୋରଞ୍ଜନର ମଉକା ଜୀବନଯାତ୍ରାକୁ ମଧୁମୟ କରିବା ସମ୍ଭାବନା ରହିଛି।

**ବିଛା** ଆପଣଙ୍କ ଦୃଢ଼ ଇଚ୍ଛାଶକ୍ତି ସାଙ୍ଗକୁ ସାହସିକ ପଦକ୍ଷେପ ଅସମ୍ଭବକୁ ସମ୍ଭବ କରାଇବାରେ ସାହାଯ୍ୟ କରିବ। ସାମୟିକ ସମସ୍ୟା ଆସିଲେ ମଧ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ସବୁ ଠିକ୍ ହୋଇଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କ ଦ୍ୱାରା କାମ ହାସଲ କରିବେ। ମାତ୍ରାଧିକ ଭ୍ରମଣହେତୁକ କ୍ଲାନ୍ତି ଅନୁଭବ କରିବେ।

**ଧନୁ** ବିଗତ ଦିନର ଘଟଣାର ପ୍ରଭାବକୁ କେନ୍ଦ୍ରକରି ଯେଉଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ପ୍ରବାସରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ। ପରିଜନଙ୍କ ସହ ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ। ଅପ୍ରିୟ ସତ୍ୟ ପ୍ରକାଶ କରିବା କାରଣରୁ ସମ୍ପର୍କୀୟମାନେ ବିରୁଦ୍ଧାଚରଣ କରିପାରନ୍ତି।

**ମକର** ପରିବାରର ଇଚ୍ଛା ବିରୋଧରେ ସମ୍ପର୍କୀୟଙ୍କୁ ସାହାଯ୍ୟ କରିବା ହେତୁ ପାରିବାରିକ ସମସ୍ୟା ଦେଖାଦେବ। କର୍ମକ୍ଷେତ୍ରରେ ଟେନ୍‌ସନ ଲାଗି ରହିବାରୁ ରକ୍ତଚାପ ବଢ଼ିପାରେ। ଦାୟିତ୍ୱହୀନ ମନ୍ତବ୍ୟର ପରିଣାମ ସ୍ୱରୂପ ମନସ୍ତାପ କରିବାକୁ ପଡ଼ିବ। ଆଲୋଚନା ପରିସରରେ ପରିହାସଯୁକ୍ତ କଥା କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟିକରିବ।

**କୁମ୍ଭ** କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ବନ୍ଧୁଙ୍କ ସାହାଯ୍ୟ ଆର୍ଥିକ ସମସ୍ୟା ଦୂରେଇଦେବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାନୁଯାୟୀ ସୁଫଳ ପାଇବେ। ଦୂରଯାତ୍ରାରେ ଦୀର୍ଘଦିନର ଅଭିଳାଷ ପୂରଣ ହେବାର ଆଶା ରହିଛି। ପରିବାର ମଧ୍ୟରେ ଛୋଟ କଥାକୁ ଧରିବସିବା ଅନର୍ଥର କାରଣ ହୋଇପାରେ।

**ମୀନ** ଆଜି ଫେରିବା ରାସ୍ତାରେ ବନ୍ଧୁ ଜଣେ ଭେଟି କୌଣସି ସାହାଯ୍ୟ ଭିକ୍ଷା କରିପାରନ୍ତି। ସହକର୍ମୀଙ୍କ ସହାୟତାରେ ବାକି ପଡ଼ିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଲୋଚନା ପରିସରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବା ଆଶଙ୍କା ରହିଛି।

ଆଜିମାର୍ଚ୍ଚ୨୫ତାରିଖ,ଚୈତ୍ରକୃଷ୍ଣପକ୍ଷରସ୍ମାର୍ତ୍ତସମ୍ମତପାପମୋଚିନୀଏକାଦଶୀ ମଙ୍ଗଳବାର, ଚୈତ୍ର ମଙ୍ଗଳବାର ଓଷା। ରାଶିନକ୍ଷତ୍ର-ଶ୍ରବଣା/ମକର, ଶରଣ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮।୫୧ ଗତେ, ଘ.୧୦।୪୦ ମଧ୍ୟେ, ଘ.୦୧।୦୫ ଗତେ, ଘ.୦୧।୨୩, ମଧ୍ୟେ ଶୁଭ ଶୁଭବେଳା। ଅପରାହ୍ନ ଘ.୦୨।୫୪ ଗତେ, ଘ.୦୪।୨୪ ମଧ୍ୟେ ରାହୁକାଳ ।

# ଧରାପଡ଼ିଲା ୪୦ଲକ୍ଷ ଟଙ୍କା ଚୋରି ନାଟକ

## ମୁଖ୍ୟ ଅଭିଯୁକ୍ତ ସମେତ ୩ ଗିରଫ

**କୋଝିକୋଡେ(କେରଳ),୨୪।୩**

ଏକ କମ୍ପାନୀର ଶାଖାରେ ଜମା କରିବାକୁ ଶ୍ୱଶୁର ଦେଇଥିବା ୪୦.୨୫ ଲକ୍ଷ ଟଙ୍କାକୁ ବ୍ୟକ୍ତିଗତ କାର୍ଯ୍ୟରେ ଖର୍ଚ୍ଚ କରିଦେଲେ। ପରେ ଏହା ଚୋରି ହୋଇଯାଇଥିବାର ନାଟକ ରଚି ଥାନାରେ ଅଭିଯୋଗ କରିଥିବା ଜ୍ୱାଇଁ ଏବଂ ତାଙ୍କର ୨ ସହଯୋଗୀଙ୍କୁ ପୋଲିସ ଗିରଫ କରିଛି। ଏଭଳି ଏକ ଘଟଣା କେରଳ କୋଜିକୋଡ ଥାନା ଅଞ୍ଚଳରେ ଘଟିଛି। ମୁଖ୍ୟ ଅଭିଯୁକ୍ତ ପି.ଏମ୍. ରାହି ଏବଂ ତାଙ୍କ ସହଯୋଗୀ ସାଜିଦ୍ ଓରଫ ସାଜି ଏବଂ ଜାମସିଦ୍‌ଙ୍କୁ ପୋଲିସ ଗିରଫ କରି ତଦନ୍ତ ଜାରି ରଖିଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ରାହିଙ୍କ ଶ୍ୱଶୁର ବେଙ୍ଗାଲୁରୁର ଏକ କମ୍ପାନୀରେ ମ୍ୟାନେଜର ଭାବେ କାମ କରନ୍ତି। ଉକ୍ତ କମ୍ପାନୀର ଏକ ଶାଖା(ବ୍ରାଞ୍ଚ) କେରଳରେ ରହିଛି। କେରଳସ୍ଥିତ ଶାଖାରେ ୪୦.୨୫ ଲକ୍ଷ ଟଙ୍କା ଜମା କରିବା ପାଇଁ ରାହିଙ୍କୁ ତାଙ୍କ ଶ୍ୱଶୁର ଦେଇଥିଲେ। ହେଲେ ଉକ୍ତ ଟଙ୍କାକୁ ଶାଖାରେ ପଇଠ କରିବା ପରିବର୍ତ୍ତେ ସେ ଏହାକୁ ବ୍ୟକ୍ତିଗତ କାର୍ଯ୍ୟରେ ଖର୍ଚ୍ଚ କରିଦେଇଥିଲେ। ଫଳରେ ଏହାକୁ ଭରଣା କରି ନ ପାରି ଏକ ଚୋରି ନାଟକ ରଚିଥିଲେ। ଗତ ୨୦ତାରିଖରେ ରାହି କୋଝିକୋଡେ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୁଭାଥୁରମ୍ବାରେ ଥିବା ଏକ ହସ୍ପିଟାଲ ସମ୍ମୁଖରେ ତାଙ୍କ କାର୍ ରଖାଯାଇଥିବାବେଳେ ସେଥିରେ ଥିବା ୪୦.୨୫ ଲକ୍ଷ ଟଙ୍କା ଚୋରି ହୋଇଯାଇଥିବା ନେଇ ରାହି ଉଲ୍ଲେଖ କରିଥିଲେ। ଉକ୍ତ ଟଙ୍କା ତାଙ୍କର ଜଣେ ଘନିଷ୍ଠ ସମ୍ପର୍କୀୟଙ୍କ ଏବଂ ତାକୁ ସୁରକ୍ଷିତଭାବେ ରଖିବା ପାଇଁ ସେ ଏହି ଟଙ୍କା କାର୍‌ରେ ଆଣିଥିଲେ ବୋଲି ଅଭିଯୋଗରେ ଦର୍ଶାଇଥିଲେ। ପୋଲିସ ସିସିଟିଭି ଯାଞ୍ଚ କରି ଅଭିଯୋଗକୁ ପ୍ରଥମେ ସତ୍ୟ ବୋଲି ବିଶ୍ୱାସ କରିଥିଲା। କାରଣ ସିସିଟିଭି ଫୁଟେଜରୁ ୨ଜଣ ହେଲ୍‌ମେଟ ପିନ୍ଧା ଯୁବକ ଏକ ସ୍କୁଟରରେ ଆସି କାର୍ କାଚ ଭାଙ୍ଗିବା ସହିତ କାର୍ ଭିତରେ ଥିବା ଏକ ବ୍ୟାଗ ନେଇଯାଇଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ସାଜିଦ୍ ଏବଂ ଜାମ୍‌ସିଦ୍‌ଙ୍କୁ ପୋଲିସ ଧରି ପଚରାଉଚରା କରିବା ପରେ ସତ ଜଣାପଡ଼ିଥିଲା। କାର୍‌ରୁ ଚୋରି ହୋଇଥିବା ବ୍ୟାଗରେ କିଛି ନ ଥିବା ଉଭୟେ ପୋଲିସ ନିକଟରେ କହିଥିଲେ। ଏହାପରେ ରାହିଙ୍କ ଉପରେ ପୋଲିସର ସନ୍ଦେହ ବଢ଼ିଥିଲା। ରାହିଙ୍କୁ ଥାନାକୁ ଡାକି ପଚରାଉଚରା କରିବା ପରେ ସେ ସବୁକଥା ସତ ମାନିଥିଲେ। କେରଳସ୍ଥିତ କମ୍ପାନୀ ଶାଖାରେ ଜମା କରିବାକୁ ଶ୍ୱଶୁର ଦେଇଥିବା ଟଙ୍କାକୁ ସେ ବ୍ୟକ୍ତିଗତ କାର୍ଯ୍ୟରେ ଖର୍ଚ୍ଚ କରିଦେଇଥିବାରୁ ଏଥିରୁ ଖସିବାକୁ ଚୋରି ନାଟକ କରିଥିଲେ ବୋଲି ପୋଲିସ ନିକଟରେ ରାହି ସ୍ୱୀକାର କରିଥିଲେ। ମିଥ୍ୟା ଅଭିଯୋଗ କରିବା ଏବଂ ଟଙ୍କା ଆତ୍ମସାତ ଅଭିଯୋଗରେ ପୋଲିସ ରାହି ଏବଂ ଅନ୍ୟ ୨ଜଣଙ୍କୁ ଗିରଫ କରିଛି। ରାହି ଉକ୍ତ ଟଙ୍କାକୁ କେଉଁ କାମରେ ଖର୍ଚ୍ଚ କରିଛନ୍ତି, ତାହା ଜାଣିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।


ସିସିଟିଭିରେ କଏଦ ଚୋରି ସମୟର ଦୃଶ୍ୟ।

# ନକଲି ଡିଏସ୍‌ପି, କନ୍‌ଷ୍ଟେବଲ ଗିରଫ

## ଭଡ଼ାଘରୁ ମିଳିଲା ଜାଲ୍ ନୋଟ୍

- ଭୁବନେଶ୍ୱର ଆଇଡିବିଆଇ ଛକରେ ବ୍ଲକିଂ ବେଳେ ଧରାପଡ଼ିଲେ
- କାର୍ ସହ ନକଲି ପୋଲିସ ପୋଷାକ, ପରିଚୟ ପତ୍ର ଆଦି ଜବତ



ନକଲି ଡିଏସ୍‌ପି ମାନସ ରଞ୍ଜନ ସେନାପତି ଓ ନକଲି କନ୍‌ଷ୍ଟେବଲ ଆଶିଷ ସ୍ୱାଇଁ

**ଭୁବନେଶ୍ୱର,୨୪।୩(ସତ୍ୟଜିତ୍ ରାଉତ)**

ରାଜଧାନୀରେ ଜଣେ ନକଲି ଡିଏସ୍‌ପି ଓ କନ୍‌ଷ୍ଟେବଲଙ୍କୁ କମିଶନରେଟ୍ ପୋଲିସ ଗିରଫ କରିଛି। ଶହୀଦନଗର ଥାନା ଅନ୍ତର୍ଗତ ଜନପଥର ଆଇଡିବିଆଇ ଛକରେ ରବିବାର-ସୋମବାର ବିଳମ୍ବିତ ରାତିରେ ପୋଲିସ ଦ୍ୱାରା ହେଉଥିବା ଚେକିଂ ବେଳେ ଅଭିଯୁକ୍ତଦ୍ୱୟ ଧରାପଡ଼ିଛନ୍ତି। ସେମାନେ ହେଲେ ନକଲି ଡିଏସ୍‌ପି ମାନସ ରଞ୍ଜନ ସେନାପତି (୨୬) ଓ ନକଲି କନ୍‌ଷ୍ଟେବଲ ଆଶିଷ ସ୍ୱାଇଁ (୨୩)। ମାନସଙ୍କ ଘର ଭଦ୍ରକ ଜିଲା ବାସୁଦେବପୁର ଓ ଆଶିଷଙ୍କ ଘର ପିପିଲି ଅଞ୍ଚଳରେ ହୋଇଥିବାବେଳେ ଉଭୟ ଭୁବନେଶ୍ୱର ମଧୁସୂଦନ ନଗରରେ ରୁହନ୍ତି। ପୋଲିସ ଘଟଣାସ୍ଥଳରୁ ସେମାନଙ୍କ କାର୍ (ଓଡି୩୩-ଜେଡ୍-୪୯୮୮) ସହ ଓଡ଼ିଶା ପୋଲିସ ଲେଖାଥିବା ପ୍ଲେଟ୍ ବୋର୍ଡ, ଏସ୍‌ଆଇ/ଏଏସ୍‌ଆଇ ଟୋପି, ଜୋତା, ନକଲି ପୋଲିସ ପୋଷାକ, ବ୍ୟାଚ୍, କିଛି ଷ୍ଟାମ୍ପ, ଜଣେ ବରିଷ୍ଠ ଆଇପିଏସ୍‌ଙ୍କ ଦ୍ୱାରା ଦିଆଯାଇଥିବା ଏକ ଫେକ୍ ଓପିଏସ୍ ନିଯୁକ୍ତି ପତ୍ର, ନକଲି ପୋଲିସ ଆଇକାର୍ଡ ଆଦି ଜବତ କରିଛି। ତେବେ ମାନସଙ୍କ ଭଡ଼ାଘର ଯାଞ୍ଚବେଳେ ୧ ଲକ୍ଷ ୯୩ ହଜାର ଟଙ୍କାର ୩୮୬ଟି ୫୦୦ ଟଙ୍କିଆ ଜାଲ ନୋଟ ମଧ୍ୟ ଜବତ ହୋଇଛି। ନକଲି ପୋଲିସ ପରିଚୟ ଓ ଫେକ୍ ଟଙ୍କା ମିଳିବା ଘଟଣାରେ ଶହୀଦନଗର ଥାନା ପୋଲିସ ପୃଥକ୍ ମାମଲା (ନଂ.୧୩୫/୨୦୨୫) ଓ (ନଂ.୧୩୬/୨୦୨୫) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଅଭିଯୁକ୍ତଦ୍ୱୟଙ୍କୁ ପ୍ରଥମ ମାମଲାରେ ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୩ କୋର୍ଟକୁ ସୋମବାର ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ରବିବାର-ସୋମବାର ବିଳମ୍ବିତ ରାତିରେ ଶହୀଦନଗର ଥାନା ଏସ୍‌ଆଇ ଜ୍ୟୋତିରଞ୍ଜନ ମହାନ୍ତି ଜଣେ ଥାନା କର୍ମଚାରୀଙ୍କ ସହ ଆଇଡିବିଆଇ ଛକରେ ବ୍ଲକିଂ ଚେକିଂ କରୁଥିଲେ। ଏହି ସମୟରେ ମାନସ ଓ ଆଶିଷ କାର୍ ଯୋଗେ ବାଣୀବିହାରରୁ ଖାରବେଳନଗର ଅଭିମୁଖେ ଯାଉଥିଲେ। ଜ୍ୟୋତି ଉକ୍ତ କାର୍‌କୁ ଅଟକାଇ ପରିଚୟ ପଚାରିଥିଲେ। ମାନସ ଚଢ଼ା ଗଳାରେ ନିଜକୁ ପ୍ରୋବେଶନାରି ଡିଏସ୍‌ପି ବୋଲି କହିଥିଲେ। ସେହପରି ଆଶିଷ ମଧ୍ୟ ପ୍ରୋବେଶନାରି କନ୍‌ଷ୍ଟେବଲ ପରିଚୟ ଦେଇଥିଲେ। ତେବେ କାର୍ ଆଗରେ ଥିବା ଏସ୍‌ଆଇ ଟୋପିକୁ ଦେଖି ଜ୍ୟୋତିଙ୍କ ସନ୍ଦେହ ହୋଇଥିଲା। ଜ୍ୟୋତି ସେମାନଙ୍କୁ ନିଜ ବ୍ୟାଚ୍ ଓ ସହକର୍ମୀମାନଙ୍କ ବିଷୟରେ ପଚାରିଥିଲେ। ହେଲେ ମାନସ ମିଛ କହିବା ସହ ହଡ଼ବଡ଼େଇ ଯାଇଥିଲେ। ଏପରିକି ଉଭୟ ସେଠାରୁ କଳେବଳେ ଖସିଯିବାକୁ ଚେଷ୍ଟା କରିଥିଲେ। ପରେ ଥାନାଧିକାରୀ ସୁଚିତ୍ର ଦାସ ନିଜ ଟିମ୍ ସହ ସେଠାକୁ ଯାଇ ପଚରାଉଚରା କରିଥିଲେ। ମାନସ ଓ ଆଶିଷ ନକଲି ପୋଲିସ ବୋଲି ଜଣାପଡିବା ପରେ ଉଭୟଙ୍କୁ ଥାନାକୁ ଆଣିଥିଲେ। ଅଭିଯୁକ୍ତଦ୍ୱୟ ଗାଡ଼ି ଚେକିଂ ଓ ଚାକିରି ନିଯୁକ୍ତି ଦେବା ଆଳରେ ଠକେଇ କରିଥିବା ପୋଲିସ ସନ୍ଦେହ କରୁଛି। ଏନେଇ ଅଧିକ ଖୋଳତାଡ଼ ଚାଲିଥିବା ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ କହିଛନ୍ତି। ନକଲି ନୋଟ୍ କାରବାର ଲିଙ୍କ୍ ନେଇ ମଧ୍ୟ ପୋଲିସ ଅଧିକ ଛାନଭିନ୍ ଚଳାଇଛି। ମାନସଙ୍କ ନାଁରେ ରଣପୁର ଥାନାରେ ୨୦୨୨ରେ ଏକ ଠକେଇ ମାମଲା ଥିବାବେଳେ ଉଭୟଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବାକୁ ପୋଲିସ ଯୋଜନା କରୁଥିବା ଜଣାପଡ଼ିଛି।

# ପରିବାର ଲୋକଙ୍କୁ ବାନ୍ଧି ଲୁଟି ନେଲେ ୮ଲକ୍ଷ ଟଙ୍କା, ସୁନା ଅଳଙ୍କାର

**ସିମୁଳିଆ, ୨୪।୩(ସନ୍ତୋଷ ନାୟକ)**

ବାଲେଶ୍ୱର ଜିଲା ସିମୁଳିଆ ଥାନା ବାଟି ପଞ୍ଚାୟତ ବଣଗଡିଆ ଅଞ୍ଚଳର ଆନନ୍ଦ ଚନ୍ଦ୍ର ବେହେରା(୮୧)ଙ୍କ ଘରେ ରବିବାର ବିଳମ୍ବିତ ରାତିରେ ଏକ ବଡ଼ ଧରଣର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଘରେ ପଶି ପରିବାର ଲୋକଙ୍କୁ ବାନ୍ଧିବା ସହ ଆକ୍ରମଣ କରି ନଗଦ ୮ଲକ୍ଷ ୪୦ହଜାର ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟି ନେଇଛନ୍ତି। ଆନନ୍ଦଙ୍କ ପୁଅ ରତିକାନ୍ତ(୩୮)ଙ୍କୁ ଦୁର୍ବୃତ୍ତମାନେ ମାରଣାସ୍ତ୍ରରେ ପେଟ ଓ ହାତକୁ ଆଘାତ କରିଛନ୍ତି। ତାଙ୍କୁ ପ୍ରଥମେ ସିମୁଳିଆ ପରେ ଭଦ୍ରକ ଓ ସେଠାରୁ କଟକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଦୁର୍ବୃତ୍ତମାନେ ଆନନ୍ଦ ଚନ୍ଦ୍ରଙ୍କ ଘରର ଉପରମହଲା ନିର୍ମାଣରେ ନିୟୋଜିତ ଥିବା ମୁର୍ଶିଦାବାଦର କର୍ମଚାରୀ ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ମଧ୍ୟାହ୍ନରେ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏହି ଘଟଣାରେ ପୋଲିସ ୭ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ମିଳିଥିବା ସୂଚନାନୁସାରେ, ରାତିରେ ଦୁର୍ବୃତ୍ତମାନେ ଘରର ଉପରମହଲା ପାଇଁ ବନ୍ଧାଯାଇଥିବା ବାଉଁଶ ଭାରାରେ ଚଢ଼ି ଉପରକୁ ଯାଇଥିଲେ। ପରେ ସେଠାରେ ଲଗାଯାଇଥିବା ଗ୍ରୀଲକୁ ତାଡ଼ି ତଳମହଲାକୁ ପଶିଥିଲେ। ଘରର କବାଟ ବାଡ଼େଇ ସମସ୍ତଙ୍କୁ ଉଠାଇବା ସହିତ ଛୋଟ ପିଲାମାନଙ୍କ ସହିତ ଅନ୍ୟମାନଙ୍କ ହାତ ପଛକୁ କରି ବାନ୍ଧି ଦେଇଥିଲେ। ଆନନ୍ଦ ଚନ୍ଦ୍ରଙ୍କ ବେକ ଚିପି ଧରି ଅନ୍ୟମାନଙ୍କୁ ଟଙ୍କା ସୁନା ଥିବା ସ୍ଥାନ ପଚାରିଥିଲେ। ତାଙ୍କ ପୁଅ ଏହାକୁ ବିରୋଧ କରିବାରୁ ତାଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଥିଲେ।

# ଆମେରିକାରେ ଚାକିରି ନାଁରେ ୧୧ ଲକ୍ଷ ଠକିନେଲେ

**ବ୍ରହ୍ମପୁର,୨୪।୩(ସୁବାସ ଚନ୍ଦ୍ର ପାଢ଼ୀ)**

ଆମେରିକାର ଏକ କମ୍ପାନୀରେ ଚାକିରି ଦେବାକୁ କହି ସାଇବର ଠକ ଜଣେ ବ୍ୟକ୍ତିଙ୍କଠାରୁ ୧୧ ଲକ୍ଷ ଟଙ୍କା ଠକି ନେଇଛନ୍ତି। ବାହାର ରାଜ୍ୟର ୨ ଜଣ ଠକ ଆମେରିକାର ଭିଜା, ଫ୍ଲାଇଟ ଟିକେଟ ଓ ଟ୍ୟାକ୍ସ ନାମରେ ଏହି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ବ୍ରହ୍ମପୁର ସାଇବର ଥାନାରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

ବ୍ରହ୍ମପୁର ବଡ଼ବଜାର ଥାନା ରଘୁପତିନଗର ଅଞ୍ଚଳର ୪୪ ବର୍ଷୀୟ ଜଣେ ବ୍ୟକ୍ତିଙ୍କ ନିକଟକୁ କିଛିଦିନ ତଳେ ଏକ ମେସେଜ୍ ଆସିଥିଲା । ଆମେରିକାରେ ଉଚ୍ଚ ଦରମାରେ ଚାକିରି କରିବା ସୁଯୋଗ ଥିବା ସେଥିରେ ଉଲ୍ଲେଖ ରହିଥିଲା। ଏଥିପାଇଁ ମେସେଜ୍‌ରେ ଥିବା ମୋବାଇଲ ନଂ. ଓ ଲିଙ୍କ୍‌ରେ ଯୋଗାଯୋଗ କରିବାକୁ କୁହାଯାଇଥିଲା। ଆମେରିକାରେ ଚାକିରି କରିବା ଆଶାରେ ବ୍ୟକ୍ତି ଜଣଙ୍କ ଉକ୍ତ ନମ୍ବରରେ ଯୋଗାଯୋଗ କରିଥିଲେ । ଫୋନ୍ ରିସିଭ୍ କରିଥିବା ବ୍ୟକ୍ତି ନିଜକୁ କ୍ରିଷ୍ଣାପ୍ରସାଦ ଠାକୁର ବୋଲି ପରିଚୟ ଦେବା ସହ ସେ ଆମେରିକା କାଇନେଟିକ ଏନର୍ଜି କମ୍ପାନୀର ମାନବ ସମ୍ବଳ ବିଭାଗର ଅଧିକାରୀ ବୋଲି ଜଣାଇଥିଲେ। ଚାକିରି କରିବାକୁ ହେଲେ ଆମେରିକାର ଭିଜା କରିବାକୁ ପଡ଼ିବ । ଫ୍ଲାଇଟ ଟିକେଟ ଏବଂ ଅନ୍ୟାନ୍ୟ ଟିକସ ବାବଦକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବ ବୋଲି ସେ କହିଥିଲେ। ଏହାପରେ କମ୍ପାନୀର ଅନ୍ୟ ଜଣେ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ କହିଥିଲେ। ଚାକିରି ଆଶାୟୀ ଜଣଙ୍କ ସେହି ୨ ବ୍ୟକ୍ତିଙ୍କ ସହ ପ୍ରାୟ ୧୫ ଦିନ ଧରି ନିୟମିତ ଯୋଗାଯୋଗରେ ରହିଥିଲେ। ଚାକିରି ନିଶ୍ଚିତ ବୋଲି ସେମାନେ ପ୍ରତିଶ୍ରୁତି ଦେଇ ୧୫ ଦିନ ଭିତରେ ଯୁବକଙ୍କଠାରୁ ମୋଟ ୧୦ ଲକ୍ଷ ୯୭ ହଜାର ଟଙ୍କା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ନେଇଥିଲେ। ଏହାପରେ ଠକମାନେ ତାଙ୍କୁ ଅଧିକ ଟଙ୍କା ଜମା କରିବାକୁ କହିଥିଲେ, ଯାହାକୁ ନେଇ ତାଙ୍କର ସନ୍ଦେହ ଉପୁଜିଥିଲା। ବିଭିନ୍ନ ଆଡ୍ରୁ ଯାଞ୍ଚ କରିବା ପରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ ।



LIC
भारतीय जीवन बीमा निगम
LIFE INSURANCE CORPORATION OF INDIA
ଇନ୍‌ସୁରାନ୍ସ ପ୍ରୀମିଅମ୍ ପେମେଣ୍ଟ ସହଜ ଅନୁଭବ କରନ୍ତୁ ଏହି Bharat Connect ସକ୍ରିୟ ସହଯୋଗୀ ଆପ୍ ଏବଂ ୱେବସାଇଟ୍ ଉପରେ।
Airtel Payments Bank · amazon pay · Bajaj Pay · Bank of Baroda · BHIM · CRED · DBS · Google Pay · ICICI Bank · kotak · MobiKwik · navi UPI · Paytm · PhonePe

ଯାହା କିଛି ଘଟୁନା କାହିଁକି, ନିଶ୍ଚଳ ଓ ପ୍ରଶାନ୍ତ ରୁହ । ଏକ ବିଶୁଦ୍ଧ ଶାନ୍ତି ଏବଂ ଈଶ୍ୱରଙ୍କ କରୁଣା ଉପରେ ସଂପୂର୍ଣ୍ଣ ବିଶ୍ୱାସ ଓ ନିର୍ଭରଶୀଳତା ରଖ । ଯଦି ଏହା ରଖିପାର ତେବେ ନିଶ୍ଚିତ ଥାଅ ଯେ, ତୁମର କିଛି ଅନିଷ୍ଟ ଘଟିବ ନାହିଁ । -ଶ୍ରୀମା

-ପାପମୋଚନୀ ଏକାଦଶୀ, ତାରାତାରିଣୀ ଯାତ୍ରା, ହଳ ନିଷେଧ



# ଡିଜିଟାଲ ଠକେଇ

ଚଳିତ ବର୍ଷ ଓଡ଼ିଶାରେ ଘଟିଥିବା ଦୁଇଟି ଡିଜିଟାଲ ଠକେଇ ଅତ୍ୟନ୍ତ ଚିନ୍ତାଜନକ । ୨୦୨୫ ଫେବୃଆରୀରେ ସେକ୍ସଟର୍ସନର ଶିକାର ହୋଇ କଟକର ୩୫ ବର୍ଷୀୟା ଜଣେ ମହିଳା ଡାକ୍ତର ଆତ୍ମହତ୍ୟା କରିଥିଲେ । ଉଲ୍ଲେଖନୀୟ ଯେ, ଏହି ମହିଳା ବିବାହ ପରେ ଛାଡ଼ପତ୍ର ଦେଇ ରହୁଥିଲେ । କଟକର ସେକ୍ସଟର୍ସନ ବ୍ଲାକମେଲ ଘଟଣାରେ ଚିଜିଓକେ ଜନ ଓକୋୟେ ଓରଫ ରେମଣ୍ଡ ନାମକ ଜଣେ ନାଇଜେରୀୟ ଯୁବକ ସମ୍ପୃକ୍ତ ମୃତ ମହିଳା ଡାକ୍ତରଙ୍କ ଠାରୁ ଲକ୍ଷାଧିକ ଟଙ୍କା ଦାବି କରିଥିଲେ । କିନ୍ତୁ ମହିଳା ଜଣକ ତାହା ନ ଦେବାରୁ ଓକୋୟେ ଅନଲାଇନରେ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ କରିଦେଇଥିଲେ । ଏବେ କଟକ କମିଶନରେଟ ପୋଲିସ ଓକୋୟେଙ୍କୁ ଦିଲ୍ଲୀରୁ ଗିରଫ କରିଛି । ଏହା ବ୍ୟତୀତ ଚଳିତ ବର୍ଷ ଫେବୃଆରୀ ଶେଷ ସପ୍ତାହରେ ଅନଲାଇନ ଠକମାନେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କୁ ଡିଜିଟାଲ ଆରେଷ୍ଟ ଭୟ ଦେଖାଇ ତାଙ୍କଠାରୁ ୧୪ ଲକ୍ଷ ଟଙ୍କା ଲୁଟି ନେଇଥିବା ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ ହୋଇଥିଲା । ବିଶ୍ୱବିଦ୍ୟାଳୟରେ ଆର୍ଥିକ ଅନିୟମିତତା ହୋଇଥିବା ଦର୍ଶାଇ ଠକମାନେ ନିଜକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) କର୍ମଚାରୀ ଭାବେ କୁଳପତିଙ୍କ ମନରେ ଭୟ ସୃଷ୍ଟି କରି ଟଙ୍କା ଲୁଟିନେବାରେ ସକ୍ଷମ ହୋଇଥିଲେ । ଉପରୋକ୍ତ ଦୁଇଟି ଘଟଣା ସ୍ପଷ୍ଟ କରୁଛି ଯେ, ବ୍ଲାକମେଲର ଶିକାର ହୋଇଥିବା ବ୍ୟକ୍ତିମାନେ ଉଚ୍ଚ ଶିକ୍ଷିତ ଓ ଉଚ୍ଚ ବର୍ଗର । ତଥାପି ଏହିଭଳି ଶ୍ରେଣୀର ଲୋକ ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ବଞ୍ଚନ୍ତି ବୋଲି ବୁଝାପଡୁଛି । ଏହାବ୍ୟତୀତ ଯେତିକି ଠକେଇ ବା ବ୍ଲାକମେଲ ଘଟଣା ସାମ୍ନାକୁ ଆସୁଛି ତାହାଠାରୁ ଅଧିକ ଆଢୁଆଳରେ ରହିଯାଉଥାଇପାରେ ।

ଏହିସବୁ ଘଟଣା ପଛରେ ସରକାରୀ ନିୟମ ରହୁଛି । ବ୍ୟାଙ୍କଠାରୁ ଆରମ୍ଭ କରି ଅନ୍ୟସବୁ କ୍ଷେତ୍ରରେ ନାଗରିକଙ୍କୁ ସେମାନଙ୍କ ଆଧାର ଲିଙ୍କ୍ କରିବାକୁ ବାଧ୍ୟ କରାଯାଉଛି । ସବୁ କ୍ଷେତ୍ରରେ ବାରମ୍ବାର କେୱାଇସି ମଗାଯାଉଛି, ଯାହାଫଳରେ ସମସ୍ତଙ୍କର ଆର୍ଥିକ ପରିସ୍ଥିତି ରେମଣ୍ଡଙ୍କ ଭଳି ଚତୁର ଲୋକଙ୍କୁ ସହଜରେ ମିଳିପାରୁଛି । ଏଥିସହିତ ନିଜର ବ୍ୟକ୍ତିଗତ ଦୈନନ୍ଦିନ ଜୀବନର ଫଟୋକୁ ଅନେକ ଲୋକ ଫେସ୍‌ବୁକ୍ ଭଳି ସାମାଜିକ ଗଣମାଧ୍ୟମ (ସୋସିଆଲ ମିଡିଆ)ରେ ଅପ୍‌ଲୋଡ ବା ପକାଇ ଦେଉଥିବାରୁ ଏହିଭଳି ଚୋର ସହଜରେ ସେମାନଙ୍କର ଅନ୍ତରଙ୍ଗ ତଥ୍ୟ ପାଇପାରୁଛନ୍ତି । ଉଲ୍ଲେଖନୀୟ ଯେ, ଭାରତରେ ୨୦୧୫ ଜୁଲାଇ ୮ରେ ଲାଗୁ କରାଯାଇଥିବା ଡିଜିଟାଲ ଇଣ୍ଡିଆ ଯୋଜନାକୁ ୯ ବର୍ଷ ପୂରି ଯାଇଥିଲେ ମଧ୍ୟ ଏଠାରେ ଡେଟା ସିକ୍ୟୁରିଟି ବା ତଥ୍ୟ ସୁରକ୍ଷା ସମ୍ବନ୍ଧୀୟ ଆଇନକୁ ଏପର୍ଯ୍ୟନ୍ତ ବିଧିବଦ୍ଧ ଭାବେ ଲାଗୁ କରାଯାଉନାହିଁ । ଏହାବ୍ୟତୀତ ବାରମ୍ବାର କେୱାଇସି ମଗାଯିବା ସହିତ ଆଧାରକୁ ବିଭିନ୍ନ କାର୍ଯ୍ୟରେ ସଂଯୋଗ କରାଯାଉଥିବାରୁ ବ୍ୟକ୍ତିବିଶେଷର ସବୁ ତଥ୍ୟ ଯେକୌଣସି ସ୍ଥାନରୁ ଖୋଲାରେ ପ୍ରକାଶ ପାଇଯିବାର ସମ୍ଭାବନା ରହୁଛି ।

> **ଡାକ୍ତରାଣୀଙ୍କ ଆତ୍ମହତ୍ୟା ପ୍ରମାଣ କରୁଛି ଯେ ତାଙ୍କ ପାଇଁ ଶାରୀରିକ ବିପଦ ପରିବର୍ତ୍ତେ ମାନହାନିର ବିପଦ ଅଧିକ ଗୁରୁତ୍ୱ ଧାରଣ କଲା । ସେଥିପାଇଁ ଆତ୍ମହତ୍ୟା ଭଳି ଶେଷ ପଦକ୍ଷେପ ନେଇଗଲେ । ଏହିଭଳି ଘଟଣାରୁ ସମସ୍ତେ ଏକ ବଡ଼ ଶିକ୍ଷା ନେବା କଥା ।**

ଅନ୍ୟପଟେ କଟକର ଡାକ୍ତରାଣୀଙ୍କ ଆତ୍ମହତ୍ୟାକୁ ଏକ ଡିଜିଟାଲ ସ୍କାମ ବୋଲି କହିହେବ ନାହିଁ । ସେହି ମହିଳାଙ୍କ ଏକାକୀ ଜୀବନଯାପନ ହେତୁ ହୁଏତ ରେମଣ୍ଡଙ୍କ ଭଳି ବ୍ୟକ୍ତି ସୁଯୋଗ ପାଇ ବନ୍ଧୁତ୍ୱ ସ୍ଥାପନ କରିଥାଇପାରନ୍ତି । ସେହି ବନ୍ଧୁତ୍ୱର ଲାଭ ଉଠାଇ ନିକଟତର ହେବା ସହିତ ଡାକ୍ତରାଣୀଙ୍କର ଆର୍ଥିକ ପରିସ୍ଥିତିକୁ ବୁଝି ସେ ବ୍ଲାକ୍‌ମେଲ କରିବାକୁ ଆରମ୍ଭ କରିଦେଇଥିଲେ । ଏହା କୁହାଯାଇପାରେ ଯେ ଡିଜିଟାଲ ସ୍କାମ ଭଳି ଏହି ଘଟଣା ଗୋଟିଏ ପାସ୍‌ୱାର୍ଡରୁ ଜଣାପଡ଼ିଯିବାରୁ ଉପୁଜିଥିବା ଭଳି ମନେହୁଏ ନାହିଁ । ସେଥିପାଇଁ ଏହି ଡିଜିଟାଲ ଯୁଗରେ ବିପଦର ଆକାର ଏବଂ ରଙ୍ଗ ଜାଣିବା ଅତ୍ୟନ୍ତ କଷ୍ଟକର । ଡାକ୍ତରାଣୀଙ୍କ ଆତ୍ମହତ୍ୟା ପ୍ରମାଣ କରୁଛି ଯେ ତାଙ୍କ ପାଇଁ ଶାରୀରିକ ବିପଦ ପରିବର୍ତ୍ତେ ମାନହାନିର ବିପଦ ଅଧିକ ଗୁରୁତ୍ୱ ଧାରଣ କଲା । ସେଥିପାଇଁ ଆତ୍ମହତ୍ୟା ଭଳି ଶେଷ ପଦକ୍ଷେପ ନେଇଗଲେ । ଏହିଭଳି ଘଟଣାରୁ ସମସ୍ତେ ଏକ ବଡ଼ ଶିକ୍ଷା ନେବା କଥା । ଯେଉଁମାନେ ହ୍ୱାଟ୍‌ସଆପ୍, ଫେସ୍‌ବୁକ୍ ଓ ଇନ୍‌ଷ୍ଟା ଭଳି ସାମାଜିକ ଗଣମାଧ୍ୟମରେ ନିଜେ ସୁରକ୍ଷିତ ଅଛନ୍ତି ବୋଲି ଭାବି ବିଭିନ୍ନ ପ୍ରକାର ଫଟୋ ଯେଉଁଥିରେ ନିଜ ଘରର ଆର୍ଥିକ ପରିସ୍ଥିତି ବୁଝିହେବ, ପରିବାରବର୍ଗଙ୍କ ମୁହଁର ଛବି ଏବଂ ନିଜ ଚଳଣି, ରୋଜଗାର ସମେତ ଶିକ୍ଷାଗତ ଯୋଗ୍ୟତା ଭଳି ତଥ୍ୟ କୁଣ୍ଠାବୋଧ ନ କରି ଅନାୟାସରେ ଅପ୍‌ଲୋଡ କରିଦେଉଛନ୍ତି, ତେବେ ସେମାନେ ପରବର୍ତ୍ତୀ ସମୟରେ ବହୁତ ବଡ଼ ସମସ୍ୟାର ସମ୍ମୁଖୀନ ହେବାର ସବୁ ସମ୍ଭାବନା ଓ ସୁଯୋଗ ସୃଷ୍ଟି କରୁଛନ୍ତି ।



# ସମାବର୍ତ୍ତନ ଉତ୍ସବ- ସେଦିନ ଓ ଆଜି

ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଛାତ୍ରୀଛାତ୍ରମାନଙ୍କ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ସମାପ୍ତି ପରେ ସ୍ୱଗୃହ ପ୍ରତ୍ୟାବର୍ତ୍ତନକୁ ସମାବର୍ତ୍ତନ କୁହାଯାଏ । ଏହି ଉପଲକ୍ଷେ ଯେଉଁ ଉତ୍ସବ ଆୟୋଜିତ ହୁଏ ତାହା ସମାବର୍ତ୍ତନ ଉତ୍ସବ । ଏହା ସାଧାରଣତଃ ଗ୍ରାଜୁଏଟ୍, ପୋଷ୍ଟ ଗ୍ରାଜୁଏଟ୍ ଡକ୍ଟରେଟ୍ ଡିଗ୍ରୀଧାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଥାଏ । ଏହାପରେ ଛାତ୍ରୀଛାତ୍ରମାନେ ନିଜ ଦକ୍ଷତା ଓ ରୁଚି ଅନୁଯାୟୀ ବିଭିନ୍ନ ବୃତ୍ତିରେ ନିୟୋଜିତ ହୋଇ ଧନ ଉପାର୍ଜନ କରନ୍ତି, ବିବାହ କରି ଗୃହସ୍ଥ ହୁଅନ୍ତି ଓ ପରିବାର ପ୍ରତିପାଳନ କରନ୍ତି । ଆଜିକାଲି ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରାୟତଃ ଅର୍ଥକରୀ ଶିକ୍ଷା ଦିଆଯାଉଛି । ଯେଉଁ ଶିକ୍ଷା ପ୍ରାପ୍ତହେଲେ ଉଚ୍ଚ ଚାକିରି ମିଳେ ବା ବିପୁଳ ଅର୍ଥ ଉପାର୍ଜନ କରିହୁଏ, ସେହି ଶିକ୍ଷାର ଚାହିଦା ବେଶି । ଏହିଭଳି ଶିକ୍ଷାପ୍ରାପ୍ତ ଛାତ୍ରୀଛାତ୍ର ପରବର୍ତ୍ତୀ ସମୟରେ ନିଜର ଶାଣିତ ବୁଦ୍ଧି ପ୍ରୟୋଗ କରି ଅସଦ୍ ଉପାୟରେ ପ୍ରଭୂତ ଅର୍ଥ ରୋଜଗାର କରୁଛନ୍ତି ଓ ଦୁର୍ନୀତିଗ୍ରସ୍ତ ହେଉଛନ୍ତି । ଏହାର କାରଣ ହେଉଛି ସାମ୍ପ୍ରତିକ ଶିକ୍ଷାରେ ଥିବା ନୈତିକ ମୂଲ୍ୟବୋଧର ଅଭାବ । ସାଧୁତା, ନୈତିକତା, ସେବା, ଦେଶପ୍ରେମ, ପରୋପକାର, ସମ୍ବେଦନଶୀଳତା ଭଳି ମାନବୀୟ ମୂଲ୍ୟବୋଧ ସମ୍ପର୍କରେ କୌଣସି ଶିକ୍ଷା ସ୍କୁଲ କଲେଜରେ ଦିଆଯାଉନାହିଁ । କର୍ତ୍ତବ୍ୟ-ଅକର୍ତ୍ତବ୍ୟ, ପାପ-ପୁଣ୍ୟ, ନୈତିକତା-ଅନୈତିକତା, ଭଲ-ମନ୍ଦ ଏସବୁ ଧାରଣା ପାଠ୍ୟପୁସ୍ତକରେ ଦିଆଯାଉନାହିଁ । ଛାତ୍ରୀଛାତ୍ର ଗଣିତ, ବିଜ୍ଞାନ, ଭୂଗୋଳ, ଇତିହାସ ଆଦି ବିଷୟରେ କିଛି ଖବର ବା ସୂତ୍ର ନ ବୁଝି କେବଳ ମୁଖସ୍ଥ ପୂର୍ବକ ପରୀକ୍ଷାରେ ବମନ କରି ଉଚ୍ଚନମ୍ବର ପାଉଛନ୍ତି ଏବଂ ନିଜକୁ ମେଧାବୀ ଭାବେ ପରିଚୟ ଦେଇ ଉଚ୍ଚଚାକିରି ପାଉଛନ୍ତି ଓ ଅର୍ଥ ରୋଜଗାର କରୁଛନ୍ତି । ସେମାନେ ଭୁଲିଯାଉଛନ୍ତି ଯେ ସେମାନଙ୍କ ପରିବାର, ସମାଜ ଓ ରାଷ୍ଟ୍ର ପ୍ରତି ମଧ୍ୟ କର୍ତ୍ତବ୍ୟ ଅଛି । ସେମାନେ ପାଲଟିଯାଉଛନ୍ତି ଅର୍ଥଉପାର୍ଜନକାରୀ ଯନ୍ତ୍ର । ସେମାନଙ୍କ ପାଖରେ ଦେଖିବାକୁ ମିଳୁନାହିଁ ସେବା, ତ୍ୟାଗ, ସାଧୁତା, ସମ୍ବେଦନଶୀଳତା ଭଳି ମାନବୀୟ ମୂଲ୍ୟବୋଧ ।

ଆଜି ଆମେ ଗ୍ରାଜୁଏଟ୍‌ମାନଙ୍କୁ ଓଡ଼ିଆରେ ସ୍ନାତକ କହୁଛୁ । ପ୍ରାଚୀନକାଳରେ ଗୁରୁଗୃହରେ ବ୍ରହ୍ମଚର୍ଯ୍ୟ ପାଳନକରି ବିଦ୍ୟାଗ୍ରହଣ ସମାପ୍ତ କଲାପରେ ବ୍ରହ୍ମଚାରୀ ସ୍ନାନ କରୁଥିଲେ ବୋଲି ତାଙ୍କୁ ସ୍ନାତକ କୁହାଯାଉଥିଲା । ତା'ପରେ ଗୁରୁ ଗୃହସ୍ଥାଶ୍ରମରେ ପ୍ରବେଶ କଲାପରେ ଶିଷ୍ୟ କିପରି ଆଚରଣ କରିବେ ସେ ସମ୍ପର୍କରେ ଯାହା କହୁଥିଲେ ତାକୁ ଦୀକ୍ଷାନ୍ତ ଭାଷଣ କୁହାଯାଉଥିଲା । ତାକୁ କୁହାଯାଉଥିଲା ସମାବର୍ତ୍ତନ କ୍ରିୟା । ଏବେ ସ୍ନାନ ନୀତି ନ ଥାଇ ମଧ୍ୟ ଗ୍ରାଜୁଏଟ୍‌ମାନଙ୍କୁ ସ୍ନାତକ କୁହାଯାଉଛି । ଏହା ଏକ ଅପ୍ରାସଙ୍ଗିକ ଶବ୍ଦ ପାଲଟିଯାଇଛି । ଦ୍ୱିତୀୟତଃ ସେତେବେଳେ ସମାବର୍ତ୍ତନ ସମୟରେ ଗୁରୁ ଶିଷ୍ୟକୁ ଆଗାମୀ ଜୀବନକୁ ସୁବ୍ୟବସ୍ଥିତ କରିବା ପାଇଁ ଯେଉଁସବୁ ଉପଦେଶ ଦେଉଥିଲେ ତାହା ମଧ୍ୟ ଆଜି ଲୁପ୍ତ । ଆଜି ସମାବର୍ତ୍ତନ ତା'ର ଗୁରୁତ୍ୱ ହରାଇଛି ଓ ଉତ୍ସବ ସର୍ବସ୍ୱ ହୋଇଛି । ପ୍ରାଚୀନକାଳରେ ଶିଷ୍ୟ ସମାବର୍ତ୍ତନ ସମୟରେ ଗୁରୁ ଯାହାସବୁ ଉପଦେଶ ଦେଉଥିଲେ ତା'ର ବର୍ଣ୍ଣନା ରହିଛି ତୈତ୍ତିରୀୟ ଉପନିଷଦ୍‌ରେ । ଗୁରୁ କହୁଥିଲେ, "ସତ୍ୟଂ ବଦ । ଧର୍ମଂ ଆଚର । ସ୍ୱାଧ୍ୟାୟାନ୍ମା ପ୍ରମଦଃ । ଆଚାର୍ଯ୍ୟାୟ ପ୍ରିୟଂ ଧନମାହୃତ୍ୟ ପ୍ରଜାତନ୍ତୁଂ ମା ବ୍ୟବଚ୍ଛେତ୍ସୀଃ । ସତ୍ୟାନ୍ନ ପ୍ରମଦିତବ୍ୟମ୍ । ଧର୍ମାନ୍ନ ପ୍ରମଦିତବ୍ୟମ୍ ।" ଇତ୍ୟାଦି । ଅର୍ଥାତ୍ ସତ୍ୟ କୁହ, ଧର୍ମ ଆଚରଣ କର, ବେଦାଧ୍ୟୟନରୁ ବିଚ୍ୟୁତ ହୁଅନାହିଁ । ଗୁରୁଙ୍କୁ ଅଭିଳଷିତ ଦକ୍ଷିଣା ଦେଇ ବଂଶର ଧାରା ରକ୍ଷାକର । ସତ୍ୟରୁ କଦାପି ବିଚ୍ୟୁତ ହୁଅନାହିଁ । ଧର୍ମରୁ କଦାପି ବିଚ୍ୟୁତ ହୁଅନାହିଁ । ସମାବର୍ତ୍ତନ ପରେ ଆହୃତ ବିଦ୍ୟାକୁ ଜୀବନରେ ପ୍ରୟୋଗ କରିବାକୁ ଏଠାରେ ଉପଦେଶ ଦିଆଯାଇଛି । ଆବଶ୍ୟକ ସ୍ଥଳେ ଆହୁରି ଅଧ୍ୟୟନ କରିବା ପାଇଁ ପରାମର୍ଶ ଦିଆଯାଇଛି । ଦ୍ୱାଦଶ ବର୍ଷ ଅଧ୍ୟୟନ କଲାପରେ ମଧ୍ୟ ଗୁରୁଙ୍କ ଦୀକ୍ଷାନ୍ତ ଉପଦେଶ ପରେ ଶ୍ୱେତକେତୁ ସ୍ୱଗୃହ ପ୍ରତ୍ୟାବର୍ତ୍ତନ କଲେ । ପିତା ଆରୁଣି ପଚାରିଲେ, "ଯେଉଁ ଜ୍ଞାନର ଉଦୟ ହେଲେ ଅଶ୍ରୁତ ଶ୍ରୁତ, ଅଚିନ୍ତ୍ୟ ଚିନ୍ତ୍ୟ ଓ ଅବିଜ୍ଞାତ ଜ୍ଞାତ ହୁଏ, ତାହା ପ୍ରାପ୍ତ କରିଛ କି?" ଶ୍ୱେତକେତୁ ଏହା ପ୍ରାପ୍ତ ହୋଇନାହିଁ କହନ୍ତେ ପିତା ସେ ସମ୍ପର୍କରେ ତାଙ୍କୁ ପୁଣି ଶିକ୍ଷାଦେଲେ । ଶିକ୍ଷା ଥିଲା ଏକ ନିରନ୍ତର ପ୍ରକ୍ରିୟା ।



ଏହା ବ୍ୟତୀତ ସମାବର୍ତ୍ତନ ଉତ୍ସବରେ ଆହୁରି ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଅବଗତ କରାଯାଉଥିଲା । ଗୁରୁ କହୁଥିଲେ (୧) ଯାହା ଦୋଷହୀନ କେବଳ ସେହି କର୍ମ କରିବ । ଅନ୍ୟ କର୍ମ କରିବ ନାହିଁ । (ଯାନ୍ୟନବଦ୍ୟାନି କର୍ମାଣି ତାନି ସେବିତବ୍ୟାନି, ନ ଇତରାଣି ।) (୨) ଆମ ଆଚରିତ ଗୁଣମାନଙ୍କ ଭିତରୁ ଯାହା ଯଥାର୍ଥ ଓ ନ୍ୟାୟସଙ୍ଗତ, ତାହା ହିଁ ଅନୁସରଣ କରିବ, ଅନ୍ୟ ଇତର ଗୁଣ ନୁହେଁ (ୟାନ୍ୟସ୍ମାକଂସୁଚରିତାନି, ତାନି ତ୍ୱୟୋପାସ୍ୟାନି, ନ ଇତରାଣି) । (୩) ବିଶିଷ୍ଟ ବିଦ୍ୱାନ୍‌ମାନେ ଆଲୋଚନା କରୁଥିବାବେଳେ ପଦେ କଥା ବି କହିବ ନାହିଁ । ସେମାନଙ୍କୁ ଆସନ ଅର୍ପଣକରି ସମ୍ମାନ ଜଣାଇବ (ୟେ କେ ଚାସ୍ମତ୍‌ଶ୍ରେୟାଂସଃ ବ୍ରାହ୍ମଣଃ, ତେଷାଂ ତ୍ୱୟାସନେନ ପ୍ରଶ୍ୱସିତବ୍ୟମ୍) । ପ୍ରାଚୀନକାଳରେ ସମାବର୍ତ୍ତନ ଉତ୍ସବ ସମୟରେ ଯେଉଁ ନୈତିକମୂଲ୍ୟବୋଧ ସମ୍ପର୍କରେ ଗୁରୁ ଶିଷ୍ୟକୁ ସଚେତନ କରୁଥିଲେ ଆଜି ତା'ର ସ୍ଥାନ ନାହିଁ । ଅପରପକ୍ଷରେ ଆଜିର ଶିକ୍ଷା ଚାକିରି ସର୍ବସ୍ୱ ହୋଇଥିବାରୁ ସମାବର୍ତ୍ତନ ପରେ ଯେଉଁ ଉପଦେଶ ଦିଆଯାଉଛି ତା'ର ନାମ ହେଲା କ୍ୟାରିୟର କାଉନ୍‌ସେଲିଂ ଅର୍ଥାତ୍ ବୃତ୍ତି ନିରୂପଣ ସମ୍ପର୍କିତ ପରାମର୍ଶ । କେଉଁ ବୃତ୍ତିକୁ ଗ୍ରହଣ କଲେ କେତେ ଟଙ୍କା ରୋଜଗାର କରିହେବ ସେହି ବୃତ୍ତିରେ ପ୍ରବେଶ କରିବାପାଇଁ କ'ଣ କରିବାକୁ ହେବ ସେ ସମ୍ପର୍କରେ ପରାମର୍ଶ ଦେବାପାଇଁ ବ୍ୟବସ୍ଥା କରାହେଉଛି । ଅତୀତରେ ଶିକ୍ଷା ଚାକିରି ପାଇଁ ଉଦ୍ଦିଷ୍ଟ ନ ଥିଲା । ପ୍ରତ୍ୟେକ ନିଜ ସ୍ୱଭାବ ଓ ଗୁଣକୁ ଭିତ୍ତିକରି ବୃତ୍ତିକୁ ଗ୍ରହଣ କରୁଥିଲେ । ଏଣୁ ଯିଏ ଯେଉଁ ବୃତ୍ତିକୁ ଗ୍ରହଣ କରୁ ସେ କିପରି ସେହି ବୃତ୍ତିକୁ ସାଧୁତା, ସଚ୍ଚୋଟତା ଓ ଯଥାର୍ଥତା ସହ ସମ୍ପାଦନ କରିବ ତାହା ଥିଲା ଗୁରୁତ୍ୱପୂର୍ଣ୍ଣ ।

ସାମ୍ପ୍ରତିକ ସମୟରେ ଅନୁଷ୍ଠିତ ହେଉଥିବା ସମାବର୍ତ୍ତନ ଉତ୍ସବରେ ଆଉ ଏକ ବିଡ଼ମ୍ବନା ହେଲା, ଗାଉନ୍ ପରିଧାନ । ଏହି ଗାଉନ୍ ପରିଧାନ ପରମ୍ପରା ଗ୍ରୀକ୍ ଦାର୍ଶନିକ ପ୍ଲାଟୋଙ୍କ ଶିକ୍ଷାନୁଷ୍ଠାନ 'ଏକାଡେମୀ'ରୁ ଆହୃତ ହୋଇଛି । ଏହାଥିଲା ୟୁରୋପର ଜ୍ଞାନ ଗବେଷଣାର ମୁଖ୍ୟପୀଠ । ସେହି ଏକାଡେମୀ ଛାତ୍ରମାନଙ୍କର ପରିଧାନ ଥିଲା ଟୋପି ଓ ଗାଉନ୍ । ପରବର୍ତ୍ତୀକାଳରେ ଇଂଲଣ୍ଡର ଅକ୍ସଫୋର୍ଡ ଓ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ଏହି ପରମ୍ପରାକୁ ଅନୁସରଣ କରିଥିଲେ । ଭାରତ ଇଂରେଜ ଶାସନାଧୀନ ହେବାପରେ ସେମାନେ ଭାରତରେ ଏହି ପରମ୍ପରାକୁ ପ୍ରଚଳନ କରାଇଥିଲେ । ବିଡ଼ମ୍ବନାର ବିଷୟ ଯେ ଭାରତ ସ୍ୱାଧୀନତା ପାଇବାର ୭୫ ବର୍ଷ ଅତିକ୍ରାନ୍ତ ହେଲାଣି, ମାତ୍ର ଉପନିବେଶବାଦୀ ପରମ୍ପରାରୁ ମୁକ୍ତ ହୋଇନାହିଁ । ଆମେ କନ୍‌ଭୋକେଶନ ଓ ଗ୍ରାଜୁଏଟ୍ ଶବ୍ଦକୁ ଯଥାକ୍ରମେ ସମାବର୍ତ୍ତନ ଓ ସ୍ନାତକ କହି ଆତ୍ମତୃପ୍ତି ଲାଭକରୁଛୁ । ଏହା ଆତ୍ମତୃପ୍ତି ତ ନୁହେଁ, ଏହା ଆତ୍ମ ପ୍ରତାରଣା । କେବଳ ଶାନ୍ତିନିକେତନର ସମାବର୍ତ୍ତନ ଉତ୍ସବ ଭାରତୀୟ ପରମ୍ପରାକୁ ଅନୁସରଣ କରୁଛି । ସେଠାରେ ଛାତ୍ରମାନେ ଧୋତି ପଞ୍ଜାବି ସହ ହଳଦିଆ ଚାଦର ପକାଇ ଓ ଛାତ୍ରୀମାନେ ନାଲି ଧଡି ପଡିଥିବା ଧଳା ଶାଢ଼ି ସହ ହରିଦ୍ରାବର୍ଣ୍ଣର ସ୍କାର୍ଫ କାନ୍ଧରେ ପକାଇ ଉପାଧି ଗ୍ରହଣ କରନ୍ତି । ଭାରତର ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ଭାରତୀୟ ପରମ୍ପରାକୁ ଅନୁସରଣ କରିବା ଗର୍ବ ଓ ଗୌରବର ବିଷୟ ହେବ । ଆଜିପର୍ଯ୍ୟନ୍ତ ସେହି ଭାବନା ସୃଷ୍ଟି ନ ହେବା ପରିତାପର ବିଷୟ ।

ପ୍ରାକ୍ତନ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼
ମୋ: ୭୦୦୮୩୬୯୯୨୦



# ଧନୀ କିଏ ନା ଦରିଦ୍ର କିଏ

ଡ.ବାସୁଦେବ ମିଶ୍ର

ବିଶ୍ୱର ସର୍ବଶ୍ରେଷ୍ଠ ଧନୀମାନଙ୍କର ତାଲିକା ସମୟ ସମୟରେ ଗଣମାଧ୍ୟମରେ ପ୍ରକାଶିତ ହେବା ଆମ ଆଖିରେ ପଡେ । ସେହିପରି ସବୁଠାରୁ ଧନୀ ଦେଶ ହିସାବରେ କୌଣସି ଭୂଖଣ୍ଡ ଆମ ଆଲୋଚନାର ପରିସରଭୁକ୍ତ ହୋଇଯାଏ । ଗାଆଁରେ କୌଣସି ସ୍ଥାନରେ ଦୁଇ ଚାରିଜଣ ଏକାଠି ହେଲେ ସେମାନଙ୍କ ଭିତରେ ବିଭିନ୍ନ ଆଲୋଚନା ଜମିଉଠେ । ସେଇ ଭିତରେ ସେଇ ଗାଆଁର ଅଥବା ଆଖପାଖ ଅଞ୍ଚଳର ସବୁଠାରୁ ଧନୀ ଲୋକଟି କିଏ, ସେ ସମ୍ପର୍କରେ ମଧ୍ୟ କିଛି ଆକଳନ କରାଯାଏ । ମୋଟାମୋଟି ଧନକୁ ନେଇ ଆମେ ଅନେକ ସମୟରେ ଅଙ୍କ କଷିବସୁ । ଧନ ପ୍ରତି ଆମ ମନରେ ଥିବା ଆକର୍ଷଣ, ଆକାଂକ୍ଷା, ଉଦ୍‌ବେଗ ଓ ମୋହ ବୋଧହୁଏ ଆମକୁ ଏପରି କରିବାପାଇଁ ବାଧ୍ୟ କରିଦିଏ ।

ଧନୀ ହେବାର ଅର୍ଥ କ'ଣ? ବହୁତଗୁଡିଏ ଧନ ସଂଗ୍ରହକରି ପାଖରେ ଗଚ୍ଛିତକରି ରଖିବା ଅଥବା ନିଜ ନାମରେ ବ୍ୟାଙ୍କରେ ଜମା କରିବା? ଧନ କହିଲେ ଆମେ ସାଧାରଣତଃ ଟଙ୍କା ପଇସା, ସୁନାରୁପା, ଜମିଜମା, କୋଠାବାଡି ଏ ସବୁକୁ ହିଁ ବୁଝିଥାଉ । ଆଉ ଆମ ଜାଣତରେ ଏସବୁ ଯାହାପାଖରେ ପ୍ରଚୁର ପରିମାଣରେ ରହିଛି, ତାକୁ ଆମେ ବହୁତ ସମ୍ମାନ ଜଣାଉ । ସତକଥା କହିବାକୁ ଗଲେ ଧନ ପ୍ରତି ମନୁଷ୍ୟମାନଙ୍କ ମନରେ ଦୁର୍ବଳତା ଏତେ ବେଶି ଯେ ଧନର ପ୍ରଭାବରେ କୁରୂପ ସୁରୂପରେ, ଖଳ ସଜ୍ଜନରେ ଏବଂ ଦୁଶ୍ଚରିତ୍ର ସଚ୍ଚରିତ୍ରରେ ପରିଣତ ହୋଇଯାଏ । ଭର୍ତ୍ତୃହରିଙ୍କ ମତରେ- "ଯସ୍ୟାସ୍ତି ବିତ୍ତଂ ସ ଜନଃ କୁଳୀନଃ ସ ପଣ୍ଡିତଃ ସଃ ରୂପବାନ ଗୁଣଜ୍ଞଃ । ସ ଏବ ବକ୍ତା ଓ ଚ ଦର୍ଶନୀୟଃ ସର୍ବେ ଗୁଣାଃ କାଞ୍ଚନମାଶ୍ରୟନ୍ତି ।" ବ୍ୟକ୍ତିର ଚରିତ୍ର ପଥରେ ଯେତେ ଖାଲଖମା ଥାଉ ନା କାହିଁକି, ଧନରୂପୀ ଢେଲାପଥର ପଡି ସେସବୁ ପୋତିହୋଇ ଅନାୟାସରେ ସମତୁଲ ହୋଇଯାଏ । ସାଧାରଣ ଲୋକଟି କିଛି ଦୋଷ କଲେ ତା' ପାଇଁ ଦଣ୍ଡ ଥାଏ ସିନା, ଧନୀ ଏବଂ ସମ୍ଭ୍ରାନ୍ତ ପାଇଁ ସାତଖୁଣ ମାଫ୍ ହୋଇଯାଏ ।

ଧନୀଲୋକମାନଙ୍କୁ ଅଧିକ ଧନ ଆହରଣ କରିବାର ବିଭିନ୍ନ କୌଶଳ ସେମାନଙ୍କୁ ଜଣାଥାଏ । ଧନ ସଂଗ୍ରହ କରିବା ସମୟରେ ସେମାନେ ନୀତି ଅନୀତି ବିଚାର କରି ନ ଥାନ୍ତି । ନୀତି ଓ ବିଚାର ସହିତ ସଦୁପାୟରେ ଜଣେ ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଧନ ସଞ୍ଚୟ କରିପାରେ । ସତ୍ ପ୍ରବୃତ୍ତିସମ୍ପନ୍ନ ଲୋକମାନଙ୍କ ଉପରେ ମା' ଲକ୍ଷ୍ମୀ ସଦାପ୍ରସନ୍ନ ହୋଇ ରହନ୍ତି । ପରିଶ୍ରମୀ ଲୋକମାନେ ମଧ୍ୟ ସେମାନଙ୍କର ଆବଶ୍ୟକତା ମୁତାବକ ଧନ ସଞ୍ଚୟ କରିପାରନ୍ତି । ଲୋଭୀ ଲୋକଟିଏ ତା'ର ଖାଦ୍ୟପେୟ, ବସ୍ତ୍ର, ବାସଗୃହର ଖର୍ଚ୍ଚକାଟ କରି ଧନୀ ହୋଇପାରେ । କିନ୍ତୁ କୌଶଳୀ ଲୋକମାନଙ୍କ ତୁଳନାରେ ଏମାନେ କିଛି ନୁହନ୍ତି । ବାସ୍ତବରେ ଧନ ସଂଗ୍ରହରେ ବିଭିନ୍ନ କୌଶଳ ଜଣାଥିବା ଲୋକେ ପରଧନକୁ ନିଜର ଧନ ବୋଲି ମାନି ନେଇଥାନ୍ତି । କାହାକୁ ମିଛ କହି, ଠକି, କାହାକୁ ଭଣ୍ଡି ଅଥବା କାହାକୁ ତେଲ ମାଲିସକରି ସେମାନଙ୍କ ଧନକୁ ଆତ୍ମସାତ୍ କରିବାର କାଇଦା ପ୍ରୟୋଗ କରିଥାନ୍ତି ସେମାନେ । ବ୍ୟାସକବି ଫକୀରମୋହନ ତାଙ୍କର 'ଛ ମାଣ ଆଠଗୁଣ୍ଠ' ଉପନ୍ୟାସରେ ଅନ୍ୟର ଧନକୁ ଆତ୍ମସାତ୍ କରିବାର ସୁନ୍ଦର ଚିତ୍ର ପ୍ରଦାନ କରିଛନ୍ତି । ଅଶିକ୍ଷା ଓ ଅନ୍ଧବିଶ୍ୱାସ ଆଦି ଛାଇ ରହିଥିବା ସେ ସମୟର ସମାଜରେ ରାମଚନ୍ଦ୍ର ମଙ୍ଗରାଜଙ୍କ ପରି ଲୋକମାନେ କେତେ ପ୍ରକାରରେ ଜାଲ ପକାଇ କେତେ ଭଗିଆ ସାରିଆମାନଙ୍କୁ ଲୁଟି ଚାଲିଥିଲେ । ଭଗିଆ ଓ ସାରିଆଙ୍କର ଛମାଣ ଆଠଗୁଣ୍ଠ ଜମି ସାଙ୍ଗକୁ ନେତ ନାମକ ଗାଈକୁ ନିଜର କରିବା ପାଇଁ ରାମଚନ୍ଦ୍ର କ'ଣ କ'ଣ ନ କରିଛନ୍ତି । ଅନ୍ୟାୟ ଉପାୟରେ ଅନ୍ୟର ଧନକୁ ଆତ୍ମସାତ୍ କରିବାର ଯାଠାରୁ ଅଧିକ ନିଚ୍ଛକ ଉଦାହରଣ ଆଉ କ'ଣ ହୋଇପାରେ?



ଆମେ କେବଳ ଟଙ୍କା ପଇସା, ସୁନାରୁପା, ଜମିଜମା, ଘରଦ୍ୱାରକୁ ଧନ ବୋଲି ମାନୁ ସିନା, ଧନ-ସମ୍ପତ୍ତିର ଆହୁରି ଅନେକ ରୂପ ଅଛି । ଯେମିତି ଶାରୀରିକ ସୌନ୍ଦର୍ଯ୍ୟ ଏବଂ ସୌଷ୍ଠବ ମଧ୍ୟ ଧନ । ମାନସିକ ସୁସ୍ଥତା, ସୌନ୍ଦର୍ଯ୍ୟ ଓ ସୌଷ୍ଠବ ମଧ୍ୟ ଗୋଟିଏ ସମ୍ପତ୍ତି । ଚରିତ୍ର ତଥା ସଚ୍ଚୋଟ ମନୋଭାବ ମଧ୍ୟ ଧନ । ଉତ୍ତମ ବ୍ୟବହାର ମଧ୍ୟ ଧନ । ପ୍ରେମ ଓ ବନ୍ଧୁତା ମଧ୍ୟ ଧନ । ଯଶ ଓ ସୁନାମ ମଧ୍ୟ ଧନ । ସେମିତି କେତେକ ପ୍ରକାର ଧନ ବ୍ୟକ୍ତି ସ୍ତରର ହୋଇଥିବାବେଳେ ଆଉ କେତେକ ସାମୂହିକ ତଥା ରାଷ୍ଟ୍ର ସ୍ତରର ହୋଇଥାନ୍ତି । ଐତିହାସିକ କୀର୍ତ୍ତିରାଜି, ପ୍ରାଚୀନ ଧର୍ମସ୍ଥଳ ଇତ୍ୟାଦି ରାଷ୍ଟ୍ରର ସମ୍ପତ୍ତି ହୋଇଥାନ୍ତି । ବ୍ୟକ୍ତି ଯେପରି ନିଜ ଧନର ସଂରକ୍ଷଣ କରିଥାଏ, ସେହି ରୀତିରେ ରାଷ୍ଟ୍ର ମଧ୍ୟ ଏପରି ସମ୍ପତ୍ତିର ସଂରକ୍ଷଣ କରିବା ଉଚିତ ହୋଇଥାଏ ।

ଗୋଟିଏ ଦୃଷ୍ଟିକୋଣରୁ ଦେଖିଲେ ଟଙ୍କାପଇସା, ସୁନାରୁପା ହୁଏତ ଆମକୁ ସ୍ୱଳ୍ପକାଳୀନ ଅୟସ ପ୍ରଦାନ କରିପାରେ, ସମାଜରେ ଆମର ଖାତିର ବୃଦ୍ଧି କରିବାରେ ସହାୟକ ହୋଇପାରେ, କିନ୍ତୁ ଏସବୁ ମାନସିକ ଶାନ୍ତି ପ୍ରଦାନ କରିପାରେନା । ପ୍ରାଣୀର ମନ ଓ ଚିତ୍ତବୃତ୍ତିକୁ ପରୀକ୍ଷା କରି ଦେଖାଯାଇଛି, ମାନସିକ ଶାନ୍ତି ହିଁ ହେଉଛି ସବୁଠାରୁ ମୂଲ୍ୟବାନ୍ ଧନ । ଅଧିକରୁ ଅଧିକ ଟଙ୍କାସୁନା ରଖିଥିବା ଲୋକଟିର ମନରେ ବିଭିନ୍ନ ବିଷୟକୁ ନେଇ ଏତେ ଉଦ୍‌ବେଗ ଥାଏ ଯେ ସେ ରାତିରେ ଶାନ୍ତିରେ ଟିକିଏ ଶୋଇପାରେ ନାହିଁ । ଶାନ୍ତି ସେ ପାଇବ ବା କାହୁଁ ? ଆମ ଶରୀରରେ ଆମେ ଖାଉଥିବା ଖାଦ୍ୟ କ୍ରମେ ରକ୍ତ, ମାଂସ, ଅସ୍ଥି, ମଜ୍ଜା, ଶୁକ୍ରରେ ପରିଣତ ହେବା ପରି ମନରେ ଶାନ୍ତି ସୃଷ୍ଟି ହେବା ନିମିତ୍ତ ଆମର କାର୍ଯ୍ୟ, କର୍ତ୍ତବ୍ୟ, ନିଷ୍ଠା, ଭାବନା, ଭକ୍ତି, ଶ୍ରଦ୍ଧା ଏସବୁର ମିଶ୍ରଣ ଓ ସମନ୍ୱୟ ଆବଶ୍ୟକ ହୁଏ ।

ମହାଆଡମ୍ବରରେ ନିଜର ଆଭିଜାତ୍ୟକୁ ପ୍ରଦର୍ଶନ କରି ହାତୀ ଉପରେ ଚଢ଼ି ରାଜପଥରେ ଅନ୍ୟ ରାଜ୍ୟ ଆକ୍ରମଣ କରିବା ଉଦ୍ଦେଶ୍ୟରେ ଯାଉଥିବା ରାଜା ରାସ୍ତା ଉପରେ ଜଣେ ଭିକ୍ଷୁକକୁ ଦେଖି ତାକୁ କିଛି ଧନ ଦେଇ ସାହାଯ୍ୟ କରିବାକୁ ଚାହିଁଲେ । ଭିକ୍ଷୁକ କହିଲା-ରାଜନ୍! ମୋର ତୁମଠାରୁ କୌଣସି ସାହାଯ୍ୟ ଆବଶ୍ୟକ ନାହିଁ । ତା' ଛଡା ତୁମେ ମୋତେ କ'ଣ ବା ସାହାଯ୍ୟ କରିପାରିବ ? ତୁମେ ତ ନିଜେ ଜଣେ ଦରିଦ୍ର । ନଚେତ୍ ନିଜ ରାଜ୍ୟରେ ନିଜ ପ୍ରଜାଙ୍କର ସୁଖ ଓ ଉନ୍ନତି କଥା ଚିନ୍ତା ନ କରି ଅନ୍ୟ ରାଜ୍ୟ ଆକ୍ରମଣ କରିବାକୁ ଯାଉଥାନ୍ତ କାହିଁକି ? ମୋ ମନରେ ତୁମପରି ତୃଷ୍ଣା ନାହିଁ, ଯାହା ଦରିଦ୍ରତାର ପ୍ରତୀକ ହୋଇଥାଏ । ତୃଷ୍ଣା ନାହିଁ, ସେହି ହେତୁରୁ ମୋ ମନରେ ଶାନ୍ତି ରହିଛି । ପିନ୍ଧିଥିବା ବସ୍ତ୍ରଖଣ୍ଡିଏ ହିଁ ମୋର ସମ୍ବଳ । ସେଥିରେ ମୁଁ ସୁଖୀ । ତୁମେ ରାଜସେବାରେ ସୁଖୀ । ଅବଶ୍ୟ ସେହି ଦୃଷ୍ଟିରୁ ତୁମ ସହିତ ମୋର ସମାନତା ରହିଛି । ମନରେ ଶାନ୍ତି ଅନୁଭବ କରିବା ପରେ ଆଉ ଧନୀ କିଏ ନା ଦରିଦ୍ର କିଏ ?

ମନସିଚପରିତୁଷ୍ଟେ କୋଽର୍ଥବାନ୍ କୋ ଦରିଦ୍ରଃ ?

ମୋ:୯୪୩୮୩୨୮୭୫୫

## ଏଇ ଭାରତରେ

ପ୍ଲାଷ୍ଟିକ ପ୍ରଦୂଷଣ ଏବେ ପରିବେଶ ପାଇଁ ବିପଦ ସୃଷ୍ଟି କରିଛି ଓ ଭବିଷ୍ୟତରେ ଏହା ଜୀବଜଗତ ପ୍ରତି ଘାତକ ହେବ ବୋଲି ବୈଜ୍ଞାନିକମାନେ ସତର୍କ କରିଦେଇଛନ୍ତି । ଏ ଦୃଷ୍ଟିରୁ ଯେଉଁମାନେ ପ୍ଲାଷ୍ଟିକ ବର୍ଜ୍ୟର ପୁନଃ ଉପଯୋଗ କରି ବ୍ୟବହାର ଯୋଗ୍ୟ ତଥା ପରିବେଶ ଉପଯୋଗୀ ଜିନିଷ ତିଆରି କରୁଛନ୍ତି ସେମାନେ ବାସ୍ତବରେ ପ୍ରଶଂସାଯୋଗ୍ୟ । ଏଭଳି ଦୁଇ ଭାଇ ହେଉଛନ୍ତି ବିକାଶ କୁମାର ଓ ରାହୁଲ ବଗୁଚି । ସେମାନେ ଏବେ ସୁଦ୍ଧା ୧୦୦୦ ଟନ୍ ପ୍ଲାଷ୍ଟିକ ବର୍ଜ୍ୟର ପୁନଃବିନିଯୋଗ କରି ଆକର୍ଷଣୀୟ ଓ ପରିବେଶ ସହନୀୟ ଜିନିଷ ତିଆରି କରୁଛନ୍ତି । ଏଥିରୁ ମାସକୁ ପାଖାପାଖି ୧୦ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । ସେମାନେ ନିଜେ ନିର୍ମାଣ କରିଥିବା ମେଶିନରେ ଏହା କରୁଛନ୍ତି । ବିକାଶ ଆଇଆଇଟି ସ୍ନାତକୋତ୍ତର ଓ ରାହୁଲ ଏନ୍‌ଆଇଏଫ୍‌ଟିରୁ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି । ପ୍ରଥମେ ସେମାନେ ଘରକୁ ଘର ଯାଇ ବର୍ଜ୍ୟ ସଂଗ୍ରହ କରୁଥିଲେ । ସେମାନଙ୍କୁ ଲୋକେ କବାଡିବାଲା କହୁଥିଲେ ଓ ତାହାକୁ ଖାତିର ନ କରି ଦୁହେଁ ଆଗକୁ ବଢିଥିଲେ । ଏବେ ସେମାନେ ପ୍ରତିଷ୍ଠିତ ବ୍ରାଣ୍ଡ ଟାଟା, ଆଡ଼ିଡାସ ଏବଂ ବିଏମ୍‌ଡବ୍ଲ୍ୟୁ ସହ ଭାଗିଦାର ହୋଇପାରିଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

୨୫ ମାର୍ଚ୍ଚ ୧୯୭୬

- ଅନ୍ତଃରାଜ୍ୟ ବିଦ୍ୟୁତ୍ ସରବରାହ ଆଇନ ପ୍ରତିଷ୍ଠା ନିମନ୍ତେ କେନ୍ଦ୍ର ସରକାର ଦାମୋଦର ଭାଲି କର୍ପୋରେସନକୁ ୧୨.୦୧ ନିୟୁତ ଟଙ୍କାର ଦୁଇଟି ଋଣ ପ୍ରଦାନ କରିବା ସହ ତାମିଲନାଡୁକୁ ୪୪ ନିୟୁତ ଋଣ ଯୋଗାଇ ଦେଇଛନ୍ତି ।
- ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସାମୁଦ୍ରି ସୀମା ରାଜିନାମା ସ୍ୱାକ୍ଷରିତ ।
- ଆର୍ଜେଣ୍ଟିନାର ରାଷ୍ଟ୍ରପତି ମେରିଆ ଏଷ୍ଟେଲା ପେରନ ଦେଶର ସଶସ୍ତ୍ର ବାହିନୀ ଦ୍ୱାରା ବନ୍ଦୀ ହୋଇଥିବା ଜଣାପଡ଼ିଛି ।

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | 7 | | | | | |
| 4 | | 2 | | | | | 5 | |
| | 3 | | | | | 8 | | |
| | 4 | 3 | | | 6 | | 9 | |
| | 9 | | | | | 1 | 4 | 7 |
| | 8 | | 9 | | 7 | | | 3 |
| | | | 1 | | | | 3 | |
| | | | | | | 2 | 1 | |
| | | | | | 3 | 9 | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 1 | 6 | 2 | 9 | 4 | 5 | 7 |
| 6 | 7 | 9 | 4 | 5 | 8 | 3 | 2 | 1 |
| 2 | 5 | 4 | 7 | 3 | 1 | 8 | 6 | 9 |
| 4 | 6 | 5 | 3 | 7 | 2 | 9 | 1 | 8 |
| 9 | 3 | 2 | 1 | 8 | 6 | 5 | 7 | 4 |
| 8 | 1 | 7 | 9 | 4 | 5 | 6 | 3 | 2 |
| 5 | 9 | 6 | 2 | 1 | 4 | 7 | 8 | 3 |
| 7 | 2 | 8 | 5 | 9 | 3 | 1 | 4 | 6 |
| 1 | 4 | 3 | 8 | 6 | 7 | 2 | 9 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଉପକୂଳ ଓଡ଼ିଶା ବିକାଶ ପରିଷଦ ଗଠନ ହେଉ

ମହାଶୟ,

ଆଞ୍ଚଳିକ ବୈଷମ୍ୟ ଓଡ଼ିଶାର ଏକ ପ୍ରମୁଖ ସମସ୍ୟା । ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ବହୁ ପୂର୍ବରୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ କରିଥିଲେ । ଏଥିପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରାଯାଇଛି । ତେବେ ପଶ୍ଚିମ ଓଡ଼ିଶାର କେତେ ବିକାଶ ହୋଇଛି ତାହା ଏବେ ସ୍ପଷ୍ଟ ହୋଇନାହିଁ । ଏବେ ରାଜ୍ୟ ସରକାର ଦକ୍ଷିଣ ଓଡ଼ିଶା ଓ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟରେ ୨୦୦ କୋଟି ଟଙ୍କାର ବ୍ୟୟ ବରାଦ ମଧ୍ୟ କରିଛନ୍ତି । ଅବଶ୍ୟ ଏହା ଯଥେଷ୍ଟ ନୁହେଁ । ତେବେ ପୂର୍ବ ଓ ଉପକୂଳ ଓଡ଼ିଶା ବିକାଶ ପରିଷଦ ଗଠନ ବିଷୟରେ ସରକାର ନୀରବ । ଉପକୂଳ ଓଡ଼ିଶା ପ୍ରତି ସରକାର ଏତେ ଉଦାସୀନ କାହିଁକି ? ଉପକୂଳ ଓଡ଼ିଶାର ଜିଲାଗୁଡିକ କ'ଣ ଏବେ ସମୃଦ୍ଧ କି ? ଏହି ଜିଲାଗୁଡ଼ିକରେ କ'ଣ ଆଞ୍ଚଳିକ ବୈଷମ୍ୟ ନାହିଁ ? ଏଠାରେ ମଧ୍ୟ ବହୁ ଅନୁନ୍ନତ ଅଞ୍ଚଳ ରହିଛି । ଏଣୁ ରାଜ୍ୟ ସରକାର ଉପକୂଳ ଓଡ଼ିଶା ବିକାଶ ପରିଷଦ ଗଠନ ଦିଗରେ ତତ୍ପରତା ଦେଖାନ୍ତୁ ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

## ଚିରନ୍ତନୀ

ନ ପାରେଁ ବୁଝି କିଏ ସେ ମୁହିଁ
କିଏ ବା ତୁମେ ଛଇଳ-ମୁହୀ
ନ ପାରେଁ ବୁଝି ଏକ କି ଦୁଇ ସଙ୍ଗିନୀ
ଆସ ଗୋ ଆସ, ହୁଅ ପରାଣ-ବନ୍ଦିନୀ ।
-(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଶେୟାର ବଜାରରେ ଉତ୍ସାହ**

ମୁମ୍ବାଇ: କ୍ରମାଗତ ଷଷ୍ଠ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ବୃଦ୍ଧି ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇପାରିଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନସେକ୍ସ ୧୦୭୯(୧୦୭୮.୮୭) ପଏଣ୍ଟ ବୃଦ୍ଧି ଘଟି ୭୭,୯୮୪ (୭୭,୯୮୪.୩୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୩୦୮ (୩୦୭.୯୫) ପଏଣ୍ଟ ବଢି ୨୩,୬୫୮ (୨୩,୬୫୮.୩୫) ଅଙ୍କରେ କାରବାର ଶେଷ ହୋଇଥିଲା।



କୋଚିଠାରେ ଜୟଆଲୁକ୍କାସର ଏକ୍ସକ୍ଲୁସିଭ ଶୋ'ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କୋଚି ମେୟର ଆଇନଜୀବୀ ଏମ.ଅନିଲ କୁମାରଙ୍କ ସମେତ ଏମ୍‌ପି ହିବି ଇଡେନ, ବିଧାୟକ ଟି ଜେ ବିନୋଦ ଏବଂ ଜୟଆଲୁକ୍କାସ ଗ୍ରୁପର ସିଏମ୍‌ଡି ଜୟ ଆଲୁକ୍କାସ, ଜଲି ଜୟ ଆଲୁକ୍କାସ, ଜନ୍ ପଲ୍ ଆଲୁକ୍କାସ ଏବଂ ଆଣ୍ଟୋନି ଜୋଶ, ମ୍ୟାରି ଜୟ ଆଲୁକ୍କାସ, ଥୋମାସ ମାଥ୍ୟୁ, ଏଲସା ଜୟ ଆଲୁକ୍କାସ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ବ୍ୟବସାୟରେ ରାତାରାତି ସଫଳତା ନାହିଁ

**ରାଜ୍ୟର ଅଗ୍ରଣୀ ଧୂପକାଠି ଉତ୍ପାଦନକାରୀ ସଂସ୍ଥା ସୋମେନ ଅଗରବତି। ଏହାର ପ୍ରୋପାଇଟର ପ୍ରହ୍ଲାଦ ପଲାଇ ଦିନେ ଘରର ଆର୍ଥିକ ସ୍ଥିତି ସୁଧାରିବାକୁ ଆରମ୍ଭ କରିଥିଲେ ଧୂପକାଠି ବ୍ୟବସାୟ। ପ୍ରଥମେ ମେନେକା ଅଗରବତି ଓ ପରେ ସୋମେନ ଅଗରବତି ନାମରେ ବ୍ୟବସାୟ କରି ସେ ରାଜ୍ୟ ତଥା ରାଜ୍ୟ ବାହାରର ଅନେକଙ୍କୁ ଯୋଗାଇ ଦେଉଛନ୍ତି ରୋଜଗାର। ସାରା ଦେଶରେ ବିଶେଷକରି ଗ୍ରାମୀଣ ଅଞ୍ଚଳର ଲୋକଙ୍କୁ ରୋଜଗାରକ୍ଷମ କରିବାକୁ ଉଦ୍ୟମ କରୁଥିବା ପ୍ରହ୍ଲାଦଙ୍କ ସହ ସ୍ୱତନ୍ତ୍ର ଆଲୋଚନା...**

**ପ୍ର- କେବେ, କିପରି ଧୂପକାଠି ବ୍ୟବସାୟ ପ୍ରତି ମନ ବଳାଇଲେ?**

ଉ- ପିଲାଦିନେ ଛତିଶଗଡ଼ରେ ପରିବାର ରହୁଥିଲା। ମାତ୍ର ପରବର୍ତ୍ତୀ ସମୟରେ ବାଙ୍ଗାଲୋରରେ ଏକ ଧୂପକାଠି ଫ୍ୟାକ୍ଟ୍ରି ପରିଦର୍ଶନ କରିଥିଲି। ଓଡ଼ିଶାରେ ମଧ୍ୟ ଏପରି ଫ୍ୟାକ୍ଟ୍ରି କରିବାକୁ ସେତେବେଳେ ଚିନ୍ତା କରିଥିଲି। ସେ ସମୟରେ ଧୂପକାଠି ତିଆରି ପାଇଁ ମେଶିନ ବ୍ୟବହାର କରାଯାଉ ନ ଥିଲା। ପାଠପଢ଼ା ସମୟରେ ପରିବାରର ସ୍ଥିତି ଏତେ ଭଲ ନ ଥିଲା। ଆର୍ଥିକ ସମସ୍ୟା ମଧ୍ୟରେ ଘରର ଦାୟିତ୍ୱ ମୋ କାନ୍ଧକୁ ଆସିଥିଲା। ତେଣୁ ପଢ଼ିବା ପରେ ପରେ ହିଁ ଚାକିରିରେ ଯୋଗ ଦେଇଥିଲି। ମାତ୍ର ସେଥିରେ ମନ ଲାଗି ନ ଥିଲା। ତେଣୁ ଧୂପକାଠି ବ୍ୟବସାୟ ପାଇଁ ଯୋଜନା କରିଥିଲି, ତାହାକୁ ସଫଳ କରିବାକୁ ଏ ଦିଗରେ ଆଗକୁ ବଢ଼ିଥିଲି।

BUSINESS EMINENCE AWARDS

**ପ୍ର- ଓଡ଼ିଶା ବଜାରରେ ଧୂପକାଠିର ଚାହିଦା କିପରି ରହିଛି?**

ଉ- ଓଡ଼ିଶାର ଲୋକମାନେ ଖୁବ୍ ଈଶ୍ୱର ବିଶ୍ୱାସୀ। ଈଶ୍ୱର ଯେଉଁଠି, ଧୂପକାଠି ସେଇଠି। ଓଡ଼ିଶାର ପ୍ରତି ଘରେ ସକାଳେ ସନ୍ଧ୍ୟାରେ ଧୂପକାଠି ଜଳେ। ଏଥିରୁ ଧୂପକାଠିର ଚାହିଦା କେତେ ଅଧିକ ତାହା ଅନୁମେୟ।

**ପ୍ର- ଧୂପକାଠି ଶିଳ୍ପରେ ଆପଣ ଜଣେ ପ୍ରମୁଖ ଉଦ୍ୟୋଗୀ। ଏ ଯାତ୍ରା କେତେ ସହଜ ଥିଲା?**

ଉ- ଯେକୌଣସି ବ୍ୟବସାୟ ହେଉନା କାହିଁକି, ସବୁଥିରେ ଅନେକ ଆହ୍ୱାନ ଦେଇ ଗତି କରିବାକୁ ପଡ଼ିଥାଏ। ସମସ୍ୟା ଆସିବ, ଆମକୁ ତାହାର ମୁକାବିଲା କରିବାକୁ ପଡ଼ିବ। ଏହା ଏକ ନିରନ୍ତର ପ୍ରକ୍ରିୟା। ଏହି ବ୍ୟବସାୟ କ୍ଷେତ୍ରରେ ଅନେକ ପ୍ରତିଦ୍ୱନ୍ଦ୍ୱୀ ରହିଥାନ୍ତି। କଞ୍ଚାମାଲ ଦର ବୃଦ୍ଧି ସମୟରେ ମଧ୍ୟ ଧୂପକାଠିର ଗୁଣବତ୍ତା ଓ ଦାମ୍ ସ୍ଥିର ରଖିବା ଆଦୌ ସହଜ ନୁହେଁ। ସରକାରୀ ବ୍ୟବସ୍ଥା ଭିତରେ ବ୍ୟବସାୟ ବୃଦ୍ଧି କରିବା ଜରୁରୀ ହୋଇଥିବାବେଳେ ଆବଶ୍ୟକ ମାନବସମ୍ବଳ ଅଭାବ କାରଣରୁ ଅନେକ ସମୟରେ ସମସ୍ୟା ହୋଇଥାଏ। ମାତ୍ର ତାହାକୁ ଧୈର୍ଯ୍ୟର ସହ ସମାଧାନ କରିଥାଏ।

**ପ୍ର- ଧୂପକାଠି ଉତ୍ପାଦନର ପ୍ରକ୍ରିୟା ସମ୍ପର୍କରେ ସଂକ୍ଷେପରେ କହିବେ ?**

ଉ- ଚାଇନାରୁ ଆସୁଥିବା ବାଉଁଶ କାଠି ଏବଂ ଅନ୍ୟାନ୍ୟ ସାମଗ୍ରୀର ମିଶ୍ରଣକୁ ବୋଳି ଧୂପକାଠି ପ୍ରସ୍ତୁତ କରାଯାଉଛି। ପୂର୍ବରୁ ହାତରେ ଏହି କାମ ହେଉଥିବାବେଳେ ବର୍ତ୍ତମାନ ଅତ୍ୟାଧୁନିକ ଜ୍ଞାନକୌଶଳ ଆପଣାଉଛୁ। ରାଜ୍ୟ ତଥା ରାଜ୍ୟ ବାହାରେ ଯେଉଁମାନେ ନିଜର ବ୍ୟବସାୟ ଆରମ୍ଭ କରିବାକୁ ଚାହାନ୍ତି, ସେମାନଙ୍କୁ ଧୂପକାଠି ପାଇଁ ଆବଶ୍ୟକ କଞ୍ଚାମାଲ ଓ ମେଶିନ ଯୋଗାଇଦିଆଯାଏ। ସେମାନେ ପ୍ରସ୍ତୁତ କରୁଥିବା ଧୂପକାଠି ସଂଗ୍ରହ କରି ବଡ଼ ବଡ଼ ଧୂପକାଠି କମ୍ପାନୀ ସହ ସହଭାଗିତାରେ ତାହାକୁ ବିକ୍ରୟ କରିଥାଉ। ତେବେ ପରିମାଣ ତୁଳନାରେ ଆମେ ଉତ୍ପାଦର ମାନ ଉପରେ ବେଶି ଗୁରୁତ୍ୱ ଦେଇଥାଉ।

**ପ୍ର- ଯୁବ ଉଦ୍ୟୋଗୀଙ୍କୁ କ'ଣ ବାର୍ତ୍ତା ଦେବେ?**

ଉ- ଏହି ବ୍ୟବସାୟରେ ଭବିଷ୍ୟତ ଗଢ଼ିବାକୁ ଚାହୁଁଥିବା ଯୁବୋଦ୍ୟୋଗୀମାନେ ପ୍ରଥମେ ବ୍ୟବସାୟିକ ଯୋଜନା ପ୍ରସ୍ତୁତ କରିବା ଦରକାର। ସଫଳତା ରାତାରାତି ମିଳେ ନାହିଁ, ତେଣୁ ସବୁବେଳେ ଧୈର୍ଯ୍ୟର ସହ ଆଗକୁ ବଢ଼ିବା ଉଚିତ। ଏକ ଭଲ ଟିମ୍ ଗଢ଼ି ବ୍ୟବସାୟରେ ପାଦ ଦେଲେ ସମସ୍ୟା ସମାଧାନ ସହଜ ହୋଇଯାଇଥାଏ। ଗ୍ରାହକଙ୍କ ଚାହିଦାକୁ ସବୁଠାରୁ ଊର୍ଦ୍ଧ୍ୱରେ ରଖି ନିଜ ଭୁଲରୁ ନିଜେ ଶିଖିବା ଉଚିତ୍।

–ସାକ୍ଷାତ୍‌କାର: **ଅନୁରାଧା ମହାରଣା,** ଭୁବନେଶ୍ୱର


ପ୍ରହ୍ଲାଦ ପଲାଇ

## ହରସ୍ୱାର୍କର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୪।୩**

ବ୍ରିଟାନିଆ ମାରି ଗୋଲ୍ଡ ଏବଂ ଇନସ୍ପାୟାର ଇନଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସ (ଆଇଆଇଏସ)ର ମିଳିତ ସହଭାଗିତାରେ ମହିଳା ଆଥଲେଟ୍‌ଙ୍କ ପାଇଁ ଏକ ଅଭିନବ ତଥା ପ୍ରଥମ ଥର ଜାତୀୟ କ୍ରୀଡା ଛାତ୍ରବୃତ୍ତି କାର୍ଯ୍ୟକ୍ରମ 'ହରସ୍ୱାର୍କ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ପ୍ରତିଶ୍ରୁତିବଦ୍ଧ ମହିଳା ଆଥଲେଟମାନଙ୍କୁ ଇନବକ୍ସିଂ, ସନ୍ତରଣ, ଜୁଡୋ, ଆଥଲେଟିକ୍ସ ଏବଂ ପାରାସ୍ପୋର୍ଟସ୍ ଚିହ୍ନଟ ଏବଂ ସେମାନଙ୍କ କ୍ରୀଡା କ୍ୟାରିଅର ଆରମ୍ଭ କରିବା ପାଇଁ ପ୍ରଶିକ୍ଷିତ କରିବା ପାଇଁ ଡିଜାଇନ୍ କରାଯାଇଛି।

ଏହି ପଦକ୍ଷେପ ସାରା ଭାରତରେ ଆକାଂକ୍ଷୀ ଯୁବତୀ ମହିଳା ଆଥଲେଟମାନଙ୍କୁ ଏକ ସମ୍ପୂର୍ଣ୍ଣ ପାଣ୍ଠିଯୁକ୍ତ ତିନି ବର୍ଷର କ୍ରୀଡା ଛାତ୍ରବୃତ୍ତି ପ୍ରଦାନ କରାଯିବ, ଯେଉଁଥିରେ ବୃତ୍ତିଗତ ତାଲିମ, ପ୍ରଶିକ୍ଷଣ, ବାସସ୍ଥାନ, ପୁଷ୍ଟିସାର ଏବଂ ଶିକ୍ଷାଗତ ସୁଯୋଗ ଅନ୍ତର୍ଭୁକ୍ତ ରହିଛି।

## ଗୋପାଳ ଜିଏସ୍ଏମ୍ଏ ବୋର୍ଡର ନୂତନ ଅଧ୍ୟକ୍ଷ

**ନୂଆଦିଲ୍ଲୀ,୨୪।୩ (ଅଭୟ ଦାଶ)**

ବିଶ୍ୱର ଏକ ପ୍ରତିଷ୍ଠିତ ଟେଲିକମ୍ ଶିଳ୍ପ ସଂସ୍ଥା ଜିଏସ୍ଏମ୍ଏର ନୂତନ ଅଧ୍ୟକ୍ଷ ଭାବେ ଗୋପାଳ ଭିଟ୍ଟଲ ମନୋନୀତ ହୋଇଛନ୍ତି। ଏପରିକି ଜିଏସ୍ଏମ୍ଏର ନିର୍ଦ୍ଦେଶକ ମଣ୍ଡଳୀ ଭାରତୀ ଏୟାରଟେଲର ଉପାଧ୍ୟକ୍ଷ ତଥା ଏମ୍‌ଡି ଗୋପାଳ ଭିଟ୍ଟଲଙ୍କୁ ୨୦୨୬ ଶେଷ ପର୍ଯ୍ୟନ୍ତ ନୂତନ ଅଧ୍ୟକ୍ଷ ଭାବେ ନିର୍ବାଚିତ କରିଛନ୍ତି। ଗୋପାଳ ବର୍ତ୍ତମାନ ଜିଏସ୍ଏମ୍ଏ ବୋର୍ଡର କାର୍ଯ୍ୟକାରୀ ଅଧ୍ୟକ୍ଷ ଅଛନ୍ତି। ସେହିଭଳି ଅଧ୍ୟକ୍ଷ ଭାବେ ସେ ତାଙ୍କ ଭୂମିକା ସହିତ ଜିଏସ୍ଏମ୍ଏର ରଣନୈତିକ ଦିଗକୁ ମଧ୍ୟ ତଦାରଖ କରିବେ। ଏହି ପ୍ରତିଷ୍ଠିତ ସଂସ୍ଥାର ସଦସ୍ୟମାନଙ୍କ ମଧ୍ୟରେ ବିଶ୍ୱର ୧୦୦୦ ଟେଲିକମ୍ କମ୍ପାନୀ, ହ୍ୟାଣ୍ଡସେଟ୍ ଏବଂ ଡିଭାଇସ୍ କମ୍ପାନୀ, ସଫ୍ଟୱେର୍ କମ୍ପାନୀ, ଉପକରଣ ପ୍ରଦାନକାରୀ, ଇଣ୍ଟରନେଟ୍ କମ୍ପାନୀ ଏବଂ ନିକଟବର୍ତ୍ତୀ ଶିଳ୍ପ କ୍ଷେତ୍ରର ସଂଗଠନ ଅନ୍ତର୍ଭୁକ୍ତ ରହିଛନ୍ତି। ଜିଏସ୍ଏମ୍ଏ ବୋର୍ଡର ଅଧ୍ୟକ୍ଷ ଭାବେ ନିର୍ବାଚିତ ହେବାରେ ସୁନୀଲ ଭାରତୀ ମିତ୍ତଲଙ୍କ ପରେ ଗୋପାଳ ଦ୍ୱିତୀୟ ଭାରତୀୟ ପାଲଟିଛନ୍ତି।ଏହି ନିଯୁକ୍ତି ବିଶ୍ୱ ଟେଲିକମ୍ ଶିଳ୍ପରେ ଏୟାରଟେଲର ଗୁରୁତ୍ୱପୂର୍ଣ୍ଣ ପ୍ରଭାବକୁ ମଧ୍ୟ ଦର୍ଶାଉଛି, ସୁନୀଲ ଭାରତୀ ମିତ୍ତଲ ଏବଂ ଗୋପାଳ ଭିଟ୍ଟଲ ଉଭୟ ବର୍ଷ ଧରି ଜିଏସ୍ଏମ୍ଏ ବୋର୍ଡରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ। ଏ ନେଇ ଗୋପାଳ ଭିଟ୍ଟଲ କହିଛନ୍ତି, ଜିଏସ୍ଏମ୍ଏ ବୋର୍ଡର ଅଧ୍ୟକ୍ଷ ଭାବେ ନିର୍ବାଚିତ ହେବା ମୋତେ ଗୌରବାନ୍ୱିତ କରିଛି। ୨୦୨୪ରେ ମୋବାଇଲ୍ ଶିଳ୍ପ ବିଶ୍ୱ ଅର୍ଥନୀତିରେ ୬.୫ ଟ୍ରିଲିୟନ ଡଲାର ଯୋଗଦାନ ଦେଇଥିଲା ଏବଂ ଏହା ବିଶ୍ୱର ଅଧିକାଂଶ ନବସୃଜନ ଉପରେ ନିର୍ମିତ ମେରୁଦଣ୍ଡ ପାଲଟିଛି। ସେହିଭଳି ଜିଏସ୍ଏମ୍ଏର ମହାନିର୍ଦ୍ଦେଶକ ମ୍ୟାଟ୍ସ ଗ୍ରାନରିଡ୍ କହିଛନ୍ତି, ମୁଁ ଭିଟ୍ଟଲଙ୍କ ସହିତ ବହୁ ବର୍ଷ ଧରି କାମ କରିଛି ଏବଂ ତାଙ୍କୁ ଜିଏସ୍ଏମ୍ଏ ବୋର୍ଡର ଅଧ୍ୟକ୍ଷ ନିଯୁକ୍ତ କରାଯାଇଥିବାରୁ ମୁଁ ଖୁସିବ୍ୟକ୍ତ କରୁଛି।


ଗୋପାଳ ଭିଟ୍ଟଲ

## ୪୬ ଲକ୍ଷ ଆପ୍ରେଣ୍ଟିସ ନିୟୋଜିତ ଲକ୍ଷ୍ୟ

**ଭୁବନେଶ୍ୱର,୨୪।୩**


ଜାତୀୟ ଆପ୍ରେଣ୍ଟିସ୍ ପ୍ରୋତ୍ସାହନ ସ୍କିମ୍-୨ ପୂର୍ବାଞ୍ଚଳ ଓ ଦକ୍ଷିଣାଞ୍ଚଳ ରାଜ୍ୟର ଜୋନାଲ୍ ସମୀକ୍ଷା ବୈଠକରେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଜାତୀୟ ଆପ୍ରେଣ୍ଟିସ୍ ପ୍ରୋତ୍ସାହନ ସ୍କିମ୍-୨ ଅଧୀନରେ ପୂର୍ବାଞ୍ଚଳ ଓ ଦକ୍ଷିଣାଞ୍ଚଳ ରାଜ୍ୟର ଜୋନାଲ୍ ସମୀକ୍ଷା ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଏହି ବୈଠକରେ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ (ଏମ୍ଏସ୍‌ଡିଇ) ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖଣ୍ଟ ହାସଲ କରିଛି। ଭୁବନେଶ୍ୱରର ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଆୟୋଜିତ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରମୁଖ ଅଂଶୀଦାରମାନେ ଭାଗ ନେଇ ୨୦୨୬ ମାର୍ଚ୍ଚ ସୁଦ୍ଧା ୪୬ ଲକ୍ଷ ଆପ୍ରେଣ୍ଟିସ ନିୟୋଜିତ କରିବାର ଲକ୍ଷ୍ୟ, ଅଗ୍ରଗତି, ଆହ୍ୱାନ ଓ ରୋଡମ୍ୟାପ୍ ଉପରେ ଆଲୋଚନା ହୋଇଥିଲା।

ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟର ସଚିବ ଅତୁଲ କୁମାର ତିୱାରୀ କହିଛନ୍ତି, ଜାତୀୟ ଆପ୍ରେଣ୍ଟିସିପ୍ ପ୍ରୋତ୍ସାହନ ଯୋଜନା କେବଳ ଏକ କାର୍ଯ୍ୟକ୍ରମ ନୁହେଁ। ଏହା ଭାରତର ଅଭିବୃଦ୍ଧି ଆକାଂକ୍ଷା ସହିତ ସମନ୍ୱିତ ଏକ ଶିଳ୍ପ ପ୍ରସ୍ତୁତ କର୍ମଚାରୀ ଗଠନ ଦିଗରେ ଏକ ପରିବର୍ତ୍ତନଶୀଳ ଯାତ୍ରା। ଗତ କିଛି ବର୍ଷ ମଧ୍ୟରେ ଆମେ ଉଲ୍ଲେଖନୀୟ ଅଗ୍ରଗତି ଦେଖିଛୁ। ତିନି ଥର ଆପ୍ରେଣ୍ଟିସିପ୍ ସଂପୃକ୍ତିଠାରୁ ଆରମ୍ଭ କରି ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ଏବଂ ମହିଳାଙ୍କ ଅଂଶଗ୍ରହଣରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ଇଲେକ୍ଟ୍ରିକ୍ ଯାନ ମେକାନିକ୍ ଭଳି ଉଦୀୟମାନ ଶିଳ୍ପ ଧାରାକୁ ଆମେ ଗ୍ରହଣ କରୁଥିବା ବେଳେ ଆମର ଧ୍ୟାନ ଏକ ଦୃଢ଼, ସୁବ୍ୟବସ୍ଥିତ ଇକୋସିଷ୍ଟମ ସୃଷ୍ଟି କରିବା ଉପରେ ରହିଛି। ଯାହା ଯୁବଗୋଷ୍ଠୀଙ୍କୁ ବିଶ୍ୱସ୍ତରୀୟ ପ୍ରାସଙ୍ଗିକ ଦକ୍ଷତା ସହିତ ସଶକ୍ତ କରୁଛି। ରାଜ୍ୟ, ଶିଳ୍ପ ଏବଂ ଏମଏସଏମଇ ସହିତ ସହଯୋଗୀ ପ୍ରୟାସ ଏବଂ ଟେକ୍ନୋଲୋଜିର ଉପଯୋଗ ମାଧ୍ୟମରେ, ଆମେ ଲକ୍ଷ ଲକ୍ଷ ଯୁବ ଭାରତୀୟଙ୍କ ପାଇଁ ଆପ୍ରେଣ୍ଟିସିପ୍ ପ୍ରଶିକ୍ଷଣକୁ ଆକାଂକ୍ଷୀ ଏବଂ ପ୍ରଭାବଶାଳୀ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ।

ବୈଠକର ବିଷୟବସ୍ତୁ 'ଶିଳ୍ପ-ପ୍ରସ୍ତୁତ କର୍ମଚାରୀଙ୍କ ପାଇଁ ଆପ୍ରେଣ୍ଟିସିପ୍ ପ୍ରଶିକ୍ଷଣ' ଶିକ୍ଷା ଏବଂ ନିଯୁକ୍ତି ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବାରେ ଆପ୍ରେଣ୍ଟିସିପ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲା। ରାଜ୍ୟଗୁଡ଼ିକ ଏବଂ ଟୟୋଟା କିର୍ଲୋସ୍କାର, ଟାଟା ଗ୍ରୁପ୍ ଏବଂ ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ଦ୍ୱାରା ଆକର୍ଷଣୀୟ ଏବଂ ବୁଝାମଣାପୂର୍ଣ୍ଣ ତଥ୍ୟ ଉପସ୍ଥାପନା କରାଯାଇଥିଲା। ଆରମ୍ଭ ହେବା ପରଠାରୁ ଏହି ସ୍କିମ୍‌ରେ ସମଗ୍ର ଦେଶରେ ୪୧.୨ ଲକ୍ଷରୁ ଅଧିକ ପ୍ରଶିକ୍ଷାର୍ଥୀଙ୍କୁ ନିୟୋଜିତ କରିଛି। କେବଳ ଏନଏପିଏସ -୨ ଅଧୀନରେ ୨୬ ଲକ୍ଷ ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷଣ ନେଇଛନ୍ତି। ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଜରିଆରେ ଷ୍ଟାଇପେଣ୍ଡ ସହାୟତା ବାବଦରେ ୧୫୫୦ କୋଟି ଟଙ୍କା ପ୍ରଶିକ୍ଷାର୍ଥୀଙ୍କ ଖାତାକୁ ସିଧାସଳଖ ପ୍ରଦାନ କରାଯାଇଛି।

## ଏଚ୍ଏପିଏଲ୍ ବିକ୍ରୟ କେନ୍ଦ୍ରର ସମ୍ପ୍ରସାରଣ

**ନୂଆଦିଲ୍ଲୀ,୨୪।୩**

ଦେଶର ପ୍ରମୁଖ ଘରୋଇ ଦୁଗ୍ଧ କମ୍ପାନୀ ତଥା ହଟ୍‌ସନ୍ ଏଗ୍ରୋ ପ୍ରଡକ୍ଟ ଲିମିଟେଡ (ଏଚ୍ଏପିଏଲ୍) ର ଖୁଚୁରା ବିକ୍ରୟ କେନ୍ଦ୍ର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଆନ୍ଧ୍ରପ୍ରଦେଶର ଭୀମାଭରମଠାରେ ଏଚଏପିଏଲର ୪୦୦୦ତମ 'ହାପ୍ ଡେଲି ବିକ୍ରୟ କେନ୍ଦ୍ର'ର ଶୁଭାରମ୍ଭ ନିକଟରେ ହୋଇଯାଇଛି।

ଏହି ମାଇଲଖୁଣ୍ଟ ସିଧାସଳଖ ଗ୍ରାହକଙ୍କୁ ସତେଜ ଏବଂ ଉଚ୍ଚମାନର ଦୁଗ୍ଧଜାତ ଦ୍ରବ୍ୟ ପ୍ରଦାନ କରିବା ଲାଗି କମ୍ପାନୀର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

ସେହିଭଳି ହାପ୍ ଡେଲି ଏକ୍ସକ୍ଲୁସିଭ୍ ଷ୍ଟୋର୍ କମ୍ପାନୀର ଖୁଚୁରା ବିକ୍ରୟ କେନ୍ଦ୍ର ସମ୍ପ୍ରସାରଣ ରଣନୀତିର ଏକ ଅଂଶବିଶେଷ ହୋଇଥିଲାବେଳେ ଯାହା ଅରୁଣ ଆଇସ୍କ୍ରିମ୍, ଆରୋକ୍ୟା, ହଟ୍‌ସନ୍ ଏବଂ ହାନୋବାର ସମେତ ଅନେକ ବ୍ରାଣ୍ଡର ସାମଗ୍ରୀ ଯୋଗାଇ ଦେଇଥାଏ। ଏହି ଷ୍ଟୋରଗୁଡ଼ିକ ଖୁଚୁରା ଆଇସକ୍ରିମ, ତାଜା କ୍ଷୀର, ଦହି, ବଟରମିଲ୍କ, ପନିର, ଦହି, ଜୁସ୍, ଚକୋଲେଟ୍ ଏବଂ ଆହୁରି ଅନେକ ଜିନିଷ ବିକ୍ରି କରିଥାଏ।

ହଟ୍‌ସନ୍ ଏଗ୍ରୋର ଉପସ୍ଥିତି ମହାରାଷ୍ଟ୍ର, କେରଳ, ଓଡ଼ିଶା, ମଧ୍ୟପ୍ରଦେଶ, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ଗୁଜରାଟ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ସମେତ ତାମିଲନାଡୁ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ପୁଡୁଚେରୀ ଏବଂ ଗୋଆରେ ମଧ୍ୟ ରହିଛି।

ଏ ସମ୍ପର୍କରେ ହଟ୍‌ସନ୍ ଏଗ୍ରୋ ପ୍ରଡକ୍ଟ ଲିମିଟେଡ/ଏଚଏପିଏଲର ଅଧ୍ୟକ୍ଷ ଆର.ଜି.ଚନ୍ଦ୍ରମୋଗାନ କହିଛନ୍ତି, ଆନ୍ଧ୍ରପ୍ରଦେଶର ଭୀମାଭରମଠାରେ ଆମର ୪୦୦୦ ତମ ହାପ୍ ଡେଲି ଏକ୍ସକ୍ଲୁସିଭ୍ ଷ୍ଟୋରର ଉଦଘାଟନ ହୋଇଯାଇଛି। ଏପରିକି କମ୍ପାନୀର ତାଜା ଓ ଉଚ୍ଚମାନର ଦୁଗ୍ଧଜାତ ଦ୍ରବ୍ୟକୁ ଗ୍ରାହକଙ୍କ ଅଧିକ ନିକଟତର କରିବା ଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହୋଇଥିଲାବେଳେ ଦୁଗ୍ଧ ଚାଷୀ ଏବଂ ଫ୍ରାଞ୍ଚାଇଜ ଅଂଶୀଦାରମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ସହିତ ନବସୃଜନ, ଗୁଣବତ୍ତା ଏବଂ ସମାନ ଉତ୍ପାଦ ଉପଲବ୍ଧତା ସୁନିଶ୍ଚିତ କରିବା ଉପରେ ଏଚଏପିଏଲ ସର୍ବଦା ଧ୍ୟାନ ଦେଇଥାଏ।

ଆମର ଲକ୍ଷ୍ୟ ହେଉଛି ବଜାର ପ୍ରଭାବ ବିସ୍ତାର କରିବା, ଆମର ବିତରଣ ନେଟୱର୍କକୁ ମଜଭୁତ କରିବା ଏବଂ ଏହିପରି ଭାବେ ଆଧୁନିକ ଖୁଚୁରା ଫର୍ମାଟ୍ ମାଧ୍ୟମରେ ଗ୍ରାହକ ଅଭିଜ୍ଞତାକୁ ବୃଦ୍ଧି କରିବା।

**QUOTATION / TENDER CALL NOTICE**
**JANATA COLLEGE, BOINDA**

Sealed quotations/tenders are invited from different registered firm/Authorized dealers/ suppliers having valid TIN/PAN No./ Registration No./Valid GST and other relevant documents for supply of Desktop Computer, Multifunctional Printers, UPS, Led TV, Wireless Mic Cameras to **Janata College, Boinda, Dist- Angul.** Details of terms and conditions, description of item and other eligibility criteria are available in the website: www.janatacollegeboinda.in.

**Sd./- Principal**
**Janata College, Boinda, Mob-9938793707**

**TPCODL**
**ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍**
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
କର୍ପୋରେଟ ଅଫିସ୍ : ପାୱାର ହାଉସ୍ ଛକ, ୟୁନିଟ୍-୮, ଭୁବନେଶ୍ୱର - ୭୫୧୦୧୨

**ଓପନ୍ ଆକ୍ସେସ ଶୁଳ୍କ ବିଜ୍ଞପ୍ତି**

**୧ଏମ୍‌ଡବ୍ଲ୍ୟୁ ଏବଂ ତଦୂର୍ଦ୍ଧ୍ୱ ଓପନ୍ ଆକ୍ସେସ ଗ୍ରାହକଙ୍କ ପାଇଁ ସରଚାର୍ଜ, ହ୍ୱିଲିଂ ଚାର୍ଜ ଏବଂ ସରବରାହ ଶୁଳ୍କ**
**୧ ଏପ୍ରିଲ, ୨୦୨୫ରୁ କାର୍ଯ୍ୟକାରୀ**

ବିଦ୍ୟୁତ୍ ଆଇନ, ୨୦୦୩ର ଧାରା ୩୯, ୪୦ ଏବଂ ୪୨ ଅନୁଯାୟୀ ପ୍ରଦତ୍ତ କ୍ଷମତା ବ୍ୟବହାର କରି, ଯାହା ଓଇଆରସି (ଆନ୍ତଃ ରାଜ୍ୟ ଓପନ୍ ଆକ୍ସେସର ନିୟମାବଳୀ ଏବଂ ସର୍ତ୍ତାବଳୀ) ନିୟମାବଳୀ, ୨୦୨୦ ର ବ୍ୟବସ୍ଥା ସହିତ ପଠିତ, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ୨୪.୦୩.୨୦୨୫ ତାରିଖରେ ମାମଲା ସଂଖ୍ୟା ୮୫,୮୯, ୯୬ ଏବଂ ୧୦୦ରେ ଓପନ୍ ଆକ୍ସେସ ଶୁଳ୍କ (ଆନ୍ତଃ ରାଜ୍ୟ ସରବରାହ/ବଣ୍ଟନ ପ୍ରଣାଳୀ ବ୍ୟବହାର ପାଇଁ ଓପନ୍ ଆକ୍ସେସ ଗ୍ରାହକଙ୍କ ପାଇଁ ପ୍ରଯୁଜ୍ୟ ସରବରାହ/ ହ୍ୱିଲିଂ ଶୁଳ୍କ, ସରଚାର୍ଜ ଏବଂ ଅତିରିକ୍ତ ସରଚାର୍ଜ) ଅନୁମୋଦନ ସମ୍ପର୍କରେ ସାଧାରଣ ଆଦେଶନାମା ଜାରି କରିଛନ୍ତି, ଯାହା ୧ ଏପ୍ରିଲ, ୨୦୨୫ ରୁ କାର୍ଯ୍ୟକାରୀ ହେବ।

୧. ନିମ୍ନ ପ୍ରଦତ୍ତ ସାରଣୀରେ ସୂଚିତ ହ୍ୱିଲିଂ ଶୁଳ୍କ ଏବଂ ସରଚାର୍ଜ ୦୧.୦୪.୨୦୨୫ ରୁ ଲାଗୁ ହେବ।

**୧ଏମ୍‌ଡବ୍ଲ୍ୟୁ ଏବଂ ତଦୂର୍ଦ୍ଧ୍ୱ ଓପନ୍ ଆକ୍ସେସ ଗ୍ରାହକଙ୍କ ପାଇଁ ସରଚାର୍ଜ, ହ୍ୱିଲିଂ ଚାର୍ଜ ଏବଂ ସରବରାହ ଶୁଳ୍କ**

| ଲାଇସେନ୍ସଧାରୀଙ୍କ ନାମ | କ୍ରସ ସବ୍‌ସିଡି ସରଚାର୍ଜ (ପି/ୟୁ) | | କେବଳ ଏଚ୍‌ଟି ଗ୍ରାହକଙ୍କ ନିମନ୍ତେ ପ୍ରଯୁଜ୍ୟ ହ୍ୱିଲିଂ ଚାର୍ଜ ପି/ୟୁ | ଖୋଲା ପ୍ରବେଶ ଗ୍ରାହକଙ୍କ ପାଇଁ ସରବରାହ ଦେୟ (ଏଚ୍‌ଟି ଏବଂ ଇଏଚ୍‌ଟି ଗ୍ରାହକଙ୍କ ପାଇଁ ପ୍ରଯୁଜ୍ୟ) |
|---|---|---|---|---|
| | ଇଏଚ୍‌ଟି | ଏଚ୍‌ଟି | | |
| ଟିପିସିଓଡିଏଲ୍ | ୧୬୧.୯୮ | ୭୪.୩୬ | ୧୦୨.୫୫ | ଓପନ୍ ଆକ୍ସେସ ସୁବିଧା ଗ୍ରାହକଙ୍କୁ ସରବରାହ ଶୁଳ୍କ ଭାବରେ ୬୧୨୦ ଟଙ୍କା/ଏମ୍‌ଡବ୍ଲ୍ୟୁ-ଦିନ (୨୫୫ ଟଙ୍କା/ଏମ୍‌ଡବ୍ଲ୍ୟୁଏଚ୍) ଦେବାକୁ ପଡିବ। |
| ଟିପିଏନ୍‌ଓଡିଏଲ୍ | ୧୩୦.୪୮ | ୨.୪୧ | ୧୫୬.୪୧ | |
| ଟିପିଡବ୍ଲ୍ୟୁଓଡିଏଲ୍ | ୧୧୨.୯୮ | ୧୯.୭୩ | ୧୦୪.୫୧ | |
| ଟିପିଏସ୍‌ଓଡିଏଲ୍ | ୨୪୯.୪୮ | ୧୧୯.୪୧ | ୧୭୪.୦୬ | |

୨. ୨୦୨୫-୨୬ ବର୍ଷ ପାଇଁ ଇଏଚ୍‌ଟି ରେ ମାନକ ପରିବହନ କ୍ଷତି (୩.୦%) ଏବଂ ଏଚ୍‌ଟି ସ୍ତର ପାଇଁ ମାନକ ହ୍ୱିଲିଂ କ୍ଷତି (୮%) ପ୍ରଯୁଜ୍ୟ।
୩. ଅତିରିକ୍ତ ସରଚାର୍ଜ: ଏମ୍ବେଡେଡ୍ ଲାଇସେନ୍ସଧାରୀଙ୍କୁ କ୍ରସ୍-ସବସିଡି ସରଚାର୍ଜ ବ୍ୟତୀତ ଅନ୍ୟ କୌଣସି ଅତିରିକ୍ତ ସରଚାର୍ଜ ଦେବାକୁ ପଡ଼ିବ ନାହିଁ।
୪. ଓପନ୍ ଆକ୍ସେସ ମାଧ୍ୟମରେ ନବୀକରଣୀୟ ଶକ୍ତି ଗ୍ରାହକମାନଙ୍କୁ ପାରମ୍ପରିକ ଶକ୍ତି ଗ୍ରାହକଙ୍କ ପାଇଁ ପ୍ରଯୁଜ୍ୟ ସରବରାହ ଶୁଳ୍କ, ହ୍ୱିଲିଂ ଚାର୍ଜ ଏବଂ କ୍ରସ୍ ସବ୍‌ସିଡି ସରଚାର୍ଜ ଦେବାକୁ ପଡିବ।

ଓଡ଼ିଶା ନବୀକରଣୀୟ ଶକ୍ତି ନୀତି ୨୦୨୨ ଅଧୀନରେ ରିହାତି:
(୧) ପନ୍ଦର (୧୫) ବର୍ଷ ନୀତି ଅବଧି ମଧ୍ୟରେ ରାଜ୍ୟରେ କାର୍ଯ୍ୟକ୍ଷମ ହୋଇଥିବା ନବୀକରଣୀୟ ଶକ୍ତି ପ୍ରକଳ୍ପରୁ ଶକ୍ତି ବ୍ୟବହାର ଉପରେ ଓପନ୍ ଆକ୍ସେସ ଗ୍ରାହକମାନେ କ୍ରସ୍-ସବସିଡି ସରଚାର୍ଜର ପଚାଶ ପ୍ରତିଶତ (୫୦%) ଦେୟ ଦେବେ।
(୨) ଗ୍ରୀଡ୍‌କୋରୁ ନବୀକରଣୀୟ ଶକ୍ତି ଗ୍ରହଣ କରୁଥିବା ରାଜ୍ୟ ଶିଳ୍ପଗୁଡ଼ିକ ପାଇଁ କୌଣସି କ୍ରସ୍-ସବସିଡି ସରଚାର୍ଜ ଦେୟଯୋଗ୍ୟ ନୁହେଁ (ଗ୍ରୀଡ୍‌କୋ ଚାହିଦା ସଂଗ୍ରହକାରୀ ଭାବରେ କାର୍ଯ୍ୟ କରେ)।
(୩) ପନ୍ଦର (୧୫) ବର୍ଷ ନୀତି ଅବଧି ମଧ୍ୟରେ ରାଜ୍ୟରେ କାର୍ଯ୍ୟକ୍ଷମ ହୋଇଥିବା ନବୀକରଣୀୟ ଶକ୍ତି ପ୍ରକଳ୍ପରୁ ଶକ୍ତି ବ୍ୟବହାର ଉପରେ କ୍ୟାପଟିଭ୍/ଓପନ୍ ଆକ୍ସେସ୍ ଗ୍ରାହକମାନଙ୍କୁ ହ୍ୱିଲିଂ ଚାର୍ଜ ଉପରେ ୨୫% ରିହାତି ପ୍ରଦାନ କରାଯିବ।
(୪) ପନ୍ଦର (୧୫) ବର୍ଷ ନୀତି ଅବଧି ମଧ୍ୟରେ ରାଜ୍ୟରେ କାର୍ଯ୍ୟକ୍ଷମ ହୋଇଥିବା ନବୀକରଣୀୟ ଶକ୍ତି ପ୍ରକଳ୍ପରୁ ଶକ୍ତି ବ୍ୟବହାର ଉପରେ କ୍ୟାପଟିଭ୍/ଖୋଲା ପ୍ରବେଶ ଗ୍ରାହକମାନଙ୍କୁ ଓପିଟିସିଏଲ୍ ପ୍ରତି ୟୁନିଟ୍ ଏସ୍‌ଟିୟୁ (ସରବରାହ) ଶୁଳ୍କ ଉପରେ କୋଡ଼ିଏ (୨୦) ପଇସା ରିହାତି ପ୍ରଦାନ କରିବ। ୩୧.୦୩.୨୦୨୬ ପୂର୍ବରୁ କାର୍ଯ୍ୟକ୍ଷମ ହୋଇଥିବା ପ୍ରକଳ୍ପ କ୍ଷେତ୍ରରେ ଏହି ରିହାତିକୁ ଆଉ ପାଞ୍ଚ (୫) ବର୍ଷ ପାଇଁ ବୃଦ୍ଧି କରାଯିବ।

୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଅଧିସୂଚିତ ଏହି ଶୁଳ୍କଗୁଡ଼ିକ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ପ୍ରଯୁଜ୍ୟ ରହିବ।
ସାଧାରଣ ଜନତା ଏବଂ ଆଗ୍ରହୀ ବ୍ୟକ୍ତିଙ୍କ ସୂଚନା ପାଇଁ, ଆୟୋଗ ସମସ୍ତ ଶ୍ରେଣୀର ଗ୍ରାହକଙ୍କ ପାଇଁ ଏଚ୍‌ଟି ଏବଂ ଇଏଚ୍‌ଟି ଉପରେ ପ୍ରଯୁଜ୍ୟ ଶୁଳ୍କ ପ୍ରକାଶ କରୁଛି। ଉକ୍ତ ନିର୍ଦ୍ଦେଶଟି କମିଶନଙ୍କ ୱେବସାଇଟ୍ **www.orierc.org** ଏବଂ ବଣ୍ଟନ ଉପଯୋଗିତାର ୱେବସାଇଟ୍ **www.tpcentralodisha.com** ରେ ଉପଲବ୍ଧ ହେବ।

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୪.୦୩.୨୦୨୫
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍

ବି.ଦ୍ର : ଓଡ଼ିଆ ଭାଷାରେ ପ୍ରକାଶିତ ବିଜ୍ଞପ୍ତିରେ କୌଣସି ଅସ୍ପଷ୍ଟତା ପରିଲକ୍ଷିତ କ୍ଷେତ୍ରରେ ଇଂରାଜୀ ଭାଷାରେ ପ୍ରକାଶିତ ବିଜ୍ଞପ୍ତିକୁ ଅନୁସରଣ କରାଯାଇପାରେ।

## ବିଜିୟୁରେ ଅନ୍ତର୍ଜାତୀୟ ସମ୍ମିଳନୀ


ବିଜିୟୁରେ ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ଅତିଥିଙ୍କ ସମେତ ବିଶ୍ୱବିଦ୍ୟାଳୟର ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୨୪।୩**

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) ପକ୍ଷରୁ 'ସସ୍ଥାୟୀ ଭବିଷ୍ୟତ ସୃଷ୍ଟି: ପ୍ରମୁଖ ସହଭାଗୀଙ୍କ ଭୂମିକା' ଶୀର୍ଷକ ବିଷୟବସ୍ତୁ ସମ୍ପର୍କିତ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍, ଉଦ୍ୟୋଗ ପ୍ରମୁଖ ଏବଂ ନୀତି ନିର୍ଦ୍ଧାରକମାନେ ଯୋଗଦେଇ ବିଶ୍ୱ ସ୍ଥାୟିତ୍ୱର ସମାଧାନ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ଆମେରିକା ଇକୋଲୋଜିକାଲ ସୋସାଇଟିର ପ୍ରେସିଡେଣ୍ଟ ପିଟର ଏମ୍ ଗ୍ରୋଫମ୍ୟାନ୍ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱ ସସ୍ଥାୟୀ ପାଇଁ ଉଦ୍ଦିଷ୍ଟ ଗବେଷଣା ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ରୋଙ୍କ୍ସ କମ୍ୟୁନିଟି କଲେଜ ପ୍ରେସିଡେଣ୍ଟ ମିଲ୍‌ଟନ ସାଣ୍ଟିଆଗୋ ସ୍ଥାୟିତ୍ୱ ଲକ୍ଷ୍ୟ ହାସଲ ଦିଗରେ ଶିକ୍ଷାନୁଷ୍ଠାନ ଓ ଶିଳ୍ପ ସହଯୋଗର ଭୂମିକା ଉପରେ ଆଲୋକପାତ କରିଥିଲେ। ଆଇଆଇଏମ୍ ଅହମଦାବାଦର ପ୍ରଫେସର ନୀହାରିକା ଭୋରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସସ୍ଥାୟୀ ନେତୃତ୍ୱର ଗୁରୁତ୍ୱ ଏବଂ ପ୍ରଭାବଶାଳୀ ସମାଧାନ ସୃଷ୍ଟି ଦିଗରେ ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପାନୁଷ୍ଠାନ ମଧ୍ୟରେ ବୃଦ୍ଧି ପାଉଥିବା ସମ୍ପର୍କର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଫେସର ନିଲ ଫିଲିପ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଏବଂ ସସ୍ଥାୟୀ ବିଶ୍ୱ ଗଠନ ଉପରେ ଆଲୋଚନା କରିଥିଲେ। ପ୍ରଫେସର ପରିମିତା ସେନ୍ ନ୍ୟୁୟର୍କ ସିଟି ୟୁନିଭର୍ସିଟି ଉପରେ ଆଲୋକପାତ କରିଥିଲେ, ଯାହାର ୧୩ଜଣ ପୂର୍ବତନ ଛାତ୍ର ନୋବେଲ ପୁରସ୍କାର ବିଜେତା ଅଟନ୍ତି। ବିଜିୟୁ କୁଳପତି ପ୍ରଫେସର କୁଳଭୂଷଣ ବାଲୁନି ସସ୍ଥାୟୀ ବିଶ୍ୱଗଠନ ପ୍ରତି ଥିବା ୟୁନିଭର୍ସିଟିର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ଡ. ପରମେଶ୍ୱର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମିଳନୀ ସଂଯୋଜକ ଡ. ଅନୁଭା ରାୟ ବିଷୟବସ୍ତୁ ଉପରେ ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ। ଆସୋସିଏଟ୍ ପ୍ରଫେସର ଡ. ଅର୍ଚ୍ଚନା ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ୭୦ ଲିଟର ଦେଶୀ ମଦ ଜବତ, ୨ ଗିରଫ

ବାରଙ୍ଗ/ତ୍ରିଶୂଳିଆ,୨୪।୩
(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ନନ୍ଦନକାନନଥାନା ଅଧୀନସ୍ଥ ପି.କେ. ପ୍ୟାଲେସ ନିକଟରେ ଓ ପଦାସାହି ଛକ ନିକଟରେ ଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାରଙ୍ଗ ଥାନା ଅଧୀନ ଗଦେଇକୁଦର ବଳରାମ ଦାସ(୫୦) ଓ ବାରଙ୍ଗ ତେଲେଙ୍ଗା ସାହିର ତୋଫାନ ହେମ୍ବ୍ରମ (୨୩)। ପୋଲିସ ସେମାନଙ୍କଠାରୁ ୭୦ ଲିଟର ଦେଶୀ ମଦ ଜବତ କରିଛି। ଏନେଇ ପୋଲିସ ୨ଟି ମାମଲା(୧୦୦/୨୫ ଓ ୧୦୨/୨୫) ରୁଜୁ କରି ତଦନ୍ତ ଚଳାଇଛି। ରବିବାର ରାତିରେ ନନ୍ଦନକାନନ ଥାନା ଅଧିକାରୀ ସମୀତା ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ସନ୍ଧ୍ୟା ପାଟ୍ରୋଲିଂ କରୁଥିବାବେଳେ ବଳରାମ ଓ ତୋଫାନଙ୍କ ମଦ ବିକ୍ରି ସମ୍ପର୍କରେ ସୂଚନା ପାଇଥିଲେ। ପରେ ପୋଲିସ ଉକ୍ତ ୨ ସ୍ଥାନରେ ଚଢ଼ାଉ କରି ଉଭୟଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ବଳରାମଙ୍କଠାରୁ ୨୫ ଲିଟର ଆସ୍କା-୪୦ ଓ ନଗଦ ୮୨୦ ଟଙ୍କା, ତୋଫାନଙ୍କଠାରୁ ୪୫ ଲିଟର ଦେଶୀ ମଦ ଜବତ କରିଛି। ବଳରାମଙ୍କ ନାମରେ ପୂର୍ବରୁ ନନ୍ଦନକାନନ ଥାନାରେ ୨ଟି ମାମଲା ଓ ତୋଫାନଙ୍କ ନାମରେ ବାରଙ୍ଗ ଥାନାରେ ୩ଟି ମାମଲା ରହିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

# ମଣ୍ଡପ ବସ୍ତିର ୧୬୨ ପରିବାରଙ୍କୁ ପକ୍କାଘର ବଣ୍ଟନ

## ୧୩ଜଣ ସ୍ୱତନ୍ତ୍ର ବର୍ଗର ହିତାଧିକାରୀଙ୍କୁ ପ୍ରଥମେ ଦିଆଗଲା ତଳଘର

ଭୁବନେଶ୍ୱର,୨୪।୩ (ବନ୍ଦନା ସେଠୀ)



ବିଏମ୍‌ସି ମେୟର ଓ କମିଶନରଙ୍କ ଉପସ୍ଥିତିରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଜଣେ ହିତାଧିକାରୀଙ୍କୁ ଗୃହ ଆବଣ୍ଟନ କରୁଛନ୍ତି।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଉତ୍ତର ଜୋନ୍‌ରେ ଥିବା ମଣ୍ଡପ ବସ୍ତି ବାସିନ୍ଦାଙ୍କୁ ରାଜୀବ ଆବାସ ଯୋଜନାରେ ସୋମବାର ଲଟେରି ମାଧ୍ୟମରେ ଗୃହ ଆବଣ୍ଟନ କରାଯାଇଛି। ପ୍ରଥମେ ଦିବ୍ୟାଙ୍ଗଙ୍କୁ ତଳମହଲା ବା ଗ୍ରାଉଣ୍ଡ୍ ଫ୍ଲୋରର ଗୃହ ଆବଣ୍ଟନ କରାଯାଇଥିଲା। ୧୩ଜଣ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଲଟେରି ମାଧ୍ୟମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମେୟର ସୁଲୋଚନା ଦାସ ଏବଂ କମିଶନର ରାଜେଶ ପ୍ରଭାକର ପାଟିଲ ଗୃହ ପ୍ରଦାନ କରିଥିଲେ। ପରେ ଅନ୍ୟ ହିତାଧିକାରୀଙ୍କ ଲଟେରି ଉଠାଣ କରାଯାଇଥିଲା। ମୋଟ ୧୬୨ଜଣଙ୍କୁ ଗୃହ ବଣ୍ଟନ କରାଯାଇଥିଲା। ରାଜଧାନୀରେ ସ୍ୱପ୍ନର ଘରଟିଏ ପାଇବା ବାସ୍ତବରେ ପରିଣତ ହୋଇ ଥିବାରୁ ହିତାଧିକାରୀମାନେ ଖୁସି ପ୍ରକଟ କରିଥିଲେ। ଆଗାମୀ ଦିନରେ ବିଏମ୍‌ସି ଅଞ୍ଚଳରେ ଥିବା ସମସ୍ତ ବସ୍ତିବାସିନ୍ଦାଙ୍କୁ ପକ୍କା ଘର ଯୋଗାଇ ଦେବାକୁ ଯୋଜନା କରାଯାଇଛି। ପର୍ଯ୍ୟାୟକ୍ରମେ ଗୃହ ଆବଣ୍ଟନ କରାଯାଉଛି। ଭୁବନେଶ୍ୱରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରିବା ପାଇଁ ଏହି ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ କହିଛନ୍ତି। ରାଜୀବ ଆବାସ ଯୋଜନାରେ ମଣ୍ଡପ ବସ୍ତିଠାରେ ୨୯କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ମୋଟ ୫ଟି ବ୍ଲକ ନିର୍ମାଣ ଚାଲିଥିବାବେଳେ ପ୍ରତି ବ୍ଲକ ୪ମହଲା ବିଶିଷ୍ଟ ଏବଂ ଗୋଟିଏ ଗୋଟିଏ ବ୍ଲକରେ ୮୦ଟି ପରିବାର ଲେଖାଏ ମୋଟ ୪ଶହ ପରିବାର ରହିପାରିବାର ବ୍ୟବସ୍ଥା ହୋଇଛି। ତେବେ ଦୁଇଟି ବ୍ଲକ କାମ ଶେଷ ହେବା ପରେ ଲଟେରି ମାଧ୍ୟମରେ ୧୬୨ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ଆବଣ୍ଟନ କରାଯାଇଛି। ସହରାଞ୍ଚଳରେ ବାସ କରୁଥିବା ସ୍ୱଳ୍ପ ଆୟକାରୀ ପରିବାରଙ୍କୁ ରାଜୀବ ଆବାସ ଯୋଜନାରେ ସୁଲଭ ମୂଲ୍ୟରେ ଅର୍ଥାତ୍ ସମୁଦାୟ ବ୍ୟୟର ମାତ୍ର ୨୦% ଅର୍ଥାତ୍ ୧ଲକ୍ଷ ୨୦ହଜାର ଟଙ୍କାରେ ପକ୍କା ଘର ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାର ବ୍ୟବସ୍ଥା କରିଛନ୍ତି। ସେହି ଯୋଜନା ଅନୁଯାୟୀ ବିଏମ୍‌ସି ପକ୍ଷରୁ ଗୃହ ଆବଣ୍ଟନ କରାଯାଇଛି। ୩୨୩ ବର୍ଗଫୁଟ ବିଶିଷ୍ଟ ଏହି ଗୃହରେ ଗୋଟିଏ ଶୋଇବା ଘର ସହ ରୋଷେଇ ଘର, ବାଥରୁମ୍, ବାଲକୋନୀ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଆଲୋକ ଆଦି ସୁବିଧା ରହିଛି। ଭୁବନେଶ୍ୱରରେ ରାଜୀବ ଆବାସ ଯୋଜନାରେ ପୂର୍ବରୁ ମଇଁଷି ଖାଲ ହାଉସିଂ ପ୍ରକଳ୍ପରେ ୭୪୮ଟି ଗୃହ ମଧ୍ୟରୁ ୬୦୦ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଆବଣ୍ଟନ କରାଯାଇଛି। ସେହିପରି ପଥରବନ୍ଧଠାରେ ୨୪୦ରୁ ୨୪୦ଟି ଗୃହ ଆବଣ୍ଟନ କରାଯାଇଥିବାବେଳେ ଶାନ୍ତିପଲ୍ଲୀଠାରେ ୮୪୯ରୁ ୫୫୧ଟି, ନୀଳମାଧବ ହାଉସିଂ ପ୍ରକଳ୍ପ ୧୨୦୦ରୁ ୫୯୧ ଜଣଙ୍କୁ ଏବଂ ମଣ୍ଡପବସ୍ତିଠାରେ ୪୦୦ ଗୃହରୁ ଆଜି ସୁଦ୍ଧା ୩୨୦ ଜଣଙ୍କୁ ଲଟେରି ମାଧ୍ୟମରେ ଆବଣ୍ଟନ କରାଯାଇଥିବା ସୂଚନା ଦିଆଯାଇଛି।

## ଶ୍ରୀଲିଙ୍ଗରାଜ ମନ୍ଦିର ଆଡ଼କାଠ ନିକଟରୁ ଟେବୁଲ, ଥାଳି ହଟାଯାଉ

### ଆଇନ ମନ୍ତ୍ରୀଙ୍କୁ ଚିଠି ଲେଖିଲା ପୂଜାପଣ୍ଡା ନିଯୋଗ

ପୁରୁଣା ଭୁବନେଶ୍ୱର,୨୪।୩(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ଆଡ଼କାଠ ନିକଟରୁ ଟେବୁଲ ଏବଂ ଥାଳି ହଟାଯାଉ ବୋଲି ପୂଜାପଣ୍ଡା ନିଯୋଗ ପକ୍ଷରୁ ଦାବି ହୋଇଛି। ଏନେଇ ପୂଜାପଣ୍ଡା ନିଯୋଗ ପକ୍ଷରୁ ଆଇନ ମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି।

ଶ୍ରୀଲିଙ୍ଗରାଜ ମନ୍ଦିର ଗର୍ଭ ଗୃହ ଓ ଆଡ଼କଠ ନିକଟରେ ଟେବୁଲ ଏବଂ ଥାଳି ରଖାଯାଇ ଭକ୍ତମାନଙ୍କୁ ଶୋଷଣ କରାଯାଉଛି। ଲକ୍ଷ ଲକ୍ଷ ଟଙ୍କା ମନ୍ଦିର ପ୍ରଶାସନ ତହବିଲକୁ ନ ଆସି ଆତ୍ମସାତ୍ ହେଉଛି। ଏହାଦ୍ୱାରା ପ୍ରଶାସନର ରାଜସ୍ୱ ହ୍ରାସ ପାଉଛି। ସେଠାରେ ଏକ ହୁଣ୍ଡି ବସାଇବା ନେଇ ପୂଜାପଣ୍ଡା ନିଯୋଗ ମନ୍ଦିର ପ୍ରଶାସନ ଏବଂ ଦେବୋତ୍ତର ବିଭାଗ ନିକଟରେ ବର୍ଷ ବର୍ଷ ଧରି ଅଭିଯୋଗ କରୁଥିଲେ ମଧ୍ୟ ସୁଫଳ ମିଳୁନାହିଁ ବୋଲି ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି। ଏଥିପାଇଁ ଅନେକ ସମୟରେ ଠାକୁରଙ୍କ ନୀତି ବିଭ୍ରାଟ ଓ ପରମ୍ପରାରେ ବ୍ୟତିକ୍ରମ ଦେଖାଦେଇଛି। ଏପ୍ରିଲ ୫ରେ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା। ଏବେ ପୁଣି ପୂଜାପଣ୍ଡା ନିଯୋଗ ପକ୍ଷରୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଦେବୋତ୍ତର କମିଶନର, ମନ୍ଦିର ପ୍ରଶାସନକୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଆଡ଼କଠ ନିକଟରୁ ଟେବୁଲ ଏବଂ ଥାଳି ନ ହଟିଲେ ରୁକୁଣା ରଥଯାତ୍ରାରେ ଅସହଯୋଗ କରାଯିବ ବୋଲି ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି।

## ଖାଦ୍ୟ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟାରେ ଅଗ୍ରଗତି ନେଇ ଆଲୋଚନା



ଆଲୋଚନାଚକ୍ରରେ ଅତିଥିମାନେ ସୃଜନୀ ପତ୍ରିକା 'ଇଙ୍କ୍‌ସ୍ୱାୟାର' ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୨୪।୩(ସୁଚିସ୍ମିତା ସାହୁ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଗୃହ ବିଜ୍ଞାନ ବିଭାଗ ପକ୍ଷରୁ ପୁରାତନ ଛାତ୍ରୀଙ୍କ ସହଯୋଗରେ 'ଖାଦ୍ୟ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ସାଂପ୍ରତିକ ଅଗ୍ରଗତି' ଶୀର୍ଷକ ଏକ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ବୈଜ୍ଞାନିକ ତଥା ବିଜ୍ଞାନ ଲେଖକ ଡ. ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ କହିଲେ, ଖାଦ୍ୟ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିଭିନ୍ନ ଅଗ୍ରଗତି ଖାଦ୍ୟ ଓ ପୋଷଣ ସୁରକ୍ଷା ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଏଥିରେ ଅଧ୍ୟକ୍ଷତା କରି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ଏ କ୍ଷେତ୍ରରେ ଗୃହ ବିଜ୍ଞାନୀଙ୍କର ଅତୁଳନୀୟ ଅବଦାନ ବିଷୟରେ କହିଥିଲେ। ବିଭାଗର ସୃଜନ ପତ୍ରିକା 'ଇଙ୍କ୍‌ସ୍ୱାୟାର' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଗୃହ ବିଜ୍ଞାନ ବିଭାଗ ମୁଖ୍ୟ ଜ୍ୟୋତିର୍ମୟୀ ଉଦ୍‌ଗାତା ସ୍ୱାଗତ ଭାଷଣ ଦେଇଥିବାବେଳେ ସହଯୋଗୀ ପ୍ରଫେସର ଡ. ସୂର୍ଯ୍ୟମଣୀ ପାତ୍ର ଧନ୍ୟବାଦ ଦେଇଥିଲେ। ସହକାରୀ ପ୍ରଫେସର ହେଲିନା ଯତି କାର୍ଯ୍ୟକ୍ରମ ସଂଯୋଜନା ଓ ସହକାରୀ ପ୍ରଫେସର ଡ. ସରିତା ମିଶ୍ର, ଅନୁଶ୍ରୀୟା ସାହୁ, ଆଭା ଆୟୁଶ୍ରୀ, ମୋନାଲିସା ମୁଣ୍ଡା, ଡ. ଜ୍ୟୋତ୍ସ୍ନାରାଣୀ ପଣ୍ଡା ଏବଂ ନମିତା ରାଣୀ ବେହେରା ପରିଚାଳନା କରିଥିଲେ।

## ହତ୍ୟା ଉଦ୍ୟମ ମାମଲାରେ ଅଭିଯୁକ୍ତଙ୍କ ଘରେ ଲାଗିଲା ଲଟକା

ଭୁବନେଶ୍ୱର,୨୪।୩ (ସୂର୍ଯ୍ୟକାନ୍ତ ବେହେରା)

ବିଭିନ୍ନ ମାମଲାରେ ଜାମିନରେ ଆସି ଆଉ କୋର୍ଟରେ ହାଜର ହେଉ ନ ଥିବା ଅଭିଯୁକ୍ତଙ୍କୁ ଚିହ୍ନଟ କରି ପଳାତକ ଘୋଷଣା କରିବା ସହ ସେମାନଙ୍କ ଘର ଆଗରେ କମିଶନରେଟ ପୋଲିସ ଲଟକା ଝୁଲାଉଛି। ଧାର୍ଯ୍ୟ ସମୟ ଭିତରେ ହାଜର ନ ହେଲେ ପଳାତକ ଘୋଷଣା ସହ ସମ୍ପତ୍ତି ବାଜ୍ୟାପ୍ତି ପାଇଁ କମିଶନରେଟ ପୋଲିସ ପକ୍ଷରୁ ଚେତାବନୀ ଦିଆଯାଇଛି। ରବିବାର ବଳାତ୍କାର ମାମଲାରେ ଫେରାର ଥିବା କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀର ଅଭିଯୁକ୍ତ ଅକ୍ଷୟ ନାୟକ ଓରଫ ନଣ୍ଟାଙ୍କ ଘରେ ଲଟକା ଝୁଲାଉଥିବା ବେଳେ ସୋମବାର ଏକ ହତ୍ୟା ଉଦ୍ୟମ ମାମଲାରେ ଫେରାର ଥିବା ଖଣ୍ଡଗିରି ଥାନା ଜାଗମରା ବରବାଗିରେ ବିମଳ ପଟ୍ଟନାୟକ ଓରଫ ନିବାସଙ୍କ ଘରେ ପୋଲିସ ସମାନ ପଦକ୍ଷେପ ନେଇଛି।

## ୟୁବିଆଇ କଟକ କ୍ଷେତ୍ର ପକ୍ଷରୁ ସିଏସ୍‌ଆର୍ କାର୍ଯ୍ୟକ୍ରମ



ଭୁବନେଶ୍ୱର,୨୪।୩ (ଅଭୟ ଦାଶ) - ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା ୟୁବିଆଇ କଟକ କ୍ଷେତ୍ର ପକ୍ଷରୁ ଜଗତ୍‌ସିଂହପୁର ଜିଲାର ବାଲିକୁଦାସ୍ଥିତ ଗଇଠିପୁରଠାରେ ଏକ ସିଏସ୍‌ଆର୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଏହାକୁ ଉଦଘାଟନ କରିଥିଲେପରିଷଦ ସଦସ୍ୟା ରୁନିଲତା ବେହେରା, ସରପଞ୍ଚ ରୁନିଲତା ବେହେରା ଏବଂ ପୂର୍ବତନ ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ। ୨୦୦ଜଣ ଅଭାବୀ ମହିଳାଙ୍କୁ ମଶାରୀ ଏବଂ ଛତା ବଣ୍ଟନ କରାଯାଇଥିଲା। କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ସରୋଜ କୁମାର ରାଉତ, ଉପ-କ୍ଷେତ୍ରୀୟ ମୁଖ୍ୟ ବିଷ୍ଣୁ ଚରଣ ବେହେରା, ମୁଖ୍ୟ ପ୍ରବନ୍ଧକ ଚିନ୍ମୟ ବେହେରାଙ୍କ ସମେତ ସିଏସ୍‌ଆର୍ କମିଟିର ମହିଳା ସଭ୍ୟା ତସନୁମ୍ ନାଜ୍, ନଭନୀତା ସେନ୍ ଏବଂ ତପସ୍ୱିନୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଅରିଲୋ ଶାଖାର ଶାଖା ମୁଖ୍ୟ ପ୍ରକାଶ ସୁନ୍ଦରାୟ ମହିଳା ଗ୍ରାହକଙ୍କ ପାଇଁ ଉପଲବ୍ଧ ବିଭିନ୍ନ ବିକାଶ ଯୋଜନା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ନରେନ୍ଦ୍ର ନାଥ ବିଶ୍ୱାଳ ଆୟୋଜନ କରିଥିବାବେଳେ ମନୋସ୍ମିତା ରାଉତ ପରିଚାଳନା କରିଥିଲେ।

# 'କଳାବୃତ୍ତି' ଉଦ୍‌ଘାଟିତ, ୭ ସମ୍ବର୍ଦ୍ଧିତ



ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

ଭୁବନେଶ୍ୱର,୨୪।୩
(ସୌମ୍ୟରଞ୍ଜନ ରାଉତ)

### ମନମୋହିଲା ଶାସ୍ତ୍ରୀୟ ସଙ୍ଗୀତ, ମର୍ଦ୍ଦଳ ବାଦନ

ଗୋକୁଳଗୁରୁ ଫାଉଣ୍ଡେଶନ ପକ୍ଷରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରଠାରେ ସୋମବାର କଳା, ସଂସ୍କୃତି ଓ ଐତିହ୍ୟ ଉତ୍ସବ 'କଳାବୃତ୍ତି' ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଅଧିବେଶନରେ 'ଗୋପାଳକୃଷ୍ଣ କବିତା ଆସର' ସହ ନବ ଓ ଯୁବ ପ୍ରତିଭାମାନେ ଓଡ଼ିଶୀ ସମେତ କଥକ, ଛଉ, ସମ୍ବଲପୁରୀ ଆଦି ବିଭିନ୍ନ ଶାସ୍ତ୍ରୀୟ ନୃତ୍ୟ ଓ ବାଦ୍ୟ ସଂଗୀତ ପରିବେଷଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସଙ୍ଗୀତ ଗୁରୁ, ଶାସ୍ତ୍ରୀୟ ସଙ୍ଗୀତ, ମର୍ଦ୍ଦଳ ବାଦନ ସହ ନୃତ୍ୟ ଗୁରୁମାନେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ଏହି ଅବସରରେ ଗୁରୁପଦ ବଳିୟାରସିଂଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ୭ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। ମର୍ଦ୍ଦଳ ଗୁରୁ ସଚ୍ଚିଦାନନ୍ଦ ଦାସଙ୍କୁ 'କଳାବୃତ୍ତି ସଙ୍ଗୀତ ସମ୍ମାନ', ଓଡ଼ିଶୀ ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁଙ୍କୁ 'କଳାବୃତ୍ତି ନୃତ୍ୟ ସମ୍ମାନ', ପାଲା ଗାୟକ ବିଦ୍ୟାଭୂଷଣ ରମାକାନ୍ତ ମିଶ୍ରଙ୍କୁ 'ଗୋକୁଳାନନ୍ଦ ସ୍ମୃତି ସମ୍ମାନ', କବି ଡ. ରକ୍ଷକ ନାୟକଙ୍କୁ 'ଗୋପାଳକୃଷ୍ଣ ସ୍ମୃତି ସମ୍ମାନ', ସାମ୍ବାଦିକ ବିମଳକ୍ରିଷ୍ଣା ଥମ୍ବଙ୍କୁ 'ସାମ୍ବାଦିକ ତ୍ରିବିକ୍ରମ ସ୍ମୃତି ସମ୍ମାନ', କଣ୍ଠଶିଳ୍ପୀ ସଙ୍ଗୀତା ଗୋସାଇଁଙ୍କୁ 'ଓଡ଼ିଶୀ ନୃତ୍ୟ ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ ସମ୍ମାନ', ଭାସ୍କର୍ଯ୍ୟ ଶିଳ୍ପୀ ଜୟନ୍ତ କୁମାର ଦାସଙ୍କୁ 'ଶିଳ୍ପୀଗୁରୁ ଡ. ରଘୁନାଥ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଅତିଥି ଭାବେ ପଦ୍ମଶ୍ରୀ ଡ. କୁମକୁମ ମହାନ୍ତି, ସଂସ୍କୃତି ଗବେଷକ ପ୍ରଫୁଲ୍ଲ ମିଶ୍ର, ଶକୁନ୍ତଳା ବଳିୟାରସିଂ ପ୍ରମୁଖ ଯୋଗଦେଇ ଏହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

## 'ସମୟର ପ୍ରାଚୀଧାରା'ର ବାର୍ଷିକ ଉତ୍ସବ

ବାଲିପାଟଣା,୨୪।୩(ଅଭିମନ୍ୟୁ ନାୟକ)

ସାହିତ୍ୟ ଏକାଡେମୀ ସହଯୋଗରେ ତ୍ରୈମାସିକ ସାହିତ୍ୟ ପତ୍ରିକା 'ସମୟର ପ୍ରାଚୀଧାରା'ର ତ୍ରୟୋଦଶ ବାର୍ଷିକ ଉତ୍ସବ ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ କଥାକାର ଡ.ଅଜୟ ସ୍ୱାଇଁ, କବି ଡ.ଫନୀ ମହାନ୍ତି, ଡ.ଆଦିକନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ। କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ଆଶୁତୋଷ ଦାଶ, କ୍ଷଣପ୍ରଭା ମହାନ୍ତି, ସନ୍ନ୍ୟାସୀ ନାୟକ, ସୌଦାମିନୀ ବେହେରା, ଗିତାଶ୍ରୀ ପ୍ରିୟମ୍ବଦା ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଉମାକାନ୍ତ ମହାପାତ୍ର, ପୂର୍ଣ୍ଣ ମହାରଣା, କେ. ବିପ୍ଳବ, ଯାମିନିକାନ୍ତ ଦାସ, ଶ୍ରୀଯୁକ୍ତ ସତ୍ୟାନାଶ, ବାବାଜୀ ଜେନା, ମୁରଲୀଧର ସାହୁ, ରମେଶ ଚନ୍ଦ୍ର ସାହୁ, ପୁଷ୍ପଲତା ବେହେରା, ବୈଜୟନ୍ତୀ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। କବି ଭଗବାନ୍ ସାହୁଙ୍କ ରଚିତ 'ଇସ', ବୈଜୟନ୍ତୀ ସାହୁଙ୍କ 'କସ୍ତୁରୀ' ଓ ରତ୍ନାକର ସାହୁଙ୍କ ପୁସ୍ତକ 'ଭକ୍ତି ସମର୍ପଣ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଆଦିକନ୍ଦ ସାହୁ, ବିରେନ୍ଦ୍ର ସାମନ୍ତରାୟ, କ୍ଷୀରୋଦ ରାୟ ମହାପାତ୍ର, ଦୁର୍ଗା ଷଡ଼ଙ୍ଗୀ, ବଙ୍କିମ ନାୟକ, ଅଜୟ ସ୍ୱାଇଁ, ରଜନୀ ଦାଶ, ସୁରେଶ ସ୍ୱାଇଁ, ରତ୍ନପ୍ରଭା ଦାସ, ମନୋଜ ସାହୁ, ଇପ୍ସିତା ଷଡ଼ଙ୍ଗୀ, ରାଜୀବ ସ୍ୱାଇଁ, ତାରକ ମହାନ୍ତି, ଡ. ଭାରତ ଚନ୍ଦ୍ର ଦାଶ, ସୌମ୍ୟା ପରିଡ଼ା, ଝୁନୀ ଦେଇ ଉପସ୍ଥିତ ଥିଲେ। ସମ୍ପାଦକ ଭଗବାନ ସାହୁ, କବି ଅଭିମନ୍ୟୁ ନାୟକ ଏବଂ ବିପିନ ମହାନ୍ତି ପରିଚାଳନା କରିଥିଲେ।

## ବେଦ ଯୁଗେ ଯୁଗେ ସୁଶାସନ, ଐତିହ୍ୟକୁ ପଥ ପ୍ରଦର୍ଶନ କରିଥାଏ

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ବୈଦିକ ସମ୍ମିଳନୀ ଉଦ୍‌ଯାପିତ

ବାରଙ୍ଗ/ତ୍ରିଶୂଳିଆ,୨୪।୩(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ଗୁରୁକୁଳ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ତଥା ମହର୍ଷି ସାନ୍ଦିପନୀ ରାଷ୍ଟ୍ରୀୟ ବେଦ ବିଦ୍ୟା ପ୍ରତିଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ୩ ଦିନିଆ ବୈଦିକ ସମ୍ମିଳନୀର ଭବ୍ୟ ଓ ପ୍ରେରଣାଦାୟୀ ଅଧିବେଶନ ରବିବାର ଶେଷ ହୋଇଛି। ଏଥିରେ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଆଧୁନିକ ରାଜନୀତିରେ ବୈଦିକ ଜ୍ଞାନର ପ୍ରାସଙ୍ଗିକତା ଉପରେ ନିଜର ମତବ୍ୟକ୍ତ କରିଥିଲେ। ଏମ୍‌ପି କହିଛନ୍ତି, ବେଦ ତା'ର କାଳଜୟୀ ଜ୍ଞାନ ସହ ଯୁଗେ ଯୁଗେ ସୁଶାସନ ଏବଂ ଐତିହ୍ୟକୁ ପଥ ପ୍ରଦର୍ଶନ କରିଥାଏ। ଅନ୍ୟତମ ବକ୍ତା ପ୍ରଫେସର ବିରୁପାକ୍ଷ ଜାଡ଼ିପାଲ ମାନବ ସଭ୍ୟତା ଗଠନରେ ବେଦମାନଙ୍କର ମୌଳିକ ଭୂମିକା ବିଷୟରେ ସୂଚାଇଥିଲେ। ବୈଦିକ ଜ୍ଞାନର ସଂରକ୍ଷଣ କେବଳ ଦାୟିତ୍ୱ ନୁହେଁ ବରଂ ଏକ ଅଧିକାର ବୋଲି ସେ କହିଥିଲେ। ସମ୍ମିଳନୀରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସଭାପତି ରଜିତା କୁଲକର୍ଣ୍ଣୀ, ଗୁରୁକୁଳ ମୁଖ୍ୟ ତଥା ଏକାଡେମିକ ନିର୍ଦ୍ଦେଶକ ସ୍ୱାମୀ ହରିହର ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟଙ୍କ ସମେତ ଅନ୍ୟ ପ୍ରମୁଖ ବ୍ୟକ୍ତି ବୈଦିକ ଶିକ୍ଷା ଉପରେ ସେମାନଙ୍କ ଦୃଷ୍ଟିକୋଣ ପରିପ୍ରକାଶ କରିଥିଲେ। ସହକାରୀ ପ୍ରାଧ୍ୟାପିକା ଡ. ଝରଣା ରାଣୀ ତ୍ରିପାଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ରାହୁଲ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ସମ୍ମିଳନୀ ଦ୍ୱାରା ପଣ୍ଡିତ, ଅଧ୍ୟାପକ ଏବଂ ବିଦ୍ୟାର୍ଥୀ ବେଦର ଆଧ୍ୟାତ୍ମିକ, ସାଂସ୍କୃତିକ ଏବଂ ବୌଦ୍ଧିକ ମହତ୍ତ୍ୱ ବିଷୟରେ ସୂଚନା ପାଇଥିଲେ।



ବଡଗଡ ନେତାଜୀ ଯୁବକ ସଂଘଠାରେ ସୋମବାର ଆୟୋଜିତ କମ୍ରେଡ ପ୍ରମିଳା ଜେନାଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିଙ୍କ ସହ ଉପସ୍ଥିତ ପରିବାର ସଦସ୍ୟମାନେ।

# ଆରମ୍ଭ ହେଲା 'ଓଡ଼ିଆ ସାହିତ୍ୟ ସମାରୋହ'

### କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କୁ 'ଭଞ୍ଜଭାରତୀ ଜୟଦେବ ଷଡ଼ଙ୍ଗୀ ସ୍ମୃତିସମ୍ମାନ'

ଭୁବନେଶ୍ୱର,୨୪।୩ (ସୌମ୍ୟରଞ୍ଜନ ରାଉତ)




ଅତିଥିମାନେ କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କୁ 'ଭଞ୍ଜଭାରତୀ ଜୟଦେବ ଷଡ଼ଙ୍ଗୀ ସ୍ମୃତିସମ୍ମାନ' ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର ଭଞ୍ଜଭାରତୀର ରୌପ୍ୟଜୟନ୍ତୀ ଅବସରରେ ପଞ୍ଚଦିବସୀୟ ଓଡ଼ିଆ ସାହିତ୍ୟ ସମାରୋହ ସୂଚନା ଭବନରେ ଆରମ୍ଭ ହୋଇଛି। ଏହି ଅବସରରେ 'ଭଞ୍ଜନିକୁଞ୍ଜ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତି ଶଶିକାନ୍ତ ମିଶ୍ର ଯୋଗଦେଇ ଆଧୁନିକ ଓଡ଼ିଶାରେ ଭଞ୍ଜକବିଙ୍କ ରଚନାବଳୀର ଅନୁଶୀଳନ, ଚିନ୍ତନ ଓ ଚର୍ଚ୍ଚାର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଭଞ୍ଜୀୟ ସାହିତ୍ୟ ସୃଷ୍ଟିର କାଳଜୟୀ ପ୍ରଭାବ ଉପରେ ବକ୍ତବ୍ୟ ରଖିଥିଲେ। ରମାଦେବୀ ମହିଳା ମହାବିଦ୍ୟାଳୟ ଓଡ଼ିଆ ଭାଷାସାହିତ୍ୟ ବିଭାଗର ମୁଖ୍ୟ ଡ. ସଂଘମିତ୍ରା ଭଞ୍ଜ କବି ଉପେନ୍ଦ୍ରଙ୍କ ସାହିତ୍ୟରେ ଭକ୍ତିଚେତନାର ଅବତାରଣା କରିଥିଲେ। ସଭାର ସଭାପତି ଓ ମୁଖ୍ୟ ଆଲୋଚକ ତଥା ଭଞ୍ଜଭାରତୀର ସଭାପତି ଡା. କୃଷ୍ଣକେଶବ ଷଡଙ୍ଗୀ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟର ବୈଶିଷ୍ଟ୍ୟରେ ଓଡ଼ିଆ ଅସ୍ମିତାବୋଧର ପ୍ରତିଫଳନକୁ ବିବିଧ ଦୃଷ୍ଟାନ୍ତ ମାଧ୍ୟମରେ ଉପସ୍ଥାପିତ କରିଥିଲେ। ସେ କହିଲେ, ଏହି ପଞ୍ଚଦିବସୀୟ ସମାରୋହ ବାଣୀପୂଜା ପଞ୍ଚ ଉପଚାର ସଦୃଶ। ସ୍ଥିତି ବା ଅସ୍ମିତାର ଗନ୍ଧ, ଭକ୍ତିର ପୁଷ୍ପ, ସ୍ତୁତିର ଧୂପ, ପ୍ରୀତିର ଦୀପ ଓ ନୀତିର ନୈବେଦ୍ୟକୁ ଆଲୋଚନା କରିବାର ଭିତ୍ତିରେ ଏହି ସମାରୋହରେ ପାଞ୍ଚଜଣ ପ୍ରାଚୀନ ଓଡ଼ିଆ କବିଙ୍କ ସାହିତ୍ୟର ଅନୁଶୀଳନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ବ୍ରହ୍ମପୁରର ବର୍ଷୀୟାନ କବି ଓ ପ୍ରାବନ୍ଧିକ କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କୁ ମର୍ଯ୍ୟାଦାଜନକ 'ଭଞ୍ଜଭାରତୀ ଜୟଦେବ ଷଡ଼ଙ୍ଗୀ ସ୍ମୃତିସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା। ପରେ 'ନାଦବ୍ରହ୍ମ'ପକ୍ଷରୁ କଣ୍ଠଶିଳ୍ପୀ ମହାପାତ୍ର ମିନତି ଭଞ୍ଜ, ପ୍ରଫେସର ଜଗନ୍ନାଥ କୁଅଁର ଓ ସାଥୀଙ୍କ ଦ୍ୱାରା ଭଞ୍ଜସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ସମାରୋହ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଭଞ୍ଜଭାରତୀର କୋଷାଧ୍ୟକ୍ଷ ଶୈଳଜା ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା ଓ ସଦସ୍ୟ ଗିରିଜାପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ନେତାଜୀଙ୍କ ପ୍ରତିମୂର୍ତ୍ତି ସ୍ଥାନର ପୁନରୁଦ୍ଧାର ଦାବି

କଟକ, (ଶିକ୍ଷା ପ୍ରିୟଦର୍ଶିନୀ): କଲେଜ ଛକସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଥିବା ସ୍ଥାନର ପୁନରୁଦ୍ଧାର ତଥା ନବୀକରଣ ପାଇଁ ସୁଭାଷ ସଂଗଠନ ପକ୍ଷରୁ ସୋମବାର ସିଏମ୍‌ସି କମିଶନରଙ୍କ ଉଦ୍ଦେଶ୍ୟରେ ଯୁଗ୍ମକମିଶନର କଳ୍ପତରୁ ବେହେରାଙ୍କୁ ଦାବିପତ୍ର ଦିଆଯାଇଛି। ଉକ୍ତ ବିଷୟରେ ସିଏମ୍‌ସି କମିଶନରଙ୍କୁ ଅବଗତ କରାଯାଇ ଏକମାସ ମଧ୍ୟରେ ପଦକ୍ଷେପ ନିଆଯିବ ବୋଲି ଯୁଗ୍ମକମିଶନର ବେହେରା ପ୍ରତିଶ୍ରୁତି ଦେଇଥିବା ସଂଗଠନର ସମ୍ପାଦକ ସୁରେଶ ମହାନ୍ତି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ସନ୍ତୋଷ ମହାନ୍ତି, ଜ୍ଞାନରଞ୍ଜନ ଦାସ, ବାପୁଜୀ କର, ରାକେଶ ବସ୍ତିଆ, ପ୍ରଫୁଲ୍ଲ ମହାରଣା, ଦୀପକ ପରିଡା, ଦେବାଶିଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଡା. ଅହଲ୍ୟା କୁମାରୀ ଦେବୀଙ୍କ ପରଲୋକ

କଟକ,୨୪।୩(ଶିକ୍ଷା ପ୍ରିୟଦର୍ଶିନୀ):



ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ଅହଲ୍ୟା କୁମାରୀ ଦେବୀଙ୍କର ୭୪ ବର୍ଷ ବୟସରେ ସୋମବାର ବକ୍ସିବଜାରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ସମୟରେ ପୁତ୍ର ଡା. ଶୁଭେନ୍ଦୁ କୁମାର ପଣ୍ଡା, କନ୍ୟା ଡା. ସଂଯୁକ୍ତା ପଣ୍ଡା, ବୋହୂ ଡା. ବୀଣା ପଣ୍ଡା, ପ୍ରଫେସର ଡା. ସବିତା ମହାପାତ୍ର ଏବଂ ନାତିନାତୁଣୀ ଉପସ୍ଥିତ ଥିଲେ। ପରଲୋକ ଖବର ପାଇ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ପୂର୍ବତନ ବିଧାୟକ ଇଂ. ମହମ୍ମଦ ମୋକିମ, ବରିଷ୍ଠ ନାଗରିକ ମହାସଭାର ଯୁଗ୍ମସଚିବ ବରଦା ପ୍ରସନ୍ନ ଦାସ, ପୂର୍ବତନ ଡେପୁଟି ମେୟର ମଧୁସୂଦନ ସାହୁ, ମାଛୁଆବଜାର ପୂଜା କମିଟି ସଭାପତି କ୍ଷୀରୋଦ କୁମାର ସାହୁ, ବକ୍ସି ବଜାର ପୂଜା କମିଟି ସଭାପତି ସଲିଲ କୁମାର ଘୋଷଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଡା. ଦେବୀଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ଜ୍ୟେଷ୍ଠପୁତ୍ର ଡା. ଜିତେନ୍ଦ୍ର କୁମାର ପଣ୍ଡା ମୁଖାଗ୍ନି ଦେଇଥିଲେ। ଡା. ଦେବୀଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

### ପୁନଃ ନିଯୁକ୍ତି ଦାବିରେ ପରିବାର ସହ ଶ୍ରମିକଙ୍କ ଧାରଣା

ଖୁଣ୍ଟୁଣୀ,୨୪।୩(ସଚ୍ଚିଦାନନ୍ଦ ପଣ୍ଡା)

ବର୍ଷେ ପୂର୍ବେ ରମ୍ଭେଇସ୍ଥିତ ବିକେ ଷ୍ଟିଲ କାରଖାନାରେ ଆଙ୍ଗୁଠି ହରାଇଥିବା ରାଜେନ୍ଦ୍ର ବାରିକ୍ ନାମକ ଶ୍ରମିକଙ୍କୁ ପୁନଃ ନିଯୁକ୍ତି ଦାବିରେ ସୋମବାର ସେ ପରିବାର ସହ କାରଖାନାର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। କଟକ ଜିଲା ଯୁବ କଂଗ୍ରେସ ଉପସଭାପତି ତଥା ଆଠଗଡ଼ ୩ନଂ. କାଉନସିଲର ମନୋରଞ୍ଜନ ପଟ୍ଟନାୟକ ସେଠାରେ ପହଞ୍ଚି କାରଖାନା ମୁଖ୍ୟ ଲୋକନାଥ ସାହୁ, ପରିଚାଳକ ଏସ୍. ସେନାପତିଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ବୁଧବାରରୁ ତାଙ୍କୁ କଣ୍ଟ୍ରାକ୍ଟୁଆଲ ଓ କିଛି ମାସ ପରେ ସ୍ଥାୟୀ ନିଯୁକ୍ତି, ସ୍ଥାନୀୟ ରମ୍ଭେଇ ଅଞ୍ଚଳର ୧୦ ମହିଳା ଓ ପୁରୁଷଙ୍କୁ ମାସକ ମଧ୍ୟରେ ନିଯୁକ୍ତି ଏବଂ ଗ୍ରାମର କେତେକ ଅଞ୍ଚଳରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ସାଢେ ୩ ଘଣ୍ଟା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ରାଜେନ୍ଦ୍ର ଠିକାଦାରଙ୍କ ଅଧୀନରେ କାମ କରୁଥିଲେ। ଦୁର୍ଘଟଣା ପରେ କାରଖାନା କର୍ତ୍ତୃପକ୍ଷ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ କରାଇ ଆଉ ଚାକିରିରେ ରଖି ନ ଥିଲେ। କଂଗ୍ରେସ କର୍ମୀ ସଂଗ୍ରାମ ପାତ୍ର ସୋମବାର ରାଜେନ୍ଦ୍ରଙ୍କୁ ତାଙ୍କ ପରିବାର ସହ ଧାରଣାରେ ବସିବାକୁ ସହଯୋଗ କରିଥିଲେ। ମୁଖ୍ୟ ଫାଟକ ଆଗରେ ବସିବା ଫଳରେ କାରଖାନା ଭିତରକୁ ଅପରାହ୍ନ ୫ଟାରୁ ରାତି ୮ଟା ୩୦ ପର୍ଯ୍ୟନ୍ତ କୌଣସି ଗାଡ଼ି ପ୍ରବେଶ କରିପାରି ନ ଥିଲା। କେବଳ ଶ୍ରମିକ କର୍ମଚାରୀ ଯିବା ଆସିବା କରୁଥିଲେ। ମନୋରଞ୍ଜନ କାରଖାନା ମୁଖ୍ୟଙ୍କ ସହ କଥା ହୋଇ ଘଟଣାର ସମାଧାନ କରିଥିଲେ।

# ଶିଶୁଭବନ ନୂତନ କୋଠାର ଝରକା ଅସୁରକ୍ଷିତ

## ଲାଗିନାହିଁ ଜାଲି କିମ୍ବା ଗ୍ରୀଲ୍: ଅଘଟଣ ଘଟିବା ଆଶଙ୍କା

କଟକ,୨୪।୩(ଶିକ୍ଷା ପ୍ରିୟଦର୍ଶିନୀ):



ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଶିଶୁରୋଗ ପ୍ରତିଷ୍ଠାନ (ଶିଶୁଭବନ)ର ନୂତନ କୋଠାରେ ଥିବା ଝରକା ବିପଦସଂକୁଳ ଅବସ୍ଥାରେ ରହିଛି। ଝରକାରେ ଲୁହାଜାଲି କିମ୍ବା ଗ୍ରିଲ୍ ଲାଗି ନାହିଁ। କେବଳ ସ୍ଲାଇଡ୍ କାଚ ଡୋର ଲଗାଯାଇଛି। ଜି ପ୍ଲସ୍-୬ ବିଶିଷ୍ଟ କୋଠାରେ ଏଭଳି ଅବ୍ୟବସ୍ଥା ଯୋଗୁ କୌଣସି ମୁହୂର୍ତ୍ତରେ ଅଘଟଣ ଘଟିବାର ଆଶଙ୍କା ରହିଛି। ତେବେ ଅଘଟଣ ଘଟିଲେ ଏଥିପାଇଁ କିଏ ଦାୟୀ ହେବେ ତାହା ଏବେ ବଡ଼ ପ୍ରଶ୍ନ ପାଲଟିଛି।

ସୂଚନା ଅନୁଯାୟୀ, ଶିଶୁଭବନର ନୂତନ ଜି ପ୍ଲସ୍-୬ କୋଠାଟି ଶିଶୁରୋଗୀଙ୍କୁ ଅତ୍ୟାଧୁନିକ ଯନ୍ତ୍ରପାତିରେ ଉନ୍ନତମାନର ସେବା ଯୋଗାଇଦେବା ନିମନ୍ତେ ନିର୍ମାଣ କରାଯାଇଛି। ୨୦୨୦ ଫେବୃଆରୀରେ ୧୨୭ କୋଟି ୩୫ ଲକ୍ଷ ୫୦ ହଜାର ୫୦୯ ଟଙ୍କା ବ୍ୟୟରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ନିର୍ମାଣ ଶେଷ ହେବାର ଦୁଇବର୍ଷ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ଗୋଟିଏ ପରେ ଗୋଟିଏ ପର୍ଯ୍ୟାୟରେ ଏହା କାର୍ଯ୍ୟକାରୀ ହେବା ଆରମ୍ଭ ହୋଇଛି। ଏପର୍ଯ୍ୟନ୍ତ କୋଠାଟି ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇପାରି ନ ଥିଲେ ମଧ୍ୟ ସେଠାରେ ଏବେ ଓପିଡି ଏବଂ ୱାର୍ଡ ସେବା ଆରମ୍ଭ ହୋଇଛି। କୋଠାରେ ଶିଶୁରୋଗୀ ଓ ତାଙ୍କ ସମ୍ପର୍କୀୟ ଚଳପ୍ରଚଳ ହେଉଛନ୍ତି। ତେବେ ଏଭଳି ସ୍ଥିତିରେ କୋଠାର କେବଳ ତଳମହଲା ବା ଗ୍ରାଉଣ୍ଡ ଫ୍ଲୋରରେ ଥିବା ଝରକାରେ ଗ୍ରୀଲ୍ ଲାଗିଥିବାବେଳେ ଅନ୍ୟ ମହଲାଗୁଡ଼ିକର ଝରକାରେ ଗ୍ରୀଲ କି ଜାଲି ଲାଗିନାହିଁ। ଏପରିକି ସ୍ଲାଇଡ୍ କାଚ ଖୋଲିଲେ ଶିଶୁରୋଗୀ ହୁଅନ୍ତୁ କିମ୍ବା ତାଙ୍କ ସମ୍ପର୍କୀୟ ତଳକୁ ଖସିପଡ଼ିବାର ଆଶଙ୍କା ରହିଛି। ଶିଶୁଭବନର ନୂତନ କୋଠା ନିର୍ମାଣ ପାଇଁ ବିପୁଳ ଅର୍ଥ ଖର୍ଚ୍ଚ ହୋଇଥିବାବେଳେ ଝରକାରେ ଗ୍ରିଲ୍ କିମ୍ବା ଜାଲି ଲଗାଇବାକୁ କର୍ତ୍ତୃପକ୍ଷ କିଭଳି ଅଣଦେଖା କଲେ ତାହା ପ୍ରଶ୍ନ ପାଲଟିଥିବାବେଳେ ଶିଶୁରୋଗୀଙ୍କ ସମ୍ପର୍କୀୟମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର କହିଛନ୍ତି, ମେଡିକାଲର ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଧୀରେ ଧୀରେ ସମସ୍ତ କାର୍ଯ୍ୟ କରାଯାଉଛି। ଶିଶୁରୋଗୀ ଓ ତାଙ୍କ ସମ୍ପର୍କୀୟ ମେଡିକାଲରେ ଥିବା ସମୟରେ ସେମାନଙ୍କ ସୁରକ୍ଷା ମେଡିକାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ। ଝରକାଗୁଡ଼ିକରେ ଖୁବଶୀଘ୍ର ଜାଲି କିମ୍ବା ଗ୍ରୀଲ୍ ଲଗାଯିବ ବୋଲି ମିଶ୍ର ପ୍ରକାଶ କରିଛନ୍ତି।

# ୟୁବିଆଇ କଟକ କ୍ଷେତ୍ର ପକ୍ଷରୁ ସିଏସ୍ଆର୍ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଏବଂ ଅନ୍ୟମାନେ।

ଭୁବନେଶ୍ୱର, (ଅଭୟ ଦାଶ)୨୪।୩:

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା ୟୁବିଆଇ କଟକ କ୍ଷେତ୍ର ପକ୍ଷରୁ ଜଗତସିଂହପୁର ଜିଲ୍ଲାର ବାଲିକୁଦାସ୍ଥିତ ଗଇଠିପୁରଠାରେ ଏକ ସିଏସ୍ଆର୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏରସମାର ବିଧାୟକ ସାରଦା ପ୍ରସନ୍ନ ଜେନା ଏହି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ରୁନିଲତା ବେହେରା, ସରପଞ୍ଚ ରୁନିଲତା ବେହେରା ଏବଂ ପୂର୍ବତନ ଜିଲ୍ଲା ପରିଷଦ ରାମଚନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ। ବିଧାୟକ ଏବଂ ଜନପ୍ରତିନିଧିଙ୍କ ଦ୍ୱାରା ୨୦୦ଜଣ ଅଭାବୀ ମହିଳାଙ୍କୁ ମଶାରୀ ଏବଂ ଛତା ବଣ୍ଟନ କରାଯାଇଥିଲା। ଏହି ଅବସରରେ କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ସରୋଜ କୁମାର ରାଉତ, ଉପ-କ୍ଷେତ୍ରୀୟ ମୁଖ୍ୟ ବିଷ୍ଣୁ ଚରଣ ବେହେରା, ମୁଖ୍ୟ ପ୍ରବନ୍ଧକ ଚିନ୍ମୟ ବେହେରାଙ୍କ ସମେତ ସିଏସ୍ଆର୍ କମିଟିର ମହିଳା ସଭ୍ୟା ତସନୁମ୍ ନାଜ୍, ନଭନୀତା ସେନ୍ ଏବଂ ତପସ୍ୱିନୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

ଅରିଲୋ ଶାଖାର ଶାଖା ମୁଖ୍ୟ ପ୍ରକାଶ ସୁନ୍ଦରାୟ ମହିଳା ଗ୍ରାହକଙ୍କ ପାଇଁ ଉପଲବ୍ଧ ବିଭିନ୍ନ ବିକାଶ ଯୋଜନା ସମ୍ପର୍କରେ ସୂଚିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗଇଠିପୁର ଅଞ୍ଚଳର ଜଣାଶୁଣା ବ୍ୟକ୍ତି ନରେନ୍ଦ୍ର ନାଥ ବିଶ୍ୱାଳ ଆୟୋଜନ କରିଥିବା ସହ ମନୋସ୍ମିତା ରାଉତ ପରିଚାଳନା କରିଥିଲେ।

# ଏସ୍‌ସିବି ମେଡିକାଲକୁ ୨୫ ହ୍ୱିଲ ଚେୟାର ଦେଲା ଇଫ୍‌କୋ




କାର୍ଯ୍ୟକ୍ରମରେ ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷା ତଥା ଅଧୀକ୍ଷକ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସ, ଇଣ୍ଡିଆନ ଫାର୍ମର୍ସ ଫର୍ଟିଲାଇଜର କୋ-ଅପରେଟିଭ ଲିମିଟେଡ୍‌ର ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ଏବଂ ଅନ୍ୟମାନେ।

କଟକ,୨୪।୩(ଶିକ୍ଷା ପ୍ରିୟଦର୍ଶିନୀ):

ଇଣ୍ଡିଆନ ଫାର୍ମର୍ସ ଫର୍ଟିଲାଇଜର କୋ-ଅପରେଟିଭ ଲିମିଟେଡ୍ (ଇଫ୍‌କୋ) ପାରାଦୀପ ପକ୍ଷରୁ ସୋମବାର କଟକ ଏସ୍‌ସିବି ମେଡିକାଲର ଭେଷଜ ବିଭାଗକୁ ୨୫ଟି ହ୍ୱିଲ ଚେୟାର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ନ୍ୟୁ ମେଡିସିନ ବିଭାଗ ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭେଷଜ ବିଭାଗ ପ୍ରଫେସର ଡା. ଜୟନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଇଣ୍ଡିଆନ ଫାର୍ମର୍ସ ଫର୍ଟିଲାଇଜର କୋ-ଅପରେଟିଭ ଲିମିଟେଡ୍‌ର ୟୁନିଟ୍ ହେଡ୍ ପି.କେ.ମହାପାତ୍ର, ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷା ତଥା ଅଧୀକ୍ଷକ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସ, ଇଣ୍ଡିଆନ ଫାର୍ମର୍ସ ଫର୍ଟିଲାଇଜର କୋ-ଅପରେଟିଭ ଲିମିଟେଡ୍‌ର ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, ସ୍ନାୟୁରୋଗ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଅଶୋକ କୁମାର ମଲ୍ଲିକ, ଭେଷଜ ବିଭାଗ ମୁଖ୍ୟ ପ୍ରଫେସର ଡା. ସରୋଜ ତ୍ରିପାଠୀ, କଣ୍ଠଶିଳ୍ପୀ ହ୍ୟୁମାନ ସାଗର, ଭାରତ ମସଲା କମ୍ପାନୀର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଶ୍ୱରଞ୍ଜନ ସାହୁ, ସୀତାଂଶୁ ଶେଖର ଦାସ, ପ୍ରଭାତ ବେହେରା ଏବଂ ଦିବ୍ୟରଞ୍ଜନପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଆୟୁଷ୍ମାନ ବୀମାକାର୍ଡ ବଣ୍ଟନ ନେଇ ପ୍ରସ୍ତୁତି ବୈଠକ

କଟକ,୨୪।୩(ଶିକ୍ଷା ପ୍ରିୟଦର୍ଶିନୀ):

ଆସନ୍ତା ମାସ ପ୍ରଥମ ସପ୍ତାହରେ ଆୟୁଷ୍ମାନ ବୀମାକାର୍ଡ ବଣ୍ଟନ ପାଇଁ ସୋମବାର ଝୋଲାସାହିସ୍ଥିତ ୟୁପିଏଚ୍‌ସିରେ ଡା. ଦେବଶ୍ରୀତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସିର ୱାର୍ଡ ନଂ. ୨୬, ୨୭, ୨୮, ୨୯, ୩୦ରେ ଆୟୁଷ୍ମାନ ବୀମାକାର୍ଡ ବଣ୍ଟନ କରାଯିବ। ବୈଠକରେ କର୍ପୋରେଟର ଗଗନ ଓଝା, ଇତିଶ୍ରୀ ଦାସ, ବନଲତା ପ୍ରଧାନ, ସୁମିତ୍ରା ବସ୍ତିଆ, ରବିନାରାୟଣ ସାହୁ, ଫାର୍ମାସିଷ୍ଟ ଅମିୟ ସାମଲ, ନର୍ସ ରୀନାରାଣୀ ବ୍ରହ୍ମା, ତରୁଲତା ଜେନା, ଲ୍ୟାବ ଟେକ୍ନିସିଆନ ନର୍ମଦାରାଣୀ ବେହେରା, ସଞ୍ଜୟ ଦାସ, ରତ୍ନାକର ପ୍ରଧାନ, କାବେରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରବନ୍ଧ ପାଠ ରିଡାଥନ୍-୪



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

କଟକ,୨୪।୩(ଶିକ୍ଷା ପ୍ରିୟଦର୍ଶିନୀ):

ବିଜ୍ଞାନ ପ୍ରଚାର ସମିତିର ଏକ ଅଧିବେଶନ ସୋମବାର ଦୋଳମୁଣ୍ଡାଇସ୍ଥିତ କାର୍ଯ୍ୟାଳୟରେ ସମିତିର ସଭାପତି ଡା. ନିତ୍ୟାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମିତିର ନୂତନ ପୁସ୍ତକ ପ୍ରକାଶନ ନିମନ୍ତେ ଏଥିରେ ଏକ ପ୍ରବନ୍ଧ ପାଠ କାର୍ଯ୍ୟକ୍ରମ ରିଡାଥନ୍-୪ ଆୟୋଜନ କରାଯାଇଥିବାବେଳେ ମୋଟ୍ ୯ଟି ପ୍ରବନ୍ଧ ପାଠ କରାଯାଇଥିଲା। ଡ. ସୁବାସିନୀ ଲେଙ୍କାଙ୍କ ଲିଖିତ ପ୍ରବନ୍ଧ ପଲିମରର ଆରମ୍ଭ, ଡ. ଭାରତୀ ବେହେରାଙ୍କ ଲିଖିତ ଜୀବନ ଓ ଆଲୋକଶ୍ଲେଷଣ, ଡ. ହେମନ୍ତ ପରିଡାଙ୍କ ଲିଖିତ ଆଲର୍ଜି ଅତି ସମ୍ବେଦନଶୀଳତାର ପରିପ୍ରକାଶ, ଡ. ସଚ୍ଚିଦାନନ୍ଦ ଶତପଥୀଙ୍କ ଲିଖିତ ଫ୍ରିଜ୍‌ର ଯତ୍ନ, ମହେନ୍ଦ୍ର କୁମାର କାୟସ୍ଥଙ୍କ ଲିଖିତ ନାନୋ ରୋବୋଟ୍, ଡ. ଆଶୁତୋଷ ଦେବତାଙ୍କ ଲିଖିତ ପ୍ରକୃତିର ସନ୍ତୁଳନ, ଡ. ଧରଧର ଜେନାଙ୍କ ଲିଖିତ ପ୍ଲାଷ୍ଟିକ ପ୍ରତିରୋଧକାରୀ ଅଣୁଜୀବ, ସୌଭାଗିନୀ ରାୟଙ୍କ ଲିଖିତ ଜନ୍ମରୁ ବାପା ମାଆ ଛେଉଣ୍ଡ ଜୀବନ, ଡା. ନିତ୍ୟାନନ୍ଦ ସ୍ୱାଇଁଙ୍କ ଲିଖିତ ଶାଶୁ-ବୋହୂ ସମ୍ପର୍କ, ବ୍ରଜବନ୍ଧୁ ପୃଷ୍ଟିଙ୍କ ଲିଖିତ ହେନେରିଚ୍ ରୁଡ୍‌ଲଫହର୍ଜ ପାଠ କରାଯାଇଥିଲା। ସମିତି ସମ୍ପାଦିକ କବିତା ପାଢ଼ଶାଣୀ ଅଧିବେଶନରେ ବିବରଣୀ ପାଠ କରିଥିଲେ। ଶେଷରେ ଯୁଗ୍ମସମ୍ପାଦକ ଅରବିନ୍ଦ କର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଦେବେନ୍ଦ୍ରନାଥ ସାହୁ, ଡ. ଶିବ ଶଙ୍କର ନାୟକ, ଡ. ସୁଲିପ୍ତ କୁମାର ମହାନ୍ତି, ଇଂ. ଧୀରେନ୍ଦ୍ର କୁମାର ବିଶ୍ୱାଳ, ଡ. ଅକ୍ଷୟ କମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମହା ଶିଶୁପର୍ବ ଉଦ୍‌ଯାପନୀ ସମାରୋହ

କଟକ ସଦର,୨୪।୩
(ସୁଶାନ୍ତ କୁମାର ଜେନା)



କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

କୂଳ ସରିଚୁଆଁସ୍ଥିତ ରେକୀ ମିଶନ ଦ୍ୱାରା ଆୟୋଜିତ ଆର୍‌ଏମ ସ୍କୁଲରେ ୩ ଦିନ ଧରି ଚାଲିଥିବା ୧୮ତମ ମହାଶିଶୁପର୍ବ ରବିବାର ଉଦ୍‌ଯାପିତ ହୋଇଯାଇଛି। ୧୩୦ ସ୍କୁଲରୁ ଆସିଥିବା ଶତାଧିକ ପିଲାଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ମୋଟ ୮୨ ଜଣ କୃତକାର୍ଯ୍ୟ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ ରେକୀ ମିଶନର ପ୍ରତିଷ୍ଠାତା ପୂଜ୍ୟ ବିଜ୍ଞାନୀଗୁରୁ ଶ୍ରୀ ସନ୍ଥ, ଡାକ୍ତର ପଦ୍ମଶ୍ରୀ ଅଶୋକ ମହାପାତ୍ର, ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ କୁମରବର ଦାସ, ନାଇଜରର କୁଳସଚିବ ଅଭୟ ନାୟକ, ପ୍ରଫେସର ନିରଞ୍ଜନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଭାରତ ଭୂଷଣ ରାୟ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ସ୍କୁଲ ଉପାଧ୍ୟକ୍ଷା ସରସ୍ୱତୀ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ବାପି ବରାଳ ଓ ସ୍କୁଲ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ସାମ୍ବାଦିକ ଏକାଦଶକୁ ହରାଇ ପୋଲିସ ଏକାଦଶ ବିଜୟୀ

ଚୌଦ୍ୱାର,୨୪।୩(ଆଶୁତୋଷ ଦାସ)

ଚୌଦ୍ୱାର ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ଖେଳପଡ଼ିଆରେ ଚାଲିଥିବା ଗୋପବନ୍ଧୁ ପ୍ରିମିୟର ଲିଗ୍ ଅବସରରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ସାମ୍ବାଦିକ ଏକାଦଶକୁ ହରାଇ ଚୌଦ୍ୱାର ପୋଲିସ ଏକାଦଶ ବିଜୟୀ ହୋଇଛି। ସାମ୍ବାଦିକ ଏକାଦଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୩ ଉଇକେଟ୍ ହରାଇ ୯୧ ରନ୍ କରିଥିଲା। ଜବାବରେ ପୋଲିସ ଏକାଦଶ ୩ ଉଇକେଟ୍ ହରାଇ ୯୨ ରନ୍ କରି ବିଜୟୀ ହୋଇଥିଲା। ପୋଲିସ ଏକାଦଶର ରୀତିକ୍ ସାହୁ ସର୍ବାଧିକ ରନ୍ ସଂଗ୍ରହ କରି ଦଳକୁ ଜିତାଇଥିଲେ। ବିଧାୟକ ସୌଭିକ୍ ବିଶ୍ୱାଳ, ପୌରଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଆଇଆଇସି ବିଶ୍ୱରଞ୍ଜନ ସାହୁ, ଏସ୍ଆଇ ସରସ୍ୱତୀ ସାହୁ, ବିମଲ କୁମାର ବେଉରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୋଲିସ ଟିମ୍‌ର ଅଧିନାୟକ ସୌମ୍ୟରଞ୍ଜନ ପାଣି ଓ ସାମ୍ବାଦିକ ଟିମ୍‌ର ଅଧିନାୟକ ସତ୍ୟବ୍ରତ ଦାସଙ୍କୁ ଟ୍ରଫି ପ୍ରଦାନ କରିଥିଲେ।



ଚୌଦ୍ୱାର: ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚରେ ଚାମ୍ପିୟନ ହୋଇଥିବା ପୋଲିସ ଟିମ ସହ ଅତିଥି।

# ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଉଦ୍‌ଯାପିତ

କଟକ,୨୪।୩(ଶିକ୍ଷା ପ୍ରିୟଦର୍ଶିନୀ):

ଦୁଇଦିନିଆ କଟକ ଜିଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ କଟକ ଦେଉଳସାହିସ୍ଥିତ ରଘୁନାଥ ଜୀଉ ସ୍ନାତକ ମହାବିଦ୍ୟାଳୟରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ତଥା ରାଜନୀତିଜ୍ଞ ବିନୋଦ କୁମାର ଦାଶ, ମୁଖ୍ୟବକ୍ତା ଭାବେ ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ଡ. ପ୍ରଭାସ ଆଚାର୍ଯ୍ୟ ଯୋଗଦେଇଥିଲେ। ଐକ୍ୟବଦ୍ଧତା ଓ ଭ୍ରାତୃତ୍ୱ ଭାବ ସୃଷ୍ଟି କରିବା ସହ ବିକଶିତ ଦେଶ ଗଠନରେ ଆଜିର ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ କହିଥିଲେ। ଅଧ୍ୟାପିକା ଅନିମା ମହାପ୍ରଶସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ନୋଡାଲ ଅଫିସର ଡ. ସରୋଜ କୁମାର ଦାଶ ବିବରଣୀ ପାଠ କରିଥିଲେ। ୧୦ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଅମ୍ରିତା ଲେଙ୍କା, କାନ୍ତିରେଖା ବିଶ୍ୱାଳ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ଅଧ୍ୟାପକ ସିଦ୍ଧାର୍ଥ ଶଙ୍କର ଦାସ, ନିହାର ରଞ୍ଜନ ରଥ, ଗବେଷଣା ସହାୟକ ସ୍ମୃତିରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।




ଅତିଥିଙ୍କ ଗହଣରେ ପୁରସ୍କୃତ କୃତୀ ପ୍ରତିଯୋଗୀମାନେ।

# କଲ୍ୟାଣପୁରକୁ ହରାଇ କପାଳେଶ୍ୱର ଚାମ୍ପିୟନ

## ନୂଆସାହି ପ୍ରିମିୟର ଲିଗ୍

ଚୌଦ୍ୱାର,୨୪।୩(ଆଶୁତୋଷ ଦାସ)



ଅତିଥି ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

ଚୌଦ୍ୱାର ପୌରପାଳିକା ୧୭ ନଂ. ୱାର୍ଡସ୍ଥିତ ନୂଆସାହି ଖେଳପଡ଼ିଆରେ ୩ ଦିନ ବ୍ୟାପି ନୂଆସାହି ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। କଟକ, ଭୁବନେଶ୍ୱର ସମେତ ଆଖପାଖ ଅଞ୍ଚଳର ୧୬ଟି ଟିମ୍ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ରବିବାର ଫାଇନାଲ ମ୍ୟାଚରେ କଲ୍ୟାଣପୁରକୁ ହରାଇ କପାଳେଶ୍ୱର ବିଜୟୀ ହୋଇଥିଲା। କପାଳେଶ୍ୱର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୫୮ ରନ ସଂଗ୍ରହ କରିଥିଲା। ଜବାବରେ କଲ୍ୟାଣପୁର ୩୫ ରନ୍ କରି ପରାଜିତ ହୋଇଥିଲା। ନୂଆସାହି କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ବିଧାୟକ ସୌଭିକ ବିଶ୍ୱାଳ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ନଗର ବିଜେଡି କାର୍ଯ୍ୟକାରୀ ସଭାପତି ବିମଲ କୁମାର ବେଉରା, ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କା, ସୁବାଷ ବାରିକ, ଭାସ୍କର ଚନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ କପାଳେଶ୍ୱରକୁ ଚାମ୍ପିୟନ ଟ୍ରଫି ଓ କଲ୍ୟାଣପୁରକୁ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ। ନାରାୟଣ ଦାସ ଓ ବିଶ୍ୱଜିତ୍ ଖଟୁଆ ଖେଳ ପରିଚାଳନା କରିଥିଲେ। ଆସୋସିଏଶନ ଦାନିଏଲ ପାଢୀ, ରଜତ୍ ପଣ୍ଡା, ସୁଜିତ କୁମାର ବେହେରା, ସୁଧାନନ୍ଦ ପଣ୍ଡା, ଜ୍ଞାନେନ୍ଦ୍ର ବଳ ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ତାର ଚୋରି ଅଭିଯୋଗରେ ଜଣେ ଗିରଫ

ବେଗୁନିଆ,୨୪।୩(ସନ୍ଧ୍ୟାରାଣୀ ମିଶ୍ର)

ବିଦ୍ୟୁତ୍ ତାର ଚୋରି ଅଭଯୋଗରେ ବେଗୁନିଆ ଥାନା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବାଘମାରୀ ଥାନା ଅନ୍ତର୍ଗତ କୁମ୍ଭିଲୋ ଗ୍ରାମର ପାଣୁ ବଳିୟାରସିଂହ। ସୂଚନା ମୁତାବକ, ବେଗୁନିଆ ପେଟ୍ରୋଲ ପମ୍ପ ନିକଟରୁ କୁମ୍ଭିଲୋ ଗ୍ରାମର ପାଣୁ ବିଦ୍ୟୁତ୍ ତାର ଚୋରି କରି ଅଟୋରେ ନେଇ ସୁନାଖଳା ଅଭିମୁଖେ ଯାଉଥିଲେ। ଏହି ସମୟରେ ବେଗୁନିଆ ପୋଲିସ ଏଏସ୍‌ଆଇ ଭୁବନ ବେହେରା ଅଟୋକୁ ଅଟକାଇ ଯାଞ୍ଚ କରିବା ବେଳେ ବିଦ୍ୟୁତ୍ ତାର ଜବତ କରିବା ସହ ପାଣୁଙ୍କୁ ଗିରଫ କରିଥିଲେ।

### ଶାନ୍ତିମୈତ୍ରୀ, ଭାଇଚାରା ବାର୍ତ୍ତାଦିଏ ଦୋଳଯାତ୍ରା

ଖୋର୍ଦ୍ଧା,୨୪।୩(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶାରେ ଦୋଳଯାତ୍ରାର ବିଶେଷତ୍ୱ ଶୀର୍ଷକ ଆଲୋଚନାଚକ୍ର ସାପ୍ତାହିକ ପତ୍ରିକା ଆମରିସତ୍ୟ ଆନୁକୂଲ୍ୟରେ କାର୍ଯ୍ୟାଳୟ ପରିସରରେ ଜବାହରଲାଲ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ପଣ୍ଡିତ ରାମାକାନ୍ତ ମିଶ୍ର ଦୋଳଯାତ୍ରାର ବିଶେଷତ୍ୱ ଉପରେ କହିଥିଲେ। ଏହି ପର୍ବ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଶାନ୍ତିମୈତ୍ରୀ, ଭାଇଚାରା ବାର୍ତ୍ତା ବହନ କରେ ବୋଲି ମତପ୍ରକାଶ ପାଇଥିଲା। ଏହି ଆଲୋଚନାଚକ୍ରରେ ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ, ଡ.ପ୍ରମୋଦ ଚନ୍ଦ୍ର ଦାଶ, ରୋଟାରିଆନ ଆଦିନାରାୟଣ ଖଣ୍ଡୁଆଳ, ପାଲଗାୟକ ସୁରେଶ ସ୍ୱାଇଁ, ବିଜୟ କୁମାର ମହାପାତ୍ର, ନାରାୟଣ ଦାସ, ଦାଶରଥି ପଟ୍ଟନାୟକ ପ୍ରମୁଖ ଭାଗନେଇଥିଲେ। ଗୋବିନ୍ଦ ମହାରଣା ଧନ୍ୟବାଦ ଦେଇଥିଲେ।

### ବ୍ରାହ୍ମଣ ମହାସଂଘର ବନ୍ଧୁମିଳନ କାର୍ଯ୍ୟକ୍ରମ

ବାଣପୁର,୨୪।୩(ଦିଲୀପ କୁମାର ସ୍ୱାଇଁ)

ବାଣପୁର ଗୁପ୍ତେଶ୍ୱର ମନ୍ଦିର ପରିସରରେ ରବିବାର ଓଡ଼ିଶା ବ୍ରାହ୍ମଣ ମହାସଂଘର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ଦୁଃଶାସନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସନାତନ ଧର୍ମର ପ୍ରଚାର ପ୍ରସାର କିଭଳି ବହୁଳ ଭାବେ କରାଯିବ, ବ୍ରାହ୍ମଣ ପିଲାଙ୍କୁ ନୈତିକ ଶିକ୍ଷାଦାନ, ବ୍ରାହ୍ମଣଙ୍କ ମଧ୍ୟରେ ଏକତା ରକ୍ଷା କରି ଅସମୟରେ ପରସ୍ପରକୁ ସହଯୋଗ କରିବେ, ବ୍ରତୋପନୟନ ପରେ ପିଲାମାନଙ୍କୁ ନିୟମିତ ଚନ୍ଦ୍ର, ପଇତା ଗଣ୍ଠି, ମନ୍ତ୍ର ସମେତ ନିୟମିତ ଗୀତା ପାଠ କରିବା ସହ ସଂସ୍କୃତ ଭାଷାର ପ୍ରଚାର ପ୍ରସାର କରିବା ଆଦି ସମ୍ପର୍କରେ କର୍ମକର୍ତ୍ତାମାନେ ବକ୍ତବ୍ୟ ରଖିଥିଲେ। ଜିଲା ସଭାପତି ସୀମାଞ୍ଚଳ ଦାଶ, ଉପଦେଷ୍ଟା କମଳ ପ୍ରସାଦ ଦାଶ, ଭବାନୀକାନ୍ତ ଶତପଥୀ, କାର୍ଯ୍ୟକାରୀ ସମ୍ପାଦକ ପ୍ରଦୀପ୍ତ କୁମାର ନନ୍ଦ, ଆଞ୍ଚଳିକ ସମ୍ପାଦକ ସୁକାନ୍ତ କୁମାର ମିଶ୍ର, ପ୍ରସନ୍ନ କୁମାର ବିଗ୍ରହ, ଶକ୍ତିପ୍ରଜ୍ଞା ମିଶ୍ର, ସରୋଜ କୁମାର ଦାଶ, ଯତିନ କୁମାର ସାମନ୍ତରାୟ, ଚାନ୍ଦକିଶୋର ତ୍ରିପାଠୀ, ମହେଶ୍ୱର ଦାଶ, ଅକ୍ଷୟ କୁମାର ପାଢ଼ୀ, ହରିହର ପ୍ରସାଦ ମିଶ୍ରଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

# ଚାଦର ଚଢ଼ାଇଲେ, ମଙ୍ଗଳ କାମନା କଲେ

## ବାବା ବୁଖାରୀଙ୍କ 'ଉର୍ସ' ଉତ୍ସବ ଆରମ୍ଭ

ଖୋର୍ଦ୍ଧା,୨୪।୩(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା କାଇପଦରସ୍ଥିତ ଅନ୍ତର୍ଜାତୀୟ ସଦ୍‌ଭାବନା ସ୍ଥଳ ଭାବେ ପରିଚିତ ବାବା ବୁଖାରୀଙ୍କ ଜନ୍ମଦିବସ ଅବସରରେ ଦୁଇ ଦିନିଆ ଉର୍ସ ଉତ୍ସବ ସୋମବାର ଆରମ୍ଭ ହୋଇଛି। ଶ୍ରଦ୍ଧାଳୁ ଏବଂ ମାନସିକଧାରୀମାନେ ବାବାଙ୍କ ପୀଠରେ ପୂଜାର୍ଚ୍ଚନା ସହ ଚାଦର ଚଢ଼ାଇ ମଙ୍ଗଳ କାମନା କରିଥିଲେ। ଏହି ଉତ୍ସବରେ ଦେଶ ବିଦେଶରୁ ବିଭିନ୍ନ ସମ୍ପ୍ରଦାୟର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ବାବାଙ୍କ ଆଶୀର୍ବାଦରୁ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଖାଦିମ କମିଟିର ସଭାପତି ସେକ୍ ସନା ଉଲ୍ଲା କୁହନ୍ତି, ଦୁଇଦିନ ଧରି ଏହି ଉତ୍ସବ ଚାଲିବ। ମଙ୍ଗଳବାର ସନ୍ଧ୍ୟା ପର୍ଯ୍ୟନ୍ତ ବାବାଙ୍କ ପୀଠରେ ଭକ୍ତଙ୍କ ଦ୍ୱାରା ଚାଦର ଚଢ଼ା କାର୍ଯ୍ୟକ୍ରମ ଜାରି ରହିବ। ଏଥିଲାଗି ପୋଲିସ, ଜିଲା ପ୍ରଶାସନର ସହଯୋଗରେ ସମସ୍ତ ବ୍ୟବସ୍ଥା କରାଯାଇଛି।

ରାଜ୍ୟ ତଥା ରାଜ୍ୟ ବାହାରୁ ହିନ୍ଦୁ ଓ ମୁସଲମାନମାନେ ଏହି ପୀଠକୁ ଆସିଥାନ୍ତି। ଏହି ପୀଠ ଉଭୟ ହିନ୍ଦୁ ଓ ମୁସଲମାନଙ୍କ ପାଇଁ ତୀର୍ଥସ୍ଥଳ ସଦୃଶ। ବିଭିନ୍ନ ବ୍ୟାଧିରେ ପୀଡ଼ିତ ରୋଗୀ ଏବଂ ମାନସିକଧାରୀ ମଧ୍ୟ ମାନସିକ ପୂରଣ ଲାଗି ଏଠାକୁ ଆସିଥାନ୍ତି। କୁହାଯାଏ ଏଠାକୁ ଆସୁଥିବା ଭକ୍ତ, ମାନସିକଧାରୀ ଏଠାରେ ମାନସିକ ପୂରଣ ଲାଗି ବାବାଙ୍କ ନିକଟରେ ଦରଖାସ୍ତ ଦିଅନ୍ତି। ଏକ ସାଦା କାଗଜରେ ଦରଖାସ୍ତ ଲେଖି ତାହାକୁ ପୀଠ ପରିସରରେ ଉଦ୍ଦିଷ୍ଟ ଜାଗାରେ ଝୁଲାଇ ଦିଆଯାଏ। ଏଭଳି ଦୈନିକ ଶତାଧିକ ଭକ୍ତ ଦରଖାସ୍ତ ଦେଇଥାନ୍ତି। ମାନସିକ ପୂରଣ ପରେ ବାବାଙ୍କୁ ଚାଦର ଚଢ଼ାନ୍ତି। ଏହାସହିତ କଦଳୀ ଓ ଅଟାରେ ପ୍ରସ୍ତୁତ ଶିରିଣି ଏବଂ ଖେଚୁଡ଼ି ଭୋଗ ଲାଗି କରନ୍ତି। ସେହିପରି ବାବାଙ୍କ ସମାଧିସ୍ଥଳରେ ଗୁଡ଼କୋରା ଭୋଗ ଅର୍ପଣ କରାଯାଏ। ଏହାକୁ ମାଳିଘର ପ୍ରସ୍ତୁତ କରନ୍ତି। ବାବାଙ୍କ ପୂଜାର୍ଚ୍ଚନା ଲାଗି ଦୈନନ୍ଦିନ ଆବଶ୍ୟକ ବିଭିନ୍ନ ପ୍ରକାର ଫୁଲ ଏହି ଗ୍ରାମର ମାଳି ପରିବାର ଯୋଗାଇଥାନ୍ତି। ମୁସଲିମ ବାବାଙ୍କୁ ଗୋଲାପ ଜଳରେ ସ୍ନାନ ସହ ଚାଦର ଢାଙ୍କି ପୂଜା କରନ୍ତି।

କୁହାଯାଏ ୧୭୦୦ ମସିହାରେ ହଜରତ ବୁଖାରୀ ପୀରବାବା ନାମକ ମୁସଲିମ ସନ୍ନ୍ୟାସୀ ଏହି ଅଞ୍ଚଳକୁ ଆସିଥିଲେ। ସେତେବେଳେ ଏହି ଅଞ୍ଚଳ ଘଞ୍ଚ ଜଙ୍ଗଲରେ ରହିଥିଲା। ସେ ବରୁଣେଇ ପାହାଡ଼ ପାଦଦେଶରେ ରହି ଜପତପ କରୁଥିଲେ। ଦିନେ ବାବାଙ୍କ ସଂସ୍ପର୍ଶରେ ଜଣେ ଗଉଡ଼ ଆସିଥିଲେ। ପରେ ସେ ତାଙ୍କ ଅନୁଗତ ପାଲଟିଯାଇଥିଲା। ସେ ବାବାଙ୍କ ପାଇଁ ଦୈନିକ ଖାଇବା ନେଇ ଆସନ୍ତି। ଦିନେ ସେ ଦେଖିଲେ ବାବାଙ୍କ ଚାରିପଟେ ଉଇ ହୁଙ୍କା ପାଲଟିଗଲାଣି। ପରେ ସେ ବାବାଙ୍କ କଥାରେ ଡାହାଣ ପାର୍ଶ୍ୱରେ ବସିଥିଲେ। ପରବର୍ତ୍ତୀ ସମୟରେ ଉଭୟଙ୍କ ଶରୀର ହୁଙ୍କାରେ ବିଲୀନ ହୋଇଯାଇଥିଲା। ସମୟକ୍ରମେ ଉଭୟ ଦେହତ୍ୟାଗ କରିଥିଲେ। ଉଭୟ ସମାଧିପୀଠ ବାବା ବୁଖାରୀ ଏବଂ ସତ୍ୟପୀରବାବା ପୀଠ ଭାବେ ପରିଚିତ। ଏକଦା ଗଜପତି ମହାରାଜା ରାମଚନ୍ଦ୍ରଦେବ ରୋଗରେ ପୀଡ଼ିତ ହୋଇ ବାବାଙ୍କ ସମ୍ପର୍କରେ ଜାଣିବା ପରେ ତାଙ୍କ ଆଶ୍ରିତ ହୋଇଥିଲେ। ବାବାଙ୍କ ଆଶୀର୍ବାଦରେ ସେ ରୋଗ ମୁକ୍ତ ହୋଇଥିଲେ ବୋଲି ଜନଶ୍ରୁତି ରହିଛି।

## ଏକତା ରହିଲେ ଗ୍ରାମର ବିକାଶ ହେବ




ଉତ୍ସବରେ ବିଧାୟକ ପ୍ରଦୀପ ସାହୁ ଏବଂ ଅନ୍ୟ ଅତିଥି।

ବୋଲଗଡ଼,୨୪।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଭୀମପଡ଼ା ରାଜସ୍ୱ ମୌଜାର ରୌପ୍ୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ ସାହୁ ଯୋଗଦେଇ ଗ୍ରାମବାସୀଙ୍କ ମଧ୍ୟରେ ଏକତା ରହିଲେ ଗ୍ରାମର ବିକାଶ ହେବ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଆଇନଜୀବୀ ଲୋତକ ବିନ୍ଦୁ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ସରପଞ୍ଚ ପୁଷ୍ପଲତା ଭଞ୍ଜ, ସମିତିସଭ୍ୟ ପ୍ରଦୀପ ପ୍ରଧାନ, ପାଣ୍ଡବ ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ମଦନ ମୋହନ ପୃଷ୍ଟି, ପ୍ରଧାନଶିକ୍ଷକ ବାନାମ୍ବର ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଗ୍ରାମ ସଭାପତି ଶିକ୍ଷାବିତ୍ ପର୍ଶୁରାମ ମୁଦୁଲି ସ୍ୱାଗତ ଭାଷଣ ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଗୟାଧର ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ରୌପ୍ୟଜୟନ୍ତୀ ଉତ୍ସବ ଉପଲକ୍ଷେ ଗ୍ରାମବାସୀମାନେ ଘର ସମ୍ମୁଖରେ ଝୋଟି ଆଙ୍କି, ପୂର୍ଣ୍ଣ କଳସ ଥୋଇ ଓ ପ୍ରଦୀପ ପ୍ରଜ୍ୱଳନ କରି ଗ୍ରାମର ଶୁଭ ମନାସୀଥିଲେ। ସକାଳେ ଶିକ୍ଷକ ରବୀନ୍ଦ୍ର କୁମାର ବେହେରାଙ୍କ ସଂଯୋଜନାରେ ଗ୍ରାମବାସୀ ମିଳିତଭାବେ ପତାକା ଉତ୍ତୋଳନ କରି ଗଣଦୌଡ଼ରେ ସାମିଲ ହୋଇଥିଲେ। ମଧ୍ୟାହ୍ନରେ ମହିଳାମାନଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି। ସାମାଜିକକର୍ମୀ ସାରଥ ମୁଦୁଲି, ସୁରେନ୍ଦ୍ର ରାଉତ, ମଧୁସୂଦନ ବେହେରାଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିନୋଦ ମହାରଣା ଧନ୍ୟବାଦ ଦେଇଥିଲେ। ରାତିରେ ଗ୍ରାମର ଯୁବଗୋଷ୍ଠୀଙ୍କ ଦ୍ୱାରା ନାଟକ 'ଆଖି ପାଖେ ଲୁହ ବନ୍ଧାପଡ଼ିଛି' ମଞ୍ଚସ୍ଥ ହୋଇଥିଲା।



କାଳବୈଶାଖୀ ପ୍ରଭାବରେ ସୋମବାର ଜଟଣୀର କୁଦିଆରୀ ବଜାର ଓଭରବ୍ରିଜର ଉଭୟ ପଟେଥିବା ଆପ୍ରୋଚ୍ ରୋଡ୍‌ରେ ବର୍ଷାପାଣି ଜମି ରହିଛି। (ଫଟୋ: ରବୀନ୍ଦ୍ରନାଥ ମହାକୁଡ଼)

### ଫୁଟ୍‌ବଲ: ପାଇକତିଗିରିଆ ବିଜୟୀ

ବେଗୁନିଆ,୨୪।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ୍ ଅନ୍ତର୍ଗତ ସିକୋଠାରେ ଚାଲିଥିବା ପ୍ରଥମ ବାର୍ଷିକ ରାଇଜିଂ ଫୁଟ୍‌ବଲ ଟୁର୍ନାମେଣ୍ଟର ଚତୁର୍ଥ ଦିବସରେ ସ୍ପୋର୍ଟ୍ସ ହଷ୍ଟେଲ ନୟାଗଡ଼ ଏବଂ ଏ.ଜେ. କ୍ଲବ ପାଇକତିଗିରିଆ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ୩-୦ ଗୋଲରେ ପାଇକତିଗିରିଆ ଟିମ୍ ବିଜୟୀ ହୋଇଛି। ଏମ୍.ଏଚ୍. ବେଗ, ଶରତ ଚନ୍ଦ୍ର ଛୋଟରାୟ ଏବଂ ଚିତ୍ତରଞ୍ଜନ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିଲେ। ସିକୋ ଡାକ୍ତରଖାନାର ଫାର୍ମାସିଷ୍ଟ ଶକ୍ତିନାଥ ତରାଇ ଏବଂ ଦାଶରଥି ନରେନ୍ଦ୍ର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ବେଗୁନିଆ,୨୪।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମର ଭଗବତ ବାସୁଦେବଙ୍କ ପୀଠରେ ଦୁଇଦିନ ଧରି ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ପୂଜକ ତପନ କୁମାର ମିଶ୍ର ଓ ବୈକୁଣ୍ଠ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବୈଦିକ ରୀତିନୀତି ଅନୁଯାୟୀ କଳସ ଶୋଭାଯାତ୍ରା ସହ ନାମଯଜ୍ଞ, ହରିହାଟ ଓ ନଗର କୀର୍ତ୍ତନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅସରଳା, ତଳଗଡ଼, ଗୋପାଳପୁର, ପୋଡ଼ାଡିହ ପାଟଣା, ମାଗୁରା ଓ ବେଗୁନିଆମୁଲିର ନାମ ଯଜ୍ଞ ମଣ୍ଡଳୀ ଯୋଗଦେଇ ମଧ୍ୟରେ ନାମ ପରିବେଷଣ କରିଥିଲେ।

## ଆଇନ ସଚେତନତା ଶିବିର



ଖୋର୍ଦ୍ଧା/ବାଣପୁର,୨୪।୩
(ପ୍ରଭାତ ପାଣିଗ୍ରାହୀ/ଦିଲୀପ କୁମାର ସ୍ୱାଇଁ)

ବାଣପୁର ପଞ୍ଚଦୋଳ ମେଳଣ ପଡିଆରେ ଜିଲା ତଥା ଦୌରାଜଜ୍ ଏବଂ ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ନିଶିଥ ନିଶାଙ୍କ ନିର୍ଦ୍ଦେଶକ୍ରମେ ତାଲୁକ ଆଇନ ସେବା ସମିତି ବାଣପୁର ପକ୍ଷରୁ ଏକ ଆଇନ ସଚେତନତା ଶିବିର ଖୋଲାଯାଇଥିଲା। ଉକ୍ତ ଶିବିରକୁ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବାଣପୁର କୋର୍ଟ ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଉକ୍ତ ଶିବିର ଗତ ୧୯ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଜନସାଧାରଣଙ୍କ ନିମନ୍ତେ ଖୋଲାରହିଥିଲା। ଶିବିରରେ ବିଭିନ୍ନ ଆଇନ ସେବା, ଆଇନ ପରାମର୍ଶ, ଯୋଗ୍ୟ ହିତାଧିକାରୀ, ସମ୍ମୁଖ ଅଫିସର କାର୍ଯ୍ୟ, ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କ ଭୂମିକା, ମଧ୍ୟସ୍ଥତା କେନ୍ଦ୍ରର କାର୍ଯ୍ୟ ଏବଂ ନ୍ୟାୟ ସଂଯୋଗ ବିଷୟରେ ବ୍ୟାନର, ପ୍ରଚାରପତ୍ର ତଥା ଡାକବାଜି ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ନିଃଶୁଳ୍କ ଆଇନ ସେବାର ପ୍ରଚାର ପ୍ରସାର ତଥା ପ୍ରାଧିକରଣର ବିଭିନ୍ନ କାର୍ଯ୍ୟ ଲୋକମାନଙ୍କ ନିକଟରେ ପହଞ୍ଚାଇବା ଏହାର ଉଦ୍ଦେଶ୍ୟ। ଆଇନ ସେବା ସମିତିର ସଚିବ ପ୍ରମୋଦ କୁମାର ଭୋଇ, ସମିତି ସହାୟକ ଶିବ ଚରଣ ବେହେରା ପରିଚାଳନା କରିଥିଲେ। ଉକ୍ତ ଶିବିର ପ୍ରତିଷ୍ଠାରେ ପଞ୍ଚଦୋଳ କମିଟିର ସଭାପତି ତଥା ତହସିଲଦାର ଟି.ପଦ୍ମନାଭ ଦୋରା, ସମ୍ପାଦକ ମାଧବ ବାରିକ ଏବଂ କମିଟିର ଅନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ଜନଶୁଣାଣି ଶିବିରରେ ୧୮୦ ଅଭିଯୋଗ




ଶିବିରରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ବୋଲଗଡ଼,୨୪।୩(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ସୋମବାର ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଦେଉଳିସ୍ଥିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶରତ କୁମାର ମଲ୍ଲିକଙ୍କ ଆବାହକତ୍ୱରେ ଏହି ଶିବିରରେ ବିଧାୟକ ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ଜିଲାପାଳ ଚଞ୍ଚଳ ରାଣା, ଜିଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲାପାଳ କିଶୋର କୁମାର ପଣ୍ଡା, ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ସମେତ ଜିଲା ଏବଂ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ୍ ୧୮୦ଟି ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ସେଥିରୁ ବ୍ୟକ୍ତିଗତ ୧୩୨ ଏବଂ ସାମୂହିକ ୪୮ଟି ଅଭିଯୋଗ ରହିଥିଲା। ୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟ ସମସ୍ତ ଅଭିଯୋଗର ତଦନ୍ତ କରି ଶୀଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ସରକାରୀ ବିଭାଗ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ବିଭିନ୍ନ ଷ୍ଟଲ ଖୋଲାଯାଇ ପ୍ରଚାର, ପ୍ରଦର୍ଶନ ସହ ବିକ୍ରି କରାଯାଇଥିଲା। ବ୍ଲକ ଉପାଧ୍ୟକ୍ଷ ତଥା ସ୍ଥାନୀୟ ସମିତିସଭ୍ୟ ରମେଶ ସାହୁ ଓ ସରପଞ୍ଚ ପ୍ରଦୀପ ବାରିକଙ୍କ ପରିଚାଳନାରେ ଆୟୋଜିତ ଏହି ଶିବିରରେ ସରପଞ୍ଚ, ସମିତସଭ୍ୟ ଓ ଜିଲାପରିଷଦ ସଭ୍ୟ ଉପସ୍ଥିତ ଥିଲେ। ଅତିରିକ୍ତ ବିଡିଓ ଡ.ରତିକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଭାଲିଆବାଡ଼ିକୁ ହରାଇ ଯଦୁପୁର ବିଜୟୀ

ଯାଁଳା,୨୪।୩(ବୁଲା ବାରିକ)




ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋ କ୍ରିକେଟ କ୍ଲବ ପକ୍ଷରୁ ଅନୁଷ୍ଠିତ ପ୍ରଭାତ ମେମୋରିଆଲ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଯଦୁପୁର ଏବଂ ଭାଲିଆବାଡ଼ି ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଯଦୁପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୮ଓଭରରେ ୯ଉଇକେଟ ବିନିମୟରେ ୧୯୭ରନ ସଂଗ୍ରହ କରିଥିଲା। ଜବାବରେ ଭାଲିଆବାଡ଼ି ଟିମ୍ ୧୩.୧ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୦୧ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ମହମ୍ମଦ ତବରିଜ ୫୨ରନ ସଂଗ୍ରହ କରି ବେଷ୍ଟ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଥିବା ବେଳେ ଏସ୍.କେ.ସଲମାନ୍ ୩ ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ଆୟୋଜକ କ୍ଲବର ସଭ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

### ମା'କାଳିକା ଭାଗବତ ପ୍ରତିଯୋଗିତା

## ରାମଚନ୍ଦ୍ରପ୍ରସାଦ ଚାମ୍ପିୟନ



ବୋଲଗଡ଼,୨୪।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅସରଳା ଗ୍ରାମ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ମା'କାଳିକା ଭାଗବତ ପ୍ରତିଯୋଗିତା ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ପ୍ରତିଯୋଗିତା ରାମଚନ୍ଦ୍ର ପ୍ରସାଦ ଏବଂ ଫତେଗଡ଼ ଭାଗବତମଣ୍ଡଳୀ ମଧ୍ୟରେ ହୋଇଥିଲା। ୬୪-୪୮ ପଏଣ୍ଟ ବ୍ୟବଧାନରେ ରାମଚନ୍ଦ୍ରପ୍ରସାଦ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଭାବେ ବିଧାୟକ ପ୍ରଦୀପ ସାହୁ, ପ୍ରକାଶ ରଣବିଜୁଳି ଏବଂ ଅମୀୟ ପଟ୍ଟନାୟକ ଯୋଗଦେଇଥିଲେ। ସାମାଜିକ କର୍ମୀ କସ୍ତୁରୀ ଚରଣ ମହାପାତ୍ର, ଅକ୍ଷୟ ସୁନ୍ଦରା, ରାଜକିଶୋର ବେହେରା ପ୍ରମୁଖ ଚାମ୍ପିୟନ ଏବଂ ରନର୍ସଅପ ଦଳକୁ ଟ୍ରଫି ଓ କପ ପ୍ରଦାନ କରିଥିଲେ। ବିଚାରକଭାବେ ସୁକାନ୍ତ ନନ୍ଦ, ମାନସ ପଟ୍ଟନାୟକ ଏବଂ ମାୟାଧର ହୋତା ଯୋଗଦେଇଥିଲେ। ସୁବଳ ଜେନା, ସୁର ମିଶ୍ର, ବିଜୟ ପଟ୍ଟଯୋଶୀ, ବିଷ୍ଣୁ ପ୍ରସାଦ କରଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# କୁଦିଆରୀ ଦଶଦୋଳ ମେଳଣ ଆରମ୍ଭ

ଜଟଣୀ,୨୪।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀରେ ସୋମବାର ରାତିରୁ ଆରମ୍ଭ ହୋଇଛି କୁଦିଆରୀ ଦଶଦୋଳ ମେଳଣ। ଏହି ମେଳଣ ଉପଲକ୍ଷେ ମା'ଖାଡ଼େଶ୍ୱରୀ ପୂଜା କମିଟିପକ୍ଷରୁ ଓଲିଉଡ୍ ନାଇଟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମା'ଖାଡ଼େଶ୍ୱରୀଙ୍କ ୩୮ତମ ବାର୍ଷିକ ଉତ୍ସବ ଉପଲକ୍ଷେ ପୂଜା କମିଟିର ସଭାପତି ସୁଦର୍ଶନ ସୁନ୍ଦରାୟଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ପରେ ଜମାଣ ଉତ୍ସବରେ ସମସ୍ତ ନୀତିକାନ୍ତି ପରେ ରାତି ୧୨ଟାରେ ମନ୍ଦିରରୁ ଶ୍ରୀପତିତପାବନ ଓ ଚନ୍ଦ୍ରଶେଖର ଦେବ ଶୋଭାଯାତ୍ରାରେ ପଥରଚକଡ଼ା ସାହି, ହାଇସ୍କୁଲ ଓ ଗ୍ରାମର ମୁଖ୍ୟ ରାସ୍ତା ଦେଇ ସ୍ଥାନୀୟ ନୀଳକଣ୍ଠେଶ୍ୱର ସାହି ଦେଇ ମେଳଣ ପଡିଆରେ ଝୁଣ୍ଟି ଲାଗି ହୋଇଥିଲେ। ମେଳଣ କମିଟି ଏବଂ ବିଭିନ୍ନ ସଙ୍ଗଠନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କୁଦିଆରୀ ଗ୍ରାମର ବୋଲବମ ସଂଘ ପକ୍ଷରୁ ମୁଖ୍ୟ ରାସ୍ତାପାର୍ଶ୍ୱ, ମୁକୁଳା ଆକାଶ ସଙ୍ଗଠନ ପକ୍ଷରୁ ମେଳଣ ପଡିଆ ଏବଂ ବ୍ଲାକ ଟାଇଗର ସଙ୍ଗଠନ ପକ୍ଷରୁ ସ୍ଥାନୀୟ ମା'ମଙ୍ଗଳାଙ୍କ ମନ୍ଦିର ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମେଳଣ କମିଟିର ଲୁଫେନ ରାୟ, ସଭାପତି ସୁଦର୍ଶନ ସୁନ୍ଦରାୟ ଏବଂ କୋଷାଧ୍ୟକ୍ଷ କୃଷ୍ଣମୋହନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଗ୍ରାମବାସୀ ସହଯୋଗ କରିଥିଲେ।



## ଚିଲିକା ନୂଆପଡ଼ାରେ ଦଶଦୋଳ ମେଳଣ



କୃଷ୍ଣପ୍ରସାଦ,୨୪।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଚିଲିକା ନୂଆପଡ଼ାଠାରେ ସୋମବାର ଦଶଦୋଳ ମେଳଣ ଆରମ୍ଭ ହୋଇଛି। ମୁଖ୍ୟ ପୀଠାଧିଶ ଗୁପ୍ତେଶର ଦେବଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରୁ ୧୬ଠାକୁର ସୁସଜ୍ଜିତ ବିମାନରେ ପଟୁଆରରେ ଆସି ମଣ୍ଡପରେ ବିରାଜମାନ ହୋଇଥିଲେ। ଲୋକନୃତ୍ୟ ଭାରତଲୀଳା ସହ ଖୋଲା ମଞ୍ଚରେ ନାଟକ ପରିବେଷଣ ହେଉଛି। ସନ୍ଧ୍ୟାରେ ସମରକଳା ପାଇକ ଆଖଡା ପ୍ରଦର୍ଶନ ହୋଇଥିଲା। ଚିଲିକା ନୂଆପଡ଼ା ଗ୍ରାମ୍ୟ କମିଟି ସଭାପତି ନଳିନୀ କାନ୍ତ ଜେନା, ସମ୍ପାଦକ ସୁକାନ୍ତ କୁମାର ପ୍ରଧାନଙ୍କ ସମେତ ୩୫ ଜଣିଆ କମିଟି ଯାତ୍ରା ପରିଚାଳନାରେ ସହଯୋଗ କରୁଛନ୍ତି । ଶାନ୍ତିଶୃଙ୍ଖଳା ରକ୍ଷା ଲାଗି କୃଷ୍ଣପ୍ରସାଦ ଥାନା ଆଇଆଇସି ଭାବଗ୍ରାହୀ ରାଉତଙ୍କ ତତ୍ତ୍ୱାବଧାନରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

**ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ**

ଅସ୍ତରଙ୍ଗ,(ମମତା ଜେନା)- କାକଟପୁର ବ୍ଲକ ଅଧୀନ ମଙ୍ଗଳା ମହାବିଦ୍ୟାଳୟ ମୁଖ୍ୟରାସ୍ତା ପାର୍ଶ୍ୱରେ ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟଟି ରହିଥିବାବେଳେ ଏହାର ମୂଳଅଂଶ ଖାଇଯାଇଛି। ଏହା ସାମାନ୍ୟ ଧକ୍କାରେ ଭାଙ୍ଗିଯାଇ ଜୀବନହାନି ଘଟାଇବାର ସମ୍ଭାବନା ରହିଛି। ପ୍ରତିଦିନ ଏହି ରାସ୍ତା ଦେଇ ଅନେକ ଗାଡ଼ିମୋଟର ସମେତ କଲେଜ ଛାତ୍ରୀଛାତ୍ର ଏବଂ ସ୍କୁଲ ପିଲା ଯାତାୟାତ କରିଥାନ୍ତି। ଏହି ଖୁଣ୍ଟ ସମ୍ପର୍କରେ ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ କୌଣସି ସୁଫଳ ମିଳି ପାରୁନାହିଁ। ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ଏହି ଖୁଣ୍ଟରେ ପ୍ରବାହିତ ହେଉଥିବାବେଳେ ଭାରୀଯାନ ଚଳାଚଳ ଏହାପ୍ରତି ବିପଦ ସୃଷ୍ଟି କରୁଛି। ତୁରନ୍ତ ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ନୂତନ ଖୁଣ୍ଟ ବସାଇବାକୁ ସାଧାରଣରେ ଦାବି ହେଉଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୪।୩।୨୦୨୫

| | |
|---|---|
| ୬,୯୭,୧୪୦ ଟଙ୍କା | |
| ସୁନା | ୩.୭୮୦ ଗ୍ରାମ୍ |
| ରୁପା | ୧୧୭.୭୦୦ ଗ୍ରାମ୍ |

## ସଂକ୍ଷେପରେ

### ସମର୍ଥ ମଡ୍ୟୁଲ୍, ଇ-ଅଫିସ୍ ସଂକ୍ରାନ୍ତ ପ୍ରଶିକ୍ଷଣ

ପୁରୀ,୨୪।୩(ଅଜିତ୍ କୁମାର ମହାନ୍ତି)

ଡିଜିଟାଲ୍ ଇଣ୍ଡିଆର ଏକ ଅଂଶ ଭାବେ ସମସ୍ତ କାର୍ଯ୍ୟାଳୟର କାର୍ଯ୍ୟକୁ କାଗଜମୁକ୍ତ କରିବାର ଲକ୍ଷ୍ୟ ନେଇ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସର, ପୁରୀ ଆନୁକୂଲ୍ୟରେ ସମର୍ଥ ମଡ୍ୟୁଲ୍ ଏବଂ ଇ-ଅଫିସ୍ ଶୀର୍ଷକ ଦ୍ୱି-ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡିଙ୍କ ପରାମର୍ଶ କ୍ରମେ ପରିସର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଏନ୍ଆଇସି ପୁରୀର ଜିଲା ସୂଚନା ଅଧିକାରୀ ବିଶ୍ୱନାଥ ପଣ୍ଡା ଯୋଗଦେଇଥିଲେ। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର ପରିଯୋଜନା ଅଧିକାରୀ ଡ. ଜିତେନ୍ଦ୍ର ରାୟଗୁରୁ ସମର୍ଥ ମଡ୍ୟୁଲ ଏବଂ ଇ-ଅଫିସ୍ ଉପାଦେୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୦୦ ଜଣ ଅଂଶଗ୍ରହଣକାରୀ ପ୍ରଶିକ୍ଷଣପ୍ରାପ୍ତ ହୋଇଥିଲେ। ସଂଯୋଜକ ପ୍ରଫେସର୍ ସୁଶାନ୍ତ କୁମାର ରାଜ୍ ସ୍ୱାଗତ ଭାଷଣ ଓ ପରିସରର ସହଯୋଗୀ ନିର୍ଦ୍ଦେଶକ ପ୍ରଫେସର୍ ବିଜୟପାଲ୍ କଚ୍ଛୱା ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଡ. ବିଶ୍ୱନାଥ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା ଏବଂ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ମିଶ୍ର ପରିଚାଳନା କରିଥିଲେ।

### ଅଧାପନ୍ତରିଆ ଭାବେ ପଡ଼ିରହିଛି ମାର୍କେଟ୍ କମ୍ପ୍ଲେକ୍ସ

ଯୋଗେଶ୍ୱରପୁର,୨୪।୩(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ସୋରଭା ପଞ୍ଚାୟତର ପାଇକ ସାହିଠାରେ ଗତ ୪ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ୧୦ ଲକ୍ଷ ଟଙ୍କା ବ୍ୟୟର ମାର୍କେଟ କମ୍ପ୍ଲେକ୍ସ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଫଳରେ ସେଠାରେ ଅନାବନା ଗଛ ଉଠି ବନ୍ୟପ୍ରାଣୀଙ୍କ ଆଶ୍ରୟ ସ୍ଥଳ ପାଲଟିଛି। ଉକ୍ତ କାର୍ଯ୍ୟ କରୁଥିବା ଠିକାଦାର ତାଙ୍କ କାର୍ଯ୍ୟର ବିଲ୍ ପାଇ ଯାଇଥିଲେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ କରି ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିଡିଓ ଗୋପ ଛବିରାଣୀ ସାହୁଙ୍କୁ ପଚାରିବାରେ, ଏ ବାବଦରେ କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଥିବ ବୋଲି କହିଥିଲେ। ସୋରଭା ସରପଞ୍ଚ କିଶୋର ଚନ୍ଦ୍ର ସେଠୀଙ୍କୁ ପଚାରିବାରେ, ଏ କାମ ପୂର୍ବତନ ସରପଞ୍ଚଙ୍କ ସମୟରେ ହୋଇଥିଲା। ତାଙ୍କ ସମୟର ନୁହେଁ ବୋଲି ସେଠୀ କହିଛନ୍ତି।

# ଅସ୍ତିତ୍ୱ ହରାଉଛି ଲୁଣ ସମବାୟ ସମିତି

କାକଟପୁର/ଅସ୍ତରଙ୍ଗ,୨୪।୩
(ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳ ଦିନେ ଲୁଣ ଉତ୍ପାଦନ ଓ ବ୍ୟବସାୟର ପେଣ୍ଠସ୍ଥଳୀ ଥିଲା। ଜୁଆର ପାଣିକୁ ବନ୍ଧାଇ ଲୁଣ ଉତ୍ପାଦନ କରି ବହୁ ଲୋକ ଜୀବିକା ନିର୍ବାହ କରୁଥିଲେ। ଦୀର୍ଘ ୨୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଅସ୍ତରଙ୍ଗରେ ଆଉ ଲୁଣ ମରା ନ ହେବାରୁ ଦେଶୀ ଲୁଣ ଦେଖିବା ଏବେ ସାତସପନ। ଅସ୍ତରଙ୍ଗରେ ଲୁଣ ଉତ୍ପାଦନ ଓ ବିକ୍ରୟ ସମବାୟ ସମିତି ନାମରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା କାର୍ଯ୍ୟାଳୟ ଏହାର ମୂକସାକ୍ଷୀ। ଆଜି ଏହି ଜୀବିକା ଲୋପ ପାଇବା ସହ ପ୍ରଶାସନର ଆନ୍ତରିକତା ଅଭାବରୁ ଲବଣ ସମବାୟ ସମିତି ନିଜର ଅସ୍ତିତ୍ୱ ହରାଇବାକୁ ବସିଛି।

ଅସ୍ତରଙ୍ଗ ଚତୁଃପାର୍ଶ୍ୱରେ ନଦୀ ଓ ସମୁଦ୍ର ଘେରି ରହିଛି। ସମୁଦ୍ର ସଂଲଗ୍ନ ନଦୀର ଜୁଆର ପାଣିକୁ ବନ୍ଧାଇ ଅସ୍ତରଙ୍ଗ, କୁହୁଡ଼ି, ନୂଆଗଡ଼, ଡମଶୁଣ, ଟିମର, ଝାରିଆ, ନଟରା, କେଉଁଟଜଙ୍ଗା, ଭର୍ଗବୀ ନଦୀ ନିକଟରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବହୁ ଲୋକ ଲୁଣ ଚାଷକରି ଲାଭବାନ ହେଉଥିଲେ। ୧୯୩୧ ମାର୍ଚ୍ଚ ୫ଠାରୁ ଅସ୍ତରଙ୍ଗରେ ଲୁଣ ଉତ୍ପାଦନ ସ୍ୱାଭାବିକ ହୋଇ ୧୯୪୩ରେ ଲବଣ ସମବାୟ ସମିତି ଗଠନ ହୋଇଥିଲା। ଏହା ଅଧୀନରେ କୁଜଙ୍ଗ, ରାଜନଗର,



ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ଲୁଣ ସମବାୟ ସମିତି।

ରାଜକନିକା, ପିପିଲି, ନୟାହାଟ, ପାରାଦୀପ ପ୍ରମୁଖ ସ୍ଥାନରେ ଲୁଣ ବିକ୍ରିକରି ଉଚିତ ମୂଲ୍ୟ ମିଳୁଥିଲା। ୧୯୯୯ ମହାବାତ୍ୟାରେ ଲୁଣ ଚାଷ ଓ ସମିତି କାର୍ଯ୍ୟାଳୟ କ୍ଷତିଗ୍ରସ୍ତ ହୋଇଥିଲା। ୨୦୦୨ରେ ଆୟୋଡିନ୍‌ଯୁକ୍ତ ଲୁଣର ପ୍ରଚାର ପ୍ରସାର ଯୋଗୁ ଦେଶୀ ଲୁଣର ଚାହିଦା ଧୀରେ ଧୀରେ କମିଥିଲା।

ଅନ୍ୟପକ୍ଷରେ ଲୁଣ ଚାଷ ପାଇଁ ଲିଜ୍ ସୂତ୍ରରେ ଜମିର ନବୀକରଣ ନ ହେବାରୁ ୨୦୦୨ରୁ ଲୁଣ ଉତ୍ପାଦନ ସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ିଯାଇଛି। ଅନେକ ବ୍ୟକ୍ତିବିଶେଷଙ୍କ ସହ କେତେଜଣ ଚିଙ୍ଗୁଡ଼ି ମାଫିଆଙ୍କ ଲୋଲୁପ ଦୃଷ୍ଟି ଏବେ ଲବଣ ଜମି ଉପରେ। ଲବଣ ଜମି ଖୋଳି ଚିଙ୍ଗୁଡ଼ି ମାଫିଆ ବେଆଇନ ଚିଙ୍ଗୁଡ଼ିଘେରି ନିର୍ମାଣ କଲେଣି, ଅନେକେ ମଧ ଜେସିବି ପକାଇ ଖୋଳା ଜାରି ରଖିଛନ୍ତି। ଜମି ଜବରଦଖଲ ସମେତ ବିଭିନ୍ନ ସ୍ଥାନରେ ଏବେ ମାଳ ମାଳ ଚିଙ୍ଗୁଡ଼ିଘେରି ମୁଣ୍ଡ ଟେକିଛି। ବର୍ତ୍ତମାନ ସମିତିର ସଭାପତି ରାଜକିଶୋର ବେହେରା କହିଛନ୍ତି, ୧୯୯୫ରେ ସମିତି ଅଧୀନରେ ୪୮୦ ଏକର ଜମି ଥିଲା। ୧୯୯୪-୯୫ରେ ଏହି ଜମି ୭୫ ଏକର ଥିଲା। ୧୯୯୪-୯୫ରେ ଏହି ଜମି ୭୫ ଏକରରେ ସୀମିତ ରଖି ୪୦୫ ଏକର ସରକାରୀ ଖାତାକୁ ଯାଇଥିଲା। ୭୫ ଏକର ଜମିରୁ ଯାହା ଲୋକ କହିବା ମୁତାବକ ୧ ଏକର ୩୦ ଡିସିମିଲରେ ତହସିଲ୍, ୧ ଏକର ୨୦ ଡିସିମିଲରେ ନୂତନ ଥାନାର ଭିତ୍ତିଭୂମି, ପ୍ରାୟ ୨୨ ଡିସିମିଲ ଜାଗାରେ ଲୁଣ ସମବାୟ ସମିତି ଦଣ୍ଡାୟମାନ। ଅସ୍ତରଙ୍ଗରୁ କିଛିଦୂରରେ ଥିବା ଏକ ବିସ୍ତୀର୍ଣ୍ଣ ଜମି ଲୁଣପାଟ ନାମରେ

### ଲବଣ ଜମି ଉପରେ ଚିଙ୍ଗୁଡ଼ି ମାଫିଆଙ୍କ ଦୃଷ୍ଟି

ନାମିତ। କାଳକ୍ରମେ ଏହା ସଙ୍କୁଚିତ ହୋଇ ଜମି ହଜିଯିବାକୁ ବସିଛି।

ପ୍ରତିବର୍ଷ ମେ' ୨୧ରେ କୁହୁଡ଼ିଠାରେ ଲବଣ ସତ୍ୟାଗ୍ରହ ସ୍ମାରକୀ ଦିବସ ପାଳନ ସମୟରେ ନେତାଙ୍କ ଭାଷଣ ବେଳେ ଲୁଣଚାଷର ସ୍ମୃତି ମନେପଡ଼ିଥାଏ। କୁହୁଡ଼ିଠାରେ ଲବଣ ସତ୍ୟାଗ୍ରହ ଭିନ୍ନ ରୂପ ଧାରଣ କରି ସତ୍ୟାଗ୍ରହୀ ପଣ୍ଡିତ ନୀଳକଣ୍ଠ ଦାସଙ୍କ ନେତୃତ୍ୱରେ ମଧୁସୂଦନ ମିଶ୍ର, ଭୁବନାନନ୍ଦ ସ୍ୱାଇଁ, ପୂର୍ଣ୍ଣାନନ୍ଦ ସ୍ୱାଇଁଙ୍କ ସମେତ ସାଧାରଣଲୋକ ଲବଣ ଆଇନକୁ ଭଙ୍ଗ କରି ୧୯୩୦ ମେ' ମାସରେ ଲୁଣ ମାରି ଗୋରା ସିପାହିଙ୍କୁ ଲହୁଲୁହାଣ କରିଥିଲେ। ଅନୁମତି ବା ପ୍ରୋତ୍ସାହନ ମିଳିଲେ ଅତ୍ୟାଧୁନିକ ପଦ୍ଧତିରେ ଅସ୍ତରଙ୍ଗରେ ଲୁଣଚାଷ ପୁନର୍ଜୀବିତ ହୋଇ ଜୀବିକା ଫେରିବା ସମେତ ରାଜସ୍ୱ ବୃଦ୍ଧି ସମ୍ଭବ ହୁଅନ୍ତା ବୋଲି ଅନେକ ବୁଦ୍ଧିଜୀବୀ କୁହନ୍ତି। ଲବଣ ଜମିରେ ବେଆଇନ ଚିଙ୍ଗୁଡ଼ିଘେରିକୁ ନେଇ ସ୍ଥାନୀୟ ପ୍ରଶାସନିକ ଅଧିକାରିଣୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି କହିଛନ୍ତି, ଖୁବ୍‌ଶୀଘ୍ର ସ୍ଥିତି ଅନୁଧ୍ୟାନ କରାଯିବ। ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ନିୟମ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ୩୧ରେ ପୁରୀ କ୍ଲବ କ୍ରିକେଟ ଲିଗ୍ ଉଦ୍‌ଘାଟନ



ପୁରୀ କ୍ଲବ ଦ୍ୱାରା ଆୟୋଜିତ ହେବାକୁ ଥିବା କ୍ରିକେଟ ମ୍ୟାଚର ଜର୍ସି ଓ ପ୍ରାଇଜ୍‌କୁ ଉନ୍ମୋଚନ କରାଯାଉଛି।

ପୁରୀ,୨୪।୩(ଅଜିତ୍ କୁମାର ମହାନ୍ତି)

ପୁରୀ କ୍ଲବ୍ ପକ୍ଷରୁ ଚଳିତ ମାସ ୩୧ ତାରିଖରୁ ଅପ୍ରେଲ ୬ ପର୍ଯ୍ୟନ୍ତ ପୁରୀ କ୍ଲବ୍ କ୍ରିକେଟ୍ ଲିଗ୍‌ର ତୃତୀୟ ସଂସ୍କରଣ ଆୟୋଜନ ହେବାକୁଯାଉଛି। ମ୍ୟାଚଗୁଡ଼ିକ ପୁରୀ କ୍ଲବ କ୍ରିକେଟ ଗ୍ରାଉଣ୍ଡରେ ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଖେଳାଯିବ। ପୁରୀ ଜିଲା ପ୍ରଶାସନ, ପୁରୀ ପୋଲିସ, ପୋଷ୍ଟାଲ, ରୋଟାରୀ କ୍ଲବ ପୁରୀ, ରୋଟାରୀ କ୍ଲବ ଅଫ୍ ଶ୍ରୀଜଗନ୍ନାଥ ଧାମ, ପୁରୀ ବାର୍ ଆସୋସିଏଶନ, ପୁରୀ ସାମ୍ବାଦିକ ଏକାଦଶ, ଫାର୍ମାସି କଲେଜ, ଗଣଶିକ୍ଷା ବିଭାଗ ଏବଂ ବି.ଏନ୍.ଆର୍ ସମେତ ୧୬ଟି ଉଭୟ ସରକାରୀ ଓ ବେସରକାରୀ ଟିମ୍ ଏଥିରେ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ମ୍ୟାଚ ୧୦ ଓଭର ବିଶିଷ୍ଟ ହେବ। ସେମିଫାଇନାଲ ୧୨ ଓଭର ଏବଂ ଫାଇନାଲ ମ୍ୟାଚ୍ ୧୫ ଓଭର ବିଶିଷ୍ଟ ଖେଳାଯିବ ବୋଲି ସୋମବାର ଖବରଦାତା ସମ୍ମିଳନୀରେ ପୁରୀ କ୍ଲବ ସମ୍ପାଦକ ହରିହର ଗୁରୁ, କ୍ଲବର ସ୍ପୋର୍ଟ୍ସ ଓ ଇଭେଣ୍ଟ କମିଟି ଅଧ୍ୟକ୍ଷ ତପନ କୁମାର ଦାଶ ଏବଂ ଲିଗ୍ ସଂଯୋଜକ ସୁଶାନ୍ତ କୁମାର ସିଂ ସୂଚନା ଦେଇଛନ୍ତି। ଏହି ଅବସରରେ ଲିଗ୍‌ର ଟ୍ରଫି ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକାରୀ କମିଟି ସଦସ୍ୟ ରବିନାରାୟଣ ସାହୁ ଓ ନାରାୟଣ ଦାଶ ଏବଂ ସଦସ୍ୟ ବିଭୁଦତ୍ତ ସୁବୁଦ୍ଧି, ବିଶ୍ୱନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ନାଟକ ମହୋତ୍ସବର ଶେଷ ସନ୍ଧ୍ୟାରେ ସୋମବାର ମଞ୍ଚସ୍ଥ ନାଟକ 'ଅଭିନନ୍ଦନ ମ୍ୟାକ୍‌ବେଥ୍'ର ଏକ ଦୃଶ୍ୟ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## କାଳବୈଶାଖୀ ବର୍ଷା ଯୋଗୁ ବ୍ୟାପକ ରବି ଫସଲ ନଷ୍ଟ

କୋଣାର୍କ,୨୪।୩(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନସ୍ଥ ୨୦ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ କାଳ ବୈଶାଖୀ ବର୍ଷାରେ ବ୍ୟାପକ ରବି ଫସଲ ଉଜୁଡ଼ି ଯାଇଥିବା ବେଳେ କୃଷକଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ପ୍ରକାଶ ଯେ, କୃଷକମାନେ ମୁଣ୍ଡ ଝାଳ ତୁଣ୍ଡେ ମାରି ବ୍ୟାଙ୍କ ଓ ସମବାୟ ସଂସ୍ଥାରୁ ଋଣ ଆଣି ବିଭିନ୍ନ ରବି ଫସଲ କରିଥିଲେ। ଚଳିତ ବର୍ଷ ରବି ଫସଲ ଭଲ ହୋଇଥିବା ବେଳେ କୃଷକମାନେ ଭଲ ଦୁଇ ପଇସା ରୋଜଗାର କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ମାତ୍ର ଅଦିନିଆ କାଳ ବୈଶାଖୀ ବର୍ଷା ଯୋଗୁ ଉଜୁଡ଼ିଯାଇଛି ରବି ଫସଲ। ଫଳରେ କୃଷକମାନେ ଦୟନୀୟ ଅବସ୍ଥାରେ କାଳାତିପାତ କରୁଥିବା ଦେଖିବାକୁ ମିଳିଛି। କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ ଫସଲ କ୍ଷୟକ୍ଷତିର ଆକଳନ କରି ଚାଷୀମାନଙ୍କୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ କିଶୋର ଚନ୍ଦ୍ର ସେଠ, ପୂର୍ଣ୍ଣଚନ୍ଦ୍ର ଲେଙ୍କା, ସୋମନାଥ ନାୟକ, ସୁକାନ୍ତ ନାୟକ ପ୍ରମୁଖ ନିବେଦନ କରିଛନ୍ତି।

## ଯକ୍ଷ୍ମାମୁକ୍ତ ଭାରତ ପାଇଁ ସଂକଳ୍ପ

ପୁରୀ,୨୪।୩(ଅଜିତ୍ କୁମାର ମହାନ୍ତି)

'ଆମେ ସଚେତନ ହେବା, ଯକ୍ଷ୍ମାମୁକ୍ତ ଭାରତବର୍ଷ ଗଢ଼ିବା', ଏପରି ସଂକଳ୍ପ ସହ ପୁରୀରେ ସୋମବାର ପାଳନ ହୋଇଛି ବିଶ୍ୱ ଯକ୍ଷ୍ମା ଦିବସ। ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ, ପୁରୀର ନେହେରୁ ଯୁବକେନ୍ଦ୍ର ଏବଂ ମିଶନ ଓଡ଼ିଶାର ମିଳିତ ସହଯୋଗରେ ରେଡ଼କ୍ରସ୍ କାର୍ଯ୍ୟନିର୍ବାହୀ ସଦସ୍ୟ ତଥା ସେଣ୍ଟଜନ୍ ଆମ୍ବୁଲାନ୍ସର ଯୁଗ୍ମସମ୍ପାଦକ ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ସାଲବେଗ ପୀଠ ସମ୍ମିଳନୀ କକ୍ଷରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଏଥିରେ ଡାକ୍ତର ସୁଦର୍ଶନ ପୋଥାଳ ଯୋଗଦେଇ କହିଥିଲେ, ସଚେତନତା ଓ ନିୟମିତ ଔଷଧ ସେବନ ଦ୍ୱାରା ହିଁ ଭାରତରେ ୨୦୨୫ ଶେଷସୁଦ୍ଧା ଯକ୍ଷ୍ମାକୁ ସଂପୂର୍ଣ୍ଣ ନିୟନ୍ତ୍ରଣ କରିହେବ। ଯକ୍ଷ୍ମାରୁ ମୁକ୍ତ ରହିବା ପାଇଁ ଏବେ ଦିଆଯାଉଥିବା ପ୍ରତିକାର ଔଷଧକୁ ବ୍ୟବହାର କରିବା ଦରକାର। ଡାକ୍ତରଙ୍କ ପରାମର୍ଶ ମୁତାବକ ଔଷଧ ନିୟମିତ ଓ ଧାର୍ଯ୍ୟ ସମୟ ପର୍ଯ୍ୟନ୍ତ ଖାଇବା ଆବଶ୍ୟକ। ଗୋଟିଏ ମଶା କଏଲ ୧୦୦ଟି ସିଗାରେଟ ସହ ସମାନର ଅର୍ଥ

### ମଶା କଏଲ ବ୍ୟବହାରରୁ ଦୂରେଇ ରହିବାକୁ ପରାମର୍ଶ

ଘରେ ମଶା କଏଲ ବ୍ୟବହାରରୁ ଦୂରେଇ ରୁହନ୍ତୁ ବୋଲି ଡା. ପୋଥାଳ କହିଥିଲେ। ପୁରୀ ଜିଲା ଯକ୍ଷ୍ମା କମିଟି ସଦସ୍ୟ ବଦ୍ରି ମିଶ୍ର କହିଥିଲେ, ବାୟୁ ପ୍ରଦୂଷଣରୁ ପରିବେଶକୁ ମୁକ୍ତ ରଖିବା, ସୁଷମ ଖାଦ୍ୟ ସେବନ ଓ ଶୃଙ୍ଖଳିତ ଯୌନ ଜୀବନ ହିଁ ଭାରତକୁ ଯକ୍ଷ୍ମାରୁ ରକ୍ଷା କରିପାରିବ। ଜିଲା ଯକ୍ଷ୍ମା ବିଭାଗର କର୍ମଚାରୀଙ୍କ ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ଜିଲା ରୌପ୍ୟ ପଦକ ପାଇଛି ବୋଲି ସେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡା. ପଲ୍ଲବୀ ପ୍ରିୟମ୍ବଦା ଯୋଗଦେଇ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ପରାମର୍ଶ ଦେଇଥିଲେ। ଏହି ସଚେତନତା ଶିବିରକୁ ଅଜୟକୃଷ୍ଣ ଦାସ ପରିଚାଳନା କରିଥିଲେ। ରେଡକ୍ରସ ସୋସାଇଟିର କାର୍ଯ୍ୟନିର୍ବାହୀ ସଦସ୍ୟା ମଧୁମିତା ମହାପାତ୍ର, ସାମାଜିକ କର୍ମୀ ଚକ୍ରଧର ମହାପାତ୍ରଙ୍କ ସମେତ ରେଡ଼କ୍ରସ, ସେଣ୍ଟ ଜନ୍ ଆମ୍ବୁଲାନ୍ସ, ମିଶନ ଓଡ଼ିଶାର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ।

# ୧୮ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ପ୍ରସ୍ତାବ ଗୃହୀତ

ପିପିଲି,୨୪।୩(ଦୁର୍ଗା ମାଧବ ମିଶ୍ର)

ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନାପୀଠ ପିପିଲି ବ୍ଲକ ଅନ୍ତର୍ଗତ ବାଲିଗାଁର ସର୍ବାଙ୍ଗୀନ ଉନ୍ନତି ପାଇଁ ଭକ୍ତ ଦାସିଆ ସ୍ମୃତି କମିଟିର ସଭାପତି ଡ. ପ୍ରତିଭା ମହାରଥିଙ୍କ ଅଧ୍ୟକ୍ଷତାରେ ମାସିକ ସମୀକ୍ଷା ବୈଠକ ଭୁବନେଶ୍ୱର ଶହୀଦନଗର ସ୍ଥିତ ବିଷ୍ଣୁ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୧୮ଟି ପ୍ରକଳ୍ପର ପ୍ରସ୍ତାବ ଗୃହୀତ ହେବା ସହ ପିପିଲି-ଡେଲାଙ୍ଗ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଚଳିତ ଆର୍ଥିକ ବର୍ଷରେ ୨କୋଟି ଟଙ୍କା ଆର୍ଥିକ ଅନୁଦାନ ମିଳିଥିବାରୁ ଉପସ୍ଥିତ ସଦସ୍ୟମାନେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ

### ଭକ୍ତ ଦାସିଆ ସ୍ମୃତି କମିଟିର ମାସିକ ସମୀକ୍ଷା ବୈଠକ

ପରିଡ଼ା ଏବଂ ସ୍ଥାନୀୟ ବିଧାୟକଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରାକ୍ତନ ଯନ୍ତ୍ରୀ ମୁଖ୍ୟ ଇଞ୍ଜିନିୟର ଦେବ ନାରାୟଣ ପାଲ, କିଟ୍ ଯୁକ୍ତ୨ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ମିଶ୍ର, ଇଂ. ବସନ୍ତ କୁମାର ମିଶ୍ର, ଇଂ. ସୁରେନ୍ଦ୍ର ନାଥ ପଣ୍ଡା ପ୍ରମୁଖ ପୀଠର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଐତିହ୍ୟ ପୋଖରୀ ଗୋଠଗାଡ଼ିଆ, ରତ୍ନଚିରା ନଦୀରେ ନୌକାବିହାର, ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆନନ୍ଦ ବଜାର, କମ୍ୟୁନିଟ୍ ହଲ, ଭକ୍ତନିବାସ, ଯାତ୍ରୀବାହୀ ବସ୍ ପାର୍କିଂ, ମ୍ୟୁଜିୟମ, ତୁଳସୀ ଉଦ୍ୟାନର ଉନ୍ନତୀକରଣ, ଗୁଣ୍ଡିଚା ଘର, ସ୍ନାନ ମଣ୍ଡପର ନବୀକରଣ ଆଦି ୧୮ଟି ପ୍ରକଳ୍ପର ଉନ୍ନୟନ ନିମନ୍ତେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପୀଠକୁ ଜାତୀୟ ରାଜପଥକୁ ସଂଯୋଗ କରିବା, ରାସ୍ତାର ପ୍ରଶସ୍ତୀକରଣ, ରାସ୍ତାର ଉଭୟ ପାର୍ଶ୍ୱରେ ବିଦ୍ୟୁତ ଆଲୋକୀକରଣ କରାଯିବାକୁ ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ଉକ୍ତ ଆଲୋଚନାରେ ବିଶିଷ୍ଟ ସଙ୍ଗୀତକାର ଅଜୟ ଦାସ, ଅନ୍ତର୍ଜାତୀୟ ବଂଶୀ ବାଦକ ପର୍ଶୁରାମ ପ୍ରଧାନ ଶ୍ରୀଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ। ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ ଆୟବ୍ୟୟ ଉପସ୍ଥାପନ କରିଥିଲେ। ସଦସ୍ୟ ଅର୍ଜୁନ ଚରଣ ସାମଲ, ଡ. ଦୁର୍ଗା ପ୍ରସାଦ ମିଶ୍ର, ଦିଲୀପ କୁମାର ଦ୍ୱିବେଦୀ, ଲକ୍ଷ୍ମୀ ନାରାୟଣ ଦାସ, ପଞ୍ଚାନନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ସ୍ୱାବଲମ୍ବୀ ତାଲିମ ଶିବିର ଉଦ୍‌ଯାପିତ

ସାକ୍ଷୀଗୋପାଳ,୨୪।୩
(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ଗ୍ରାମୀଣ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସତ୍ୟବାଦୀ ବ୍ଲକ ସୁକଳ ପଞ୍ଚାୟତ ରାଜୀବଗାନ୍ଧୀ ସେବାକେନ୍ଦ୍ରରେ ଅନୁଷ୍ଠିତ ୬ଦିନିଆ ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ଅତିଥିଙ୍କ ମଧ୍ୟରେ ସୁକଳ ୟୁକୋ ବ୍ୟାଙ୍କର ଶାଖା ପରିଚାଳକ ସୁଶାନ୍ତ କାନୁନଗୋ, ଉଦ୍ୟୋଗୀ ବିକାଶ ତାଲିମ କେନ୍ଦ୍ର ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ଲେଙ୍କା, ସଂଗଠକ ବିପିନ କୁମାର ସ୍ୱାଇଁ ଓ ନୀଳାମ୍ବର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ୟୁକୋ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ଅନୁଷ୍ଠାନ ପକ୍ଷରୁ ବଡ଼ି, ପାମ୍ପଡ, ଜାମ, ଜେଲି, ଆଚାର, ସ୍କ୍ୱାଶ ଓ ପୁଷ୍ଟିକର ସୁସ୍ୱାଦୁ ଖାଦ୍ୟର ପ୍ରସ୍ତୁତି ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା।

## ଆଲୋଚନାଚକ୍ର, ନାଗରିକ ସମ୍ମାନ ସମାରୋହ

ପୁରୀ,୨୪।୩(ଅଜିତ୍ କୁମାର ମହାନ୍ତି)

'ହାପି ମୋମେଣ୍ଟସ୍ ଇଣ୍ଡିଆ' ଅନୁଷ୍ଠାନ ପକ୍ଷରୁ ଜାତୀୟସ୍ତରୀୟ ଆଲୋଚନାଚକ୍ର ଏବଂ ନାଗରିକ ସମ୍ମାନ ସମାରୋହ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମାରୋହର ପ୍ରଥମ ପର୍ଯ୍ୟାୟକୁ ସାହିତ୍ୟିକ ଦାଶ ବେନହୁର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ରାଉରକେଲା ଜର୍ନାଲିଷ୍ଟ ଆସୋସିଏଶନ ଉପସଭାପତି କୁଞ୍ଜ ବିହାରୀ ରାଉତ, ସାମାଜିକ କର୍ମୀ ବନ୍ଦନା ହରିଚନ୍ଦନ, ଦାର୍ଶନିକ ପଣ୍ଡିତ ନୀଳକଣ୍ଠ ରାଉତ ଏବଂ ହାପି ମୋମେଣ୍ଟସ୍‌ର ରାଜ୍ୟ ପ୍ରମୁଖ ଶଶଧର ପଣ୍ଡା ଯୋଗଦେଇ ବିକଶିତ ଭାରତ ଗଠନରେ ନାଗରିକଙ୍କ କର୍ତ୍ତବ୍ୟ ଓ ନାରୀଙ୍କ ସଶକ୍ତୀକରଣ ତଥା ସମାଜକୁ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଡିମ୍ପଲ ସାହୁ, ନିବେଦିତା ଜେନା, ଶୁଭ୍ରା ପଣ୍ଡା, ସୌଦାମିନୀ ଦାଶ, ପ୍ରିୟମ୍ବଦା ଦାଶ, ପାର୍ଥ ରାଉତ, ଗୀତାଞ୍ଜଳି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ୧୦୮ ଜଣଙ୍କୁ ଏକାମ୍ର ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ତୃତୀୟ ପର୍ଯ୍ୟାୟରେ ସାରସ୍ୱତ ମହାକୁମ୍ଭ ଓ କବିତା ଆସର ଆୟୋଜିତ ହୋଇଥିଲା। ଏଥିରେ ପଣ୍ଡିତ ନୀଳକଣ୍ଠ ରାଉତ ସଭାପତି, ସାହିତ୍ୟିକ ଦାଶ ବେନହୁର ମୁଖ୍ୟବକ୍ତା ଓ ଉପଦେଷ୍ଟା କୁଞ୍ଜବିହାରୀ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିବାନନ୍ଦ ବାରିକ ମଞ୍ଚ ସଂଯୋଜନା ଏବଂ ଦକ୍ଷିଣ ଓଡ଼ିଶାର ରାଜ୍ୟ ପ୍ରତିନିଧି ପ୍ରଦୀପ ଚୌଧୁରୀ, ପ୍ରଶାନ୍ତ ଶତପଥୀ, ମାନସୀ ଘୋଷ, ଜ୍ୟୋତ୍ସ୍ନା ଘୋଷ, ନିତୁ ମହାନ୍ତି ସହଯୋଗ କରିଥିଲେ।

# ଅଧା ସ୍କୁଲରେ ନାହାନ୍ତି ପିଅନ, ରାତ୍ରି ଜଗୁଆଳ

ଅସ୍ତରଙ୍ଗ,୨୪।୩
(ପ୍ରଦୀପ୍ତ କୁମାର ଦୀକ୍ଷିତ)

ସରକାରୀ ବିଦ୍ୟାଳୟର ରୂପ ବଦଳିଛି। କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ସ୍ମାର୍ଟ କ୍ଲାସ୍‌ରୁମ୍, ଲାଇବ୍ରେରି ଓ ଅତ୍ୟାଧୁନିକ ବିଜ୍ଞାନାଗାର ନିର୍ମାଣ କରାଯାଇଛି। ପାଇଖାନାରୁ ନେଇ ଶ୍ରେଣୀ ଗୃହ ଯାଏ ଦାମୀ ସାମଗ୍ରୀ ଖଞ୍ଜାଯାଇଛି। ମାତ୍ର ଉଦ୍‌ବେଗର ବିଷୟ, ପରିଚାଳନାଗତ ତ୍ରୁଟି ଓ ତଦାରଖ ପାଇଁ କେହି ନ ଥିବାରୁ ଧୀରେ ଧୀରେ ସରକାରୀ ସମ୍ପତ୍ତି ଚୋରି ହେବାରେ ଲାଗିଛି। ପାଇଖାନା ଟ୍ୟାପଠୁ ଏଲ୍ଇଡି ଟିଭି ଯାଏ ଦୁର୍ବୃତ୍ତ ଚୋରି କରିନେଇଛନ୍ତି। ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳରେ ଚୋର ମାତିଥିବାବେଳେ ଏବେ ତାଙ୍କ ଟାର୍ଗେଟରେ ଅନେକ ସ୍କୁଲ। ଜଗିବାକୁ କେହି ନ ଥିବାରୁ ଦୁର୍ବୃତ୍ତ ସହଜରେ ଚୋରି କରି ଚମ୍ପଟ ମାରୁଛନ୍ତି। ସରକାର ବିଦ୍ୟାଳୟର ଭିତ୍ତିଭୂମି ବଢ଼ାଇଛନ୍ତି, ହେଲେ ସୁରକ୍ଷା

### ଦୁର୍ବୃତ୍ତଙ୍କ ଟାର୍ଗେଟରେ ସ୍କୁଲ

ଦିଗକୁ ଅବହେଳା କରିଥିବା ଦେଖିବାକୁ ମିଳିଛି। ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନରେ ୨୨ଟି ଉଚ୍ଚ ବିଦ୍ୟାଳୟ ଥିବାବେଳେ ଅନେକ ବିଦ୍ୟାଳୟରେ ରାତ୍ରି ଜଗୁଆଳ ନାହାନ୍ତି। ସେହିପରି ଅଧାରୁ ଅଧିକ ସ୍କୁଲରେ ପିଅନ ନ ଥିବାରୁ ରକ୍ଷଣାବେକ୍ଷଣ ବାଧାପ୍ରାପ୍ତ ହେଉଛି। ବିନା ପିଅନରେ ସ୍କୁଲ କର୍ତ୍ତୃପକ୍ଷ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ତଥ୍ୟ ମୁତାବକ, ଅସ୍ତରଙ୍ଗ ବ୍ଲକରେ ୨୨ଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ଅନେକ ସରକାରୀ ଉଚ୍ଚ ବିଦ୍ୟାଳୟ ସମେତ କିଛି ପୂର୍ଣ୍ଣ ଅନୁଦାନପ୍ରାପ୍ତ ଓ କେତେକ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ରହିଛି। କିଛି ସରକାରୀ ବିଦ୍ୟାଳୟରେ ରାତ୍ରି ଜଗୁଆଳ ମଞ୍ଜୁର କରାଯାଇଥିବାବେଳେ ଅନେକ ବିଦ୍ୟାଳୟରେ ରାତ୍ରି ଜଗୁଆଳ ନ ଥିବାରୁ ତାହା ମୁକୁଳା ପଡ଼ିଛି। ଯାହାକି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସୁରକ୍ଷା ଚିନ୍ତା ଘାରୁଛି। ସେହିପରି ସରକାର ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ପାଇଁ ପିଅନ ପଦବୀ ମଞ୍ଜୁର କରିଛନ୍ତି। କେତେକ ସ୍କୁଲରେ ପିଅନ ଅବସର ନେଇଥିବାବେଳେ ଅଧିକାଂଶ ବିଦ୍ୟାଳୟରେ ପିଅନ ନାହାନ୍ତି। ବହୁ ଦାବି ସତ୍ତ୍ୱେ ସରକାର ଏହି ପଦବୀ ପୂରଣ କରୁନାହାନ୍ତି। ରାତ୍ରି ଜଗୁଆଳ ନ ଥିବାରୁ ଅଧିକାଂଶ ବିଦ୍ୟାଳୟରୁ ଚୋରି ହେଉଛି। ଦୁର୍ବୃତ୍ତମାନେ ସ୍କୁଲରୁ ସୌଖୀନ ସାମଗ୍ରୀ ଚୋରାଇ ନେଉଛନ୍ତି। ବିଦ୍ୟାଳୟରେ ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ଥିବାରୁ ରାତ୍ରି ଜଗୁଆଳ ନିତାନ୍ତ ଆବଶ୍ୟକ। ଅପରପକ୍ଷେ ବିଦ୍ୟାଳୟଗୁଡ଼ିକରେ ଖାଲି ପଡ଼ିଥିବା ପିଅନ ଓ ରାତ୍ରି ଜଗୁଆଳ ପଦବୀ ପୂରଣ ନେଇ ସରକାରଙ୍କୁ ଲେଖାଯାଇଥିବା କେତେଜଣ ପ୍ରଧାନ ଶିକ୍ଷକ ନାମ ଗୋପନ ରଖି କହିଛନ୍ତି।

# ଉତ୍ତମ ମଣିଷ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ

ସାକ୍ଷୀଗୋପାଳ,୨୪।୩(ଭରତ ରାଉତ)

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନଙ୍କର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସତ୍ୟଶିବ ସୁନ୍ଦର ମିଶ୍ରଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ପୁରୀ ଜିଲାର ଶିକ୍ଷାବିତ ପ୍ରଭାକର ଜେନାଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଛି। ସଭାରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. ଶଙ୍କର୍ଷଣ ପ୍ରଧାନ, ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ଜନପ୍ରିୟ ଶିକ୍ଷକ ସତ୍ୟନାରାୟଣ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାକର ଜେନା, ବିଭାଗର ଅଧ୍ୟାପିକା ସବିତା ମଲ୍ଲିକ, ପ୍ରତିମା ସାହୁ ଏବଂ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

ସର୍ବପ୍ରଥମେ ଅତିଥିମାନଙ୍କ ଦ୍ୱାରା ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି, ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଓ ଧୂପଦୀପ ପ୍ରଦାନ କରି ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ବିଭାଗର ମୁଖ୍ୟ ଡ. ଶଙ୍କର୍ଷଣ ପ୍ରଧାନ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ମଣିଷ ହେବାକୁ ଏବଂ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ନିଜକୁ କିପରି ପ୍ରସ୍ତୁତ କରିବ ସେ ସମ୍ପର୍କରେ ଉତ୍ତମ ପରାମର୍ଶ ଦେଇଥିଲେ। ସଭାରେ ବିଶିଷ୍ଟ ଲୋକପ୍ରିୟ ଶିକ୍ଷକ ପ୍ରଭାକର ଜେନା ମଧ ଛାତ୍ରୀଛାତ୍ରଙ୍କୁ ଶିକ୍ଷକ କିପରି ବ୍ୟକ୍ତି ଚରିତ୍ର ଓ ସୁସମାଜ ଗଠନରେ ସହାୟକ ହୋଇଥାଏ, ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭାଗର ଦୁଇ ଅଧ୍ୟାପିକା ସବିତା ମଲ୍ଲିକ ଓ ପ୍ରତିମା ସାହୁ ବିଦାୟ ନେଉଥିବା ଛାତ୍ରୀଛାତ୍ରମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଭବିଷ୍ୟତରେ ସୁନାଗରିକ ହେବା ନିମନ୍ତେ ସୁଚିନ୍ତିତ ପରାମର୍ଶ ପ୍ରଦାନ କରିଥିଲେ। ଏହାପରେ ଶେଷ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ଉପଢ଼ୌକନ ପ୍ରଦାନ ପୂର୍ବକ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ବିଭାଗର ମୁଖ୍ୟ ଡ. ଶଙ୍କର୍ଷଣ ପ୍ରଧାନ, ଜନପ୍ରିୟ ଶିକ୍ଷକ ପ୍ରଭାକର ଜେନାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଦ୍ୱିତୀୟ ବର୍ଷର ଛାତ୍ରୀ କଲ୍ୟାଣୀ ଜେନା ଧନ୍ୟବାଦ ଦେଇଥିଲେ।



ସମ୍ବର୍ଦ୍ଧନା ଉତ୍ସବରେ ଶିକ୍ଷକଙ୍କ ସହ ବିଦାୟୀ ଛାତ୍ରୀଛାତ୍ର।

## ସଂକ୍ଷେପରେ

### ଛାତ୍ରୀମାନେ ସେବାକୁ ଜୀବନର ବ୍ରତ ରୂପେ ଗ୍ରହଣ କରନ୍ତୁ

ଚାରିଛକ,୨୪।୩(ଶିଶିର ସ୍ୱାଇଁ)

ନିମାପଡ଼ା ବ୍ଲକ ଅଧୀନ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ସପ୍ତମ ଦିବସୀୟ ଜାତୀୟ ସେବା ଯୋଜନା ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମଙ୍ଗଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଡ. ସନ୍ତୋଷ ମିତ୍ର ଯୋଗଦେଇ ଛାତ୍ରୀମାନେ ସେବାକୁ ଜୀବନର ବ୍ରତ ରୂପେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ତଥା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପୂର୍ବତନ ସିଣ୍ଡିକେଟ ସଦସ୍ୟ ପ୍ରଫେସର ଗୋପୀନାଥ କର ଯୋଗଦେଇ ସେବା ହିଁ ତପସ୍ୟା, ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କଲେ ଏ ମର୍ତ୍ତ୍ୟ ସ୍ୱର୍ଗରେ ପରିଣତ ହେବ ବୋଲି କହିଥିଲେ। ଏଥିରେ ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ, ଇଂଲିଶ୍ ବିଭାଗ ଅଧ୍ୟାପକ ସମାପ୍ତ ମହାନ୍ତି, ଅଧ୍ୟାପିକା ପୂଜା ବେହେରା ପ୍ରମୁଖ ଯୋଗଦେଇ ଛାତ୍ରୀଙ୍କୁ ସେବା ପାଇଁ ସମର୍ପିତ ହେବାକୁ ପରାମର୍ଶ ଦେଇଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ମଧୁସ୍ମିତା ମହାପାତ୍ର ଧନ୍ୟବାଦ ଦେଇଥିଲେ। ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ସରିଲା ଚଳିତବର୍ଷର ପ୍ରଥମ ପର୍ଯ୍ୟାୟ ମିଳିତ ସମରାଭ୍ୟାସ 'ସାଗର କବଚ'

ଅସ୍ତରଙ୍ଗ,୨୪।୩(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବାକୁ ଚଳିତବର୍ଷ ଅସ୍ତରଙ୍ଗ ଉପକୂଳରେ ନୌସେନାର ୨ ଦିନିଆ ମିଳିତ ସମରାଭ୍ୟାସ 'ସାଗର କବଚ' ଅଥବା 'ସି ଭିଜିଲ' ଗୁରୁବାର ସରିଛି। ଏହି ଅବସରରେ ଅସ୍ତରଙ୍ଗ ଅଞ୍ଚଳର ନୂଆଗଡ଼, କାଳିଆକଣ, ସହନ, ସୁଦିକେଶର, ଗୁଣ୍ଡଳବା ସମେତ ନୌସେନା ଓ ପୋଲିସର ରଣକୌଶଳ ପ୍ରଦର୍ଶନ କରାଯାଇଛି। ସମରାଭ୍ୟାସରେ ଭାରତୀୟ ତଟରକ୍ଷୀ ବାହିନୀ, ମେରାଇନ୍ ପୋଲିସ, ଅସ୍ତରଙ୍ଗ ପୋଲିସ ସହ ବିଭିନ୍ନ ଥାନା ପୋଲିସ ସାମିଲ ହୋଇଥିଲେ। ସୁରକ୍ଷା ବାହିନୀ ବ୍ଲୁ ଫୋର୍ସ ସୁରକ୍ଷା ବାହିନୀ ଭାବେ ଓ ରେଡ୍ ଫୋର୍ସ ଶତ୍ରୁ ପକ୍ଷ ଭାବେ ୨ଟି ଟିମ୍‌ରେ ଏହି ଅଭ୍ୟାସ କରିଥିଲେ। ସମୁଦ୍ର ପଥ, ବସ୍ ତଥା ଯାନବାହନ ଆଦିରେ ଶତ୍ରୁ ପକ୍ଷ ରେଡ୍ ଫୋର୍ସ ରହିଥିବାବେଳେ ବ୍ଲୁ ଫୋର୍ସ ତାଙ୍କୁ ମୁକାବିଲା କରିଥିଲା। ଏଥିସହ ବ୍ଲୁ ଫୋର୍ସ ସମୁଦ୍ରରେ ସନ୍ଦେହଜନକ ଭାବେ ଯାତାୟାତ କରୁଥିବା ଡଙ୍ଗାକୁ ଚିହ୍ନଟ କାର୍ଯ୍ୟ କରିଥିଲା। କିଭଳି ଜଳପଥ ଦେଇ ଉପକୂଳକୁ ଶତ୍ରୁ ପଶି ନ ଯିବେ, ସେ ନେଇ ସମସ୍ତ ବିଭାଗକୁ ସଚେତନ କରିବା ଏହି ସମରାଭ୍ୟାସର ମୂଳଲକ୍ଷ୍ୟ। କାର୍ଯ୍ୟକ୍ରମରେ ନୂଆଗଡ଼ ସାମୁଦ୍ରିକ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରା, ଟେକ୍ନିକାଲ ଷ୍ଟାଫ୍ ମାଷ୍ଟର ପ୍ରକାଶ ଦାସ, ବିପ୍ରଚରଣ ସ୍ୱାଇଁ, ଅତିରିକ୍ତ ମାଷ୍ଟର ସୁଧୀର ପ୍ରଧାନ, କ୍ଷୀରୋଦ ସାହୁ, ଏସ୍‌ଆଇ ଜଗବନ୍ଧୁ ପରିଡ଼ାଙ୍କ ସମେତ ଅନେକ ଅଧିକାରୀ ଉପସ୍ଥିତ ରହିବା ସହ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

### ରମାକାନ୍ତ ରଥଙ୍କ ଶ୍ରଦ୍ଧାଞ୍ଜଳି ସଭା

ପୁରୀ,୨୪।୩(ଅଜିତ୍ କୁମାର ମହାନ୍ତି)

ଓଡ଼ିଆ ଭାଷା ସାହିତ୍ୟର ଶିଖର କାବ୍ୟ ପୁରୁଷ ରମାକାନ୍ତ ରଥଙ୍କ ଅବର୍ତ୍ତମାନରେ ଏକ ଶ୍ରଦ୍ଧାଞ୍ଜଳି ସଭା ବାଲିଘାଟ ମାରୁତିନଗରସ୍ଥିତ କୈଳାସ କାବ୍ୟ କାନନଠାରେ ଅନୁଷ୍ଠିତ ହୋଇଯାଇଛି। ସାରସ୍ୱତ ସଂଗଠନ 'ସତ୍ୟବାଦୀ ସାହିତ୍ୟ ଚେତନା ଓ ଚିନ୍ତନ ନ୍ୟାସ' ଏବଂ 'ଅଭିନନ୍ଦନିକା' ଦ୍ୱାରା ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଗାଳ୍ପିକ ଦେବୀ ପ୍ରସନ୍ନ ନନ୍ଦ, ମୁଖ୍ୟବକ୍ତା ଭାବେ କବି ଡ. ଦିଲୀପ କୁମାର ସ୍ୱାଇଁ ଯୋଗଦେଇ ରମାକାନ୍ତଙ୍କ ଜୀବନୀ, ବ୍ୟକ୍ତିତ୍ୱ ଓ ସୃଜନ ସମଗ୍ରତା ଉପରେ ଆଲୋକପାତ କରିଥିଲେ। ତାଙ୍କ ଭାଷାରେ ସମଗ୍ର ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରୁ ରମାକାନ୍ତଙ୍କୁ ବାଦ୍ ଦେଲେ ଅବଶିଷ୍ଟ କେବଳ ପ୍ରେମ, ବିରହ, ମାନବୀୟ ସମ୍ବେଦନାହୀନ ଏକ କଣ୍ଟାଭର୍ତ୍ତି ପଥୁରିଆ ମାଳଭୂମି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ସେହିପରି କବି ଚିନ୍ମୟ ବିବେକ ରମାକାନ୍ତଙ୍କ କାବ୍ୟ ସାହିତ୍ୟରେ ଥିବା ଅଦମନୀୟ ସମ୍ବେଦନା ଓ କାୟାହୀନ ପ୍ରଣୟର ଅପୂର୍ବ ଆଲୋଡ଼ନ ବିଷୟରେ ରେଖାପାତ କରିଥିଲେ।

## ଉଦ୍‌ଘାଟନକୁ ଦେଢ଼ ବର୍ଷ

# ହୋଇପାରୁନି ବ୍ୟବସାୟୀଙ୍କ ଥଇଥାନ

## ଖତ ଖାଇବାକୁ ବସିଲାଣି ନବନିର୍ମିତ ଭେଣ୍ଡିଂ ଜୋନ୍

ନିମାପଡ଼ା,୨୪।୩(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍‌ଏସି ଅଧୀନ ତହସିଲ ଅଫିସ ଛକ, ବ୍ଲକ ଛକ, ପୂର୍ତ୍ତ ବିଭାଗ ଅଫିସ ଛକ, ଡେଲ୍‌ଟା ଛକ, କୋର୍ଟ ଛକରୁ ଉଚ୍ଛେଦ ବ୍ୟବସାୟୀଙ୍କୁ ତୁରନ୍ତ ଥଇଥାନ କରାଯିବ ବୋଲି ଏନ୍‌ଏସି ପକ୍ଷରୁ ୨୦୧୯ ସେପ୍ଟେମ୍ବରରେ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଇତିମଧ୍ୟରେ ଦୀର୍ଘ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ପ୍ରଶାସନର ପ୍ରତିଶ୍ରୁତି ଉଚ୍ଛେଦ ବ୍ୟବସାୟୀଙ୍କ ପାଇଁ ପ୍ରତାରଣା ପାଲଟିଛି। ଉଚ୍ଛେଦ ବ୍ୟବସାୟୀଙ୍କ ଥଇଥାନ ପାଇଁ ବ୍ଲକ ଛକ, ପୂର୍ତ୍ତ ବିଭାଗ ଛକ, ଅଫିସ ଛକ, କୋର୍ଟ ଛକ, ଡେଲ୍‌ଟା ଛକରେ ଏନ୍‌ସି ପକ୍ଷରୁ ପ୍ରାୟ ୨୪ ଲକ୍ଷ ଟଙ୍କା ବ୍ୟୟରେ ୨୫ ବଖରା ବିଶିଷ୍ଟ ନୂତନ ଭେଣ୍ଡିଂ ଜୋନ୍ ଗୃହ ଓ ନୂତନ ବସ୍‌ଷ୍ଟାଣ୍ଡ ପରିସରରେ ୧ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟରେ ୧୨ ବଖରା ବିଶିଷ୍ଟ ନୂତନ ମାର୍କେଟ କମ୍ପ୍ଲେକ୍ସ ଗୃହ ନିର୍ମାଣ ହୋଇଛି। ୨୦୨୩ ସେପ୍ଟେମ୍ବର ୧ରେ ଭେଣ୍ଡିଂ ଜୋନ୍ ଏବଂ ୨୦୨୨ ଅଗଷ୍ଟ ୩୧ରେ ମାର୍କେଟ କମ୍ପ୍ଲେକ୍ସ ଗୃହ ଉଦ୍‌ଘାଟନ କରାଯାଇଥିଲା। ଉଦ୍‌ଘାଟନର ଏତେବର୍ଷ ପରେ ମଧ୍ୟ ଉକ୍ତ ଭେଣ୍ଡିଂ ଜୋନ୍ ଏବଂ ମାର୍କେଟ୍ କମ୍ପ୍ଲେକ୍ସ ଆବଣ୍ଟନ ହୋଇପାରୁନି। ଫଳରେ ଉଚ୍ଛେଦ ବ୍ୟବସାୟୀ କେବେ ଥଇଥାନ ହେବେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନ୍‌ସିର ଫମ୍ପା ପ୍ରତିଶ୍ରୁତି ଓ ଟାଳଟୁଳ ନୀତି ଯୋଗୁ ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଯଦି ଆଗାମୀ ୧୫ ଦିନ ମଧ୍ୟରେ ଏହି ନବନିର୍ମିତ ଗୃହ ଆବଣ୍ଟନ କରା ନ ଯାଏ, ତେବେ ଉଚ୍ଛେଦ ବ୍ୟବସାୟୀ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମ ଦାସଙ୍କୁ ପଚାରିବାରେ, ଆସନ୍ତା ୩୦ ତାରିଖରେ ଏହି ଭେଣ୍ଡିଂ ଜୋନ୍ ଓ ମାର୍କେଟ୍ କମ୍ପ୍ଲେକ୍ସ ଗୃହ ବ୍ୟବସାୟୀଙ୍କୁ ଆବଣ୍ଟନ କରାଯିବ ବୋଲି ଅଧ୍ୟକ୍ଷା ଓ କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି। ଏହି ନବନିର୍ମିତ ଗୃହ ଆବଣ୍ଟନ ଦିଗରେ ସ୍ଥାନୀୟ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତୁରନ୍ତ ଦୃଢ଼ ଦୃଷ୍ଟି ଦେବାକୁ ଉଚ୍ଛେଦ ବ୍ୟବସାୟୀ ବିନମ୍ର ନିବେଦନ କରିଛନ୍ତି।




ବନ୍ଦ ହୋଇ ପଡିଥିବା ଭେଣ୍ଡିଂ ଜୋନ୍ ।

## ସତ୍ୟବାଦୀ ହାଇସ୍କୁଲ ୧୯୭୧ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ




ବନ୍ଧୁମିଳନରେ ପୁରାତନ ଛାତ୍ରୀଛାତ୍ର ।

ସାକ୍ଷୀଗୋପାଳ,୨୪।୩(ଭରତ ରାଉତ/ କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ)

ସତ୍ୟବାଦୀ ହାଇସ୍କୁଲର ୧୯୭୧ ମସିହା ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ ସ୍ଥାନୀୟ ଶ୍ରୀଶ୍ରୀ ଐଶାନେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୫୪ବର୍ଷ ପରେ ପ୍ରଥମ ଥର ପାଇଁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସପରିବାର ଯୋଗଦେଇ ଛାତ୍ର ଜୀବନର ସ୍ମୃତିଚାରଣ କରିଥିଲେ। ସମାଜର ବିବିଧ କ୍ଷେତ୍ରରେ ପ୍ରତିଷ୍ଠିତ ପୁରାତନ ଛାତ୍ରୀଛାତ୍ରମାନେ ନିଜ ନିଜର ଜୀବନାନୁଭୂତିକୁ ଏକ ସୁସଜ୍ଜିତ ମଞ୍ଚରେ ସପରିବାର ଉପସ୍ଥିତ ରହି ପରିପ୍ରକାଶ କରିଥିବାବେଳେ 'ଫେରି ଆସନ୍ତା କି ସେ ଛାତ୍ର ଜୀବନ'କୁ ମନେ ପକାଇ ଭାବ ବିହ୍ୱଳ ହୋଇଥିଲେ। ପୁରାତନ ଛାତ୍ର ରମେଶ ଚନ୍ଦ୍ର ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ଭିକାରୀ ସେନାପତି, ହେମନ୍ତ କୁମାର ସାହୁ, ପ୍ରତାପ ମିଶ୍ର ଓ ଡାକ୍ତର ବିଚିତ୍ରାନନ୍ଦ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଐଶାନେଶ୍ୱର ମହାଦେବଙ୍କ ପ୍ରସାଦ ସେବନ କରିଥିଲେ।

## ଛାତ୍ରୀଛାତ୍ର, ମହିଳାଙ୍କ ମଧ୍ୟରେ ହେବ ବିଭିନ୍ନ ପ୍ରତିଯୋଗିତା

ପୁରୀ,୨୪।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ୯୦ତମ ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ଉପଜିଲାପାଳ ରାଜକିଶୋର ଜେନା, ସିଡିଏମ୍‌ଓ ଡା.ରୂପଭାନୁ ମିଶ୍ର, ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ଡିଆଇବିର ଅତିରିକ୍ତ ଏସ୍‌ପି ଦେବୀଶଙ୍କର ପ୍ରତାପ ପ୍ରମୁଖ ଯୋଗଦେଇଥିଲେ। ଅପ୍ରେଲ ୧ ତାରିଖ ପ୍ରାତଃ ୫ଟାରେ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସହରରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ହେବ। ପୁରୀ ପୌରପାଳିକା ଓ ସଦର ବ୍ଲକ ପକ୍ଷରୁ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଏବଂ ବ୍ୟବସାୟ ପ୍ରତିଷ୍ଠାନକୁ ଆଲୋକମାଳାରେ ସଜାଇବା, ସ୍ୱାଗତ ତୋରଣ ନିର୍ମାଣ କରିବାକୁ ଅନୁରୋଧ କରାଯାଇଛି। ସନ୍ଧ୍ୟାରେ ସଂସ୍କୃତି ଭବନରେ ସଭା ପରେ ସଂସ୍କୃତି ବିଭାଗ ସହଯୋଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିବିଧ ପ୍ରତିଯୋଗିତା ଓ ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ମହିଳାଙ୍କ ମଧ୍ୟରେ ଝୋଟି ମୁରୁଜ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ବୈଠକରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଡେପୁଟି କଲେକ୍ଟର ସହଦେବ ସାହୁ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସହକାରୀ ଅଗ୍ନିଶମ ଅଧିକାରୀ ପ୍ରଭାତ କୁମାର ରାଉତ, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ପ୍ରତିନିଧି ଡା. ତନୁଚନ୍ଦ୍ର ତରାଇ, ସମାଜ କଲ୍ୟାଣ କାର୍ଯ୍ୟାଳୟ ପ୍ରୋଗ୍ରାମ ଅଫିସର ଚନ୍ଦ୍ରପ୍ରଭା ଦେଇ, ଓ୍ୱାଟ୍‌କୋ ମ୍ୟାନେଜର ପରୀକ୍ଷିତ ଖଣ୍ଡୁଆଳ, ପୁରୀ ମ୍ୟୁନିସିପାଲିଟିର ସହକାରୀ ଯନ୍ତ୍ରୀ ଦେବବ୍ରତ ଷଡ଼ଙ୍ଗୀ, ଟିପିସିଓଡିଏଲର ଡିସି ହିମାଂଶୁ ଶେଖର ପଣ୍ଡା, ସହକାରୀ ସୂଚନା ଅଧିକାରୀ ରାଜେନ୍ଦ୍ର କୁମାର ପାତ୍ର, ସମାଜସେବୀ ବଦ୍ରି ମିଶ୍ର, ଚକ୍ରଧର ମହାପାତ୍ର, ବିପିନ ବିହାରୀ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

## ସିଦ୍ଧବକୁଳରେ ଶ୍ରୀମଦ୍ଭାଗବତ୍ ଭକ୍ତିଯଜ୍ଞ

ପୁରୀ,୨୪।୩(ଅଜିତ୍ କୁମାର ମହାନ୍ତି)

ଏକ ଶୃଙ୍ଖଳିତ ସମାଜ ପାଇଁ ଭାଗବତର ଭକ୍ତିଯଜ୍ଞରେ ପ୍ରତ୍ୟେକ ମଣିଷ ନିଜର ଈର୍ଷା, ପରନିନ୍ଦା, ପରଶ୍ରୀକାତରତା ଏବଂ ଅହଂକାରକୁ ଆହୁତି ଦେଉ ବୋଲି ଭାଗବତ ଭାଷ୍ୟକାର ବଦ୍ରି ମିଶ୍ର ଆହ୍ୱାନ ଦେଇଛନ୍ତି। ଶ୍ରୀସିଦ୍ଧବକୁଳ ମଠ ପରିସରରେ ମହନ୍ତ ଶ୍ରୀନିବାସ ଦାସଙ୍କ ଅଧ୍ୟକ୍ଷତା ଏବଂ ସନ୍ଥ ଶ୍ରୀପ୍ରେମାନନ୍ଦ ଦାସଙ୍କ ପରିଚାଳନାରେ ଅଷ୍ଟଦିବସୀୟ ଶ୍ରୀମଦ୍ଭାଗବଦ୍ ଭକ୍ତିଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସତ୍‌ସଙ୍ଗରେ ମୁଖ୍ୟ ଅତିଥି ଭାବେ ମିଶ୍ର ଯୋଗଦେଇ ଆଧ୍ୟାତ୍ମିକ ଜନଜାଗରଣରେ ଭାଗବତର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ଉଦ୍‌ଘାଟନ କରି କହିଥିଲେ, ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ଓ ବିକାଶରେ ମଠଗୁଡ଼ିକର ସହଯୋଗ ସହ ଶ୍ରୀମଦ୍ଭାଗବତ୍ ଭଳି ଧର୍ମଗ୍ରନ୍ଥର ଉପଯୋଗ ଦରକାର। କାର୍ଯ୍ୟକ୍ରମରେ ମାତାମଠ ମହନ୍ତ ସୁବଳ ଦାସ ମହାରାଜ ଓ ସେବାୟତ ନୀଳମଣି ଗୁରୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ପବିତ୍ର ଶ୍ୱେତଗଙ୍ଗା ତୀର୍ଥରୁ କଳସ ଯାତ୍ରା ବାହାରି ଶ୍ରୀମନ୍ଦିର ପରିକ୍ରମା ପୂର୍ବକ ମଠରେ ସମାପନ ହେବା ପରେ କଥାବ୍ୟାସ ମହନ୍ତ ଶ୍ରୀଚିନ୍ମୟ ଦାସମହାରାଜଙ୍କ ଦ୍ୱାରା ଭକ୍ତିଯଜ୍ଞ ସତ୍‌ସଙ୍ଗ ଆରମ୍ଭ ହୋଇଥିଲା।

## ସମିଆଁ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ଅସ୍ତରଙ୍ଗ,୨୪।୩(ମମତା ଜେନା)

କାକଟପୁର ବ୍ଲକ କଟକଣା ପଞ୍ଚାୟତ ସମିଆଁ ଗ୍ରାମର ସମିଆଁ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ପଣ୍ଡା ଏହାର ନେତୃତ୍ୱ ନେଇଥିଲେ। ମୁଖ୍ୟ ଅତିଥି ଭାବେ କାକଟପୁର ବାଳିକା ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦୁର୍ଗାପ୍ରସାଦ ଦାଶ, ମୁଖ୍ୟବକ୍ତା କାକଟପୁର ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଷ୍ଣୁଚରଣ ସୁବୁଦ୍ଧି, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଶିକ୍ଷାବିତ୍ ଶେଖ୍ ରାହିତ, ପରିଚାଳନା କମିଟି ସଭ୍ୟ ଶେଖ୍ ଆଶିକ, ରମେଶ କାଣ୍ଡି, ନନ୍ଦିନୀ କାଣ୍ଡି, ଚିନ୍ମୟୀ କାଣ୍ଡି, ଲିଜା କାଣ୍ଡି, ହାପିଜା ଖାତୁନ ପ୍ରମୁଖ ଉପସ୍ଥିତ ରହି ଦେଶ ଏବଂ ଜାତି ଗଠନରେ ଶିକ୍ଷାର ପ୍ରାସଙ୍ଗିକତା ଉପରେ ମତ ରଖିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ପ୍ରଥମ ଅର୍ଦ୍ଧବାର୍ଷିକ ପରୀକ୍ଷାରେ ୫ଟି ଶ୍ରେଣୀରେ ପ୍ରଥମ ୩ଟି ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

10 ବର୍ଷର ରାଜ୍ୟ ସରକାର ପ୍ରତିଭୂତିଗୁଡ଼ିକର ନିଲାମ

ଓଡ଼ିଶା ରାଜ୍ୟ ସରକାର ନିଲାମ ମାଧ୍ୟମରେ ପ୍ରତିଭୂତିଗୁଡ଼ିକୁ ମୋଟ ₹2,000.00 କୋଟି (ଅଙ୍କିତ ମୂଲ୍ୟ) ରେ ବିକ୍ରୀ କରିବାର ପ୍ରସ୍ତାବ ଦେଇଛନ୍ତି ।

ଭାରତୀୟ ରିଜର୍ଭ ବ୍ୟାଙ୍କ କୋର୍ ବ୍ୟାଙ୍କିଙ୍ଗ ସମାଧାନ (ଇ-କୁବେର) ରେ ବହୁବିଧ ମୂଲ୍ୟ ଫର୍ମାଟ ଅଧୀନରେ ଲାଭ ଆଧାରିତ ନିଲାମ 25 ମାର୍ଚ୍ଚ 2025 (ମଙ୍ଗଳବାର) ଦିନ ଅନୁଷ୍ଠିତ ହେବ । ବ୍ୟକ୍ତିଗତ ନିବେଶକମାନେ ମଧ୍ୟ ରିଟେଲ ଡାଇରେକ୍ଟ ପୋର୍ଟାଲ (https://rbiretaildirect.org.in) ମାଧ୍ୟମରେ ଅଣ-ପ୍ରତିଯୋଗୀତାମୂଳକ ଯୋଜନା ଅନୁସାରେ ବିଡ୍‌ସ ଦେଇପାରିବେ ।

ଅଧିକ ବିବରଣୀ ପାଇଁ ଦୟାକରି ଆରବିଆଇ ୱେବସାଇଟରେ 24 ମାର୍ଚ୍ଚ 2025 (ସୋମବାର) ର ଆରବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ ।

ଆପଣଙ୍କୁ ଅର୍ଥ ପ୍ରାପ୍ତିର ପ୍ରଲୋଭନ ଦେଉଥିବା ଇ-ମେଲ୍ /ଏସ୍‌ଏମଏସ୍/ଟେଲିଫୋନ୍‌ର ଠକାମୀରେ ପଡନ୍ତୁ ନାହିଁ ।

## ଭାରତ ବିକାଶ ପରିଷଦର ବାର୍ଷିକ ଅଧିବେଶନ




ଅଧିବେଶନରେ ଉପସ୍ଥିତ ସଂଘର କର୍ମକର୍ତ୍ତାମାନେ ।

ସାକ୍ଷୀଗୋପାଳ,୨୪।୩(ଭରତ ରାଉତ)

ଭାରତ ବିକାଶ ପରିଷଦ, ସତ୍ୟବାଦୀ ଶାଖାର ୯ମ ବାର୍ଷିକ ଅଧିବେଶନ ଏବଂ ଆଗାମୀ ଆର୍ଥିକ ବର୍ଷ ପାଇଁ ନିର୍ବାଚନ ଶନିବାର ସାକ୍ଷୀଗୋପାଳସ୍ଥିତ ସାଇ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଭାରତ ବିକାଶ ପରିଷଦ, ପୂର୍ବ କ୍ଷେତ୍ରର ପୃଷ୍ଠପୋଷକ ପଦ୍ମଶ୍ରୀ ଡ. ଅଶୋକ ମହାପାତ୍ର, ରାଷ୍ଟ୍ରୀୟ ସଂସ୍କାର ଆୟୋଗ ସଦସ୍ୟ ବିଜୟଲକ୍ଷ୍ମୀ ସାହୁ, ଓଡ଼ିଶା ପୂର୍ବପ୍ରାନ୍ତ ସଭାପତି ସତ୍ୟବାଦୀ ଦାଶ ଓ ମିଡିଆ ପ୍ରଭାରୀ ନୀହାର ରଞ୍ଜନ ସ୍ୱାଇଁ ଉପସ୍ଥିତ ଥିଲେ। ସତ୍ୟବାଦୀ ଶାଖାର ପୃଷ୍ଠପୋଷକ ଚିତ୍ତରଞ୍ଜନ ମିଶ୍ରଙ୍କ ଓଜସ୍ୱିନୀ ଭାଷଣ ଓ ମହିଳା ସହଭାଗିତା ଉପଦେଷ୍ଟା ଡ. ଜୟଶ୍ରୀ ମହାପାତ୍ର ମହିଳାଙ୍କୁ ଦେଇଥିବା ଦିଗ୍‌ଦର୍ଶନ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିବା ପ୍ରାନ୍ତୀୟ ସଂସ୍କାର ସଚିବ ଡ. ପ୍ରୀତି ପ୍ରତିଭା ଭୋଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ ।

ନବନିର୍ବାଚିତ ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସମ୍ପାଦକ ବିଜୟ କୁମାର ପରିଡ଼ା ଓ ଅର୍ଥ ସଚିବ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କୁ ସ୍ୱାଗତ କରିବା ସହିତ ପାରମ୍ପରିକ ନୀତିରେ ସଭାକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଉପସଭାପତି ନବଘନ ସତପଥୀ ମଞ୍ଚ ପରିଚାଳନା କରିଥିବା ବେଳେ କୁଇଜ୍ ମାଷ୍ଟର ଦିଗନ୍ତ ପତି ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ। ନୂତନ ସଦସ୍ୟ ଭାବେ ବିଶ୍ୱଜିତ ସତପଥୀ, ହୃଷୀକେଶ ମିଶ୍ର, ପ୍ରଦ୍ୟୁମ୍ନ କୁମାର କର, ବସନ୍ତ କୁମାର ମିଶ୍ର, ସୁଧାକର ମହାପାତ୍ର, ଜେମାମଣି ସାହୁ, ମମତା ମହାନ୍ତି ପ୍ରମୁଖ ଶପଥ ପାଠ କରିଥିଲେ। ସ୍ୱାସ୍ଥ୍ୟ ସଚିବ ଅମିୟ କୁମାର ସ୍ୱାଇଁ, ସଂଗଠନ ସଚିବ ସୁନୀଲ କୁମାର ବେହେରା, ସେବା ସଚିବ ଲିଙ୍ଗରାଜ ସାହୁ, ମହିଳା ସହଭାଗିତା ସଚିବ ରୀତା ତ୍ରିପାଠୀ, ଅନ୍ନଦା ସୁଆର, ବନ୍ଦନା ଦାସ, ତପସ୍ୱିନୀ ଦାସ, ବିଷ୍ଣୁ ମହାରଣା, ବ୍ରହ୍ମାନନ୍ଦ ମହାରଣା, ସଂଗ୍ରାମ ମହାପାତ୍ର, ପ୍ରଫୁଲ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ସଠିକ ଭାବେ ପରିଚାଳନା କରିଥିଲେ।

## ଅଷ୍ଟପ୍ରହର ନାମଯଜ୍ଞ

ଚାରିଛକ,୨୪।୩ (ଶିଶିର ସ୍ୱାଇଁ)

ଚାରିଛକ ନିକଟସ୍ଥ ବାହାରଣା ପଞ୍ଚାୟତ ଖୁଲିସ ଗ୍ରାମରେ ଚଳିତବର୍ଷ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଖୁଲିସ୍ ନିକଟସ୍ଥ ବାହାରଣା ଗ୍ରାମରେ ଥିବା କପିଳା ପୋଖରୀରୁ ସ୍ୱତନ୍ତ୍ର ନୀତି ନିୟମ ଅନୁସାରେ ନାମ ସଂକୀର୍ତ୍ତନ କରି ଘଣ୍ଟ ବଜାଇ ପ୍ରସେଶନରେ କଳସଧାରୀ ପାଣି ଆଣି କୁଞ୍ଜରେ ସ୍ଥାପନ କରିଥିଲେ। ଏହି କଳସ ଯାତ୍ରାରେ ମା' କ୍ଷେତ୍ରପାଳ କୀର୍ତ୍ତନ ମଣ୍ଡଳୀ ଓ ତ୍ରିନାଥ ଘଣ୍ଟୁଆ ଗ୍ରୁପ ଦ୍ୱାରା ନାମ କୀର୍ତ୍ତନ ଓ ଘଣ୍ଟ ପଖୋଜ ପରିବେଷଣ କରାଯାଇଥିଲା। ଅଷ୍ଟପ୍ରହର ନାମଯଜ୍ଞରେ କର୍ତ୍ତା ଭାବେ ଗ୍ରାମର ସଂଗ୍ରାମ କୁମାର ମଲ୍ଲ ଓ କର୍ତ୍ତୀ ଭାବେ ସୁଜତା ମଲ୍ଲ ପୂଜାକର୍ମରେ ବସିଥିଲେ।

FORM NO.-13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA
O.A. No. 47 OF 2025

State Bank of India .....Applicant
Versus
Sandeep Khosla .....Defendant(s)

To,
Sandeep Khosla, S/o- Pradeep Chand Nisakar Khosla, At: Kosla Street, Mission Compound, P.O/P.S/District: Koraput, PIN-764020, ODISHA, MOB: 7008416007.

SUMMONS BY PAPER PUBLICATION
FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an O.A. No. 47 of 2025 in the Court of the Debts Recovery Tribunal, Orissa, Cuttack for recovery of Rs.23,22,283/- (Rupees Twenty-three Lakhs Twenty-two Thousand Two Hundred Eighty-three only) as on dt.03.01.2025 together with current and future interest, cost and other reliefs. The above mentioned defendants are therefore directed to appear before this Tribunal in person or through an Advocate or duly authorized agent, in support of their defence to show cause within 30 days from the publication or on dt.02.06.2025 at 10.30 a.m. as to why reliefs prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this 14th day of March, 2025.

Sd/- (Nikhila Ranjan Pati),
REGISTRAR

## ଆତ୍ମରକ୍ଷା କୌଶଳ ଭବିଷ୍ୟତର ରକ୍ଷା କବଚ

## ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଅସ୍ତରଙ୍ଗ,୨୪।୩ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଡିଗ୍ରୀ ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଅଧ୍ୟକ୍ଷା କୁନ୍ତଳତା ରାଉତଙ୍କ ସଭାପତିତ୍ୱରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଛାତ୍ରୀମାନେ କିଭଳି ନିଜକୁ ନିଜେ ପ୍ରାଥମିକସ୍ତରରେ ସୁରକ୍ଷା ଦେଇପାରିବେ, ସେଥିନେଇ ଆଲୋଚନା କରିଥିଲେ। 'ଛାତ୍ରୀ ଆତ୍ମରକ୍ଷା କୌଶଳ ହିଁ ବାସ୍ତବରେ ଭବିଷ୍ୟତ ଜୀବନ ପାଇଁ ସେମାନଙ୍କ ରକ୍ଷା କବଚ। ନାରୀ ନିଜକୁ ସୁରକ୍ଷିତ ରଖିଲେ ସମାଜ ଶୃଙ୍ଖଳିତ ରହିବ। ବର୍ତ୍ତମାନ ସମାଜରେ ନାରୀ ହିଂସା ଓ ନିର୍ଯାତନା ବଢ଼ି ଚାଲିଥିବା ସହ ଛାତ୍ରୀମାନଙ୍କ ସୁରକ୍ଷା ମଧ୍ୟ ସମସ୍ୟାର ବିଷୟ ହୋଇଛି। ଛାତ୍ରୀମାନଙ୍କ ସୁରକ୍ଷା ପାଇଁ ଏକ ଆତ୍ମରକ୍ଷା କୌଶଳ ଜାଣିବା ଜରୁରୀ ବୋଲି ଅଧ୍ୟକ୍ଷା ପ୍ରକାଶ କରିଛନ୍ତି। କଲେଜର ସମସ୍ତ ଛାତ୍ରୀଙ୍କୁ ନେଇ ଶିବିରଟି ୮ଦିନ ଧରି ଚାଲିଥିଲା। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଙ୍କ ମଧ୍ୟରେ ମୁଖ୍ୟ କିରାଣି ତ୍ରିଲୋଚନ ପ୍ରଧାନ, ଅଧ୍ୟାପକ ସାଗର ଜେନା, ଗୌରହରି ପାତ୍ର, ଅଧ୍ୟାପିକା ମୋନାଲିସା ଶ୍ରୀଚନ୍ଦନସିଂ, ନିର୍ମଳା ବିଶ୍ୱାଳ, ସରସ୍ୱତୀ ପରିଡ଼ାଙ୍କ ସହ କୈଳାଶ ସାହୁ, ବ୍ରହ୍ମାନନ୍ଦ ପ୍ରଧାନ, ସୁରେନ୍ଦ୍ର ଲେଙ୍କା, ସଂଯୋଜିକା ଅଧ୍ୟାପିକା କବିତା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ପ୍ରଶିକ୍ଷିକା ସାକ୍ଷୀଲତା ନାୟକ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଥିଲେ।




ଆତ୍ମରକ୍ଷା ତାଲିମ ଶିବିରରେ ଅଂଶ ଗ୍ରହଣ କରିଥିବା ଛାତ୍ରୀ ଓ ଶିକ୍ଷୟିତ୍ରୀ ଶିକ୍ଷକ ।

OFFICE OF THE CHIEF ENGINEER, MEGA LIFT
BHUBANESWAR
Plot No. A-8/2, Bhoinagar, Bhubaneswar, Odisha, PIN-751022
E-Mail : cemlpwr.od@gmail.com

Government of Odisha "e" Procurement Notice
Bid Identification No. 15ML/2024-25

No.A-1228 : Online open tender is invited for EPC Contract (Turn Key Basis) for Mega Lift, Odisha

1. Name of Work : Execution of 04 Nos. of Lift Irrigation Schemes with intake points on Tel River ,Mahanadi (ISS Kapasira) and Tel River Confluence Point of Tel & Suktel River having Command area between 500Ha. to 2000 Ha. in Cluster No. XXX in the district of Sonepur including its distribution network, up to 1 Ha. Chak having total planned Culturable Command Area of 6,025Ha. on "EPC –Turn Key" basis including power system connectivity and Operation & Maintenance of complete commissioned schemes for fifteen years.
2. Period of completion : 36 (Thirty-six) calendar months including rainy season.
3. Date & time of availability of bid document in the portal : 27.03.2025, 10 A.M.
4. Last date/Time for receipt of bids in the portal : 16.04.2025 up to 5.00 P.M.
5. Name & address of the officer inviting Bid : Chief Engineer, Megalift A-8/2, Bhoi Nagar, Bhubaneswar, Pin – 751022

Further details can be seen from the e-procurement portal "https://tendersodisha.gov.in"

Chief Engineer, Megalift
Bhubaneswar

OIPR-32504/11/0036/2425

## ଶିଶୁମାନେ ହେଉଛନ୍ତି ଅମୃତର ସନ୍ତାନ

ପୁରୀ,୨୪।୩(ଅଜିତ୍ କୁମାର ମହାନ୍ତି)

ଲିଲି ଚାମ୍ପ ପ୍ରି-ପ୍ରାଇମେରୀ ସ୍କୁଲର ୬ଷ୍ଠ ବାର୍ଷିକୋତ୍ସବ ଲୋକନାଥ ରୋଡ୍‌ସ୍ଥିତ ବାରବାଟୀ ଜାଗା ପରିସରରେ ଶନିବାର ପରିଚାଳନା କମିଟି ସଭାପତି ବରିଷ୍ଠ ସେବାୟତ ନାରାୟଣ ମହାସୁଆରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସମ୍ମାନିତ ଅତିଥି ଭାବେ ହାଇକୋର୍ଟର ବିଶିଷ୍ଟ ଅଧିବକ୍ତା ଦୀପକ କୁମାର ପଣ୍ଡା, ସୁଆର ମହାସୁଆର ନିଯୋଗର ସଭାପତି ପଦ୍ମନାଭ ମହାସୁଆର ଏବଂ ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଶିଶୁମାନେ ହେଉଛନ୍ତି ଅମୃତର ସନ୍ତାନ, ସେମାନଙ୍କୁ ବୁଝିବାକୁ ହେଲେ ବିଶାଳ ହୃଦୟର ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ବିନୋଦିନୀ କହଁର, ବାରବାଟୀ ଜାଗା ସଭାପତି ଗୋପାଳ ମହାସୁଆର ଓ ସମ୍ପାଦକ ମଦନ ମୋହନ ଖୁଣ୍ଟିଆ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦିକା ତଥା ଅଧ୍ୟକ୍ଷା ରାଜଶ୍ରୀ କହଁର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରଶଂସାପତ୍ର ଓ ଟ୍ରଫି ସହ ପୁରସ୍କୃତ କରାଯାଇଥିଲା। ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ରବିନାରାୟଣ ଦାଶ ଧନ୍ୟବାଦ ଦେଇଥିଲେ। କୁନିକୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ସମବେତ ସ୍ୱାଗତ ସଙ୍ଗୀତ, ଦେଶାତ୍ମବୋଧକ ନୃତ୍ୟ, ଭଜନ ନୃତ୍ୟ ଆଦି ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

TPNODL
TP Northern Odisha Distribution Limited
(A Tata Power & Odisha Govt. Joint Venture)
Regd. Off : Corp Office, Januganj, Remuna Golei, Balasore, Odisha-756019
CIN No.: U40106OR2021SGC035951; Website : www.tpnodl.com

NOTICE INVITING TENDER (NIT) March 25th, 2025

TP Northern Odisha Distribution Limited invites tender from eligible bidders for the following :

| Sl. No. | Tender Enquiry No. | Work Description |
| --- | --- | --- |
| 1 | TPNODL/OT/2024-25/2500000896 | RC for SITC of RTU & Accessories for ODSSP & 33/11KV Substation Automations System |

* MSMEs registered in the State of Odisha shall pay tender fee of Rs. 1,000/- including GST.
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website.
Future communication / corrigendum to tender documents, if any, shall be available on website.
Chief - Contracts &MM

**ସିଟି ହସ୍ପିଟାଲ ଜେରିଆଟିକ୍ ୱାର୍ଡକୁ ନେଇ ସମସ୍ୟା**

କଟକ, (ଶିକ୍ଷା ପ୍ରିୟଦର୍ଶିନୀ): କଟକ ଜିଲା ମୁଖ୍ୟ ଚିକିତ୍ସାଳୟ (ସିଟି ହସ୍ପିଟାଲ)ରେ ବୟସ୍କ ରୋଗୀ ବା ବରିଷ୍ଠ ନାଗରିକଙ୍କ ଚିକିତ୍ସା ପାଇଁ ଜେରିଆଟିକ ୱାର୍ଡ ଖୋଲାଯାଇଛି। ହେଲେ ଅନେକ ଦିନ ହେବ ଉକ୍ତ ସ୍ଥାନକୁ ହସ୍ପିଟାଲର ଅଧୀକ୍ଷକ କାର୍ଯ୍ୟାଳୟ ମାଡ଼ିବସିଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ରୋଗୀମାନେ ଅନ୍ୟ ସ୍ଥାନରେ ଚିକିତ୍ସିତ ହେଉଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷରେ ହସ୍ପିଟାଲ ଅଧୀକ୍ଷକ ଡା. ଅରୁଣ କୁମାର ସାହୁ କହିଛନ୍ତି, ଏଭଳି ଅଭିଯୋଗ ମିଛ। ଜେରିଆଟିକ ୱାର୍ଡ ଯେଉଁ ସ୍ଥାନରେ ଚାଲିବା କଥା ସେହି ସ୍ଥାନରେ ଚାଲିଛି। ବାର୍ଦ୍ଧକ୍ୟଜନିତ ରୋଗୀ ଆସିଲେ ସେମାନଙ୍କୁ ଜେରିଆଟିକ ୱାର୍ଡରେ ଚିକିତ୍ସା କରାଯାଉଛି। ଏମ୍‌ସିଏଚ୍ କୋଠା କାର୍ଯ୍ୟ କାର୍ଯ୍ୟ ସରିବା ପରେ ସେଠାକୁ ସ୍ଥାନାନ୍ତର ହୋଇଯିବ।

## ସଂକ୍ଷେପରେ

### ଗିରଫ ହେଲେ ଫେରାର ଗୋଚାଲାଣ ଅଭିଯୁକ୍ତ

ଆଠଗଡ ୨୪।୩(ସତ୍ୟ ପ୍ରସାଦ ରଥ)

ଆଠଗଡ ଥାନା ଅନ୍ତର୍ଗତ ରାଜନଗର ଛକ ଠାରେ କେତେଜଣ ଯୁବକ ଶୁକ୍ରବାର ରାତିରେ ଏକ ଗୋରୁ ବୋଝେଇ ଗାଡି ସହ ୨ଜଣ ଅଭିଯୁକ୍ତଙ୍କୁ ଅଟକ ରଖିଥିଲେ। ଖବର ପାଇ ଆଠଗଡ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ଏହି ସମୟର ଭିଡିଓ ଉତ୍ତୋଳନକୁ ନେଇ ସମ୍ପୃକ୍ତ ଯୁବକମାନଙ୍କ ସହ ପୋଲିସର ଯୁକ୍ତିତର୍କ ହୋଇଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତ ଦ୍ୱୟ ସେଠାରୁ ଖସିପଳାଇଥିଲେ। ଏହି ଘଟଣାରେ ପୋଲିସର ଭୂମିକା ନେଇ ସନ୍ଦେହ ପ୍ରକାଶ ପାଇଥିବାବେଳେ ଅଭିଯୁକ୍ତ ଦ୍ୱୟଙ୍କୁ ପୋଲିସ କଟକରୁ ଗିରଫ କରି ଆଠଗଡ଼ ଆଣିଛି। ସେମାନେ ହେଲେ କଟକ ଲାଲବାଗ ଥାନା ଅନ୍ତର୍ଗତ ଡିମିନବଜାରର ସେକ୍ ନଇମି (୨୫) ଓ କଟକ ସଦର ଥାନା ଅନ୍ତର୍ଗତ ଉତ୍ତମପାଟଣାର ସେକ୍ ଅନୱାର (୪୦)। ମଙ୍ଗଳବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

### ଜନବସତି ଅଞ୍ଚଳରେ ଘୁଷୁରୀ ଚାଷକୁ ବିରୋଧ
#### ତହସିଲଦାରଙ୍କ ନିକଟରେ ଅଭିଯୋଗ

ସାଲେପୁର, ୨୪।୩(ଅରବିନ୍ଦ ଭୂୟାଁ)

ଜନବସତି ଅଞ୍ଚଳରେ ବେଆଇନ୍ ଭାବେ ଘୁଷୁରୀ ଚାଷ କରାଯାଉଛି। ଏନେଇ ସୋମବାର ସାଲେପୁର ତହସିଲଦାରଙ୍କ ପାଖରେ ଅଭିଯୋଗ ହୋଇଛି। ସାଲେପୁର ବ୍ଲକ ଅନ୍ତର୍ଗତ ଲେଖନପୁର ଗ୍ରାମରେ ଘୁଷୁରୀ ଫାର୍ମ କରାଯାଇଥିବାରୁ ପରିବେଶ ଦୂଷିତ ହେଉଛି ବୋଲି ଏହି ଗ୍ରାମର କେତେଜଣ ବ୍ୟକ୍ତି ଅଭିଯୋଗରେ ଦର୍ଶାଇଛନ୍ତି। ଏଥିଯୋଗୁ ସ୍ଥାନୀୟ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତହସିଲଦାର ଜୟନ୍ତ କୁମାର ଜୟସିଂ ଏ ପ୍ରସଙ୍ଗରେ ସ୍ଥାନୀୟ ମାଳଶାସନ ପଞ୍ଚାୟତର ରାଜସ୍ୱ ଅଧିକାରୀଙ୍କୁ ଲିଖିତ ଭାବରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

### ବାଲି ଉଠାଣରେ ଅନିୟମିତତା: ଉପଜିଲାପାଳଙ୍କୁ ସ୍ମାରକପତ୍ର

ବାଙ୍କୀ, ୨୪।୩ (ଜ୍ଞାନେନ୍ଦ୍ର ମିଶ୍ର/ ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ସୁନାଦେଇ ବାଲିଘାଟର ଯେତିକି ଜାଗାରୁ ବାଲି ଉଠାଇବାକୁ ଅନୁମତି ଦିଆଯାଇଛି ତା'ଠାରୁ ଅଧିକ ଏରିଆରୁ ବାଲି ଉଠାଣ ହେଉଛି। ରାଜ୍ୟ ସରକାର ଏହାଛଡ଼ା ପ୍ରତ୍ୟେହ ଯେତିକି ପରିମାଣର ବାଲି ଉଠାଣ ନିମନ୍ତେ ଖଣି ବିଭାଗ ଅନୁମତି ଦେଇଛି ତାହାଠାରୁ ଅଧିକ ପରିମାଣରେ ବାଲି ଉଠାଯାଇ ହାୱାଇ ମାଧ୍ୟମରେ ବାଲିଘାଟକୁ ଚାଲଣ ହେଉଛି। ଏହାଦ୍ୱାରା ରାଜ୍ୟ ସରକାରଙ୍କ ବହୁ ରାଜସ୍ୱହାନୀ ହେଉଛି ବୋଲି ବାଙ୍କୀ ଭାଜପା ପକ୍ଷରୁ ଉପଜିଲାପାଳଙ୍କ ନିକଟରେ ସୋମବାର ଅଭିଯୋଗ କରାଯାଇଛି। ବାଲିଘାଟରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଲୋକଙ୍କୁ କାର୍ଯ୍ୟ ଦିଆ ନ ଯାଇ ନିଳାମଧାରୀ ମେସିନ ବ୍ୟବହାର କରୁଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଏହାର ବିଧିବଦ୍ଧ ତଦନ୍ତ କରିବାକୁ ନଗର ଭାଜପା ସଭାପତି ସଂଜୟ ରଣାଙ୍କ ନେତୃତ୍ୱରେ ରମେଶ ସେନାପତି, ଆଶିଷ କୁମାର ପରିଡା, ଆଇନଜୀବୀ ଦେବାଶିଷ ମାନସିଂହ, ସୁଧାକର ବେହେରା, ରମେଶ ପଣ୍ଡା, ସୁଶାନ୍ତ ଭଞ୍ଜ ପ୍ରମୁଖ ଦାବି କରିଛନ୍ତି।

### ଶହୀଦ ଭଗତ ସିଂ ମନ୍ତ୍ରରେ ଅଭିମନ୍ତ୍ରିତ ହୁଅନ୍ତୁ ଯୁବପିଢ଼ି

ଆଠଗଡ, ୨୪।୩(ସତ୍ୟପ୍ରସାଦ ରଥ)

ଆଠଗଡ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଶହୀଦ ଭଗତ ସିଂ, ରାଜଗୁରୁ ଓ ସୁଖଦେବଙ୍କର ବଳିଦାନ ଦିବସ ରବିବାର ପାଳିତ ହୋଇଯାଇଛି। ଆଠଗଡ ବ୍ଲକ ଛାତ୍ର ବିଜେଡି ସଭାପତି ସତ୍ୟପ୍ରିୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୁବପିଢ଼ୀ ଏକାଠି ହୋଇ ଭଗତ ସିଂ ଓ ତାଙ୍କ ସାଥିଙ୍କ ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ଦେଶ ମାତୃକା ସେବା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ସନ୍ଧ୍ୟାରେ ଯୁବ-ଛାତ୍ର ବିଜେଡି ଆନୁକୂଲ୍ୟରେ ଏକ ମଶାଲ ଶୋଭାଯାତ୍ରା ରଥଗଡା ଛକରୁ ବାହାରି ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ଲକ୍ଷ୍ମୀଜାର ମଣ୍ଡପରେ ପହଞ୍ଚିଥିଲା। ଏଥିରେ ଲଳିତେନ୍ଦୁ ସେନାପତି, ପ୍ରଦୀପ୍ତ ଦାସ ପ୍ରକାଶ ରାଉତ ଓ ଏନ୍‌ଏସି ଉପାଧ୍ୟକ୍ଷ ବି. ଶୁଭ୍ରଶଙ୍କର ଜ୍ୟୋତି, ଆଠଗଡ ବ୍ଲକ ଯୁବ ବିଜେଡି ସଭାପତି ବିନୋଦ ମାଝି ପ୍ରମୁଖ ଯୋଗଦେଇଥିଲେ। ତିଗିରିଆ ବ୍ଲକ ଛାତ୍ର ବିଜେଡି ନେତା ତୋଫାନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ଧୁକ ଦେଖାଇ ମାଡ଼ ମାରି ବ୍ୟବସାୟୀଙ୍କଠୁ ଲୁଟିଲେ ୫ଲକ୍ଷ ଟଙ୍କା

କଟକ, ୨୪।୩(ଶିକ୍ଷା ପ୍ରିୟଦର୍ଶିନୀ)



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

କଟକ ବାଦାମବାଡ଼ିସ୍ଥିତ ବିକାଶ ନଗର ଅଞ୍ଚଳରେ ସୋମବାର ରାତିରେ ଜଣେ ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ମାଡ଼ ମାରିବା ସହ ଦୁର୍ବୃତ୍ତମାନେ ୫ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ମାଲଗୋଦାମର ମସଲା ବ୍ୟବସାୟୀ ନିରଞ୍ଜନ ଗୋଏଙ୍କା। ତାଙ୍କ ଡ୍ରାଇଭରଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ମାଡ଼ ମାରିଥିବା ନେଇ ବାଦାମବାଡ଼ି ଥାନାରେ ଅଭିଯୋଗ ହୋଇଛି। ଏହାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଚଳାଇଛି।

ସୂଚନା ଅନୁଯାୟୀ, ରାତି ପ୍ରାୟ ୮ଟା ୩୦ ବେଳେ ନିରଞ୍ଜନ ମାଲଗୋଦାମରୁ ଗୋଦାମ ବନ୍ଦ କରି ଗାଡ଼ି ଯୋଗେ ଡ୍ରାଇଭରଙ୍କ ସହ ବାଦାମବାଡ଼ି ଥାନା ଅନ୍ତର୍ଗତ ବିକାଶଭବନ ନିକଟ କୌସ୍ତୁଭ ଟାୱାରରେ ଥିବା ତାଙ୍କ ଘରକୁ ଫେରୁଥିଲେ। ରାତି ପ୍ରାୟ ୯ଟା ବେଳେ ଆପାର୍ଟମେଣ୍ଟରେ ପହଞ୍ଚି ପ୍ରଥମ ମହଲାରେ ଥିବା ତାଙ୍କ ଘରକୁ ଯାଉଥିଲେ। ଏହି ସମୟରେ ଘର ଶିଡ଼ି ପାହାଚ ନିକଟରେ ଦୁର୍ବୃତ୍ତ ଦଳ ତାଙ୍କୁ ବନ୍ଧୁକ ଦେଖାଇ ଆକ୍ରମଣ କରିଥିଲେ। ଏଥିସହ ତାଙ୍କ ପାଖରେ ଥିବା ୫ ଲକ୍ଷ ଟଙ୍କା ଲୁଟିନେଇଥିଲେ। ନିକଟରେ ଥିବା ତାଙ୍କ ଗାଡ଼ି ଡ୍ରାଇଭର ଦୌଡ଼ିଯାଇ ଦୁର୍ବୃତ୍ତମାନଙ୍କୁ ବାଧା ଦେବାକୁ ଚେଷ୍ଟା କରିବାରୁ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଖବର ପାଇ ବାଦାମବାଡ଼ି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଆହତ ଦ୍ୱୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ପୋଲିସ ଉକ୍ତ ସ୍ଥାନରେ ଲାଗିଥିବା ସିସିଟିଭି କ୍ୟାମେରାର ଫୁଟେଜ ଜବତ କରିବା ସହ ସମ୍ପୃକ୍ତ ଆପାର୍ଟମେଣ୍ଟର ସିକ୍ୟୁରିଟି ଗାର୍ଡ ଏବଂ ଅନ୍ୟ ୨ଜଣ ବ୍ୟକ୍ତିଙ୍କ ବୟାନ ରେକର୍ଡ କରିଛି। ସିସିଟିଭି ଫୁଟେଜ ଆଧାରରେ ଦୁର୍ବୃତ୍ତମାନଙ୍କୁ ଠାବ କରିବାକୁ ପୋଲିସ ପ୍ରୟାସ ଜାରି ରଖିଛି। ନିରଞ୍ଜନଙ୍କୁ ମାଲଗୋଦାମରୁ ଦୁର୍ବୃତ୍ତମାନେ ପିଛା କରିଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଥିବା ସୂଚନା ମିଳିଛି।

# ବିଦ୍ୟାଳୟର ନାମ ପରିବର୍ତ୍ତନ ନେଇ ଉତ୍ତେଜନା

ଆଠଗଡ, ୨୪।୩(ସତ୍ୟ ପ୍ରସାଦ ରଥ)

**ଉପଜିଲାପାଳଙ୍କୁ ସ୍ମାରକପତ୍ର**

ଆଠଗଡ ବ୍ଲକ ଇଚ୍ଛାପୁର ପଞ୍ଚାୟତ ଅନ୍ତର୍ଗତ ଅରଖପାଟଣା ଓ ମୁକ୍ତାଦେଇପୁର ଗ୍ରାମରେ ବିଦ୍ୟାଳୟର ନାମ ପରିବର୍ତ୍ତନ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଖବରପାଇ ଆଠଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଫୋର୍ସ ମୁତୟନ କରିଛନ୍ତି। ପ୍ରକାଶ ଯେ, ଅରଖପାଟଣାରେ ୧୯୬୨ରୁ ଏହି ବିଦ୍ୟାଳୟ ସ୍ଥାପିତ ହୋଇଛି। ବିଦ୍ୟାଳୟର ନାମ ଲୋକନାଥ ବିଦ୍ୟାପୀଠ, ଅରଖପାଟଣା, ଆଠଗଡ ଥିଲା। ବର୍ତ୍ତମାନ ମୁକ୍ତାଦେଇପୁରର କେତେଜଣ ବ୍ୟକ୍ତି ବିଦ୍ୟାଳୟ ସମ୍ମୁଖରେ ଥିବା ଫଳକରେ ଅରଖପାଟଣା ପରିବର୍ତ୍ତେ ମୁକ୍ତାଦେଇପୁର ଲେଖିବା ପାଇଁ ପ୍ରଧାନଶିକ୍ଷକଙ୍କୁ ବାଧ୍ୟ କରୁଛନ୍ତି। ଏହାର ପ୍ରତିବାଦରେ ଅରଖପାଟଣା ଗ୍ରାମବାସୀ ଆଠଗଡ ଉପଜିଲାପାଳଙ୍କୁ ଲିଖିତ ଅଭିଯୋଗ କରି ସମସ୍ୟାର ସମାଧାନ କରିବା ପାଇଁ ନିବେଦନ କରିଛନ୍ତି।

# ବରିଷ୍ଠ ନାଗରିକ ସଂଘର ଉପଜିଲାପାଳଙ୍କୁ ଦାବିପତ୍ର



ଉପଜିଲାପାଳଙ୍କୁ ବରିଷ୍ଠ ନାଗରିକମାନେ ଦାବିପତ୍ର ଦେଉଛନ୍ତି।

ବାଙ୍କୀ, ୨୪।୩ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘ ତରଫରୁ ସୋମବାର ନୂତନ ଉପଜିଲାପାଳ ପ୍ରଣବ କୁମାର ବେହେରାଙ୍କୁ ସ୍ୱାଗତ କରିବା ସହ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ଓ ବାଙ୍କୀ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବୟୋଜ୍ୟେଷ୍ଠ ନାଗରିକ ସଂଘର ସଭାପତି ଆଇନଜୀବୀ ବିରଞ୍ଚି ଦାସଙ୍କ ନେତୃତ୍ୱରେ ଉପସଭାପତି କୃତିବାସ ପଣ୍ଡା, ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, ଉମେଶଚନ୍ଦ୍ର ମିଶ୍ର, ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଶରତ ଚନ୍ଦ୍ର ଦିକ୍ଷୀତ୍, ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କ ସାମାଜିକ ସୁରକ୍ଷା ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଉପ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି।

# କଳାକାରଙ୍କୁ କାନପୁର ଯାତ୍ରା କମିଟିର ସମ୍ବର୍ଦ୍ଧନା



କଳାକାରମାନଙ୍କୁ କାନପୁର ଯାତ୍ରା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

ମଙ୍ଗୁଳି- ଜଗତପୁର, ୨୪।୩(ମାନସ ସାମଲ)

ଟାଙ୍ଗୀସ୍ଥିତ କାନପୁର ନବଦୋଳ ମହୋତ୍ସବ କମିଟି ତା'ର ୫୨ତମ ଉତ୍ସବ ପାଳିଛି। ଏହି ପରିପ୍ରେକ୍ଷୀରେ କାନପୁର ଯାତ୍ରା କମିଟିର ୩ ଦିନ ଧରି ଆୟୋଜିତ କାର୍ଯ୍ୟକ୍ରମରେ ଶିବାନୀ ଗଣନାଟ୍ୟ ପକ୍ଷରୁ ସମାଜ ସଂସ୍କାର ଧର୍ମୀ ନାଟକ ପରିବେଷଣ କରାଯାଇଥିଲା। ଏଥିରେ ଉଚ୍ଚକୋଟୀର ଅଭିନୟ କରି ସୁନାମ ସାଉଁଟିଥିବା କଳାକାରଙ୍କୁ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଭାରତ ମସଲାର ଜିଏମ୍ ଅପରେଶନ ଅରୁଣ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଦିପ୍ତିମୟୀ ବେହେରା ଯୋଗଦେଇ ବହୁଚର୍ଚ୍ଚିତ କଳାକାର ଗୌରାଙ୍ଗ ସେନାପତି, ଗୌର ଦାସ, କାବେରୀ ପାଢ଼ୀ, ବ୍ରଜ ପାଣି, ଟାହିଆ ପ୍ରମୁଖଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଏଥିରେ ଯାତ୍ରା କମିଟି ସଭାପତି ପ୍ରଫୁଲ୍ଲ କୁମାର ସାହୁ, ସମ୍ପାଦକ ଧନେଶ୍ୱର ନାୟକ, ଉପସଭାପତି ଗଙ୍ଗାଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବକୁ ସହ ସମ୍ପାଦକ ନବକୃଷ୍ଣ ପ୍ରଧାନ, କୋଷାଧ୍ୟକ୍ଷ ଗଙ୍ଗାଧର ବେହେରା, ମୁନା ମହାନ୍ତି, ଅଜିତ ଲେଙ୍କା, ବାବୁଲି ସାଇଁ, ଅଜୟ ନାୟକ, ଗଗନ ମହାନ୍ତି, ଜୟନ୍ତ ବେହେରା ଏବଂ କମିଟି ସମସ୍ତ ସଦସ୍ୟ ସୂଚାରୁରୂପେ ପରିଚାଳନା କରିଥିଲେ।

## ଗୀତାଯଜ୍ଞ, ପ୍ରବଚନ ଉଦ୍‌ଯାପିତ
### ରାମେଶ୍ୱର ମହାଦେବଙ୍କ ପୀଠ

ତିଗିରିଆ, ୨୪।୩(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ରାମେଶ୍ୱର ମହାଦେବଙ୍କ ପୀଠରେ ଚାଲିଥିବା ଗୀତାଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମର ସୋମବାର ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହୋଇଯାଇଛି । ପୂର୍ବ ପରମ୍ପରା ଅନୁଯାୟୀ ପ୍ରତ୍ୟେକ ବର୍ଷ ମାର୍ଚ୍ଚ ମାସ ୨୦ ତାରିଖରୁ ଆରମ୍ଭ ହେଉଥିବା ଏହି ଯଜ୍ଞ ଚଳିତ ବର୍ଷ ଚଳିତବର୍ଷ ମଧ ୨୦ ତାରିଖ ଠାରୁ ଆରମ୍ଭ ହୋଇ ସୋମବାର ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହୋଇଥିବା ଆୟୋଜକ ରାମେଶ୍ୱର ସେବା ସଂଘର ସଭାପତି କେଶବ ଚନ୍ଦ୍ର ପାତ୍ର, ଉପସଭାପତି ସୁଦାମ ଚରଣ ସାହୁ ସୂଚନା ଦେଇଛନ୍ତି। ଯଜ୍ଞର ଏହି ୫ ଦିନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା, ଅଗ୍ନି ସ୍ଥାପନ, ସୂର୍ଯ୍ୟ ପୂଜା, ଗୋ ପୂଜା, ଗୁରୁ ପୂଜା, ଯଜ୍ଞ, ଗୀତା ପାଠ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରତ୍ୟହ ମନ୍ଦିର ପରିସରରେ ପ୍ରତିଷ୍ଠିତ ପ୍ରବଚକମାନଙ୍କ ଦ୍ୱାରା ପ୍ରବଚନ ଦିଆଯିବା ସହ ଭଜନକୀର୍ତ୍ତନ ପରିବେଷଣ କରାଯାଇଥିଲା। ଯଜ୍ଞର ଅନ୍ତିମ ଦିବସରେ ଯଜ୍ଞ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ଶେଷରେ ରାମେଶ୍ୱର ସେବା ସଂଘ ସଦସ୍ୟଙ୍କ ତରଫରୁ ଗରିବ ଲୋକଙ୍କୁ ନୂତନ ବସ୍ତ୍ର ଓ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଯଜ୍ଞ କାର୍ଯ୍ୟରେ ପଣ୍ଡିତ ବାଉରୀ ବନ୍ଧୁ ଦାଶ ମୁଖ୍ୟ ଆଚାର୍ଯ୍ୟ, ପଣ୍ଡିତ ବିଶ୍ୱଦୀପ ଖାଡେଙ୍ଗା ଆଚାର୍ଯ୍ୟ, ପଣ୍ଡିତ ମନୋରଞ୍ଜନ ହୋତା ସହାୟକ ଭାବେ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ରାମେଶ୍ୱର ସେବା ସଂଘ ସଦସ୍ୟ ବିଭୁତି ବେହେରା, ଅଜୟ ମହାରଣା, ପ୍ରତାପ କୁମାର ସାହୁ, ଯୋଗୀନାଥ ଅକ୍ଷିତ,ନିତ୍ୟାନନ୍ଦ ପାତ୍ରଙ୍କ ସମେତ ଗ୍ରାମବାସୀ ଯଜ୍ଞ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

**10 ବର୍ଷର ରାଜ୍ୟ ସରକାର ପ୍ରତିଭୂତିଗୁଡ଼ିକର ନିଲାମ**

ଓଡ଼ିଶା ରାଜ୍ୟ ସରକାର ନିଲାମ ମାଧ୍ୟମରେ ପ୍ରତିଭୂତିଗୁଡ଼ିକୁ ମୋଟ **₹2,000.00 କୋଟି (ଅଙ୍କିତ ମୂଲ୍ୟ)** ରେ ବିକ୍ରୀ କରିବାର ପ୍ରସ୍ତାବ ଦେଇଛନ୍ତି ।

ଭାରତୀୟ ରିଜର୍ଭ ବ୍ୟାଙ୍କ କୋର୍ ବ୍ୟାଙ୍କିଙ୍ଗ ସମାଧାନ (ଇ-କୁବେର) ରେ ବହୁବିଧ ମୂଲ୍ୟ ଫର୍ମାଟ ଅଧୀନରେ ଲାଭ ଆଧାରିତ ନିଲାମ **25 ମାର୍ଚ୍ଚ 2025 (ମଙ୍ଗଳବାର)** ଦିନ ଅନୁଷ୍ଠିତ ହେବ । ବ୍ୟକ୍ତିଗତ ନିବେଶକମାନେ ମଧ୍ୟ **ରିଟେଲ ଡାଇରେକ୍ଟ ପୋର୍ଟାଲ (https://rbiretaildirect.org.in)** ମାଧ୍ୟମରେ ଅଣ-ପ୍ରତିଯୋଗୀତାମୂଳକ ଯୋଜନା ଅନୁସାରେ ବିଡ୍‌ସ ଦେଇପାରିବେ ।

ଅଧିକ ବିବରଣୀ ପାଇଁ ଦୟାକରି ଆରବିଆଇ ୱେବସାଇଟରେ **24 ମାର୍ଚ୍ଚ 2025 (ସୋମବାର)** ର ଆରବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ ।

ଆପଣଙ୍କୁ ଅର୍ଥ ପ୍ରାପ୍ତିର ପ୍ରଲୋଭନ ଦେଉଥିବା ଇ-ମେଲ୍ /ଏସ୍‌ଏମଏସ୍/ଟେଲିଫୋନ୍‌ର ଠକାମୀରେ ପଡନ୍ତୁ ନାହିଁ ।

# ମୁଖ୍ୟମନ୍ତ୍ରୀ, ଅନ୍ୟ ମନ୍ତ୍ରୀଙ୍କ ଗସ୍ତକୁ ନେଇ ପ୍ରସ୍ତୁତି

ସାଲେପୁର, ୨୪।୩(ଅରବିନ୍ଦ ଭୂୟାଁ)

ସାଲେପୁରଠାରେ ୩୦ରୁ ଏପ୍ରିଲ ୧ ପର୍ଯ୍ୟନ୍ତ ଓଡ଼ିଶା ଦିବସ ସମାରୋହ ଓ ଆଞ୍ଚଳିକ ଖବରଦାତା ସଂଘର ଦଶମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ବ୍ଲକ୍‌ର ସତ୍ୟଭାମାପୁରଠାରେ ଏପ୍ରିଲ ୧ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ଦିବସ ପାଳନ କରାଯିବ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ମାଝି ଯୋଗଦେବା ସହ ମଧୁବାବୁଙ୍କ ଜନ୍ମପୀଠର ଉନ୍ନତି ପାଇଁ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା ଗୋପିନାଥପୁରଠାରେ ଏକ ସାଧାରଣ ସଭାରେ ମଧ୍ୟ ସେ ଯୋଗଦେବେ।

ସାଲେପୁର ହାଇସ୍କୁଲ ପଡ଼ିଆରେ ୩ ଦିନ ଧରି ଓଡ଼ିଶା ଦିବସ ପାଳିତ ହେବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା, ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ବହୁ ମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ଏକ ପ୍ରସ୍ତୁତି ବୈଠକ ସାଲେପୁରସ୍ଥିତ ବି.କେ. ମଣ୍ଡପରେ ଆଡ୍‌ଭୋକେଟ୍ ବିକ୍ରମ କେଶରୀ ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାଜପା ନେତା ତଥା ଚଳଚ୍ଚିତ୍ର ଅଭିନେତା ଅରିନ୍ଦମ ରାୟ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ବୈଠକରେ କଟକ ଜିଲା ଭାଜପାର ପୂର୍ବତନ ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁ, ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ସତ୍ୟବାଦୀ ଚଇନୀ, ଭାଜପା ନେତା କୁଞ୍ଜମୋହନ ସେଠୀ, ଭାଜପା ନେତା ଉଲ୍ଲାସ ଜେନା, ତାପସ ଚନ୍ଦ୍ର ଜେନା, ଯଶୋବନ୍ତ ରାଉତ, ସତ୍ୟଶିବ ସୁନ୍ଦର କର ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ସାହିତ୍ୟ, ସଂସ୍କୃତି ବିକାଶରେ ମହତାବଙ୍କ ବଡ଼ ଅବଦାନ ରହିଛି

ଭୁବନେଶ୍ୱର, ୨୪।୩ (ସୌମ୍ୟରଞ୍ଜନ ରାଉତ)

**ଜାତୀୟ ଅଭିଲେଖାଗାର ପୂର୍ବାଞ୍ଚଳ ଶାଖାରେ ଆଲୋଚନାଚକ୍ର**


ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ଆଧୁନିକ ଉତ୍କଳର ସ୍ଥପତି ତଥା ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ ଅତ୍ୟନ୍ତ ଅନୁପ୍ରାଣିତ ହୋଇଥିଲେ। ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ବିକାଶରେ ବଡ଼ ଅବଦାନ ପାଇଁ ତାଙ୍କ ନାମ ଓଡ଼ିଶା ରାଜନୀତିରେ ସ୍ୱର୍ଣ୍ଣ ଅକ୍ଷରରେ ଲେଖାଯାଇଛି। ମହତାବ କେବଳ ଜଣେ ରାଜନେତା ଥିଲେ ତାହା ନୁହେଁ, ସେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଇତିହାସ ଗବେଷକ ଥିଲେ। ଐତିହ୍ୟ ଓ ସଂସ୍କୃତିକୁ ସମନ୍ୱୟ କରି ଓଡ଼ିଶାର ବୌଦ୍ଧିକ କ୍ଷେତ୍ରରେ ସମସ୍ତଙ୍କର ବିକାଶ କିପରି ହୋଇପାରିବ ସେନେଇ ଯତ୍ନବାନ୍ ଥିଲେ ବୋଲି ଗବେଷକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ବିଭାଗର ପୂର୍ବତନ ପ୍ରଫେସର ବିଜୟ କୁମାର ଶତପଥୀ କହିଛନ୍ତି। ଭାରତୀୟ ଜାତୀୟ ଅଭିଲେଖାଗାରର ପୂର୍ବାଞ୍ଚଳ ଶାଖା ଭୁବନେଶ୍ୱରଠାରେ ସୋମବାର ୧୨ତମ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବକ୍ତା ଭାବେ ଯୋଗଦେଇ ପ୍ରଫେସର ଶତପଥୀ 'ଓଡ଼ିଶାର ସାଂସ୍କୃତିକ ପୁନଃ ନିର୍ମାଣ ଓ ଡ. ହରେକୃଷ୍ଣ ମହତାବ' ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଅଭିଲେଖାଗାରର ସହାୟକ ନିର୍ଦ୍ଦେଶକ ସତ୍ୟନାରାୟଣ ମିଶ୍ର ଅଧ୍ୟକ୍ଷତା କରି କହିଲେ, ନବ ଉତ୍କଳର ନିର୍ମାତା ଡ. ମହତାବଙ୍କ ବୈପ୍ଳବିକ ଭୂମିକା ଓଡ଼ିଶା ଇତିହାସରେ ସୁବର୍ଣ୍ଣ ଅକ୍ଷରରେ ଲେଖାଯାଇଛି। ସେ ଜଣେ ସ୍ୱାଧୀନତା ସଂଗ୍ରାମୀ, ରାଜନେତା, ସାହିତ୍ୟିକ, ସାମ୍ବାଦିକ, ସମ୍ପାଦକ, ଦକ୍ଷ ପ୍ରଶାସକ ତଥା ସଂସ୍କୃତିସମ୍ପନ୍ନ ବ୍ୟକ୍ତି ଭାବରେ ମଧ୍ୟ ବିଶ୍ୱବ୍ୟାପୀ ଜଣାଶୁଣା। ଇତିହାସକୁ ଅଧିକ ଗତିଶୀଳ ଓ ଠିକ୍ କରିବାକୁ ଜାତୀୟ ଅଭିଲେଖାଗାର ସର୍ବଦା ଚେଷ୍ଟା କରିଆସୁଛି। ମହତାବଙ୍କ ଜୀବନର ଅନେକ ତଥ୍ୟକୁ ବର୍ତ୍ତମାନର ଗବେଷକଙ୍କ ଦ୍ୱାରା ଅନୁସନ୍ଧାନ କରାଯାଇପାରିବ ଓ ଅନେକ ଉଲ୍ଲେଖନୀୟ ତଥ୍ୟ ମିଳିପାରିବ ବୋଲି ସେ କହିଛନ୍ତି। ଆଲୋଚନାଚକ୍ରରେ ବହୁ ଗବେଷକ, ଐତିହାସିକ, ବୁଦ୍ଧିଜୀବୀ, ବିଶ୍ୱବିଦ୍ୟାଳୟ ଅଧ୍ୟାପକ, ପ୍ରାଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ରାମଚନ୍ଦ୍ର କରଣ ଧନ୍ୟବାଦ ପ୍ରଦାନ କରିଥିଲେ।

FORM NO.-13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR-7, CDA, CUTTACK, ODISHA
O.A. No. 47 OF 2025

State Bank of India .....Applicant
Versus
Sandeep Khosla .....Defendant(s)

To,
**Sandeep Khosla**, S/o- Pradeep Chand Nisakar Khosla, At: Kosla Street, Mission Compound, P.O/P.S/District: Koraput, PIN-764020, ODISHA, MOB: 7008416007.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 47 of 2025** in the Court of the Debts Recovery Tribunal, Orissa, Cuttack for recovery of **Rs.23,22,283/-** (Rupees Twenty-three Lakhs Twenty-two Thousand Two Hundred Eighty-three only) as on dt.03.01.2025 together with current and future interest, cost and other reliefs. The above mentioned defendants are therefore directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the publication or on **dt.02.06.2025** at **10.30 a.m.** as to why reliefs prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **14th day of March, 2025.**

Sd/- (Nikhila Ranjan Pati),
REGISTRAR

**OFFICE OF THE CHIEF ENGINEER, MEGA LIFT BHUBANESWAR**
Plot No. A-8/2, Bhoinagar, Bhubaneswar, Odisha, PIN-751022
E-Mail : cemlpwr.od@gmail.com

**Government of Odisha "e" Procurement Notice**
**Bid Identification No. 15ML/2024-25**

**No.A-1228** : Online open tender is invited for EPC Contract (Turn Key Basis) for Mega Lift, Odisha

1. **Name of Work** : Execution of 04 Nos. of Lift Irrigation Schemes with intake points on Tel River ,Mahanadi (ISS Kapasira) and Tel River Confluence Point of Tel & Suktel River having Command area between 500Ha. to 2000 Ha. in **Cluster No. XXX** in the district of Sonepur including its distribution network, up to 1 Ha. Chak having total planned Culturable Command Area of 6,025Ha. on "EPC –Turn Key" basis including power system connectivity and Operation & Maintenance of complete commissioned schemes for fifteen years.
2. **Period of completion** : 36 (Thirty-six) calendar months including rainy season.
3. **Date & time of availability of bid document in the portal** : 27.03.2025, 10 A.M.
4. **Last date/Time for receipt of bids in the portal** : 16.04.2025 up to 5.00 P.M.
5. **Name & address of the officer inviting Bid** : Chief Engineer, Megalift A-8/2, Bhoi Nagar, Bhubaneswar, Pin – 751022

Further details can be seen from the e-procurement portal "https://tendersodisha.gov.in"

Chief Engineer, Megalift
Bhubaneswar

OIPR-32504/11/0036/2425

# ବାଙ୍କୀ କଂଗ୍ରେସର କର୍ମୀ ସମ୍ମିଳନୀ

**ବିଧାନ ସଭା ଘେରାଉ ନିମନ୍ତେ ପ୍ରସ୍ତୁତି**

ବାଙ୍କୀ, ୨୪।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ନିର୍ବାଚନ ମଣ୍ଡଳୀ କଂଗ୍ରେସ କର୍ମୀମାନଙ୍କ ଏକ ସମ୍ମିଳନୀ ଅକ୍ଷୟ ପଟ୍ଟନାୟକ ମାର୍ଗସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସର ବରିଷ୍ଠ ନେତା ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ବାଙ୍କୀ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦଳ ଓ ସଙ୍ଗଠନକୁ ମଜବୁତ କରିବାକୁ ଆଲୋଚନା କରାଯାଇଥିଲା । କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ ନିମନ୍ତେ ବାଙ୍କୀର କର୍ମୀମାନେ ଅଧିକ ସଂଖ୍ୟାରେ ଯୋଗଦେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ବାଙ୍କୀ ନଗର କଂଗ୍ରେସ ସଭାପତି କାଶିନାଥ ମହାପାତ୍ର, ଏନ୍‌ଏସି ଉପଦେଷ୍ଟା କ୍ଷେତ୍ରବାସୀ ଦାଶ, ଡମପଡ଼ା ବ୍ଲକ ସଭାପତି ଅସୀତ୍ ଚରଣ ପଟ୍ଟନାୟକ, ଯୁବ କଂଗ୍ରେସ ନେତା ଆଇନଜୀବୀ ବିଶ୍ୱରଞ୍ଜନ ପଣ୍ଡା, ବରିଷ୍ଠ କଂଗ୍ରେସ ନେତା ପ୍ରତାପ ଚନ୍ଦ୍ର ମହାପାତ୍ର, ଡମପଡ଼ା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଶଶାଙ୍କ ଶେଖର ସ୍ୱାଇଁ, ବାଙ୍କୀ ବ୍ଲକ କଂଗ୍ରେସ ସଭାପତି ନରେଶ ଚନ୍ଦ୍ର ସାହୁ, ବାବୁଲି ଦଳେଇ , ରମାକାନ୍ତ ସେଠୀ ପ୍ରମୁଖ ଏଥିରେ ଯୋଗଦଇେ ଦଳକୁ ମଜଭୁତ କରିବାକୁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ଆଳିର ପୂର୍ବତନ କଂଗ୍ରେସ ବିଧାୟକ ଦେବେନ୍ଦ୍ର ନାଥ ଶର୍ମା, କବି ରମାକାନ୍ତ ରଥ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନ, ପୂର୍ବତନ ସରପଞ୍ଚ ରାଧାକାନ୍ତ ଦେବତା, ଡମପଡ଼ା ବ୍ଲକର କଂଗ୍ରେସ ଉପସଭାପତି ଜଗନ୍ନାଥ ମଲ୍ଲିକଙ୍କ ପରଲୋକରେ ଏକ ଶୋକ ସଭା କରାଯାଇ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।

**TPNODL**
**TP Northern Odisha Distribution Limited**
(A Tata Power & Odisha Govt. Joint Venture)
Regd. Off : Corp Office, Januganj, Remuna Golei, Balasore, Odisha-756019
CIN No.: U40106OR2021SGC035951; Website : www.tpnodl.com

**NOTICE INVITING TENDER (NIT) March 25th, 2025**

TP Northern Odisha Distribution Limited invites tender from eligible bidders for the following :

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2024-25/2500000896 | RC for SITC of RTU & Accessories for ODSSP & 33/11KV Substation Automations System |

* MSMEs registered in the State of Odisha shall pay tender fee of Rs. 1,000/- including GST.
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website.
Future communication / corrigendum to tender documents, if any, shall be available on website.

Chief - Contracts &MM

## ସଂକ୍ଷେପରେ

### ସମରକଳା ଉତ୍ସବ ଉଦ୍‌ଯାପିତ

**କୃଷ୍ଣପ୍ରସାଦ,୨୪।୩(କୈଳାସ ଚନ୍ଦ୍ର ପଟ୍ଟନାୟକ):** କୃଷ୍ଣପ୍ରସାଦ ବ୍ଲକ ମାଲୁଦ ପଞ୍ଚଦୋଳ ପଡ଼ିଆରେ ବାବା ଆଖଣ୍ଡଳେଶ୍ୱର ପାଇକ ଆଖଡ଼ା ସଂଘର ବାର୍ଷିକ ସମରକଳା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଯୋଗେନ୍ଦ୍ର ବୈରୀଗଞ୍ଜନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ସଂଯୋଜକ ସୁବାସ ଚନ୍ଦ୍ର ଜେନା, ସମ୍ପାଦକ ସୁକାନ୍ତ କୁମାର ବିଶ୍ୱାଳ, ସାମ୍ବାଦିକ ବନ ବିହାରୀ ବେହେରା, ପାଇକ ଗବେଷକ ଦେବ ପ୍ରସାଦ ମିଶ୍ର, ୨୪ ମୌଜା କମିଟି ମାର୍ଫତଦାର ସଂଗ୍ରାମ କେଶରୀ ପଟ୍ଟନାୟକ, ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କୁନି ପିଲାମାନେ ପାଇକ ଆଖଡ଼ା ପ୍ରଦର୍ଶନ କରି ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ପ୍ରଭାତ କୁମାର ପଲେଇ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ଧାରା ବିବରଣୀ ପ୍ରଦାନ କରିଥିଲେ।

### ସ୍ୱାଧୀନତା ସଂଗ୍ରାମୀ ପତିତପାବନ ହୋତାଙ୍କ ସ୍ମୃତିଚାରଣ

**ବୋଲଗଡ଼,୨୪।୩(ଦେବବ୍ରତ ହୋତା):** ବୋଲଗଡ଼ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ପତିତପାବନ ହୋତାଙ୍କ ୪୦ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ନନ୍ଦିଘୋଷ ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ବୋଲଗଡ଼ ଖଦିକେନ୍ଦ୍ରଠାରେ ଜାତିର ପିତା ମହାତ୍ମା ଗାନ୍ଧୀ, ସ୍ୱାଧୀନତା ସଂଗ୍ରାମୀ ପତିତପାବନ ହୋତା ଏବଂ ବଳଭଦ୍ର ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ନନ୍ଦିଘୋଷ ଭବନଠାରେ ଆୟୋଜିତ ସ୍ମୃତିସଭାର ପ୍ରଥମ ଅଧିବେଶନରେ ଐତିହାସିକ ରବୀନ୍ଦ୍ର ପରିଡ଼ାଙ୍କ ପୌରୋହିତ୍ୟରେ ସ୍ୱାଧୀନତା ସଂଗ୍ରାମରେ ବୋଲଗଡ଼ର ଅବଦାନ ଶୀର୍ଷକରେ ଐତିହାସିକ ତଥ୍ୟ ସମ୍ବଳିତ ଆଲୋଚନା କରାଯାଇଥିଲା। ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଏବଂ ମୁଖ୍ୟ ବକ୍ତାଭାବେ ପ୍ରହ୍ଲାଦ ସିଂ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପତିତପାବନ ସ୍ମୃତି ସଂସଦ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ସଂଗ୍ରାମୀଙ୍କ ଦାୟାଦମାନଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ବୋଲଗଡ଼ ଗାନ୍ଧୀ ଭାବେ ପରିଚିତ ପତିତପାବନଙ୍କ ସ୍ମୃତିରେ ଏକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପତିତପାବନ ସ୍ମୃତି ସଂସଦ ସଭାପତି ହରିବନ୍ଧୁ ସାହୁ ପରିଚାଳନା କରିଥିଲେ। ଶେଷରେ ଗୁଣନିଧି ହୋତା ଧନ୍ୟବାଦ ଦେଇଥିଲେ।

### ଭଗତ ସିଂଙ୍କ ବଳିଦାନ ଦିବସ

**ଖୋର୍ଦ୍ଧା,୨୪।୩(ପ୍ରଭାତ ପାଣିଗ୍ରାହୀ):** ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେସନ (ଏଆଇଡିଏସ୍‌ଓ) ଖୋରଧା ଲୋକାଲ୍ କମିଟି ପକ୍ଷରୁ ଜେମାଦେଇସ୍ଥିତ ହାଉସିଂ ବୋର୍ଡ କାର୍ଯ୍ୟାଳୟରେ ଭଗତ ସିଂଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଭଗତ ସିଂଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଛାତ୍ରନେତା ରାକେଶ କାଣ୍ଡିଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଏଥିରେ ଲୋକାଲ କମିଟି ସମ୍ପାଦକ ଅବିନାଶ ପ୍ରଧାନ, ସଭାପତି ଶ୍ରୀକାନ୍ତ ନାୟକ, ଶିକ୍ଷା ବଞ୍ଚାଓ କମିଟିରେ ସଙ୍ଗଠକ ଜୟନ୍ତ ମହାନ୍ତି, ସାଜନ ନାଏକ, ସୂର୍ଯ୍ୟକାନ୍ତ ଜେନା ପ୍ରମୁଖ ଯୋଗଦେଇ ଭଗତ ସିଂଙ୍କ ଜୀବନ ସଂଗ୍ରାମ ଉପରେ ଆଲୋଚନା କରିଥିଲେ।

# ୩ ମାସରେ ୧୨ କୁଇଣ୍ଟାଲ ଗଞ୍ଜେଇ ଜବତ

**ଖୋର୍ଦ୍ଧା,୨୪।୩(ପ୍ରଭାତ ପାଣିଗ୍ରାହୀ)**

ବ୍ରାଉନ୍‌ସୁଗାର ପରେ ଖୋର୍ଦ୍ଧା ସମେତ ଗ୍ରାମାଞ୍ଚଳରେ ଗଞ୍ଜେଇ କାରବାର ବଢ଼ିଚାଲିଛି। ଜାତୀୟ ରାଜପଥ ୧୬ ଓ ୫୭ ନମ୍ବର ଗଳାବାଟ ସାଜିଛି। ଗଜପତି, କନ୍ଧମାଳ ପଟୁ ନିୟମିତଭାବେ ଖୋର୍ଦ୍ଧା ଦେଇ ଗଞ୍ଜେଇ ଭୁବନେଶ୍ୱର, ଭଦ୍ରକ, ବାଲେଶ୍ୱର, ଜଳେଶ୍ୱର ଏବଂ ପୁରୀ ଜିଲାକୁ ଚାଲାଣ ହେଉଛି। ନିକଟରେ ଖୋର୍ଦ୍ଧାର ବିଭିନ୍ନ ସ୍ଥାନରୁ ଧରାପଡ଼ିଥିବା ଘଟଣାରୁ ଏହା ଜଣାପଡ଼ିଛି। ଗତ ଜାନୁଆରୀରୁ ଶନିବାର ସୁଦ୍ଧା ଅବକାରୀ ଏବଂ ପୋଲିସ ବିଭାଗ ପକ୍ଷରୁ ପ୍ରାୟ ୧୨ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଥିବା ଜଣାପଡ଼ିଛି।

ସୂଚନାଥାଉ କି, ଗତ ୧୨ଜାନୁଆରୀରେ ୧୬ ନମ୍ବର ଜାତୀୟ ରାଜପଥର ବରୁଣେଇ ଓଭରବ୍ରିଜ୍ ନିକଟରେ ଏକ ଗଞ୍ଜେଇ ବୋଝେଇ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଅବକାରୀ ପୋଲିସ ଉକ୍ତ କାର୍‌ରୁ ପ୍ରାୟ ୧.୫ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିବା ବେଳେ ଚାଲାଣକାରୀ ଫେରାର ହୋଇଯାଇଥିଲେ। ସେହିପରି ଗତ ୯ତାରିଖ ୫୭ନଂ. ଜାତୀୟ ରାଜପଥର ଜାଗୁଳିପାଟଣା ଛକ ନିକଟରେ କନ୍ଧମାଳରୁ ଭଦ୍ରକ ଅଭିମୁଖେ ଯାଉଥିବା ଏକ କାର୍‌ରୁ ବିପୁଳ ପରିମାଣ ଗଞ୍ଜେଇ ଜବତ ହୋଇଥିବା ବେଳେ ୩ଜଣ ଗିରଫ ହୋଇଥିଲେ। ନିରାକାରପୁର ଥାନା ଅନ୍ତର୍ଗତ ନିରାକାରପୁର ଲେଭଲ କ୍ରସିଂ ନିକଟରୁ ଗଞ୍ଜାମ ଶେରଗଡ଼ରୁ ପୁରୀ ଜିଲା ବ୍ରହ୍ମଗିରି ଅଭିମୁଖେ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ୍‌ରୁ ୪.୫ କୁଇଣ୍ଟାଲ ଗଞ୍ଜେଇ ଜବତ ସହ ଜଣଙ୍କୁ ଗିରଫ କରାଯାଇଥିଲା। ଜାନୁଆରୀ ୨୩ରେ ଅବକାରୀ ପୋଲିସ ଟାଉନ ଥାନା ଅନ୍ତର୍ଗତ ୫୭ ନଂ. ଜାତୀୟ ରାଜପଥର ଏକ ଘରୋଇ ପେଟ୍ରୋଲ ପମ୍ପ ନିକଟରୁ ୨୩କେଜି ଏବଂ ନାଚୁଣୀ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ନାଚୁଣୀ ଓଭରବ୍ରିଜ୍ ଉପରୁ ୪୫କେଜି ମୋଟ ୬୮ କେଜି ଗଞ୍ଜେଇ ଜବତ ହୋଇଥିଲା। ଏନେଇ ୪ଜଣ ଗିରଫ ହୋଇଥିବା ବେଳେ ୨ଟି ଗାଡି ଜବତ ହୋଇଥିଲା। ମାର୍ଚ୍ଚ ୧୮ରେ ଅବକାରୀ ମୋବାଇଲ ସ୍କ୍ୱାଡ୍ ସଦର ଥାନା ଅନ୍ତର୍ଗତ ଦଲେଇପୁଟ ଗ୍ରାମରେ ଚଢ଼ାଉକରି ୧୦କେଜି ଗଞ୍ଜେଇ ଜବତ କରିଥିବା ବେଳେ ସେହି ଗ୍ରାମର ସୁନନ୍ଦ କୁମାର ମାର୍ଥାଙ୍କୁ ଗିରଫ କରିଥିଲା। ଶନିବାର ୧୬ନମ୍ବର ଜାତୀୟ ରାଜପଥ ଟାଙ୍ଗୀ ଥାନା ଅନ୍ତର୍ଗତ ଚଣ୍ଡେଶ୍ୱର ଓଭରବ୍ରିଜ୍ ଉପରେ ଏକ ପିକ୍‌ଅପ୍ ଭ୍ୟାନ୍ ଏବଂ ବାଇକ୍‌ରୁ ମୋଟ୍ ୯୨୯କେଜି ଗଞ୍ଜେଇ ଜବତ ସହ ୨ଜଣଙ୍କୁ ଗିରଫ କରାଯାଇଛି।

# ‘ଭଲ ପାଠପଢ଼ି ବିଦ୍ୟାଳୟର ଟେକ ରଖ’



ଉତ୍ସବରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

**ବେଗୁନିଆ,୨୪।୩(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ସିକୋସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୨ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ଯୋଗେଶ୍ୱର ଛୋଟରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ଅରବିନ୍ଦ ରାୟ ମୁଖ୍ୟ ଅତିଥି, ଉତ୍ତମ କୁମାର ପାଇକରାୟ ମୁଖ୍ୟବକ୍ତା ଏବଂ ସୁରେନ୍ଦ୍ର କୁମାର ଜେନା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ସହିତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରଶାନ୍ତ କୁମାର ପାଇଁଶାଣୀ ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୫୬ କର୍ମଚାରୀଙ୍କୁ ମିଳିଲା ରେଳ ସେବା ପୁରସ୍କାର



ଅତିଥିଙ୍କ ଗହଣରେ ସମ୍ମାନିତ ରେଲୱେ କର୍ମଚାରୀ ଏବଂ ଅନ୍ୟମାନେ।

**ଜଟଣୀ,୨୪।୩(ରବୀନ୍ଦ୍ରନାଥ ମହାକୁଡ଼)**

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ସୋମବାର ୬୯ତମ ରେଳ ସେବା ପୁରସ୍କାର ବିତରଣ ଉତ୍ସବ ରେଡଙ୍ଗ କଲୋନୀ ରେଲୱେ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍.ବାଜୱା ଯୋଗଦେଇ ୫୬ଜଣ ରେଳ କର୍ମଚାରୀଙ୍କୁ ସେମାନଙ୍କର ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ସମ୍ମାନିତ କରିଥିଲେ। ପୂର୍ବତଟ ରେଲୱେ ମହିଳା କଲ୍ୟାଣ ସଙ୍ଗଠନର ସଭାନେତ୍ରୀ ଗୁର୍ ସିମ୍ରନ କୌର, ଖୋର୍ଦ୍ଧାରୋଡ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଅପରେସନ) ପି.କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା) ଶୁଭ୍ରଜ୍ୟୋତି ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କର୍ମଚାରୀ ଶ୍ରୀଜନକୁଞ୍ଜ, ଉତ୍କଳ ପବ୍ଲିକ ସ୍କୁଲ ଏବଂ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରେଳମଣ୍ଡଳର ବରିଷ୍ଠ କାର୍ମିକ ଅଧିକାରୀ ଆର୍.ଏନ୍. ଏ ପରିଡ଼ା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଡିଏମ୍‌ଭି ଲୋକକଳା ଅନୁଷ୍ଠାନର ବାର୍ଷିକୋତ୍ସବ

**ଜଟଣୀ,୨୪।୩(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀର ଲୋକକଳା ଅନୁଷ୍ଠାନ ଡିଏମ୍‌ଭିର ଦ୍ୱିତୀୟ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବାଛରା ଗ୍ରାମସ୍ଥିତ ମେଳଣ ପଡ଼ିଆ ପ୍ରାଙ୍ଗଣରେ ୟୁଟ୍ୟୁବର ଦେବାଶିଷ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ନିଖିଳ ଓଡ଼ିଶା ପାଇକ ସଂଘର ସଭାପତି ଗୁରୁ କାଶୀନାଥ ନାୟକ, ଜଟଣୀ ଭସାଣି କମିଟି ଅଧ୍ୟକ୍ଷ ତଥା ପୂର୍ବତନ ପୌରାଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟ, ଅଲ୍ ଓଡ଼ିଶା କଳାକାର ସଂଘର ସଭାପତି ଦିଲୀପ କୁମାର ସାହୁ, କୁମୁଦିନୀ ଦାଶ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଉତ୍ସବରେ ୬୦୦ରୁ ଊର୍ଦ୍ଧ୍ୱ ରାମଲୀଳା କଳାକାର ଏବଂ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଜଟଣୀର ୫୦ଟି ଗଣେଶ ପୂଜା କମିଟି ଏବଂ ୬୦ଜଣ ଖବରଦାତାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ରଜ ମହାସଂଗ୍ରାମ ଲଙ୍କାପୋଡ଼ି ପ୍ରତିଯୋଗିତା, ସୀତା ଚୋରି ପ୍ରତିଯୋଗିତା ଏବଂ ରାବଣବଧ, ରାମାଭିଷେକ ପ୍ରତିଯୋଗିତାର ପୁରସ୍କାର ବଣ୍ଟନ ସହିତ ପ୍ରାୟ ୩୨ଟି ରାମଲୀଳା କମିଟିକୁ ସମ୍ମାନିତ କରାଯାଇଥିଲା। ଆଗାମୀ ଦିନରେ ଖୋର୍ଦ୍ଧା, ପୁରୀ ଏବଂ କଟକ ଜିଲାର ସମସ୍ତ ରାମଲୀଳା ଓ ଲୋକକଳା କଳାକାରମାନଙ୍କୁ ଏକାଠି ଯୋଡ଼ାଯାଇ ଏକ କଳାକାର ମହାସଂଘ ଗଠନର ଲକ୍ଷ୍ୟ ରଖାଯାଇଥିବା ଦେବାଶିଷ କହିଛନ୍ତି।

# ଅଭିଯୋଗ ଶୁଣିଲେ ଜିଲାପାଳ

**କୃଷ୍ଣପ୍ରସାଦ,୨୪।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା ପ୍ରଶାସନ ପକ୍ଷରୁ ସୋମବାର କୃଷ୍ଣପ୍ରସାଦ ବ୍ଲକ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଉପଜିଲାପାଳ ରାଜ କିଶୋର ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି, ଏସ୍‌ଡିପିଓ ରବି ନାରାୟଣ ଭଞ୍ଜ, ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ, ବିଡିଓ ଅମିୟ କୁମାର ପଣ୍ଡା, ତହସିଲଦାର ସୁନୀଲ ପ୍ରଧାନ, ଆଇଆଇସି ଭାବଗ୍ରାହୀ ରାଉତ, ସିଡିପିଓ ଶର୍ମିଷ୍ଠା ଚକ୍ରବର୍ତ୍ତୀ ପ୍ରମୁଖ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ୍ ୨୫ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିବା ବେଳେ ସେଥିରୁ ୭ଟି ଅଭିଯୋଗର ସମାଧାନ କରାଯାଇଛି। ତୀର୍ଥ ତଥାଗତ ଆଇଚ, ପୂର୍ଣ୍ଣ ଚନ୍ଦ୍ର କାଣ୍ଡି, ଜିତେନ୍ଦ୍ର ପାତ୍ର, ଜିତେନ୍ଦ୍ର ଦାସ, କମଳାକାନ୍ତ ବାସ୍କେ, ବିପିନ ବିହାରୀ ମଙ୍ଗରାଜ, ପ୍ରଭାତ ଜେନା, ସୌଭାଗ୍ୟ ବଳିୟାରସିଂହ, ଅଭିନ୍ନ ପଲାଇ, ସାଧନା ସାହୁ, ମହେନ୍ଦ୍ର ରଞ୍ଜନ ସାହୁ, କାଶୀମ ମହମ୍ମଦ, ସୌମ୍ୟ ରଞ୍ଜନ ପାତ୍ର, ବଳଭଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ୨୮ରୁ କଣ୍ଢେଇ ମେଳଣ

**ଯାଁଳା,୨୪।୩(ବୁଲା ବାରିକ)**

କଣ୍ଢେଇ ମେଳଣ ପାଇଁ ପ୍ରସ୍ତୁତି ବୈଠକ ଶନିବାର ଭଗବାନପୁରସ୍ଥିତ ମା’ଛୋଟି ଭୁଆସୁଣୀ ମେଳଣ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସଭ୍ୟ ଅପନି ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ୨୮ତାରିଖ ସକାଳ ୯ଟାରେ କଣ୍ଢେଇ ମେଳଣର ଜମାଣ କାର୍ଯ୍ୟକ୍ରମ ଗାନ୍ଧୀ ଚଉତରାଠାରୁ ଆରମ୍ଭ ହୋଇ ପାତ୍ରପଡ଼ା, ଭଗବାନପୁର ଗ୍ରାମ ପରିକ୍ରମା କରି ସାହିରେ କଣ୍ଢେଇମାନେ ଚାଟେରି ଭୋଗ ଖାଇ ମଧ୍ୟାହ୍ନ ୧୨ଟାରେ ଛୋଟି ଭୁଆସୁଣୀ କଣ୍ଢେଇ ମଣ୍ଡପରେ ଖୁଣ୍ଟି ଲାଗି ହେବ ବୋଲି ନିଷ୍ପତ୍ତି ହୋଇଛି। ଜମାଣ ବେଳେ ଆତସବାଜି କିମ୍ବା ଅତ୍ୟଧିକ ଶବ୍ଦ ପ୍ରଦୂଷଣକାରୀ ଡିଜେ ସାଉଣ୍ଡ ବ୍ୟବହାର ହେବ ନାହିଁ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ତମଣ୍ଡୋ ପୋଲିସର ସହାୟତା ନିଆଯିବ। ୨୮ତାରିଖ ସନ୍ଧ୍ୟାରେ ସଙ୍କୀର୍ତ୍ତନ ପରିବେଷଣ କରାଯିବ। ୨୯ ଓ ୩୦ ତାରିଖ ରାତି ୮ଟାରେ ଗଞ୍ଜାମ ଜିଲାର ବଡ଼କୋଦଣ୍ଡା ଗ୍ରାମର ମା’ ବ୍ୟାଘ୍ରଦେବୀ କଣ୍ଢେଇ ଅପେରା ଆନୁକୂଲ୍ୟରେ ଦୁଇ ରାତି କଣ୍ଢେଇ ନାଚ ପରିବେଷଣ ହେବ। ସେହିପରି ୩୧ ତାରିଖ ସନ୍ଧ୍ୟାରେ ଦିବ୍ୟାଙ୍ଗଙ୍କ ଦ୍ୱାରା ଭଜନ ପରିବେଷଣ ହେବ। ଏପ୍ରିଲ ୧ ସନ୍ଧ୍ୟାରେ କଣ୍ଢେଇ ଠାକୁରଙ୍କ ହରିହର ଭେଟ ହେବା ସହିତ କଣ୍ଢେଇ ମେଳଣ ଉଦ୍‌ଯାପିତ ହେବ। ବୈଠକରେ କମିଟି ସଭାପତି ରବୀନ୍ଦ୍ର ନାଥ ସାହୁ, ସମ୍ପାଦକ ଅଭିମନ୍ୟୁ ଚମ୍ପତି, ଶତ୍ରୁଘ୍ନ ଚମ୍ପତି, ଲଳିତ କୁମାର ସାହୁ, ଶରତ ଚନ୍ଦ୍ର ମହାରଣା, ହେମନ୍ତ ମହାରଣା, ପୂର୍ଣ୍ଣଚନ୍ଦ୍ର ସାହୁ, ବିଜୟ କୁମାର ମହାରଣା, ନବକିଶୋର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଆମ ସଂସ୍କୃତି ଆମ ଖେଳନା କର୍ମଶାଳା କର୍ମଶାଳା



କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକମାନେ।

**ବେଗୁନିଆ,୨୪।୩(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଗଡ଼ମାଣତୀରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲା ସମଗ୍ର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ବିଦ୍ୟାଳୟସ୍ତରୀୟ ଆମ ସଂସ୍କୃତି ଆମ ଖେଳନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅନେକ ପ୍ରକାର ଶିକ୍ଷଣୀୟ ଖେଳନା ମୁଖା ତଥା ମଡେଲମାନ ପ୍ରସ୍ତୁତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁ ଏବଂ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିବାସ ପାଇକରାୟ, ଉପସଭାପତି ଗୀତାଞ୍ଜଳି ଜୁଝାରସିଂହ, ସଭ୍ୟ ସଂଗ୍ରାମ କେଶରୀ ସାମନ୍ତସିଂହାର, ରଶ୍ମିତା ଗୁମାନସିଂହ, ପ୍ରଣତି ସୁନ୍ଦରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ। ତିନୋଟି ମଡେଲକୁ ଶ୍ରେଷ୍ଠ ମଡେଲଭାବେ ବିବେଚିତ କରାଯାଇଥିଲା।

# ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା

**ବେଗୁନିଆ,୨୪।୩(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ୍ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ଲେଖନପୁର ଓ ସାମନ୍ତରାପୁର ଗ୍ରାମରେ ଅନୁଷ୍ଠିତ ପଞ୍ଚଦୋଳ ମେଳଣ ଅବସରରେ ଗ୍ରାମବାସୀଙ୍କ ସହଯୋଗରେ ୩ଦିନ ଧରି ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୋଡ଼ା ରାଇମୂଳ କପିଳେଶ୍ୱର ନାଟ୍ୟ ସଂସଦ ପକ୍ଷରୁ ‘ହା କୃଷ୍ଣ ବୋଲି ଯାଉ ଜୀବ’, ଲେଖନପୁର ବ୍ରହ୍ମେଶ୍ୱର ନାଟ୍ୟ ସଂସଦ ପକ୍ଷରୁ ‘ଏଠି ତୋର ଦୋଷ ନା ମୋର ଦୋଷ’ ଏବଂ ତେନ୍ତୁଳିଆ ଯଶୋମନ୍ତି ନାଟ୍ୟ ସଂସଦ ପକ୍ଷରୁ ‘କେତେ ଦୁଃଖ ଦେବୁ ଦେ ଦଇବ’ ନାଟକ ପରିବେଷଣ ହୋଇଥିଲା। ବିଚାରପତି ଭାବେ ଦୀନବନ୍ଧୁ ପଣ୍ଡା ଏବଂ ରଜତ ପାଇକରାୟ ଯୋଗଦେଇ ତେନ୍ତୁଳିଆ ଯଶୋମନ୍ତି ନାଟ୍ୟ ସଂସଦ ପ୍ରଥମ ଏବଂ କପିଳେଶ୍ୱର ନାଟ୍ୟ ସଂସଦକୁ ଦ୍ୱିତୀୟ ସ୍ଥାନରେ ରଖିଥିଲେ। ପରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଅନୁଷ୍ଠାନକୁ ଯଥାକ୍ରମେ ୧୦ ହଜାର ଏବଂ ୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି।

# ଆରମ୍ଭ ହେଲା ‘ଓଡ଼ିଆ ସାହିତ୍ୟ ସମାରୋହ’

**ଭୁବନେଶ୍ୱର,୨୪।୩ (ସୌମ୍ୟରଞ୍ଜନ ରାଉତ)**

## କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କୁ ‘ଭଞ୍ଜଭାରତୀ ଜୟଦେବ ଷଡ଼ଙ୍ଗୀ ସ୍ମୃତିସମ୍ମାନ’



ଭୁବନେଶ୍ୱର ଭଞ୍ଜଭାରତୀର ରୌପ୍ୟଜୟନ୍ତୀ ଅବସରରେ ପଞ୍ଚଦିବସୀୟ ଓଡ଼ିଆ ସାହିତ୍ୟ ସମାରୋହ ସୂଚନା ଭବନରେ ଆରମ୍ଭ ହୋଇଛି। ଏହି ଅବସରରେ ‘ଭଞ୍ଜନିକୁଞ୍ଜ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଓଡିଶା ଉଚ୍ଚନ୍ୟାୟାଳୟର ବିଚାରପତି ଶଶିକାନ୍ତ ମିଶ୍ର ଯୋଗଦେଇ ଆଧୁନିକ ଓଡିଶାରେ ଭଞ୍ଜକବିଙ୍କ ରଚନାବଳୀର ଅନୁଶୀଳନ, ଚିନ୍ତନ ଓ ଚର୍ଚ୍ଚାର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିଭାବେ ଓଡିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଭଞ୍ଜୀୟ ସାହିତ୍ୟ ସୃଷ୍ଟିର କାଳଜୟୀ ପ୍ରଭାବ ଉପରେ ବକ୍ତବ୍ୟ ରଖିଥିଲେ। ରମାଦେବୀ ମହିଳା ମହାବିଦ୍ୟାଳୟ ଓଡିଆ ଭାଷାସାହିତ୍ୟ ବିଭାଗର ମୁଖ୍ୟ ଡ. ସଂଘମିତ୍ରା ଭଞ୍ଜ କବି ଉପେନ୍ଦ୍ରଙ୍କ ସାହିତ୍ୟରେ ଭକ୍ତିଚେତନାର ଅବତାରଣା କରିଥିଲେ। ସଭାର ସଭାପତି ଓ ମୁଖ୍ୟ ଆଲୋଚକ ତଥା ଭଞ୍ଜଭାରତୀର ସଭାପତି ଡା. କୃଷ୍ଣକେଶବ ଷଡଙ୍ଗୀ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟର ବୈଶିଷ୍ଟ୍ୟରେ ଓଡିଆ ଅସ୍ମିତାବୋଧର ପ୍ରତିଫଳନକୁ ବିବିଧ ଦୃଷ୍ଟାନ୍ତ ମାଧ୍ୟମରେ ଉପସ୍ଥାପିତ କରିଥିଲେ। ସେ କହିଲେ, ଏହି ପଞ୍ଚଦିବସୀୟ ସମାରୋହ ବାଣୀପୂଜା ପଞ୍ଚ ଉପଚାର ସଦୃଶ। ସ୍ମୃତି ବା ଅସ୍ମିତାର ଗନ୍ଧ, ଭକ୍ତିର ପୁଷ୍ପ, ସ୍ତୁତିର ଧୂପ, ପ୍ରୀତିର ଦୀପ ଓ ନୀତିର ନୈବେଦ୍ୟକୁ ଆଲୋଚନା କରିବାର ଭିତ୍ତିରେ ଏହି ସମାରୋହରେ ପାଞ୍ଚଜଣ ପ୍ରାଚୀନ ଓଡ଼ିଆ କବିଙ୍କ ସାହିତ୍ୟର ଅନୁଶୀଳନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ବ୍ରହ୍ମପୁରର ବର୍ଷୀୟାନ କବି ଓ ପ୍ରାବନ୍ଧିକ କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କୁ ମର୍ଯ୍ୟାଦାଜନକ ‘ଭଞ୍ଜଭାରତୀ ଜୟଦେବ ଷଡ଼ଙ୍ଗୀ ସ୍ମୃତିସମ୍ମାନ-୨୦୨୫’ ପ୍ରଦାନ କରାଯାଇଥିଲା। ପରେ ‘ନାଦବ୍ରହ୍ମ’ପକ୍ଷରୁ କଣ୍ଠଶିଳ୍ପୀ ମହାପାତ୍ର ମିନତି ଭଞ୍ଜ, ପ୍ରଫେସର ଜଗନ୍ନାଥ କୁଅଁର ଓ ସାଥୀଙ୍କ ଦ୍ୱାରା ଭଞ୍ଜସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ସମାରୋହ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଭଞ୍ଜଭାରତୀର କୋଷାଧ୍ୟକ୍ଷା ଶୈଳଜା ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା ଓ ସଦସ୍ୟ ଗିରିଜାପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

**10 ବର୍ଷର ରାଜ୍ୟ ସରକାର ପ୍ରତିଭୂତିଗୁଡ଼ିକର ନିଲାମ**

ଓଡ଼ିଶା ରାଜ୍ୟ ସରକାର ନିଲାମ ମାଧ୍ୟମରେ ପ୍ରତିଭୂତିଗୁଡ଼ିକୁ ମୋଟ **₹2,000.00 କୋଟି (ଅଙ୍କିତ ମୂଲ୍ୟ)** ରେ ବିକ୍ରୀ କରିବାର ପ୍ରସ୍ତାବ ଦେଇଛନ୍ତି ।

ଭାରତୀୟ ରିଜର୍ଭ ବ୍ୟାଙ୍କ କୋର୍ ବ୍ୟାଙ୍କିଙ୍ଗ ସମାଧାନ (ଇ-କୁବେର) ରେ ବହୁବିଧ ମୂଲ୍ୟ ଫର୍ମାଟ ଅଧୀନରେ ଲାଭ ଆଧାରିତ ନିଲାମ **25 ମାର୍ଚ୍ଚ 2025 (ମଙ୍ଗଳବାର)** ଦିନ ଅନୁଷ୍ଠିତ ହେବ । ବ୍ୟକ୍ତିଗତ ନିବେଶକମାନେ ମଧ୍ୟ **ରିଟେଲ ଡାଇରେକ୍ଟ ପୋର୍ଟାଲ (https://rbiretaildirect.org.in)** ମାଧ୍ୟମରେ ଅଣ-ପ୍ରତିଯୋଗୀତାମୂଳକ ଯୋଜନା ଅନୁସାରେ ବିଡ୍‌ସ ଦେଇପାରିବେ ।

ଅଧିକ ବିବରଣୀ ପାଇଁ ଦୟାକରି ଆରବିଆଇ ୱେବସାଇଟରେ **24 ମାର୍ଚ୍ଚ 2025 (ସୋମବାର)** ର ଆରବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ ।

ଆପଣଙ୍କୁ ଅର୍ଥ ପ୍ରାପ୍ତିର ପ୍ରଲୋଭନ ଦେଉଥିବା ଇ-ମେଲ୍ /ଏସ୍‌ଏମ୍‌ଏସ୍/ଟେଲିଫୋନ୍‌ର ଠକାମୀରେ ପଡନ୍ତୁ ନାହିଁ ।

FORM NO.-13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR-7, CDA, CUTTACK, ODISHA
O.A. No. 47 OF 2025

State Bank of India .....Applicant
Versus
Sandeep Khosla .....Defendant(s)

To,
**Sandeep Khosla,** S/o- Pradeep Chand Nisakar Khosla, At: Kosla Street, Mission Compound, P.O/P.S/District: Koraput, PIN-764020, ODISHA, MOB: 7008416007.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 47 of 2025** in the Court of the Debts Recovery Tribunal, Orissa, Cuttack for recovery of **Rs.23,22,283/-** (Rupees Twenty-three Lakhs Twenty-two Thousand Two Hundred Eighty-three only) as on dt.03.01.2025 together with current and future interest, cost and other reliefs. The above mentioned defendants are therefore directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the publication or on **dt.02.06.2025** at **10.30 a.m.** as to why reliefs prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **14th day of March, 2025.**

Sd/- (Nikhila Ranjan Pati),
REGISTRAR

**OFFICE OF THE CHIEF ENGINEER, MEGA LIFT BHUBANESWAR**
Plot No. A-8/2, Bhoinagar, Bhubaneswar, Odisha, PIN-751022
E-Mail : cemlpwr.od@gmail.com

**Government of Odisha “e” Procurement Notice**
**Bid Identification No. 15ML/2024-25**

**No.A-1228** : Online open tender is invited for EPC Contract (Turn Key Basis) for Mega Lift, Odisha

1. **Name of Work** : Execution of 04 Nos. of Lift Irrigation Schemes with intake points on Tel River ,Mahanadi (ISS Kapasira) and Tel River Confluence Point of Tel & Suktel River having Command area between 500Ha. to 2000 Ha. in **Cluster No. XXX** in the district of Sonepur including its distribution network, up to 1 Ha. Chak having total planned Culturable Command Area of 6,025Ha. on “EPC –Turn Key” basis including power system connectivity and Operation & Maintenance of complete commissioned schemes for fifteen years.
2. **Period of completion** : 36 (Thirty-six) calendar months including rainy season.
3. **Date & time of availability of bid document in the portal** : 27.03.2025, 10 A.M.
4. **Last date/Time for receipt of bids in the portal** : 16.04.2025 up to 5.00 P.M.
5. **Name & address of the officer inviting Bid** : Chief Engineer, Megalift A-8/2, Bhoi Nagar, Bhubaneswar, Pin – 751022

Further details can be seen from the e-procurement portal **“https://tendersodisha.gov.in”**

Chief Engineer, Megalift
Bhubaneswar

OIPR-32504/11/0036/2425

**TPNODL**
**TP Northern Odisha Distribution Limited**
(A Tata Power & Odisha Govt. Joint Venture)
Regd. Off : Corp Office, Januganj, Remuna Golei, Balasore, Odisha-756019
CIN No.: U40106OR2021SGC035951; Website : www.tpnodl.com

**NOTICE INVITING TENDER (NIT) March 25th, 2025**

TP Northern Odisha Distribution Limited invites tender from eligible bidders for the following :

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2024-25/2500000896 | RC for SITC of RTU & Accessories for ODSSP & 33/11KV Substation Automations System |

* MSMEs registered in the State of Odisha shall pay tender fee of Rs. 1,000/- including GST.
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit “Tender” section TPNODL website https://tpnodl.com. All tenders will be available on TPNODL website.
Future communication / corrigendum to tender documents, if any, shall be available on website.

Chief - Contracts &MM

# ମହାନଦୀରେ ବୁଡ଼ି ଯୁବତୀ ମୃତ

ଖୁଣ୍ଟୁଣୀ,୨୪।୩(ସଚ୍ଚିଦାନନ୍ଦ ପଣ୍ଡା)

ଗୁରୁଡ଼ିଝାଟିଆ ଥାନା ପାଇକେରାପୁର ଗ୍ରାମରେ ସୋମବାର ମହାନଦୀରେ ବୁଡ଼ି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୁଣ୍ଟୁଣୀ ଥାନା ବ୍ରହ୍ମପୁର ଗ୍ରାମର ନାରୋଇ ସାହୁ(୩୯)।ଏନେଇ ପୋଲିସ ୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇଛି। ପ୍ରକାଶ ଯେ, ନାରୋଇ ନିଜ ଭଉଣୀ ଘର ପାଇକେରାପୁରକୁ ଯାତ୍ରା ଦେଖିବାକୁ ଆସିଥିଲେ। ପୂର୍ବାହ୍ନରେ ସେ ଏକାକି ଗାଧୋଇବାକୁ ନିକଟସ୍ଥ ଘାଟକୁ ଯାଇଥିଲେ। କିଛି ସମୟ ଧରି ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜିବାକୁ ଘାଟକୁ ଯିବାରୁ ସେ ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲେ। ପୋଲିସ ଖବର ପାଇ ଗୁରୁଡ଼ିଝାଟିଆ ଥାନା ଅଧିକାରୀ ତପନ କୁମାର ପତି ଓ ଧବଳେଶ୍ୱର ବିଟ୍ ଅଧିକାରୀ ଗିରୀଶ ମହାନ୍ତି ପହଞ୍ଚି ମୃତଦେହକୁ ବ୍ରହ୍ମପୁର ଡାକ୍ତରଖାନାକୁ ପଠାଇଥିଲେ। ହେଲେ ଡାକ୍ତର ମୃତ ଘୋଷଣା କରିବା ପରେ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ପଠାଇଥିବା ବିଟ୍ ଅଧିକାରୀ ମହାନ୍ତି କହିଛନ୍ତି।

# ସ୍ୱପ୍ନ ପୂରଣ ପାଇଁ କଠୋର, ନିରନ୍ତର ପରିଶ୍ରମ ଆବଶ୍ୟକ

## ଆନ୍ତଃ ରାଜ୍ୟସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ତଥା ତାଲିମ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର,୨୪।୩(ସୁଚିସ୍ମିତା ସାହୁ)



ଶିବିର ଉଦ୍‌ଘାଟନ ଅବସରରେ ଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳିପ୍ରସନ୍ନ ମହାପାତ୍ରଙ୍କ ସହ ଅନ୍ୟ ଅତିଥିମାନେ।

ଭାରତୀୟ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ଆନ୍ତଃ ରାଜ୍ୟସ୍ତରୀୟ ଜୁନିୟର ରେଡ୍‌କ୍ରସ ଶିକ୍ଷା ତଥା ତାଲିମ ଶିବିର ନୀଳାଚଳ ପଲିଟେକ୍‌ନିକ୍‌ଠାରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି।ଏହି ପାଞ୍ଚଦିନିଆ ଶିବିରରେ ଓଡ଼ିଶା ସମେତ ୬ଟି ରାଜ୍ୟ ମଣିପୁର, ତାମିଲନାଡ୍ଡୁ, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ତେଲଙ୍ଗାନା ଓ ପଞ୍ଜାବରୁ ୨୫୦ଜଣ ଜୁନିୟର ଓ କାଉନ୍‌ସିଲର ଯୋଗଦେଇଛନ୍ତି। ମୁଖ୍ୟ ଅତିଥି ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ଯୋଗଦେଇ ପିଲାଙ୍କୁ ବଡ ସ୍ୱପ୍ନ ଦେଖିବା ସହିତ ସ୍ୱପ୍ନ ପୂରଣ ପାଇଁ କଠୋର ଓ ନିରନ୍ତର ପରିଶ୍ରମ କରିବା ଆବଶ୍ୟକ ବୋଲି କହିଥିଲେ। ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳିପ୍ରସନ୍ନ ମହାପାତ୍ର ଉଦ୍‌ଘାଟକ ଭାବେ ଯୋଗଦେଇ ଓଡ଼ିଶାର ଐତିହ୍ୟ, କଳା, ସଂସ୍କୃତି ଓ ପର୍ଯ୍ୟଟନ ବିଷୟ ସହ ବିଶ୍ୱର ଶାନ୍ତି ଓ ପ୍ରଗତି ପାଇଁ ଦେଶର ସମସ୍ତ ବିଦ୍ୟାର୍ଥୀ ରେଡ୍‌କ୍ରସରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ଯୁବ ରେଡ୍‌କ୍ରସ ସଂଯୋଜକ ଗୋପାଳ କୃଷ୍ଣ ମିଶ୍ର ପିଲାଙ୍କୁ ରେଡ୍‌କ୍ରସ ଓ ତା'ର ଇତିହାସ ବିଷୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ନୀଳାଚଳ ପଲିଟେକ୍‌ନିକ ଶିଖରଚଣ୍ଡୀର ଅଧ୍ୟକ୍ଷ ବିଷ୍ଣୁ ଚରଣ ପାତ୍ର, ଡ. ରମେଶ ଚନ୍ଦ୍ର ବେହେରା, ଯୁବ ରେଡ୍‌କ୍ରସ ଅଧିକାରୀ ଯୋଗଦେଇଥିଲେ। ଜୁନିଅର ରେଡ୍‌କ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଗୋପାଳ କୃଷ୍ଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ଦିବସରେ ରେଡ୍‌କ୍ରସ ଇତିହାସ, ରକ୍ତଦାନ, ଜଳବାୟୁ ପରିବର୍ତ୍ତନ, ପ୍ରାଥମିକ ସହାୟତା, ସଡ଼କ ସୁରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ଓ ପରିଚାଳନା,ଏଚ୍‌ଆଇଭି ଏଡ୍‌ସ, ସାଇବର ସିକ୍ୟୁରିଟି ଉପରେ ତାଲିମ ଦିଆଯିବା ସହ ପୁରୀ, କୋଣାର୍କ, ଚନ୍ଦ୍ରଭାଗା, ଧଉଳି ଏବଂ ନନ୍ଦନକାନନ ପରିଭ୍ରମଣ କରାଯିବାର କାର୍ଯ୍ୟକ୍ରମ ରଖାଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଶାଖାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ସାଧନା ବଳରେ ସଫଳ ହେଲେ ଏସିଡ୍ ପୀଡିତା ଅଞ୍ଜି


କଳିଙ୍ଗ ନାଟ୍ୟ ମହୋତ୍ସବର ସୋମବାର ତୃତୀୟ ଦିବସରେ ପରିବେଷିତ ନାଟକ 'ସାଧନା'ର ଏକ ଦୃଶ୍ୟ। (ଫଟୋ-ବିକାଶ ନାୟକ)

ଭୁବନେଶ୍ୱର,୨୪।୩ (ସୌମ୍ୟରଞ୍ଜନ ରାଉତ)

ହିମାଂଶୁ ବାବୁଙ୍କ ଝିଅ ଅଞ୍ଜି ସଙ୍ଗୀତ ଓ ନୃତ୍ୟକୁ ଖୁବ୍ ଭଲପାଏ। ଦିନେ କେତେଜଣ ଦୁର୍ବୃତ୍ତ ଅଞ୍ଜି ଉପରେ ଏସିଡ୍ ପକାଇ ଦିଅନ୍ତି। ଏସିଡ୍‌ର ପ୍ରଭାବରେ ଅଞ୍ଜି ମୂକ ଓ ବଧିର ହୋଇଯାଆନ୍ତି। କିନ୍ତୁ ସେ ଏ ଦୁଃଖଦ ଅବସ୍ଥାରେ ଭାଙ୍ଗି ନ ପଡ଼ି ତା'ର ନୃତ୍ୟ ଓ ସଙ୍ଗୀତ ସାଧନା ଜାରି ରଖନ୍ତି। ବାପା ହିମାଂଶୁ ବାବୁ ଏଥିରେ ପ୍ରେରଣା ସାଜି ଲଢ଼େଇ କରି ବଞ୍ଚିବା ମାର୍ଗରେ ଆଗକୁ ବଢ଼ିବାରେ ସାହାଯ୍ୟ କରନ୍ତି। ଶେଷରେ ଅଞ୍ଜି ବିଜୟର ମୁକୁଟ ପିନ୍ଧେ। ମୂକ ଓ ବଧିର ହେବା ସତ୍ତ୍ୱେ ସେ ନିଜ ସାଧନା ବଳରେ ଜଣେ ସଫଳ ନର୍ତ୍ତକୀ ହେବା ସହ ସଙ୍ଗୀତ ନିର୍ଦ୍ଦେଶକ ଭାବେ ନୂଆ ପରିଚୟ ପାଇଲେ। ଏମିତି ଏକ କାହାଣୀକୁ ନେଇ ଆଶିଷ କୁମାର ସୋରେନ୍‌ଙ୍କ ରଚିତ ଓ ସତ୍ୟରଞ୍ଜନ ବେହେରାଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ 'ସାଧନା' ଶ୍ରୀ କଲଚରାଲ୍ ଆସୋସିଏଶନ ସମ୍ବଲପୁର ପକ୍ଷରୁ ସୋମବାର ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଛି। ଅବସର ଥିଲା ଶତାବ୍ଦୀର କଳାକାର ପକ୍ଷରୁ ଚାଲିଥିବା କଳିଙ୍ଗ ନାଟ୍ୟ ମହୋତ୍ସବର ତୃତୀୟ ଦିବସ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ନାଟ୍ୟକାର ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅଭିନେତା ତଥା ନିର୍ଦ୍ଦେଶକ ଦେବଦତ୍ତ ପତି, ଅଭିନେତା ପ୍ରମୋଦ ବିଶ୍ୱାଳ ଓ ସାମ୍ବାଦିକ କ୍ଷୀରୋଦ କୁମାର ପଟ୍ଟନାୟକଙ୍କୁ 'ଶତାବ୍ଦୀର କଳାକାର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

# ଅଧୀକ୍ଷକଙ୍କୁ ଜବାବ ଦାଖଲ ନିର୍ଦ୍ଦେଶ

## ଏସ୍‌ସିବିରେ ଶିଶୁ ବଦଳ ମାମଲା

କଟକ,୨୪।୩(କାର୍ତ୍ତିକ ସାହୁ)

ଏସ୍‌ସିବି ମେଡିକାଲରେ ଶିଶୁ ବଦଳକୁ ନେଇ ରୁଜୁ ମାମଲାରେ ମେଡିକାଲ ଅଧୀକ୍ଷକଙ୍କୁ ଜବାବ ଦାଖଲ ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ ୨ ସୁଦ୍ଧା ଅଧୀକ୍ଷକ ଜବାବ ରଖିବା ପାଇଁ ସୋମବାର ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ରତନା ବେହେରାଙ୍କ ପକ୍ଷରୁ ଆଗତ ଏ ସଂକ୍ରାନ୍ତ ମାମଲାର ଶୁଣାଣି କରି ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ଏହି ଆଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨କୁ ଧାର୍ଯ୍ୟ ହୋଇଛି।

ମାମଲାର ବିବାରଣୀ ଅନୁଯାୟୀ, ଗତ ଫେବୃଆରୀ ୧୦ରେ ଆବେଦନକାରୀଙ୍କ ସହଧର୍ମିଣୀ ପ୍ରସବ ନିମନ୍ତେ ଏସ୍‌ସିବି ମେଡିକାଲ୍‌ର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଭର୍ତ୍ତି ହୋଇଥିଲେ। ୧୧ତାରିଖ ସକାଳ ୯ଟାରେ ତାଙ୍କର ଏକ ଶିଶୁ କନ୍ୟା ଜନ୍ମ ହୋଇଥିଲା। ଜନ୍ମ ସମୟରେ ଶିଶୁକନ୍ୟା ସୁସ୍ଥ ଥିଲା। ପରିବାର ଲୋକେ ତା'ର ଫଟୋ ଉଠାଇଥିଲେ। ତେବେ କିଛି ସମୟ ପରେ ଶିଶୁକନ୍ୟା ଅସୁସ୍ଥ ଥିବା ଦର୍ଶାଇ ଡାକ୍ତର ଆଇସିୟୁରେ ଭର୍ତ୍ତି କରିବା ସହ ଶିଶୁର ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା କହିଥିଲେ। ୧୨ ତାରିଖ ସକାଳେ ଶିଶୁକନ୍ୟାକୁ ତା'ର ଜେଜେମା ଦେଖିବାକୁ ଆଇସିୟୁକୁ ଯାଇଥିଲେ। ଡାକ୍ତରଖାନା କର୍ମଚାରୀ ଶିଶୁକନ୍ୟାକୁ ମୃତ ଦର୍ଶାଇବା ସହ ତତ୍କାଳ ମୃତଦେହ ହସ୍ତାନ୍ତର କରିଥିଲେ। ଏଥିସହ ମହାନଦୀ ପଠାରେ ମୃତଦେହ ସତ୍କାର ଲାଗି କୁହାଯାଇଥିଲା। ଶିଶୁକନ୍ୟାର ଶରୀର କପଡ଼ା ଢାଙ୍କିହୋଇ ରହିଥିଲା। ଶିଶୁକୁ ପୋତିବା ସମୟରେ ମୁହଁ ଦେଖିବାରୁ ଏହା ତାଙ୍କ ଶିଶୁକନ୍ୟା ନୁହେଁ ବୋଲି ସେ ଜାଣିବାକୁ ପାଇଥିଲେ। କିଛି ଘଣ୍ଟା ପରେ ସନ୍ଦେହ ଜାତ ହେବାରୁ ସେ ବାଲି ଖୋଳି ଦେଖିଥିଲେ, ହେଲେ ସେଠାରେ କେବଳ କପଡ଼ା ମିଳିଥିଲା। ଏସ୍‌ସିବିରେ ତାଙ୍କ ଶିଶୁ ବଦଳ କରାଯାଇଥିବା ନେଇ ସେ ମେଡିକାଲ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ, କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏହାପରେ ମଙ୍ଗଳାବାଗ ଥାନାଧିକାରୀ, ଡିସିପି ଏବଂ କଟକ ଜିଲାପାଳଙ୍କ ନିକଟରେ ଆବେଦନକାରୀ ଅଭିଯୋଗ ଜଣାଇଥିଲେ। ହେଲେ କୌଣସି ସୁଫଳ ମିଳି ନ ଥିଲା। ଏହା ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଦାଲତ ଉକ୍ତ ମାମଲାକୁ ବିଚାର ନିମନ୍ତେ ଗ୍ରହଣ କରି ସମସ୍ତ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି। ଏଥିସହ ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କୁ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି।

# ଆଜିଠାରୁ ଧାରଣାରେ ବସିବ ନନ୍ଦନକାନନ କର୍ମଚାରୀ ସଂଘ

ତ୍ରିଶୂଳିଆ,୨୪।୩(ତୁଷାରକାନ୍ତ ବେହେରା)

ପ୍ରାଣୀ ଉଦ୍ୟାନରେ ଆଉଟ୍‌ସୋର୍ସିଂରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ସହ ବିଭିନ୍ନ ଦାବି ନେଇ ନନ୍ଦନକାନନ କର୍ମଚାରୀ ସଂଘ ମଙ୍ଗଳବାରଠାରୁ ମୁଖ୍ୟ ପ୍ରବେଶ ଫାଟକଠାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବ। ଦାବି ସମ୍ପର୍କରେ ସଂଘ ପକ୍ଷରୁ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ସହ ବିଭାଗୀୟ ଅଧିକାରୀଙ୍କୁ ପତ୍ର ଲେଖାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ବର୍ତ୍ତମାନ ନନ୍ଦନକାନନରେ ୧୦୩ଟି ଚତୁର୍ଥ ଶ୍ରେଣୀ ପଦବୀ ଖାଲି ପଡ଼ିଛି। ଫଳରେ ଅନ୍ୟ କର୍ମଚାରୀଙ୍କ ଉପରେ କାମ ଚାପ ବଢ଼ୁଛି। ଦିନକୁ ୮ ଘଣ୍ଟା ବଦଳରେ ୧୦ ଘଣ୍ଟା କାମ କରୁଛନ୍ତି। ସେମାନଙ୍କର ମୌଳିକ ସମସ୍ୟା ସମାଧାନ ହେଉନାହିଁ। ଏହି ଅସ୍ଥାୟୀ କର୍ମଚାରୀ ନନ୍ଦନକାନନର ସମସ୍ତ କାର୍ଯ୍ୟ କରିବାକୁ ବାଧ ହେଉଛନ୍ତି। ବରିଷ୍ଠତା ଭିତରେ କର୍ମଚାରୀଙ୍କୁ ସ୍ଥାୟୀ କରିବାକୁ ସଂଘ ସଭାପତି ଜୟନ୍ତ କୁମାର ରାଉତରାୟ ଦାବି କରିଛନ୍ତି। ଏନେଇ ସଂଘ ପକ୍ଷରୁ ଜଙ୍ଗଲ ମନ୍ତ୍ରୀ, ସଚିବ, ପିସିସିଏଫ, ଜିଲାପାଳ, ନନ୍ଦନକାନନ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ଭୁବନେଶ୍ୱର ଡିସିପି ଓ ନନ୍ଦନକାନନ ଥାନାକୁ ଚିଠି ପ୍ରେରଣ କରାଯାଇଥିବା ସଂଘ କହିଛି।

# ପୁରୀ କୋର୍ଟରେ ୧୦୦ କୋଟିର ମାନହାନି ମାମଲା

ପୁରୀ,୨୪।୩(ଅଜିତ୍ କୁମାର ମହାନ୍ତି)

ମିଥ୍ୟା ବଳାତ୍କାର ମାମଲାକୁ ନେଇ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ, ତାଙ୍କ ପରିବାର ଏବଂ ସହଯୋଗୀଙ୍କ ପକ୍ଷରୁ ସୋମବାର ପୁରୀ ସିଭିଲ ଜଜ୍ ସିନିୟର ଡିଭିଜନଙ୍କ ଅଦାଲତରେ ସି.ଏସ୍ ନଂ. ୧୬୨/୨୦୨୫ରେ ୧୦୦ କୋଟି ଟଙ୍କାର ମାନହାନି ମାମଲା ଦାୟର କରାଯାଇଛି। ଏ ନେଇ ପଟ୍ଟନାୟକ କହିଛନ୍ତି, ୨୦୨୧ ଫେବୃଆରୀ ୧୭ରେ ଜଣେ ମହିଳା ପୁରୀ ଟାଉନ ଥାନାରେ ଏକ ମାମଲା (ନଂ. ୩୪/୨୧) ରୁଜୁ କରିଥିଲେ, ଯେଉଁଥିରେ ତାଙ୍କୁ ବଳାତ୍କାର କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏଥିରେ ପଟ୍ଟନାୟକଙ୍କ ସହ ତାଙ୍କ ପରିବାରବର୍ଗ ଓ କେତେଜଣ ସହଯୋଗୀଙ୍କ ନାମ ରହିଥିଲା। ପରବର୍ତ୍ତୀ ସମୟରେ ଅଭିଯୋଗକାରିଣୀ ଜଣଙ୍କ ପୋଲିସକୁ ଅବିଶ୍ୱାସ କରି ନିରପେକ୍ଷ ତଦନ୍ତ ନିମନ୍ତେ ରାଜ୍ୟ ମାନବାଧିକାର କମିଶନଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। କମିଶନଙ୍କ ନିର୍ଦ୍ଦେଶକ୍ରମେ କ୍ରାଇମବ୍ରାଞ୍ଚ ୨୬.୪.୨୧ରେ ତଦନ୍ତ ଭାର ଗ୍ରହଣ କରି କେସ୍ ନଂ-ସି.ଆଇ.ଡି ୫/୨୧ ରୁଜୁ ସହ ତଦନ୍ତ କରିଥିଲା। ତେବେ ତଦନ୍ତ ସମୟରେ ଘର ସିସିଟିଭି ଫୁଟେଜ୍‌ରୁ ପ୍ରକୃତ ସତ୍ୟ ସାମ୍ନାକୁ ଆସିବା ସହ ମିଥ୍ୟା ଅଭିଯୋଗର ପର୍ଦ୍ଦାଫାଶ୍ ହୋଇଥିଲା। ଅଭିଯୋଗକାରିଣୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି କ୍ରାଇମବ୍ରାଞ୍ଚ ପକ୍ଷରୁ ସୁପାରିସ କରାଯାଇ ଚାର୍ଜସିଟ ଦାଖଲ କରାଯାଇଥିଲା। ତେବେ ସତ୍ୟ ପ୍ରକାଶ ପାଇଯିବା ଭୟରେ ଅଭିଯୋଗକାରିଣୀ ଡାକ୍ତରୀ ମାଇନା କରିବାକୁ ମନା କରିଦେଇଥିଲେ। ମାନବାଧିକାର କମିଶନ କେସ୍ ନଂ. ୧୧୯୬/୨୧ରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଥିଲେ।

# 'ଆଦିବାସୀଙ୍କ ଜମି, ଜଙ୍ଗଲ ଅଧିକାରକୁ ଗୁରୁତ୍ୱ ଦେବାକୁ ହେବ'

## ସିଓ୍ୱାଇଏସ୍‌ଡିର ୪୩ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୨୪।୩ (ବନ୍ଦନା ସେଠୀ)



ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଅନ୍ୟ ଅତିଥିମାନେ ଦୁଇ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ରାଜ୍ୟରେ ଆଦିବାସୀଙ୍କ ଅନ୍ତର୍ଭୁକ୍ତୀକରଣ ବିକାଶ ଜରୁରୀ। ଆଦିବାସୀଙ୍କ ଶିକ୍ଷା, ଦକ୍ଷତା ବିକାଶ ଓ ଜୀବିକାର୍ଜନକୁ ଗୁରୁତ୍ୱ ଦେଇ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଭାବୀ ଯୋଜନା କରିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅନଙ୍ଗ ପଟ୍ଟନାୟକ ମତ ଦେଇଛନ୍ତି। ସୋମବାର ସିଓ୍ୱାଇଏସ୍‌ଡିର ୪୩ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ 'ଦେଶରେ ଆଦିବାସୀଙ୍କ ବିକାଶ ଓ ଓଡ଼ିଶାକୁ ଫୋକସ' ପ୍ରସଙ୍ଗରେ ଜଷ୍ଟିସ ପଟ୍ଟନାୟକ କହିଲେ, ଉନ୍ନୟନ ପାଇଁ ସମ୍ବଳ ଯୋଗାଡ ନାଁରେ ପ୍ରସ୍ତୁତ ନୀତି କାରଣରୁ ଆଦିବାସୀ ଗୋଷ୍ଠୀ ଅନେକ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଦେଶର ଆର୍ଥିକ ଲାଭ ଦୃଷ୍ଟିରୁ ଖଣି ଓ ଶିଳ୍ପ ପ୍ରକଳ୍ପ ତ୍ୱରାନ୍ୱିତ ହେଉଥିଲେ ହେଁ ଏଥିରୁ ଆଦିବାସୀ ସମ୍ପ୍ରଦାୟ ଦୀର୍ଘକାଳୀନ ଲାଭ ପାଉନାହାନ୍ତି। ଅନେକ ଅଞ୍ଚଳରେ ଆଦିବାସୀ ଓ ଅଣ ଆଦିବାସୀଙ୍କ ମଧ୍ୟରେ ବଡ ବ୍ୟବଧାନ ଅପରିବର୍ତ୍ତିତ ରହିଛି। ଆଦିବାସୀଙ୍କ ଜମି ଅଧିକାରକୁ ସୁରକ୍ଷା ଦିଆଯିବା ସହିତ ଜଙ୍ଗଲ ଅଧିକାର ଆଇନର ପ୍ରଭାବୀ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେବାକୁ ହେବ। ସେହିପରି ରାଜ୍ୟରେ ବାସ କରୁଥିବା ୬୨ ପ୍ରକାରର ଜନଜାତିଙ୍କ ମଧ୍ୟରୁ ସିଓ୍ୱାଇଏସ୍‌ଡି ୨୩ ପ୍ରକାର ଜନଜାତିଙ୍କ କଲ୍ୟାଣ ଦିଗରେ ୪୦ବର୍ଷରୁ ଅଧିକ ସମୟ ଧରି କାମ କରୁଛି। ଏଥିସହ ଆଦିବାସୀଙ୍କ ଶିକ୍ଷା, ଦକ୍ଷତା ବିକାଶ, ଜୀବିକା ଦିଗରେ ସଂଗଠନ ସଙ୍କଳ୍ପିତ ପ୍ରୟାସ ଜାରି ରଖିଥିବାରୁ ସେ ପ୍ରଶଂସା କରିଥିଲେ। ସିଓ୍ୱାଇଏସ୍‌ଡି ପ୍ରତିଷ୍ଠାତା ଜଗଦାନନ୍ଦ ଅନୁଷ୍ଠାନର ୪୩ବର୍ଷର ଏହି ଯାତ୍ରାରେ ବହୁ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ହୋଇଥିବା ସୂଚାଇଥିଲେ। ବିପର୍ଯ୍ୟୟ ପରିଚାଳନା, ସୂଚନା ଅଧିକାର ଆଇନ, ସୋସିଆଲ ଅଡିଟ୍ ତଥା ବଜେଟ ପ୍ରସ୍ତୁତି ଓ ପ୍ରାକ୍ ବଜେଟ ଆକଳନ ପାଇଁ ସିଓ୍ୱାଇଏସ୍‌ଡି ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛି ବୋଲି ସେ ମତ ରଖିଥିଲେ। ଏହି ଅବସରରେ କୋରାପୁଟ, ମାଲକାନଗିରି, କେନ୍ଦୁଝର ଜିଲାର ପ୍ରଭାବୀ ଲୋକ ସଂଗଠନ ଓ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ଅଧିବେଶନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗଦେଇ, ସରକାରୀ ସେବା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଡିଜିଟାଲ ପ୍ରଯୁକ୍ତିର ବ୍ୟାପକ ବ୍ୟବହାର ହେବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ସରକାରୀ କାର୍ଯ୍ୟାଳୟଗୁଡ଼ିକ ଲୋକଙ୍କ ପାଇଁ ଭୟମୁକ୍ତ ରହିବା ଦରକାର। ସେହିପରି ଲୋକେ ବିନା ଆଶଙ୍କାରେ କାର୍ଯ୍ୟାଳୟଗୁଡ଼ିକୁ ପରିଦର୍ଶନ କରି ଯୋଜନା ବାବଦରେ ଜାଣିବା ଦରକାର ବୋଲି ସେ କହିଥିଲେ। ଏହି ଅବସରରେ ସେ ସିଓ୍ୱାଇଏସ୍‌ଡିର ଦୁଇ ପୁସ୍ତିକା 'ଟ୍ରାନ୍ସଫର୍ମେଟିଭ୍ ଓଡ଼ିଶା@୨୦୩୬' ଓ 'ଏମର୍ଜେଣ୍ଟ ଓଡ଼ିଶା: ଡେମୋଗ୍ରାଫି ଆଣ୍ଡ୍ ଡେଭଲପ୍‌ମେଣ୍ଟ' କୁ ଉନ୍ମୋଚନ କରିଥିଲେ। ୪ଦିନ ବ୍ୟାପୀ ଆୟୋଜିତ ପ୍ରତିଷ୍ଠା ଦିବସର ବିଭିନ୍ନ ଅଧିବେଶନରେ ରାଜ୍ୟର ବିଭିନ୍ନ ଜିଲାରୁ ୧ହଜାରରୁ ଅଧିକ ଯୁବ ଆଦିବାସୀ ମୁରବୀ, ଲୋକ ସଂଗଠନ ପ୍ରତିନିଧି, ନୀତି ନିର୍ଦ୍ଧାରକ, ଶିକ୍ଷାବିତ୍, ନାଗରିକ ସମାଜ ପ୍ରତିନିଧି, ସମାଜ ବିଜ୍ଞାନୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଶିବପ୍ରସାଦ


@ ସନ୍ତୋଷ


@ ଅଞ୍ଜୁ


@ ସ୍ମୃତିରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମାରଓ୍ୱାଡି ଯୁବ ମଞ୍ଚର ରାଜ୍ୟ ସମ୍ମିଳନୀ

## ଅଜୟ ଶର୍ମା ସଭାପତି, ଅରୁଣ ଅଗ୍ରଓ୍ୱାଲ ଉପସଭାପତି

ଭୁବନେଶ୍ୱର, ୨୪।୩ (ଅନୁରାଧା ମହାରଣା)

ଓଡ଼ିଶା ପ୍ରାନ୍ତୀୟ ମାରୱାଡି ଯୁବମଞ୍ଚର ୧୩ତମ ରାଜ୍ୟ ସମ୍ମିଳନୀ ତେରାପନ୍ଥ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ଶହେରୁ ଊର୍ଦ୍ଧ୍ୱ ମାରୱାଡି ଯୁବମୋର୍ଚ୍ଚା ଶାଖାର ୬ଶହରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିଲେ। ଏହି ଅବସରରେ ୨୦୧୫-୨୭ ପାଇଁ ଓଡ଼ିଶା ମାରୱାଡି ଯୁବମଞ୍ଚର ସାଙ୍ଗଠନିକ ନିର୍ବାଚନ କରାଯାଇଥିଲା। ରାଉରକେଲାର ଅଜୟ ଶର୍ମା ଆସନ୍ତା ୨ବର୍ଷ ଲାଗି ମାରୱାଡି ଯୁବମଞ୍ଚ ଓଡ଼ିଶା ପ୍ରାନ୍ତ ସଭାପତି ଓ ଭୁବନେଶ୍ୱର ମଣ୍ଡଳର ଅରୁଣ ଅଗ୍ରୱାଲ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏହାବ୍ୟତୀତ ପୁରସ୍କାର ବିତରଣୀ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅଲ୍ ଇଣ୍ଡିଆ ମାରଓ୍ୱାଡ଼ି ଯୁମମଞ୍ଚର ସଭାପତି ସୁରେଶ ଜୈନ୍ ଓ ସମ୍ମାନିତ ଅତିଥି ଭାବେ ଉପସଭାପତି ଅମର ସୁଲତାନିଆ ଯୋଗଦେଇଥିଲେ। ଅତିଥିମାନେ ସାଂସ୍କୃତିକ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ରାଜ୍ୟ ସଭାପତି ପରାଗ ଅଗ୍ରୱାଲ, ସମ୍ପାଦକ ପ୍ରତୀକ ଅଗ୍ରୱାଲ, ରାକେଶ କେଜରିଓ୍ୱାଲ, ହରିଶ ଅଗ୍ରୱାଲ, କମଳ ଗୁପ୍ତା ଓ ବିକାଶ ବଥୱାଲ ପରିଚାଳନା କରିଥିଲେ।



ମାରଓ୍ୱାଡି ଯୁବ ମଞ୍ଚର ରାଜ୍ୟ ସମ୍ମିଳନୀରେ ଅତିଥିଙ୍କ ସହ ଅନ୍ୟମାନେ।

## ସଂକ୍ଷେପରେ

### ହିମାଚଳ ପ୍ରଦେଶ ଉପମୁଖ୍ୟମନ୍ତ୍ରୀ ଯାଉଥିବା ବିମାନର ଏମର୍ଜେନ୍ସି ଲାଣ୍ଡିଂ

ଶିମ୍ଲା, ୨୪।୩

୪୪ ଜଣ ଯାତ୍ରୀଙ୍କୁ ନେଇ ଦିଲ୍ଲୀରୁ ଧର୍ମଶାଳା ଯାଉଥିବା ଏୟାରଲାଇନ୍ସ ଏୟାରର ୯୧୮୨୧ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଯିବାରୁ ଏହାକୁ ଶିମ୍ଲାର ଜୁବରହଟ୍ଟି ଏୟାରପୋର୍ଟରେ ଏମର୍ଜେନ୍ସି ଲାଣ୍ଡିଂ କରାଯାଇଛି। ଉକ୍ତ ବିମାନରେ ହିମାଚଳ ପ୍ରଦେଶର ଉପମୁଖ୍ୟମନ୍ତ୍ରୀ ମୁକେଶ ଅଗ୍ନିହୋତ୍ରୀ ଏବଂ ଡିଜିପି ଅତୁଲ ବର୍ମା ମଧ୍ୟ ଯାତ୍ରା କରୁଥିଲେ। ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ନେଇ ଶିମ୍ଲା ଏୟାରପୋର୍ଟର ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି।

### ଶିକ୍ଷାକୁ ଆର୍‌ଏସ୍‌ଏସ୍ ନିୟନ୍ତ୍ରଣ କଲେ ଦେଶ ଧ୍ୱଂସ ହୋଇଯିବ: ରାହୁଲ

ନୂଆଦିଲ୍ଲୀ, ୨୪।୩

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଯଦି ଶିକ୍ଷା ବ୍ୟବସ୍ଥାକୁ ପୂର୍ଣ୍ଣ ନିୟନ୍ତ୍ରଣକୁ ନିଏ ତେବେ ଦେଶ ଧ୍ୱଂସ ହୋଇଯିବ ବୋଲି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର କହିଛନ୍ତି। ଇଣ୍ଡିଆ ବ୍ଲକ୍‌ର ଦଳଗୁଡ଼ିକ ମଧ୍ୟରେ ନିଜସ୍ୱ ବିଚାରଧାରା ଏବଂ ନୀତିକୁ ନେଇ ସାମାନ୍ୟ ମତଭେଦ ଥାଇପାରେ। ତେବେ ଦେଶର ଶିକ୍ଷା ବ୍ୟବସ୍ଥା ସହ ସେମାନେ କଦାପି ସାଲିସ୍ କରିପାରିବେ ନାହିଁ ବୋଲି କଂଗ୍ରେସ ନେତା କହିଛନ୍ତି। ଗୋଟିଏ ସଂଗଠନ ଦେଶର ଶିକ୍ଷା ବ୍ୟବସ୍ଥା ଓ ଭବିଷ୍ୟତକୁ ଧ୍ୱଂସ କରିଦେବାକୁ ଚାହୁଁଛି। ଏହା ଯଦି ଆର୍‌ଏସ୍‌ଏସ୍ ହାତକୁ ଯାଏ, ତେବେ ଧୀରେ ଧୀରେ ତାହା ହିଁ ଘଟିବ ଏବଂ ଦେଶ ଧ୍ୱଂସ ହୋଇଯିବ। କେହି ନିଯୁକ୍ତି ପାଇବେ ନାହିଁ। ଜାତୀୟ ଶିକ୍ଷାନୀତି ବିରୋଧରେ ଇଣ୍ଡିଆ ବ୍ଲକ୍‌ର ଛାତ୍ର ସଂଗଠନଗୁଡ଼ିକ ଦ୍ୱାରା ଆୟୋଜିତ ବିକ୍ଷୋଭରେ ସାମିଲ ହୋଇ ରାହୁଲ ଏହା କହିଛନ୍ତି। ଆଗକୁ ଆର୍‌ଏସ୍‌ଏସ୍ ସୁପାରିସରେ ଭିସି ନିଯୁକ୍ତ କରାଯିବ। ଏହାକୁ ବନ୍ଦ କରିବାକୁ ହେବ ବୋଲି ବିରୋଧୀ ଦଳ ନେତା ଯନ୍ତରମନ୍ତରଠାରେ ଅନୁଷ୍ଠିତ ବିକ୍ଷୋଭରେ କହିଛନ୍ତି।

# ଛାତ୍ର ଆତ୍ମହତ୍ୟା ରୋକିବାକୁ ଟାସ୍କଫୋର୍ସ

### ପିଲାଙ୍କ ମାନସିକ ସ୍ୱାସ୍ଥ୍ୟ ଅଧ୍ୟୟନ କରାଯିବ

ନୂଆଦିଲ୍ଲୀ, ୨୪।୩



ଲଗାତର ଭାବେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ମାମଲା ବଢ଼ିବାରେ ଲାଗିଛି। ଗତବର୍ଷ ଆଇଆଇଟି ଦିଲ୍ଲୀରେ ୨ ଛାତ୍ରଙ୍କ ଆତ୍ମହତ୍ୟା ମାମଲାର ଶୁଣାଣି କରିବା ସମୟରେ ସର୍ବୋଚ୍ଚ ଅଦାଲତ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ବଢ଼ୁଥିବା ଆତ୍ମହତ୍ୟା ମାମଲାଗୁଡ଼ିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ମାମଲା କମାଇବା ପାଇଁ ଏବଂ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂର କରିବା ନିମନ୍ତେ ସୋମବାର ସୁପ୍ରିମକୋର୍ଟ ଏକ ଜାତୀୟ ଟାସ୍କଫୋର୍ସ ଗଠନ କରିଛନ୍ତି।

ଶୁଣାଣି ସମୟରେ ସର୍ବୋଚ୍ଚ ଅଦାଲତ କହିଛନ୍ତି, ଗତ କିଛିଦିନ ଧରି ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ର ଆତ୍ମହତ୍ୟା କରୁଥିବାର ଚିନ୍ତାଜନକ ମାମଲା ସାମ୍ନାକୁ ଆସୁଛି, ଯାହା ବିଚଳିତ କରୁଛି। ପ୍ରତିବର୍ଷ ଋଣବୋଝ ଏବଂ ଫସଲ ନଷ୍ଟ କାରଣରୁ ଅନେକ ଚାଷୀ ଆତ୍ମହତ୍ୟା କରିଥାନ୍ତି। ଛାତ୍ରୀଛାତ୍ର ଆତ୍ମହତ୍ୟା ତାକୁ ଟପିଗଲାଣି। ଯେଉଁ ଯେଉଁ କାରଣ ଛାତ୍ରୀଛାତ୍ରଙ୍କୁ ଆତ୍ମହତ୍ୟା କରିବାକୁ ବାଧ୍ୟ କରୁଛି ସେଗୁଡ଼ିକୁ ଚିହ୍ନଟ କରିବାର ଆବଶ୍ୟକତା ରହିଛି। ଏହି ସମସ୍ୟାର ସମାଧାନ ପାଇଁ ଏକ ଦୃଢ଼, ବ୍ୟାପକ ବ୍ୟବସ୍ଥା ଜରୁରୀ ବୋଲି ସର୍ବୋଚ୍ଚ ଅଦାଲତ ଗୁରୁତ୍ୱାରୋପ କରିଛନ୍ତି। ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରଙ୍କର ମାନସିକ ସ୍ୱାସ୍ଥ୍ୟଜନିତ ସମସ୍ୟାକୁ ସମାଧାନ କରାଯିବାର ଆବଶ୍ୟକତା ରହିଛି। ସମ୍ପ୍ରତି ରହିଥିବା ଆଇନଗତ ଏବଂ ସଂସ୍ଥାଗତ ଢାଞ୍ଚାର ଅପରିପକ୍ୱତା ଏବଂ ପ୍ରଭାବହୀନତା ଯୋଗୁ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ମାମଲା ବଢ଼ିଚାଲିଥିବା ନେଇ ସର୍ବୋଚ୍ଚ ଅଦାଲତ କହିଛନ୍ତି। ତେଣୁ ସର୍ବୋଚ୍ଚ ଅଦାଲତ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ରୋକିବା ଦିଗରେ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଏସ୍ ରବୀନ୍ଦ୍ର ଭାଟ୍‌ଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କ ଫୋର୍ସ ଗଠନ କରିଛନ୍ତି। ରାଜ୍ୟଗୁଡ଼ିକର ଉଚ୍ଚ ଶିକ୍ଷା ବିଭାଗ, ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗର ସଚିବମାନେ ଏହି ଟାସ୍କଫୋର୍ସରେ ଏକ୍ସ-ଅଫିସିଓ ସଦସ୍ୟ ଭାବେ ରହିବେ।

ଏହି ଟାସ୍କ ଫୋର୍ସ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟାର ମୁଖ୍ୟ କାରଣ, ବିଭିନ୍ନ ସାମ୍ପ୍ରତିକ ନିୟମାବଳୀର ବିଶ୍ଳେଷଣ କରିବା ସହ ଏସମ୍ପର୍କିତ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସେହିପରି ଏହି ଟାସ୍କ ଫୋର୍ସ ଛାତ୍ରୀଛାତ୍ରଙ୍କ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାକୁ ନେଇ ଅନୁଧ୍ୟାନ କରିବା ସହ ସେମାନଙ୍କ ଆତ୍ମହତ୍ୟା ପ୍ରବୃତ୍ତିକୁ କମାଇବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେବ।

ଶୁଣାଣି ସମୟରେ ସର୍ବୋଚ୍ଚ ଅଦାଲତ ଆଇଆଇଟି ଦିଲ୍ଲୀର ୨ ଛାତ୍ରଙ୍କ ଆତ୍ମହତ୍ୟାକୁ ନେଇ ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଜେ.ବି. ପାର୍ଡିୱାଲା ଏବଂ ଜଷ୍ଟିସ୍ ଆର୍ ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାରେ ଅଭିଭାବକଙ୍କ ଅଭିଯୋଗ ଆଧାରରେ ଏଫ୍‌ଆଇଆର୍ ରୁଜୁ କରିବାକୁ ଦିଲ୍ଲୀ (ଦକ୍ଷିଣ-ପଶ୍ଚିମ) ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଗୃହ ଉଚ୍ଛେଦକୁ ନେଇ ୟୁପି ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୨୪।୩(ପି.ଟି.)

ପ୍ରୟାଗରାଜରେ ଗୃହ ଉଚ୍ଛେଦକୁ ନେଇ ସୁପ୍ରିମକୋର୍ଟ ସୋମବାର ଉତ୍ତରପ୍ରଦେଶ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଏହି ଘଟଣା ଆମ ଅନ୍ତରାତ୍ମାକୁ ଦୋହଲାଇ ଦେଇଥିବା ଜଷ୍ଟିସ୍ ଅଭୟ ଏସ୍ ଓକା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି। ଲୋକମାନଙ୍କୁ ଅପିଲ୍ ପାଇଁ ସୁଯୋଗ ଦିଆ ନ ଯାଇ ନୋଟିସ୍ ଜାରିର ୨୪ ଘଣ୍ଟା ମଧ୍ୟରେ ଘର ଭଙ୍ଗାଯାଇଥିବାରୁ ସରକାରଙ୍କ ଏଭଳି ଆଚରଣରେ ଖଣ୍ଡପୀଠ ଅସହମତି ପ୍ରକାଶ କରିଛନ୍ତି। ଆବାସିକ ଅଞ୍ଚଳକୁ ଯେପରି ଜବରଦସ୍ତ ଭଙ୍ଗାଗଲା, ଉକ୍ତ ପ୍ରକ୍ରିୟା ଦୁଃଖଦାୟକ। ଏହାକୁ ଅଦାଲତ ବରଦାସ୍ତ କରିପାରିବେ ନାହିଁ। ଗୋଟିଏ ମାମଲାରେ ବରଦାସ୍ତ କରାଗଲେ, ଏହା ଜାରି ରହିବ ବୋଲି ଖଣ୍ଡପୀଠ କହିଛନ୍ତି। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଆପିଲେଟ୍ କର୍ତ୍ତୃପକ୍ଷଙ୍କ ନିକଟରେ ଅପିଲ୍ କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଲେ ଆବେଦନକାରୀଙ୍କୁ ସେମାନଙ୍କ ଖର୍ଚ୍ଚରେ ଉଚ୍ଛେଦ ଘର ପୁନଃ ନିର୍ମାଣ କରିବାକୁ ଅଦାଲତ ଅନୁମତି ଦେବେ।



ଜାତୀୟ ଶିକ୍ଷାନୀତିକୁ ବିରୋଧ କରି ସୋମବାର ଇଣ୍ଡିଆ ବ୍ଲକ୍‌ର ଛାତ୍ର ସଂଗଠନଗୁଡ଼ିକ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଚଳାଇଥିବା ବିକ୍ଷୋଭରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଉଦ୍‌ବୋଧନ ଦେଉଛନ୍ତି।

# ନଡ୍ଡା, ରିଜିଜୁଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ୍

### ଡି.କେ. ଶିବକୁମାରଙ୍କ ବିବାଦୀୟ ମନ୍ତବ୍ୟ ପ୍ରସଙ୍ଗ

ନୂଆଦିଲ୍ଲୀ, ୨୪।୩ (ପି.ଟି.)



ଜେ.ପି. ନଡ୍ଡା



କିରେନ୍ ରିଜିଜୁ

କର୍ନାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ ଏକ ମନ୍ତବ୍ୟକୁ ନେଇ ବିବାଦ ଦେଖା ଦେଇଛି। ଶିବକୁମାର ରବିବାର ଏକ ଗଣମାଧ୍ୟମକୁ ସାକ୍ଷାତକାର ଦେଇଥିଲେ। ଏହି ସାକ୍ଷାତ୍‌କାରରେ ଚୁକ୍ତି ଭିତ୍ତିରେ କର୍ନାଟକ ସରକାରଙ୍କ ପକ୍ଷରୁ ମୁସଲମାନଙ୍କୁ ୪% ସରକ୍ଷଣକୁ ନେଇ ଭାଜପା ଅଦାଲତ ଯାଇଥିବା ନେଇ ପଚରାଯାଇଥିଲା। ଏହାର ଉତ୍ତରରେ ଶିବକୁମାର କହିଥିଲେ, ଅଦାଲତଙ୍କ ରାୟକୁ ସମସ୍ତେ ଅପେକ୍ଷା କରିଛନ୍ତି। ଭଲ ଦିନକୁ ଅପେକ୍ଷା କରିବାକୁ ପଡ଼ିବ। ସମୟ ଆସିଲେ ସମ୍ବିଧାନକୁ ମଧ୍ୟ ପରିବର୍ତ୍ତନ କରାଯାଇପାରିବ। ଶିବକୁମାରଙ୍କ ଏହି ମନ୍ତବ୍ୟକୁ ନେଇ ଭାଜପା ପକ୍ଷରୁ ସୋମବାର ରାଜ୍ୟ ସଭାରେ ଜୋରଦାର ବିରୋଧ କରାଯାଇଥିଲା। ଶିବକୁମାର ତୁଷ୍ଟୀକରଣ ରାଜନୀତି କରୁଛନ୍ତି ବୋଲି ଭାଜପା ସଂସଦୀୟ ଦଳ ନେତା ଜେ.ପି. ନଡ୍ଡା ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଗୃହରେ କହିଥିଲେ। ତେବେ ଗୃହକୁ ଭ୍ରମିତ କରାଇଥିବାର ଅଭିଯୋଗ ଆଣି କଂଗ୍ରେସ ରାଜ୍ୟ ସଭା ମୁଖ୍ୟ ସଚେତକ ଜୟରାମ ରମେଶ ନଡ୍ଡା ଓ ରିଜିଜୁଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଛନ୍ତି। ରାଜ୍ୟ ସଭାର ପ୍ରକ୍ରିୟା ଏବଂ କାର୍ଯ୍ୟ ସଞ୍ଚାଳନ ନିୟମ, ୧୮୮ ଅନୁଯାୟୀ ରମେଶ ଏହି ନୋଟିସ ଆଣିଛନ୍ତି। ରାଜ୍ୟ ସଭା ଚେୟାରମ୍ୟାନ୍ ଜଗଦୀପ ଧନକରଙ୍କୁ ସେ ଉକ୍ତ ନୋଟିସ୍ ପ୍ରଦାନ କରିଛନ୍ତି।

# ଶୁଣାଣି ପାଇଁ ମନାକଲେ ସୁପ୍ରିମକୋର୍ଟ

### ବଳାତ୍କାର ଉପରେ ଆହ୍ଲାହାବାଦ ହାଇକୋର୍ଟଙ୍କ ବିବାଦୀୟ ରାୟକୁ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ, ୨୪।୩

ଆହ୍ଲାହାବାଦ ହାଇକୋର୍ଟ ନିକଟରେ ବଳାତ୍କାର ଉପରେ ଦେଇଥିବା ବିବାଦୀୟ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ତେବେ ସର୍ବୋଚ୍ଚ ଅଦାଲତ ଏହା ଉପରେ ଶୁଣାଣି କରିବାକୁ ମନା କରିଦେଇଛନ୍ତି। ଜଷ୍ଟିସ୍ ବେଲା ତ୍ରିବେଦୀ ଏବଂ ପ୍ରସନ୍ନ ବି ଭରାଲେଙ୍କ ଖଣ୍ଡପୀଠ ପିଟିଶନକୁ ଖାରଜ କରିଦେଇଛନ୍ତି।

ସୂଚନାଯୋଗ୍ୟ, ନାବାଳିକାଙ୍କ ଛାତିକୁ ଧରିବା ଏବଂ ପାଇଜାମା ଡୋରି ଖୋଲିବା ବଳାତ୍କାର କିମ୍ବା ବଳାତ୍କାର ଉଦ୍ୟମ ନୁହେଁ ବୋଲି ଆହ୍ଲାହାବାଦ ହାଇକୋର୍ଟ କହିଥିଲେ। ଏହାକୁ ଚ୍ୟାଲେଞ୍ଜ କରିଥିବା ଆବେଦନକାରୀଙ୍କ ଓକିଲ 'ବେଟି ବଚାଓ, ବେଟି ପଢ଼ାଓ' ଯୋଜନାର ଉଦାହରଣ ଦେଇ ଯୁକ୍ତି ଉପସ୍ଥାପନ କରିଥିଲେ। ତେବେ ମାମଲା ଉପସ୍ଥାପନ ବେଳେ ଆଇନଜୀବୀଙ୍କ ଭାଷଣବାଜି ଚଳିବ ନାହିଁ ବୋଲି ଜଷ୍ଟିସ୍ ତ୍ରିବେଦୀ କହିବା ପରେ ପିଟିଶନ୍‌କୁ ଖାରଜ କରାଯାଇଥିଲା।

ମାଆ ସହ ଯାଉଥିବା ଜଣେ ନାବାଳିକାଙ୍କୁ ୨ ଅଭିଯୁକ୍ତ ପଓ୍ୱନ ଓ ଆକାଶ କଲ୍‌ଭର୍ଟ ତଳକୁ ଟାଣିନେବା ସହ ତାଙ୍କ ସ୍ତନ ଧରିଥିଲେ ଓ ପାଇଜାମା ଡୋରି ଖୋଲିଥିଲେ। ସେମାନଙ୍କ ବିରୋଧରେ ଆଇପିସିର ଧାରା ୩୭୬(ବଳାତ୍କାର) ଏବଂ ପୋକ୍ସୋ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ତେବେ ସେମାନଙ୍କ କାର୍ଯ୍ୟ ବଳାତ୍କାର କିମ୍ବା ବଳାତ୍କାର ଉଦ୍ୟମକୁ ପୁଷ୍ଟ କରୁନାହିଁ ବୋଲି ଆହ୍ଲାହାବାଦ ହାଇକୋର୍ଟ କହିଥିଲେ। ସେମାନେ ଯୌନ ନିର୍ଯାତନା ଦେଇଥିବାରୁ ଆଇପିସିର ଧାରା ୩୫୪(ବି) ଏବଂ ପୋକ୍ସୋ ଆଇନର ଧାରା ୯(ଏମ୍) ଅନୁଯାୟୀ ଦଣ୍ଡ ପାଇବାକୁ ଯୋଗ୍ୟ ବୋଲି ହାଇକୋର୍ଟ ରାୟ ଦେଇଥିଲେ।

# ଇସ୍ରାଏଲ୍ ଆକ୍ରମଣରେ ୬୧ ମୃତ

- ଦକ୍ଷିଣ ଗାଜାର ସର୍ବବୃହତ୍ ହସ୍ପିଟାଲ ଉପରେ ବୋମାମାଡ଼
- ସାନି ଅସ୍ତ୍ରବିରତି ପ୍ରସ୍ତାବ ଦେଲା ଇଜିପ୍ଟ

ଜେରୁଜେଲମ୍, ୨୪।୩

ଇସ୍ରାଏଲ୍ ସେନା ସୋମବାର ଗାଜାରେ ବୋମାମାଡ଼ କରିବାରୁ ୬୧ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ଏୟାରଷ୍ଟ୍ରାଇକ୍‌ରେ ଦକ୍ଷିଣ ଗାଜାର ଖାନ୍ ୟୁନିସ୍‌ସ୍ଥିତ ସର୍ବବୃହତ୍ ହସ୍ପିଟାଲ କ୍ଷତିଗ୍ରସ୍ତ ହୋଇଥିବା ଏହାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ଏଥିରେ ଜଣେ ପ୍ରାଣ ହରାଇବା ସହ ଅନେକ ଆହତ ହୋଇଛନ୍ତି। ଆକ୍ରମଣରେ ଆହତ ଲୋକମାନଙ୍କୁ ଉକ୍ତ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା। ଅନ୍ୟପକ୍ଷରେ ହମାସ୍ ସହ ସାନି ଅସ୍ତ୍ରବିରତି ପାଇଁ ଇଜିପ୍ଟ ଇସ୍ରାଏଲ୍‌କୁ ପ୍ରସ୍ତାବ ଦେଇଛି। ଉକ୍ତ ପ୍ରସ୍ତାବ ଅନୁଯାୟୀ ହମାସ୍ ଆମେରିକୀୟ-ଇସ୍ରାଏଲୀ ସମେତ ୫ ଜଣ ପଣବନ୍ଦୀଙ୍କୁ ମୁକ୍ତ କରିବ। ଏହା ବଦଳରେ ଇସ୍ରାଏଲ୍ ଗାଜାଷ୍ଟ୍ରିପ୍‌କୁ ମାନବୀୟ ସହାୟତା ପ୍ରେରଣ ଲାଗି ଅନୁମତି ଦେବା ସହ ସପ୍ତାହେ ହେଲା ଚଳାଇଥିବା ଆକ୍ରମଣ ବନ୍ଦ କରିବ ବୋଲି ଇଜିପ୍ଟର ଜଣେ ଅଧିକାରୀ କହିଛନ୍ତି। ଏଥିସହିତ ଶତାଧିକ ପାଲେଷ୍ଟିନୀୟ ବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ଇସ୍ରାଏଲ୍‌କୁ କୁହାଯାଇଛି। ହମାସ୍ ଉକ୍ତ ପ୍ରସ୍ତାବରେ ରାଜି ହୋଇଛି। ତେବେ ଇସ୍ରାଏଲ୍‌ର ପ୍ରତିକ୍ରିୟା ମିଳିପାରି ନ ଥିବା ଇଜିପ୍ଟ ଅଧିକାରୀ ସୂଚନା ଦେଇଛନ୍ତି।



ଇସ୍ରାଏଲ ସେନା ପକ୍ଷରୁ ଦକ୍ଷିଣ ଗାଜାର ସର୍ବବୃହତ ହସ୍ପିଟାଲ ଉପରେ ବୋମାମାଡ଼।

ସୋମବାର ଆକ୍ରମଣରେ ୬୧ ଜଣଙ୍କ ମୃତ୍ୟୁ ଘଟିବା ସହ ୧୪୩ ଜଣ ଆହତ ହୋଇଛନ୍ତି। ଏହାକୁ ମିଶାଇ ଗାଜା ଯୁଦ୍ଧ ମୃତ୍ୟୁସଂଖ୍ୟା ୫୦,୦୮୨କୁ ବୃଦ୍ଧି ପାଇବା ସହ ଆହତଙ୍କ ସଂଖ୍ୟା ୧,୧୩,୪୦୮ରେ ପହଞ୍ଚିଛି।

## ଫୁର୍‌ସତ୍

# ବିଶ୍ୱର ସର୍ବୋତ୍ତମ ବିମାନବନ୍ଦର

### ରହିଛି ପାର୍କ ପରି ସୁବିଧା

ବ୍ୟାଙ୍କକ୍



ବିଶ୍ୱର ବିଭିନ୍ନ ଦେଶରେ ଥିବା ଅଧିକାଂଶ ବିମାନବନ୍ଦରର ଡିଜାଇନ୍ ପ୍ରାୟତଃ ସମାନ ହୋଇଥାଏ। ତେବେ ଥାଇଲାଣ୍ଡରେ ଏପରି ଏକ ବିମାନବନ୍ଦର ରହିଛି, ଯାହା ଯାତ୍ରୀମାନଙ୍କୁ ଏକ ପାର୍କ ପରି ଅନୁଭବ କରାଇଥାଏ। ଏଠାରେ ଥିବା ଘାସ ଗାଲିଚାରେ ବସି ଲୋକମାନେ ଆରାମର ସହ ପଇଡ ପାଣିର ମଜା ନେବା ସହ ବିମାନ ଅବତରଣ ଏବଂ ଉଠାଣ ବେଳର ଦୃଶ୍ୟ ଉପଭୋଗ କରିଥାନ୍ତି।

ଡେଲି ଷ୍ଟାର୍ ନ୍ୟୁଜ୍ ୱେବ୍‌ସାଇଟ ରିପୋର୍ଟ ଅନୁଯାୟୀ, ଥାଇଲାଣ୍ଡର କୋ ସାମୁଇ ଦ୍ୱୀପରେ ଥିବା ସାମୁଇ ବିମାନବନ୍ଦର ବିଶ୍ୱର ସର୍ବୋତ୍ତମ ବିମାନବନ୍ଦର ମଧ୍ୟରୁ ଅନ୍ୟତମ। ଏଠାକାର ପାରିପାର୍ଶ୍ୱିକ ପରିବେଶ ଲୋକଙ୍କୁ ବାରମ୍ବାର ଏଠାକୁ ଆସିବାକୁ ବାଧ୍ୟ କରିଥାଏ। ଏହି ବିମାନବନ୍ଦରରେ ଅଧିକ ଆଉଟଡୋର ଅଞ୍ଚଳ ରହିଛି। ତେଣୁ ବିମାନବନ୍ଦର ବାହ୍ୟ କ୍ଷେତ୍ରରେ ଥିବା ଖୋଲା ଆକାଶ ତଳେ ବସିବାକୁ ଲୋକମାନେ ସୁଯୋଗ ପାଇଥାନ୍ତି। ସେହିପରି ଏଠାରେ ଥିବା ସବୁଜ ଘାସ ଗାଲିଚାରେ ବସି ଲୋକମାନେ ପ୍ରାକୃତିକ ଦୃଶ୍ୟ ଉପଭୋଗ କରିଥାନ୍ତି। ଏହି ବିମାନବନ୍ଦର ଚାରିପାଖରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ ଯାତ୍ରୀମାନଙ୍କୁ ଖୁବ୍ ଆକର୍ଷିତ କରିଥାଏ। ସାମୁଇ ବିମାନବନ୍ଦର ଏକ ଘରୋଇ ବିମାନବନ୍ଦର ହୋଇଥିବାବେଳେ ବ୍ୟାଙ୍କକ୍ ଏୟାରୱେଜ୍ ଦ୍ୱାରା ଏହାକୁ ପରିଚାଳନା କରାଯାଉଛି। ୧୯୮୨ରୁ ଏହି ବିମାନବନ୍ଦରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ୧୯୮୯ରୁ ଏହା କାର୍ଯ୍ୟକ୍ଷମ ରହିଛି। ଅନେକ ଟ୍ୟୁରିଷ୍ଟ ଏହି ବିମାନବନ୍ଦରରେ ସେମାନଙ୍କ ଅନୁଭବକୁ ନେଇ ବ୍ଲଗିଂ ମାଧ୍ୟମରେ ଶେୟାର କରିଥାନ୍ତି ଓ ସୋସିଆଲ ମିଡିଆରେ ସେମାନଙ୍କ ଫଲୋଅର୍ସଙ୍କୁ ଏହି ବିମାନବନ୍ଦରର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଦେଖାଇଥାନ୍ତି। ଏଠାରେ ଅନେକ ସ୍ୱତନ୍ତ୍ର କାଫେ ରହିଛି, ଯେଉଁଠାରେ ଯାତ୍ରୀମାନେ ଆରାମର ସହ ବିଭିନ୍ନ ଜଳଖିଆ ଓ ସ୍ନାକ୍ସକୁ ଉପଭୋଗ କରିଥାନ୍ତି। ବିଭିନ୍ନ ପରିବେଶ ଅନୁକୂଳ ପଦକ୍ଷେପ ପାଇଁ ସାମୁଇ ବିମାନବନ୍ଦରକୁ ଅନେକ ଏନ୍‌ଭିରୋନ୍‌ମେଣ୍ଟାଲ ଆୱାର୍ଡ୍‌ରେ ସମ୍ମାନିତ କରାଯାଇଛି।

# 'ଗ୍ରାଉଣ୍ଡ ଜିରୋ'ରେ ବିଏସ୍‌ଏଫ୍ ଯବାନଙ୍କ କାହାଣୀ

ମୁମ୍ବାଇ

ବଲିଉଡ୍ ଅଭିନେତା ଇମ୍ରାନ ହାସ୍‌ମୀ ସୋମବାର ତାଙ୍କର ୪୬ତମ ଜନ୍ମଦିବସକୁ ଧୁମ୍‌ଧାମରେ ପାଳନ କରିଛି। ଏହି ଅବସରରେ ତାଙ୍କର ଆଗାମୀ ଫିଲ୍ମ 'ଗ୍ରାଉଣ୍ଡ ଜିରୋ'ର ନିର୍ମାତାଙ୍କ ପକ୍ଷରୁ ହାସ୍‌ମୀଙ୍କର ସମସ୍ତ ପ୍ରଶଂସକଙ୍କୁ ଏକ ଭେଟି ଦିଆଯାଇଛି। 'ଗ୍ରାଉଣ୍ଡ ଜିରୋ'ର ପ୍ରଡକ୍ସନ କମ୍ପାନୀ ଏକ୍ସେଲ ଏଣ୍ଟରଟେନମେଣ୍ଟ ପକ୍ଷରୁ ସୋମବାର ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରାଯାଇଛି, ଯେଉଁଥିରେ ଫିଲ୍ମର ରିଲିଜ୍ ତାରିଖ ଏବଂ ଟିଜର ରିଲିଜ୍ ଡେଟ୍ ଉପରୁ ପରଦା ଉଠିଛି। ଆସନ୍ତା ଏପ୍ରିଲ ୨୫ରେ ଏହି ଫିଲ୍ମ ରିଲିଜ୍ ହେବ। ସେହିପରି ଆସନ୍ତା ୩୦ ତାରିଖରେ ଅଭିନେତା ସଲ୍‌ମାନ ଖାନ୍‌ଙ୍କ ବହୁ ପ୍ରତୀକ୍ଷିତ 'ସିକନ୍ଦର' ଫିଲ୍ମ ରିଲିଜ୍ ହେବାକୁ ଥିବା ବେଳେ ପ୍ରେକ୍ଷାଳୟରେ 'ସିକନ୍ଦର'ର ଇଣ୍ଟରଭାଲ ସମୟରେ 'ଗ୍ରାଉଣ୍ଡ ଜିରୋ'ର ଟିଜରକୁ ପ୍ରଦର୍ଶନ କରାଯିବ। ଏହି ଫିଲ୍ମରେ ହାସ୍‌ମୀ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଜଣେ ଡେପୁଟି କମାଣ୍ଡାଣ୍ଟଙ୍କ ଭୂମିକାରେ ନଜରକୁ ଆସିବେ, ଯାହାଙ୍କୁ ନେଇ ଫିଲ୍ମର କାହାଣୀ ଗତି କରିବ। ଏକ ଜାତୀୟ ସୁରକ୍ଷା ପ୍ରତି ବିପଦ ପ୍ରସଙ୍ଗର ଯାଞ୍ଚ ପାଇଁ ହାସ୍‌ମୀଙ୍କୁ ନିୟୋଜିତ କରାଯାଇଥିବା ନେଇ ଏହି ଫିଲ୍ମରେ ଦେଖିବାକୁ ମିଳିବ। 'ଗ୍ରାଉଣ୍ଡ ଜିରୋ'ର ନିର୍ଦ୍ଦେଶନା ତେଜସ୍ ଦେଓସ୍କର ଦେଉଛନ୍ତି।



ଇମ୍ରାନ ହାସ୍‌ମୀ

ଫ୍ୟାଶନ

# ଏଲିଗାଣ୍ଟ ଲୁକ୍ ପାଇଁ...

**ଅନାରକଲି ସୁଟ୍ ଅନେକ ଅକେଜନ୍‌ରେ ଆପଣ ପିନ୍ଧିପାରିବେ । ମାର୍କେଟ୍‌ରେ ଆପଣଙ୍କୁ ବିଭିନ୍ନ ପ୍ରକାର ସୁଟ୍ ମିଳିଯିବ, ଯାହାକୁ କେତେକ ଖାସ୍ ମଉକାରେ ପିନ୍ଧିହେବ। ଯଦି ଆପଣ ନୂଆ ଏବଂ ଏଲିଗାଣ୍ଟ ଲୁକ୍ ପାଇବାକୁ ଚାହୁଁଛନ୍ତି ତେବେ ଫ୍ଲେୟାର୍ଡ ଅନାରକଲି ସୁଟ୍ ପିନ୍ଧିପାରିବେ। ଏହିପରି ସୁଟ୍ ଆପଣଙ୍କ ଲୁକ୍‌କୁ ଷ୍ଟାଇଲିଶ୍ ଏବଂ ଏଲିଗାଣ୍ଟ କରିବାକୁ ସାହାଯ୍ୟ କରିବ ......**



**ରାଉଣ୍ଡ ନେକ୍ ଡିଜାଇନ୍ ଅନାରକଲି ସୁଟ୍**

ଯଦି ଆପଣ ରୟାଲ ଲୁକ୍ ଚାହାନ୍ତି ତେବେ ଅନାରକଲି ସୁଟ୍‌କୁ ଷ୍ଟାଇଲ୍‌କରି ପିନ୍ଧିପାରିବେ। ଏହି ସୁଟ୍ ଆପଣ କୌଣସି ଫ୍ୟାମିଲି ଫଙ୍କସନ କିମ୍ବା ପୂଜା ସମୟରେ ପିନ୍ଧିପାରିବେ। ଏହି ସୁଟ୍‌ରେ ଆପଣଙ୍କ ଲୁକ୍ ବହୁତ ଭଲ ଦେଖାଯିବ। ଏହାର କେତେକ ରେଞ୍ଜ ରହିଛି ଯାହାକୁ ଆପଣ ନିଜ ବଜେଟ୍ ମୁତାବକ ଟଙ୍କାରେ ମଧ୍ୟ କିଣିପାରିବେ। ଏହି ସୁଟ୍‌କୁ ପର୍ଲ କାମ ଥିବା ଝୁମ୍‌କା ସହ ଫ୍ଲାର୍ଟ ଷ୍ଟାଇଲ୍ ଫୁଟ୍‌ୱେରରେ ପିନ୍ଧିପାରିବେ।

**ଏମ୍ବ୍ରୟଡରି ୱାର୍କ ଅନାରକଲି ସୁଟ୍**

ଯଦି ଆପଣ ବିବାହ କିମ୍ବା କୌଣସି ଫଙ୍କସନରେ ଯୋଗଦେବାକୁ ଚାହୁଁଥାନ୍ତି ତେବେ ଏହିପରି ଏମ୍ବ୍ରୟଡରି ୱାର୍କ ଥିବା ଅନାରକଲି ସୁଟ୍‌କୁ ପିନ୍ଧିପାରିବେ। ଏହିପରି ସୁଟ୍ ଆପଣଙ୍କୁ ଅଲଗା ପ୍ରକାର ଲୁକ୍ ଦେବା ସହ ସୁନ୍ଦର ଦେଖାଯିବେ। ଏମ୍ବ୍ରୟଡରି ୱାର୍କରେ ଆପଣଙ୍କୁ ଏହି ପରି ସୁଟ୍‌ର କେତେକ କଲର ଏବଂ ଡିଜାଇନ୍‌ର ଅପ୍‌ସନ ମିଳିଯିବ। ଏହି ସୁଟ୍ ସହିତ ଚୋକର ଷ୍ଟାଇଲ୍ କରିପାରିବେ ଏହା ସହ ଫୁଟ୍‌ୱେରରେ ହିଲ୍ସ ପିନ୍ଧିପାରିବେ।

**ଫ୍ଲୋରାଲ ପ୍ରିଣ୍ଟ ଅନାରକଲି ସୁଟ୍**

ବର୍ତ୍ତମାନ ଫ୍ଲୋରାଲ ପ୍ରିଣ୍ଟର ଆଉଟ୍‌ଫିଟ୍ ବହୁତ ଟ୍ରେଣ୍ଡ ଚାଲିଛି। ଏଲିଗାଣ୍ଟ ଲୁକ୍ ପାଇବାକୁ ହେଲେ ଆପଣ ଏହିପରି ଫ୍ଲୋରାଲ ପ୍ରିଣ୍ଟର ଅନାରକଲି ସୁଟ୍‌ର ଚୟନ କରିପାରିବେ। ଏହିପରି ସୁଟ୍ ଆପଣ ବିବାହ କିମ୍ବା କୌଣସି ପୂଜା ସମୟରେ ମଧ୍ୟ ଏହାକୁ ପିନ୍ଧିପାରିବେ। ଅଫିସ୍‌ରେ ମଧ୍ୟ ବିଉଟିଫୁଲ୍ ଦେଖାଯିବାକୁ ଚାହୁଁଥିଲେ ଏହି ଫ୍ଲୋରାଲ ଆଉଟ୍‌ଫିଟ୍‌କୁ ପିନ୍ଧି ପାରିବେ। ଏହି ସୁଟ୍ ସହ ଆପଣ ମିରର ୱାର୍କ ଜୁଏଲେରି ଷ୍ଟାଇଲ୍ କରି ପିନ୍ଧି ପାରିବେ।

# ଗୃହିଣୀଙ୍କ ପାଇଁ ..



- ଗରମ ଗ୍ୟାସ୍ ଚୁଲାକୁ ସଫା କରିବାଠୁ ଦୂରେଇରୁହନ୍ତୁ। ଏହା ଥଣ୍ଡା ହେଲା ପରେ ତାକୁ ସଫା କରନ୍ତୁ।
- ବର୍ନରରେ ଥିବା ଛୋଟ ଛୋଟ କଣା ବନ୍ଦ ହୋଇଯାଇଥିଲେ ଏହା ଧୀରେ ଜଳିଥାଏ। ଏହାକୁ ସଫା କରିବାକୁ ଟୁଥ୍‌ପିକ୍ କିମ୍ବା ସେଫ୍ଟିପିନ୍ ବ୍ୟବହାର କରିପାରିବେ।
- ଯଦି ବର୍ନର ଉପରେ ଖାଦ୍ୟ ପଦାର୍ଥ କିଛି ପଡ଼ିଯାଇଛି ତାକୁ ତୁରନ୍ତ ସଫା କରିଦିଅନ୍ତୁ। ନ ହେଲେ ମଇଳା ଜମିଯିବ। ଏହାଦ୍ୱାରା ଗ୍ୟାସ୍ ଭଲଭାବେ ଜଳିବ ନାହିଁ।
- କେବେ କେବେ ସମସ୍ୟା ଗ୍ୟାସ୍ ପାଇପ୍‌ରେ ମଧ୍ୟ ଥାଏ । ଏଥିପାଇଁ ଗ୍ୟାସ୍ ପାଇପ୍ ପ୍ରତି ୩-୬ମାସ ମଧ୍ୟରେ ବଦଳାଇବାକୁ ଚେଷ୍ଟା କରନ୍ତୁ।
- ଗ୍ୟାସ୍ ରେଗୁଲେଟର ଗ୍ୟାସ୍ ଚୁଲାକୁ ନିୟନ୍ତ୍ରିତ କରିଥାଏ। ଯଦି ରେଗୁଲେଟର ଖରାପ ହୋଇଯାଇଛି ତେବେ ଆଞ୍ଚ କମ୍ ଜଳିଥାଏ। ଏଥିପାଇଁ ପାଇପ୍ କାଢ଼ି ରେଗୁଲେଟରକୁ ଭଲଭାବେ ଦେଖନ୍ତୁ। ଏହାଦ୍ୱାରା ମଧ୍ୟ ଗ୍ୟାସ୍ ଚୁଲା ଭଲଭାବେ ଜଳି ନ ଥାଏ। ସେଥିପାଇଁ ରେଗୁଲେଟର ମଝିରେ ମଝିରେ ବଦଳାଇବାକୁ ଚେଷ୍ଟା କରନ୍ତୁ।

# ହୋମ୍ ମେକର

**ଆଜିକାଲି ଗୃହିଣୀମାନେ ଘର କାମ ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ତେବେ ଏ ଦିଗରେ ଆଗେଇବାକୁ ହେଲେ କେତୋଟି ବିଷୟ ପ୍ରତି ଦୃଷ୍ଟିଦେବାକୁ ପଡ଼ିଥାଏ। ସେ ବିଷୟରେ ସୂଚନା.....**



ହୋମ୍ ମେକର ବା ଗୃହିଣୀ ପ୍ରାୟ ଘର କାମରେ ନିଜକୁ ବ୍ୟସ୍ତ ରଖନ୍ତି। ତା'ସହ ପିଲାମାନଙ୍କ ଯତ୍ନନେବାକୁ ପଡ଼ିଥାଏ। ସମୟ ତା' ବାଟରେ ଗଡ଼ିଚାଲେ। ହେଲେ ଜଣେ ହୋମ୍ ମେକର ସବୁବେଳେ ତା' କାମରେ ନିଜକୁ ନିୟୋଜିତ ରଖେ। କିନ୍ତୁ ଏକ ବୟସ ଅତିକ୍ରମ କରିସାରିଲା ପରେ ଅଧିକାଂଶ ମହିଳାଙ୍କୁ ଲାଗିଥାଏ ଯେ ଜୀବନଟା ଏପରି ଚାଲିଯିବ। ଘର ଗୃହସ୍ଥି ସମ୍ଭାଳିବା ବ୍ୟତୀତ କୌଣସି ଅନ୍ୟ କାମ କରିପାରିବେନାହିଁ। ନିଜର ବିଚାର,ବୁଦ୍ଧିମତ୍ତାକୁ ଆଧାରକରି କୌଣସି ବିଜ୍‌ନେସ୍ କିମ୍ବା ଜବ୍ କରି ନିଜର ଏକ ପରିଚୟ ସୃଷ୍ଟିକରିବା ପାଇଁ ଆଜିକାଲି ଅନେକ ଗୃହିଣୀ ଆଗେଇ ଆସିଛନ୍ତି। ହେଲେ ତା'ସହ ଘରକାମ ମଧ୍ୟ ତୁଲାଇବାକୁ ପଡ଼େ।

ଏକ ସର୍ଭେରେ ଦେଖାଯାଇଛି, ଜଣେ ଗୃହିଣୀ ଘରକାମରେ ବ୍ୟସ୍ତ ରହିବା କାରଣରୁ ଜବ୍ କିମ୍ବା ଅନ୍ୟ କୌଣସି କାମ କରିପାରନ୍ତି ନାହିଁ। ଏହାଦ୍ୱାରା କେତେଜଣ ମହିଳା ଚିନ୍ତାଗ୍ରସ୍ତ ରହୁଥିବା ଦେଖିବାକୁ ମିଳିଥାଏ। ଏହାଦ୍ୱାରା ସେମାନଙ୍କ ବ୍ୟବହାରରେ ପରିବର୍ତ୍ତନ ଦେଖାଯିବା ସହ ଚିଡ଼ଚିଡ଼ା ହୋଇଥାନ୍ତି। ଏହା ଫଳରେ ତାଙ୍କ ଘରର ବାତାବରଣ ଖୁସିମୟ ରହି ନ ଥାଏ। ମୁଖ୍ୟ କଥା ହେଲା- ମହିଳାଙ୍କ ପାଇଁ ଏପରି ଭାବନା କାହିଁକି ମନରେ ଆସେ ? ନିଜ ପରିବାର,ପିଲାଙ୍କର ସବୁ ଆବଶ୍ୟକତା ପୂରଣ କରିବାରେ ସକ୍ଷମହେବା ସହ ସେ ସବୁବେଳେ ନିଜକୁ ହୀନ ମନେକରିଥାନ୍ତି। ଯଦି ଆପଣଙ୍କ ଆଖପାଖ ମହିଳା ଘରୁ ବାହାରି ଚାକିରି କିମ୍ବା ବିଜ୍‌ନେସ୍ କରୁଥାନ୍ତି ତେବେ ଜରୁରୀ ନୁହେଁ କି ସେ ଅଧିକ ଆପଣଙ୍କଠାରୁ ଯୋଗ୍ୟ ଏବଂ ହୋସିୟାର । ଏହା ତ ବ୍ୟକ୍ତିଗତ ରୂପେ ସ୍ୱୟଂ ଉପରେ ନିର୍ଭରକରେ। ଘର କିମ୍ବା ବାହାରେ ରହି ମଧ୍ୟ ଘରର ଦାୟିତ୍ୱ କୌଣସି ଉପାୟରେ ନିଭାଇପାରନ୍ତି। ଯେତେବେଳେ ଆମେ ନିଜ କର୍ତ୍ତବ୍ୟକୁ ଠିକ୍ ରୂପେ ସମ୍ପାଦନ କରିଥାଉ, ସେତେବେଳେ ଏକ ଆକର୍ଷକ ଏବଂ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଠିକ୍ ହକ୍‌ଦାର ହୋଇପାରିବେ।



**ଜନ୍ମରୁ ବରଦାନ**

ଏହା ଜନ୍ମରୁ ବରଦାନ କୁହାଯିବ ସାକ୍ଷର ହୁଅ କି ନିରକ୍ଷର। ପ୍ରତ୍ୟେକ ମହିଳା ପ୍ରତିଭାବାନ, ବୁଦ୍ଧିମାନ ଏବଂ ଗୁଣବାନ୍ ହେବାର ପରିଚୟ ମିଳିଥାଏ। କେବେ କେବେ ଘରର ପରିସ୍ଥିତି ଏପରି ହୁଏ କି ଘରୁ ବାହାରକୁ ଯିବା ଆସିବା ହୋଇପାରେନାହିଁ। ପ୍ରତ୍ୟେକ ଦିନର ସବୁ କାର୍ଯ୍ୟ ସୁଚାରୁ ରୂପେ ହୋଇପାରେନାହିଁ। ଏମିତିରେ ଘରର ଚିନ୍ତା ସହ ମାନସିକ ଚାପ ରହିବା କାରଣରୁ କେବଳ ଲୋକଦେଖାଣିଆ ଲାଗି ଆଧୁନିକ ନାରୀ ଭାବେ ନିଜକୁ ପ୍ରମାଣିତ କରିବା କେତେଦୂର ବୁଦ୍ଧିମାନର କାର୍ଯ୍ୟ। ନିଜକୁ ଶାରୀରିକ ତଥା ମାନସିକ ଚିନ୍ତାରେ ରହିବା ଫଳରେ ଆତ୍ମସନ୍ତୁଷ୍ଟି ମିଳିଥାଏ।

**ସମସ୍ୟାର ହାତ ଛାଡ଼ି ଦିଅନ୍ତୁ**

ଆଜିର ସକ୍ଷମ ନାରୀ ଘରର ଚାରିକାନ୍ଥ ଭିତରେ ରହି ଖୁସି ଏବଂ ସନ୍ତୁଷ୍ଟ ରହିପାରିବେ। ଘରର ଖୁସିକୁ ଧ୍ୟାନରେ ରଖି ଯାହା ବି କାମ କରନ୍ତି ତାହା ପରିବାରର ସଦସ୍ୟଙ୍କୁ ସ୍ନେହଭରା ବନ୍ଧନରେ ବାନ୍ଧିରଖିଲେ ଜଣେ ହୋମ୍‌ମେକର ହୋଇପାରିବ। ସବୁବେଳେ ମନକୁ ପ୍ରଫୁଲ୍ଲ, ଶାନ୍ତ ରଖି ଖୁସି ଅନୁଭବ କରନ୍ତୁ। ପୁଣି ସମୟ ଏବଂ ପରିସ୍ଥିତି ଯଦି ଅନୁକୂଳ ଅଛି ଏହାକୁ ଧ୍ୟାନ ରଖି ମନ ମୁତାବକ କାର୍ଯ୍ୟ ଅବଶ୍ୟ କରାଯାଇପାରେ। ନୂତନ ଜ୍ଞାନ ଅର୍ଜନକରି ନିଜର ଜ୍ଞାନ ଏବଂ କୌଶଳକୁ ଅଧିକ ବଢ଼ାଇପାରିବେ। କିନ୍ତୁ ଜରୁରୀ ହେଉଛି ଘରେ ରହି ଘର ବାହାରର ଯେକୌଣସି କାମ ଖୁସି ସହକାରେ କରନ୍ତୁ। ଚିନ୍ତା ଏବଂ ସମସ୍ୟାର ହାତ ଛାଡ଼ି ଦିଅନ୍ତୁ। ଏହା ନୁହେଁ ଯେ ଆପଣଙ୍କୁ ଆତ୍ମିକ ସୁଖ ମନ ଭିତରୁ ମିଳିବ। ସମସ୍ତେ ଜାଣନ୍ତି ସୁଖ ଅଥବା ସନ୍ତୁଷ୍ଟି ଆମ ମନରେ ରହିଛି ଯାହାକୁ ନିଜେ ଅନୁଭବ କରିପାରିବା। ଘରୋଇ କାର୍ଯ୍ୟ ସରିଗଲା ପରେ ଯଦି କିଛି ନୂଆ କାମ କରିବାକୁ ଚାହୁଁଛନ୍ତି ତେବେ କରନ୍ତୁ। ଯେମିତିକି ଡ୍ରାଇଭିଂ, ଡାନ୍ସ, ଗୀତ ଗାଇବା ଅଥବା ନୂଆ ଜ୍ଞାନ କୌଶଳର ବ୍ୟବହାର ନିଜର ଶୁଭ ଚିନ୍ତକଙ୍କଠାରୁ ଶିଖିବାକୁ ଚେଷ୍ଟା କରନ୍ତୁ।







**ଟେନ୍‌ସନଠୁ ଦୂରେଇ ରୁହନ୍ତୁ**

ଜୀବନରେ ଆପଣ କ'ଣ ଚାହାନ୍ତି ,ଆପଣଙ୍କ ଉଦ୍ଦେଶ୍ୟ କ'ଣ କିଛି ସମୟ ଶାନ୍ତ ମନରେ ଭାବନ୍ତୁ। ଜୀବନରେ ଯେତେଦିନ ଶାନ୍ତିରେ ବିତୁଛି ତାକୁ ବିତିବାକୁ ଦିଅନ୍ତୁ। ନିଜକୁ ମଧ୍ୟ ଏହି ଖୁସିର ମାହୋଲରେ ସାମିଲକରନ୍ତୁ। ଯାହା ବି କରିବାକୁ ଚାହଁଛନ୍ତି ତାକୁ ଖୁସି ଏବଂ ଆନନ୍ଦ ମନରେ କରନ୍ତୁ। ଅନ୍ୟ ମହିଳାକୁ ଦେଖି ନିଜକୁ ତା' ସହ ତୁଳନା କରନ୍ତୁ ନାହିଁ। ଯାହା କରିବାକୁ ଚାହୁଁଛନ୍ତି ତାକୁ ଆତ୍ମବିଶ୍ୱାସ ସହକାରେ କରନ୍ତୁ। କିନ୍ତୁ ତା' ପାଇଁ ଶାରୀରିକ ମାନସିକ ଟେନ୍‌ସନରୁ ସଦାବେଳେ ଦୂରେଇରୁହନ୍ତୁ। ଆପଣ ଘରେ ରହୁଛନ୍ତି ସେତେବେଳେ ପାଖ ପଡ଼ୋଶୀଙ୍କ ସହ ଭଲ ସମ୍ପର୍କ ସ୍ଥାପନ କରନ୍ତୁ, କିଛି ନ ହେଲେ ମଧୁର ବଚନ କହିପାରିବେ।

**ସୁନ୍ଦର ମୁହୂର୍ତ୍ତକୁ ଭରପୂର ଉପଭୋଗ କରନ୍ତୁ**

ଘର କାମ ସରିଲା ପରେ ଯଦି କିଛି ସମୟ ମିଳୁଛି ତେବେ ଅବଶ୍ୟ ନିଜର ଅନ୍ତର୍ନିହିତ କଳାକୁ ଟିକେ ଧ୍ୟାନଦିଅନ୍ତୁ, ଯେଉଁଥିରେ ଆପଣଙ୍କର ରୁଚି ରହିଛି ତାକୁ ଶିଖିବାକୁ ଚେଷ୍ଟା କରନ୍ତୁ। ହଁ , ଧ୍ୟାନରଖନ୍ତୁ ଯେ, ପ୍ରଥମେ ପ୍ରଥମେ କିଛି ସମସ୍ୟାର ସାମ୍ନା କରିବାକୁ ପଡ଼ିପାରେ,ଏଥିରୁ ହାର୍ ନ ମାନି ଆଗକୁ ବଢ଼ିଚାଲନ୍ତୁ ଏହାଫଳରେ ଦିନେ ନା ଦିନେ ଆପଣଙ୍କୁ ସଫଳତା ନିଶ୍ଚିତ ମିଳିବ, ଏଥିରେ ଟିକେ ହେଲେ ସନ୍ଦେହ ନାହିଁ। ଜୀବନ ବହୁତ ଛୋଟ ,କେତେବେଳେ କେଉଁ ସମୟ ଆସିବ କିଛି ବି କହି ହେବ ନାହିଁ। ଯେଉଁ କଥାର କିଛି ମୂଲ୍ୟ ନାହିଁ ସେ କଥାକୁ କେବେହେଲେ ଗୁରୁତ୍ୱ ଦିଅନ୍ତୁ ନାହିଁ। ପରିବାର ସଦସ୍ୟ ଏବଂ ପିଲାଙ୍କ ପ୍ରତି ଯାହା ବି କିଛି ଦାୟିତ୍ୱ ରହିଛି ତାକୁ ପୂର୍ଣ୍ଣ ସହକାରେ ସାରିବାକୁ ଚେଷ୍ଟା କରନ୍ତୁ।

ସୌନ୍ଦର୍ଯ୍ୟ

# ସୁନ୍ଦର ତ୍ୱଚା ପାଇଁ ଗୋଲାପଜଳ

**ଗୋଲାପ ଜଳ ଏକ ପ୍ରାକୃତିକ ଟୋନର । ଏହା ସବୁ ପ୍ରକାର ତ୍ୱଚା ପାଇଁ ବହୁତ ଫାଇଦା ମିଳିଥାଏ। ବଜାରରେ ମିଳୁଥିବା ଗୋଲାପଜଳ ବଦଳରେ ଘରେ ପ୍ରସ୍ତୁତକରି ଲଗାଇଲେ ଆପଣଙ୍କ ତ୍ୱଚା ଅଧିକ ସମୟ ପାଇଁ ଫ୍ରେଶ ଏବଂ ଚମକିଥାଏ...**

**ଏହା ତ୍ୱଚାକୁ ଦେଇଥାଏ ପ୍ରାକୃତିକ ନମନୀୟତା**

ଗୋଲାପଜଳର ନିୟମିତ ବ୍ୟବହାର ତ୍ୱଚାକୁ ହାଇଡ୍ରେଟ୍ କରିଥାଏ। ଫଳରେ ତ୍ୱଚା ସବୁ ବେଳେ ଫ୍ରେଶ୍ ଲାଗିଥାଏ। ଗୋଲାପଜଳର ଖାସ୍ ଗୁଣ ହେଲା- ଏହା କେମିକାଲ ଫ୍ରି ହୋଇଥାଏ। ଏହାକୁ ଲଗାଇବା ଦ୍ୱାରା ତ୍ୱଚାର ରୁକ୍ଷପଣ ଦୂରହୋଇଥାଏ।

**ତ୍ୱଚାକୁ ମୂଳରୁ ସଫା ରଖିଥାଏ**

ଗୋଲାପଜଳ ମୁହଁରୁ ସବୁ ଅପରିଷ୍କାର କଣିକାକୁ ସଫା କରିଥାଏ। ଏହାକୁ କଟନ୍‌ରେ ପକାଇ ମୁହଁକୁ ଭଲଭାବେ ପୋଛିଲେ ମୁହଁରେ ଥିବା ଅତିରିକ୍ତ ତେଲ ଏବଂ ଅପରିଷ୍କାର ତତ୍ତ୍ୱ ସଫା ହୋଇଯାଇଥାଏ।



**ଏହା ପ୍ରାକୃତିକ ଟୋନର ରୂପେ କାମ କରିଥାଏ**

ଗୋଲାପଜଳକୁ ସ୍କିନ୍ ଟୋନର ରୂପେ ବ୍ୟବହାର କରାଯାଏ। ଏହା ସ୍କିନ୍‌ର ପୋର୍ସକୁ ଟାଇଟ୍ କରିଥାଏ। ଫଳରେ ତ୍ୱଚା ୟଙ୍ଗ୍ ଏବଂ ଫ୍ରେଶ୍ ଦେଖାଯାଇଥାଏ। ଖାସ୍‌କରି ଅଏଲୀ ସ୍କିନ୍ ଲାଗି ବହୁ ଉପଯୋଗୀ ହୋଇଥାଏ।



**ସନ୍‌ବର୍ଣ୍ଣରୁ ମୁକ୍ତି ଦେଇଥାଏ**

ଖରାଦିନରେ ଉତ୍କଟ ଖରାରୁ ରକ୍ଷା ପାଇବା ଲାଗି ମୁହଁରେ ଗୋଲାପଜଳ ଲଗାନ୍ତୁ। ଏହା ତ୍ୱଚାକୁ ଥଣ୍ଡା ପ୍ରଦାନ କରିଥାଏ। ଏହାକୁ ମୁହଁରେ ସ୍ପ୍ରେ ଏବଂ ହାତରେ ସ୍ପ୍ରେ କରିବା ଦ୍ୱାରା ସନ୍‌ବର୍ଣ୍ଣଠାରୁ ରକ୍ଷା ମିଳିଥାଏ।

**ମେକ୍‌ଅପ୍ ଅଧିକ ସମୟ ପର୍ଯ୍ୟନ୍ତ ଠିକ୍ ରହିଥାଏ**

ମେକ୍‌ଅପ୍‌କୁ ଅଧିକ ସମୟ ପର୍ଯ୍ୟନ୍ତ ରଖିବାକୁ ହେଲେ ଗୋଲାପଜଳ ଏକ ନାଚୁରାଲ ସେଟିଂ ପରି କାମ କରିଥାଏ। ମେକ୍‌ଅପ୍‌ରେ ହାଲ୍‌କା ଗୋଲାପଜଳ ମୁହଁରେ ଛାଟିବା ଦ୍ୱାରା ତ୍ୱଚା ଫ୍ରେଶ୍ ଦେଖାଯାଇଥାଏ ଏବଂ ମେକ୍‌ଅପ୍ ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ।

ଖାଦ୍ୟରୁଚି

# ଟେଷ୍ଟି ପୋହା

ଏକ କପ୍ ଚୁଡ଼ା ,୨କପ୍ ପାଣି,୧ଚାମଚ ତେଲ, ୧ ଛୋଟ ଚାମଚ ଜିରା, ସୋରିଷ,ହଳଦୀ ପାଉଡର,ଲାଲ ମିର୍ଚ୍ଚ ପାଉଡର, ଗରମ ମସଲା ପାଉଡର , ଲୁଣ, କାଜୁ,
୨ବଡ ଚାମଚ ଲେମ୍ବୁରସ,୨ ଚାମଚ ଭୃସୁଙ୍ଗ ପତ୍ର ଏବଂ ୧ ବଡ ଚାମଚ ଚିନାବାଦାମ୍।

**ପ୍ରସ୍ତୁତ ପ୍ରଣାଳୀ**

ଏକ ବଡ ପାତ୍ର ନିଅନ୍ତୁ, ସେଥିରେ କିଛି ପୋହା ନିଅନ୍ତୁ। ଏହି ପୋହାରେ କିଛି ପାଣି ଦେଇ ତାକୁ ୫-୭ମିନିଟ୍ ପର୍ଯ୍ୟନ୍ତ ଭିଜିବାକୁ ଛାଡ଼ି ଦିଅନ୍ତୁ। ଏବେ ଏକ ପ୍ୟାନ୍ ନିଅନ୍ତୁ ସେଥିରେ ତେଲ ଗରମ କରନ୍ତୁ। ଏବେ ଗରମ ହୋଇଥିବା ତେଲରେ ଜିରା,ସୋରିଷ,ହଳଦୀ ପାଉଡର,ଲାଲ ଲଙ୍କାଗୁଣ୍ଡ,ଗରମ ମସଲା ଏବଂ ଲୁଣ ପକାନ୍ତୁ। ଏବେ ଏହିସବୁ ମସଲାକୁ ଭଲଭାବେ ମିଶାଇ ଦିଅନ୍ତୁ। ଏଥର ଭିଜା ହୋଇଥିବା ପୋହାକୁ ଚିପୁଡ଼ି ଏଥିରେ ପକାନ୍ତୁ। ପୋହାକୁ କିଛି ସମୟ ମସଲା ସହ ମିଶିବାକୁ ଛାଡ଼ି ଦିଅନ୍ତୁ। ବର୍ତ୍ତମାନ ପୋହାରେ ଲେମ୍ବୁରସ, ଭୃସୁଙ୍ଗପତ୍ର,ବାଦାମ ଏବଂ କାଜୁ ପକାନ୍ତୁ। ଏବେ ସବୁଯାକ ମିଶାଇ ଦିଅନ୍ତୁ। ଏହି ପୋହାକୁ ଗରମ ଗରମ ପରଷିଦିଅନ୍ତି। ଏହାର ମଜା ସନ୍ଧ୍ୟା ଏବଂ ସକାଳେ ନେଇପାରିବେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



ଝାଡ଼ଖଣ୍ଡ ବିଧାନସଭା ବାହାରେ ଶିଳ୍ପପତି ଗୌତମ ଆଦାନୀଙ୍କ ଦ୍ୱାରା ଆବଣ୍ଟିତ ଖଣି ଲିଜ୍ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ସୋମବାର ଆଦିବାସୀଙ୍କ ସହ ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା ପ୍ରତିବାଦ କରୁଛନ୍ତି।

# କଂଗ୍ରେସ ଉପରେ ବର୍ଷିଲେ ମନ୍ତ୍ରୀ ପୂଜାରୀ

- ଅଶୋଭନୀୟ ଆଚରଣ ପାଇଁ ୩୧ ଘଣ୍ଟା ଗୃହ ଅଚଳ
- ନିଜ ସଦସ୍ୟଙ୍କ କଥା ମନ୍ତ୍ରୀ ଭୁଲି ଯାଇଛନ୍ତି:କାଡାମ

ଭୁବନେଶ୍ୱର,୨୪।୩(ରବିନାରାୟଣ ଜେନା)

ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ। ହେଲେ ବିରୋଧୀ କଂଗ୍ରେସ ଗୃହରେ ଅଶାନ୍ତ ପରିବେଶ ସୃଷ୍ଟି କରୁଛି। ବିଧାନସଭା ଭିତରେ ଓ ବାହାରେ କଂଗ୍ରେସର ଆଚରଣ, ଉଚ୍ଚାରଣ ସଂସଦୀୟ ଗଣତନ୍ତ୍ରର ପରିପନ୍ଥୀ ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ସୋମବାର ବିଧାନସଭା ପରିସରସ୍ଥିତ ସଭାକକ୍ଷରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ପୂଜାରୀ କହିଛନ୍ତି, ବିରୋଧୀ ଲକ୍ଷ୍ମଣ ରେଖା ଡେଉଁଛନ୍ତି। ଯେକୌଣସି ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ହେଲେ ବିରୋଧୀ ତାହା କରାଇ ଦେଉ ନାହାନ୍ତି, ଫଳରେ ବିଧାନସଭା ଗୃହ କାର୍ଯ୍ୟ ୧୮ଦିନରେ ୩୧ ଘଣ୍ଟା ଚାଲିପାରିନାହିଁ। ଇତିମଧ୍ୟରେ ବାଚସ୍ପତି ଏହାର ସମାଧାନ ପାଇଁ ୩ ଥର ସର୍ବଦଳୀୟ ବୈଠକ ଡାକିଛନ୍ତି। ହେଲେ ବିରୋଧୀ ନିଜ ଜିଦ୍‌ରେ ଅଟଳ।

ସେ କହିଥିଲେ, ସାଧାରଣ ଲୋକଙ୍କ ଟିକସରେ ବିଧାନସଭା ଚାଲୁଛି। କଂଗ୍ରେସର ଏଭଳି ଆଚରଣ ପାଇଁ ଓଡ଼ିଶାବାସୀ କେବେ ବି କ୍ଷମା ଦେବେନି। ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ଆଲୋଚନା କର ନ ହେଲେ ପରବର୍ତ୍ତୀ ନିର୍ବାଚନରେ ଏକକ ଅଙ୍କକୁ ଆସିଯିବ ବୋଲି କଂଗ୍ରେସକୁ ରାଜସ୍ୱ ମନ୍ତ୍ରୀ କଟୁ ସମାଲୋଚନା କରିଛନ୍ତି।

ସେ କହିଥିଲେ, ମହିଳା ବାଚସ୍ପତିଙ୍କ ଆଗରେ ହୁଇସିଲ ବଜାଇବା, ପୋଡିୟମ୍ ଉପରକୁ ଚଢ଼ିବାକୁ ଉଦ୍ୟମ କରିବା, ମାଇକ ଛଡ଼ାଇବାର ପ୍ରୟାସ କରିବା କେତେ ଦୂର ଠିକ୍ ? ବିଧାନସଭା ପ୍ରଶ୍ନକାଳ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ସରକାରଙ୍କ ସମସ୍ତ ମନ୍ତ୍ରୀ ପ୍ରତିନିଧିଙ୍କ ପାଖରେ ଉତ୍ତରଦାୟୀ ହୋଇଥାନ୍ତି। ହେଲେ ଏହି ପ୍ରଶ୍ନକାଳକୁ ବିରୋଧୀ ଲଗାତର ଅଚଳ କରୁଛନ୍ତି। ସେହିଭଳି ଶୂନ୍ୟକାଳରେ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାର ସୁଯୋଗ ରହିଛି। ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନ କରିପାରିବେ, ହେଲେ ଗୃହରେ ବିରୋଧୀଙ୍କ ଅଶୋଭନୀୟ ଆଚରଣ ଦିନକୁ ଦିନ ବଢ଼ି ଚାଲିଛି। ଏମିତି କି କେତେକ ସମୟରେ ପ୍ରସ୍ତାବ ଦେଇ ଗ୍ରହଣ ହେବା ପରେ ମଧ୍ୟ ବିରୋଧୀ ଆଲୋଚନାକୁ ଆସୁନାହାନ୍ତି। ନିଜେ କୌଣସି କଥା କହିବୁ ନାହିଁ, କି କାହାକୁ କୁହାଇଦେବୁ ନାହିଁ ଭଳି ବିରୋଧୀଙ୍କ ଆଭିମୁଖ୍ୟ ସ୍ପଷ୍ଟ ଜଣାପଡୁଛି। ବିରୋଧୀଙ୍କ ଆଚରଣ ସଂସଦୀୟ ଗଣତନ୍ତ୍ର ପାଇଁ ଶୋଭନୀୟ ନୁହେଁ। ବିରୋଧୀଙ୍କୁ ଆହ୍ୱାନ କରାଯାଉଛି ସେମାନେ ଆଲୋଚନାକୁ ଆସନ୍ତୁ, ସରକାର ସବୁ ପ୍ରସଙ୍ଗରେ ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି। ନଚେତ୍ ଓଡ଼ିଶାବାସୀ କ୍ଷମା ଦେବେ ନାହିଁ ବୋଲି ମନ୍ତ୍ରୀ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

ମନ୍ତ୍ରୀ ପୂଜାରୀ କଂଗ୍ରେସକୁ ଲକ୍ଷ୍ୟକରି କହିଥିଲେ ଯେ, କଂଗ୍ରେସର ଏଭଳି ଆଚରଣ ନୂଆ ନୁହେଁ। ଗଣମାଧ୍ୟମରେ ଚର୍ଚ୍ଚାରେ ରହିବାକୁ ବିରୋଧୀ ଦଳ କଂଗ୍ରେସ ଏଭଳି ଆଚରଣ କରୁଛି। ଜନସାଧାରଣଙ୍କ ସମ୍ମୁଖରେ ନିଜର ଉପସ୍ଥିତି ଜାହିର କରିବାକୁ ଯାଇ ବିରୋଧୀ କଂଗ୍ରେସ ଏଭଳି ଆଚରଣ ପ୍ରଦର୍ଶନ କରୁଛି। ଗୋଟାଏ ପରେ ଗୋଟାଏ ନିର୍ବାଚନରେ ଦଳ ନିମ୍ନଗାମୀ ହେଉଥିବା ବେଳେ ଦଳର ପ୍ରତିନିଧିମାନେ କିନ୍ତୁ ଏଥିରୁ କିଛି ବି ଶିକ୍ଷା ଗ୍ରହଣ କରୁନାହାନ୍ତି। ଦିନ ଥିଲା କଂଗ୍ରେସ ଓଡ଼ିଶାରେ ଅପ୍ରତିଦ୍ୱନ୍ଦ୍ୱୀ ଥିଲା। ୬୦ ପ୍ରତିଶତ ଭୋଟ ପାଉଥିଲା। ଏବେ ଅସ୍ତିତ୍ୱ ହରାଇବାକୁ ବସିଲାଣି। ୮୦ ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ୫ ହଜାର ଭୋଟ ଛୁଇଁ ପାରି ନାହାନ୍ତି। ଏଭଳି କି କେତେକ ଆସନରେ ନୋଟାଠାରୁ ମଧ୍ୟ କମ୍ ଭୋଟ କଂଗ୍ରେସ ପ୍ରାର୍ଥୀମାନେ ପାଇଛନ୍ତି। ଲୋକଙ୍କ ବିଶ୍ୱାସଭାଜନ ହେବା ପାଇଁ ଏହା ରାସ୍ତା ନୁହେଁ। ଉତ୍ତମ ପ୍ରଦର୍ଶନ କରି ଲୋକଙ୍କ ବିଶ୍ୱାସଭାଜନ ହୁଅ ବୋଲି କଂଗ୍ରେସକୁ ମନ୍ତ୍ରୀ ପୂଜାରୀ ପରାମର୍ଶ ଦେଇଛନ୍ତି।

ମନ୍ତ୍ରୀଙ୍କ ଏହି ବୟାନକୁ ନେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ଦୀର୍ଘ ୭୭ବର୍ଷ ପରେ ରାଜ୍ୟରେ ଭାଜପାକୁ ଜନତା ଆସନ ଗାଦିରେ ବସାଇଛନ୍ତି। ହେଲେ ରାଜ୍ୟରେ ମହିଳାମାନେ ଏବେ ସମ୍ପୂର୍ଣ୍ଣ ଅସୁରକ୍ଷିତ। ଏହି ପ୍ରସଙ୍ଗରେ କଂଗ୍ରେସ ସାମାନ୍ୟ ଗୋଟିଏ କଥା ଦାବି କରି ଆସୁଛି ଯେ ଗୃହ କମିଟି ଗଠନ କରାଯାଉ। ମାତ୍ର ଶାସକଦଳ ମହିଳାଙ୍କ ସୁରକ୍ଷା ଚାହୁଁ ନାହାନ୍ତି।

ଅନ୍ୟପକ୍ଷରେ ମନ୍ତ୍ରୀ ଏବେ ଯେଉଁ ଗଣମାଧ୍ୟମର ସାହାରା ନେଇଛନ୍ତି ଏଥିରୁ ତାଙ୍କର ଭୟାତୁର ଭାବ ସ୍ପଷ୍ଟ ବୁଝାପଡୁଛି। ଆସନ୍ତା ୨୭ରେ କଂଗ୍ରେସ ପକ୍ଷରୁ ବିଧାନସଭାକୁ ଘେରିବାକୁ ଡାକରା ଦିଆଯାଇଛି। ଏହାପୂର୍ବରୁ ମନ୍ତ୍ରୀ କଂଗ୍ରେସ ବିରୋଧରେ ଅପପ୍ରଚାର କରିବାକୁ ଉଦ୍ୟମ କରୁଛନ୍ତି। କାଡାମ କହିଛନ୍ତି, ମନ୍ତ୍ରୀ ଜାଣି ରଖିବା ଉଚିତ, ପୂର୍ବରୁ ଭାଜପା ସଦସ୍ୟମାନେ ଏହି ଗୃହରେ ମହିଳା ବାଚସ୍ପତିଙ୍କ ଉପରକୁ ଡାଲି ଫିଙ୍ଗିବା ସହିତ ବାଚସ୍ପତିଙ୍କ ଉପରକୁ ଜୋତା ଫିଙ୍ଗି ନିଲମ୍ବନ ହୋଇଥିଲେ। ଏବେ ଅସଲ କଥାକୁ ଆସିବା ବେଳକୁ ସରକାର ପଳାୟନପନ୍ଥୀ ସାଜିଛନ୍ତି।

# ମହିଳା ସୁରକ୍ଷା ପ୍ରସଙ୍ଗରେ ଗୃହରେ ଆଲୋଚନା କରୁନାହାନ୍ତି ସରକାରୀ ଦଳ: କାଡାମ



କଂଗ୍ରେସ ଭବନଠାରେ ଖବରଦାତା ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବରିଷ୍ଠ ନେତା ତାରାପ୍ରସାଦ ବାହିନୀପତି ଓ ଅନ୍ୟମାନେ।

ଭୁବନେଶ୍ୱର, ୨୪।୩(ସୁନିତ୍ ମିଶ୍ର)

ରାଜ୍ୟରେ ମହିଳାମାନଙ୍କ ପ୍ରତି ଅତ୍ୟାଚାର ହୁହୁ ହୋଇ ବଢ଼ିଚାଲିଛି। ପ୍ରତିଦିନ ମହିଳାଙ୍କ ପ୍ରତି ବଳାତ୍କାର, ଗଣବଳାତ୍କାର ଏବଂ ତଜ୍ଜନିତ ମୃତ୍ୟୁର ଖବର ସବୁଦିନ ଖବରକାଗଜର ପ୍ରଥମ ପୃଷ୍ଠା ମଣ୍ଡନ କରୁଛି। ମହିଳାଙ୍କ କ୍ଷେତ୍ରରେ ସଙ୍ଗୀନ ଅତ୍ୟାଚାର ଅପରାଧ ସବୁ ସୀମାଲଂଘନ କରିସାରିଲାଣି। କିନ୍ତୁ ସରକାର ଓ ସରକାରୀ ଦଳ ଏହି ବିଷୟକୁ ବିଧାନସଭାରେ ଆଲୋଚନା କରୁନାହାନ୍ତି କି ଏଥିଲାଗି ଗୃହ କମିଟି ଗଠନ କରୁନାହାନ୍ତି ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି।

କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କାଡାମ କହିଛନ୍ତି, ଓଡ଼ିଶାର ଜନସାଧାରଣ ଆମକୁ ନିର୍ବାଚିତ କରିଛନ୍ତି। ସାଧାରଣ ଜନତାଙ୍କ ଅଭାବ ଓ ଅସୁବିଧା ଗତ ସମସ୍ୟାକୁ ବିଧାନସଭାରେ ଉତ୍‌ଥାପନ କରିବା ଓ ସରକାରଙ୍କ ଦୃଷ୍ଟି ଗୋଚରକୁ ଆଣିବା ବିରୋଧୀ ଦଳର ଦାୟିତ୍ୱ। କଂଗ୍ରେସ ବିଧାୟକମାନେ ରାଜ୍ୟରେ ମହିଳାମାନଙ୍କ ପ୍ରତି କରାଯାଉଥିବା ଅନ୍ୟାୟ ବିଷୟକୁ ଗୃହରେ ଉଠାଇବା କ'ଣ ଭୁଲ୍ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀ ପତି କହିଛନ୍ତି, ଏହି ଅଳ୍ପଦିନ ମଧ୍ୟରେ ନବରଙ୍ଗପୁର ଉମରକୋଟ୍‌ରେ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ମଦ ପିଆଇ ଗଣବଳାତ୍କାର କରାଗଲା। ବରଗଡ଼ ଟାଉନରୁ ୨ ଜଣ ନାବାଳିକା ଗତ ୧୮ରୁ ନିଖୋଜ ଥିଲେ। ସେଥିମଧ୍ୟରୁ ଜଣଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ଆଉ ଜଣଙ୍କ ପତ୍ତା ମିଳୁନାହିଁ। ଅନୁଗୁଳ ଜିଲା ଛେଣ୍ଡିପଦାରେ ୫ ବର୍ଷର ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ଲୋକମାନଙ୍କ ଟଙ୍କାରେ ବିଧାନସଭା ଚାଲୁଛି। ହେଲେ ବିଧାନସଭାରେ ଜଣେ ସଦସ୍ୟ ଅଶାଳୀନ ଭାଷାରେ ଗାଳି କଲେ। ସେ କେତେଥରର ବିଧାୟକ। ସେମାନେ ଆମକୁ ମାରିଛନ୍ତି କିନ୍ତୁ ଆମେ କାହାକୁ ମାରିନାହୁଁ। ବିଧାନସଭା ଇତିହାସରେ ବହୁତ ଘଟଣା ଘଟିଛି, କିନ୍ତୁ ଏଭଳି ଘଟଣା କେବେ ଦେଖାଯାଇ ନ ଥିଲା। ରାଜ୍ୟର ମହିଳାମାନଙ୍କ ସୁରକ୍ଷା ପାଇଁ ଆଇନ ଆଣିବା ସରକାରଙ୍କ ଦାୟିତ୍ୱ ବୋଲି ତାରା କହିଛନ୍ତି।

# ବିଜେଡି ଉଠାଇଲା ପଛୁଆବର୍ଗଙ୍କ ସଂରକ୍ଷଣ ପ୍ରସଙ୍ଗ

ଭୁବନେଶ୍ୱର,୨୪।୩(ରବିନାରାୟଣ ଜେନା)

ବଜେଟ ଅଧିବେଶନ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ହେଲେ କଂଗ୍ରେସ ସେଇ ଗୋଟିଏ ଜିଦ୍‌ରେ ଅଟଳ ରହିଛି। ମହିଳାଙ୍କ ସୁରକ୍ଷା ପାଇଁ ଗୃହ କମିଟି ଗଠନ କରିବା ଦାବି ନେଇ ସୋମବାର ପୁଣି ହଇଗୋଳ ଜାରି ରଖିଛି। ଅନ୍ୟପକ୍ଷରେ ପ୍ରମୁଖ ବିରୋଧୀ ବିଜେଡି ଇଞ୍ଜିନିୟରିଂ ଓ ଭେଷଜ ଶିକ୍ଷାକ୍ଷେତ୍ରରେ ରାଜ୍ୟର ସମସ୍ତ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ଦାବିରେ ନାରାବାଜି କରିଥିଲା। ଫଳରେ ଗୃହରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ବାଚସ୍ପତି ସୁରମା ପାଢ଼ୀ ଉଭୟ ଦଳର ସଦସ୍ୟଙ୍କୁ ନିଜ ନିଜ ଆସନକୁ ଯିବାପାଇଁ ଅନୁରୋଧ କରିଥିଲେ। ମାତ୍ର କେହି ଶୁଣି ନ ଥିଲେ। ଫଳରେ ସେ ପ୍ରଥମେ ମଧ୍ୟାହ୍ନ ୧୨.୦୯ ମିନିଟ୍ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଏହାପରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ହେଲେ ତାହା ସଫଳ ହୋଇ ନ ଥିଲା, ପରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ସୋମବାର ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବାଚସ୍ପତି ସୁରମା ପାଢ଼ୀ ପ୍ରଶ୍ନକାଳ ଆରମ୍ଭ କରି ସଂସଦୀୟ ବ୍ୟାପାର ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନାପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ଉତ୍ତର ରଖିବା ପାଇଁ ଡାକିଥିଲେ। ମନ୍ତ୍ରୀ ଏହି ସମୟରେ ରାଜ୍ୟରେ ଆଇଟି କ୍ଷେତ୍ରରେ ସୃଷ୍ଟି ହୋଇଥିବା ସୁଯୋଗ ସମ୍ପର୍କରେ ଉତ୍ତର ରଖୁଥିଲେ। ରାଜ୍ୟରେ ଓଡ଼ିଶା ଆଇଟି ନୀତି-୨୦୨୨ କାର୍ଯ୍ୟକାରୀ ହେବାସହିତ ଓଡ଼ିଶା ରାଜ୍ୟ ଡାଟା ସେଣ୍ଟର ନୀତି-୨୦୨୨, ଇଲେକ୍ଟ୍ରୋନିକ୍ସ ନୀତି-୨୦୨୧, ବିପିଓ ନୀତି-୨୦୨୧ ଏବଂ ଓଡ଼ିଶା ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ଆଣ୍ଡ ଫାବଲେସ ନୀତି-୨୦୨୩ କାର୍ଯ୍ୟକାରୀ ହୋଇଥିବା ଦର୍ଶାଇଥିଲେ। ଏହି ଅବସରରେ ମୂଳ ପ୍ରଶ୍ନକର୍ତ୍ତା ଅମରେନ୍ଦ୍ର ଦାସ ଜଗତ୍‌ସିଂହପୁରରେ ଆଇଟି ପାଇଁ କିଛି ସୁଯୋଗ ରହିଛି କି ? ଯଦି ରହିଛି ସରକାରଙ୍କ ପକ୍ଷରୁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ତାହା ଉପରେ ଜାଣିବାକୁ ଚାହିଁଥିଲେ। ମାତ୍ର ଏହି ସମୟରେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ଓ ଅନ୍ୟମାନେ ଗୃହର ମଧ୍ୟଭାଗରେ ଘଣ୍ଟ ଓ କରତାଳି ମାଡ଼ କରିଥିଲେ। ଗୃହକୁ ସ୍ୱାଭାବିକ ପରିସ୍ଥିତିକୁ ଫେରାଇ ଆଣିବାପାଇଁ ଉଦ୍ୟମ କରି ମଧ୍ୟ ବାଚସ୍ପତି ସଫଳ ନ ହେବାରୁ ଗୃହକୁ ମଧ୍ୟାହ୍ନ ୧୨.୦୯ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଏହାପରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ମାତ୍ର ବୈଠକରେ କୌଣସି ନିଷ୍କର୍ଷ ନ ବାହାରିବାରୁ ଅପରାହ୍ନ ୪ଟା ଯାଏ ଉପବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ। ପରେ ବିଜେଡି ପକ୍ଷରୁ ଏକ ରାଲି ଗୃହ ଚାରିପାର୍ଶ୍ୱରେ ପରିକ୍ରମା କରିଥିଲା। ସରକାର ସମସ୍ତ ପଛୁଆବର୍ଗଙ୍କ ପାଇଁ ଇଞ୍ଜିନିୟରିଂ ଓ ଭେଷଜ ଶିକ୍ଷାରେ ସିଟ୍ ସଂରକ୍ଷଣ ବ୍ୟବସ୍ଥା କରନ୍ତୁ ବୋଲି ବିଜେଡି ସଦସ୍ୟ ଧ୍ୱନି ଦେଇଥିଲେ।

# ଝିଣ୍ଟିକା ମାରି ବଣି ପୋଷୁଛନ୍ତି ସରକାର: ଗଣେଶ୍ୱର

**ଓପନିଂ ବ୍ୟାଟିଂ ଆସି ହିଟ୍ ଉଇକେଟ୍ ହେଇଗଲେ ଗଣେଶ୍ୱର ଭାଇ: ଇରାଶିଷ**

ଭୁବନେଶ୍ୱର, ୨୪।୩(ସୁନିତ୍ ମିଶ୍ର)

ଏହି ସରକାର ଅମଳରେ କେବଳ ଖାଦ୍ୟ ସାମଗ୍ରୀର ଦର ବଢ଼ିନି। ବାଲି, ଗୋଡ଼ି, ପଥରର ଦର ବଢ଼ିଛି। ଏହା ବଡ଼ ଲୋକଙ୍କୁ ବାଧୁନି ବରଂ ଗରିବ ଲୋକଙ୍କୁ ବାଧୁଛି। କାରଣ ସେମାନେ ଘରଟିଏ ବି କରିପାରୁନାହାନ୍ତି। ଯିଏ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର କରୁଛି ତାକୁ ସ୍ୱଳ୍ପ ଟଙ୍କା ଭିତରେ ନିଜ ବାସସ୍ଥାନ ନିର୍ମାଣ କରିବାକୁ ପଡ଼ିଥାଏ। ସେମାନେ ଯଦି ଉଚ୍ଚା ଦରରେ ଗୋଡ଼ି, ବାଲି, ପଥର ଏବଂ ଇଟା କିଣିବେ କିପରି ଘରଟିଏ କରିପାରିବେ। ସାରା ରାଜ୍ୟରେ ବାଲି, ପଥର ଚୋରି ବଢ଼ି ଚାଲିଛି। ହେଲେ ପୋଲିସ କେବଳ ଟ୍ରାକ୍ଟର ଜବତରେ ସୀମିତ ରହିଯାଇଛି। ବଡ଼ ବଡ଼ ହାଇୱା, ଡମ୍ପର ଆଦି ଗାଡି ଧରିବାକୁ ସରକାରୀ ଅଧିକାରୀ ସାହସ ଜୁଟାଇ ପାରୁ ନାହାନ୍ତି। ଏ ସରକାର ଝିଣ୍ଟିକା ମାରି ବଣି ପୋଷୁଛନ୍ତି। ମାର୍ଚ୍ଚ ୬ ତାରିଖରେ ମୁଖ୍ୟ ଶାସନ ସଚିବ ଏକ ବୈଠକ କରି ଚୋରାଚାଲାଣ ରୋକିବାକୁ ଟାସ୍କଫୋର୍ସ କରିବେ କହିଛନ୍ତି। ହେଲେ ଏହା କିଛି ନୂଆ କଥା ନୁହେଁ। ଆଗରୁ ମଧ୍ୟ ଟାସ୍କଫୋର୍ସ ହେଇଛି, କ'ଣ ପଦକ୍ଷେପ ନେଇଛି। ସୋମବାର ବିଧାନସଭାରେ ବିଜେଡି ସଦସ୍ୟ ଗଣେଶ୍ୱର ବେହେରା ଇସ୍ପାତ ଓ ଖଣି, ବାଣିଜ୍ୟ ଓ ପରିବହନ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ଆରମ୍ଭ କରି ରାଜ୍ୟ ସରକାରଙ୍କ ଉପରେ ଏହିଭଳି ଢଙ୍ଗରେ ବର୍ଷିଛନ୍ତି।

ଭାଜପା ସଦସ୍ୟ ଇରାଶିଷ ଆଚାର୍ଯ୍ୟ କହିଛନ୍ତି, ଗତ ୨୦୨୩ ମସିହା ପର୍ଯ୍ୟନ୍ତ ଗଣେଶ୍ୱର ଭାଇ ତତ୍କାଳୀନ ବିଜେଡି ସରକାର ବିରୋଧରେ ଗର୍ଜନ କରୁଥିଲେ। ବିଭିନ୍ନ ସମୟରେ ସେତେବେଳେ ଶାହା କମିଶନର ରିପୋର୍ଟ କଥା ଉଠାଉଥିଲେ। ଯେହେତୁ ଗତ ୨୪ ବର୍ଷ ସରକାରର ମନ୍ତ୍ରୀ, ବିଧାୟକମାନେ ଖଣି ଦୁର୍ନୀତିରେ ସମ୍ପୃକ୍ତ ସେମାନେ ଏହି ପ୍ରସଙ୍ଗରେ ଆଲୋଚନା ଆରମ୍ଭ କଲେ ଓଲଟା ପ୍ରଶ୍ନ ସେମାନଙ୍କ ଆଡକୁ ଆସିଥାଆନ୍ତା। ସେଥିଲାଗି ବିଜେଡିର ଅନ୍ୟ କେହି ଖଣି ପ୍ରସଙ୍ଗରେ ଆଲୋଚନା ନ କରି ତାଙ୍କ ଦଳ ଗଣେଶ୍ୱର ଭାଇଙ୍କୁ ସୁଯୋଗ ଦେଲା। ସେ ଉତ୍ତର ଦିଅନ୍ତୁ ଗତ ସରକାରରେ ଡିଏମ୍‌ଏଫ୍ ଫଣ୍ଡ ଯାଜପୁର ଜିଲାର ପୋଖରୀ କାମ, ଗଙ୍ଗଶାଳାରେ କିପରି ବ୍ୟବହାର ହେଉଥିଲା। ଆମେ ତ ଏ ପର୍ଯ୍ୟନ୍ତ ଖଣି ଲିଜ୍ ନେଇନାହୁଁ ଦୁର୍ନୀତି କେତେବେଳେ କରିଲୁ ବୋଲି ଇରାଶିଷ ପ୍ରଶ୍ନ କରିଛନ୍ତି।

ଏହି ଆଲୋଚନାରେ ବିଜେଡି ସଦସ୍ୟ ରଣେନ୍ଦ୍ର, ସୁନୀଲ ମହାନ୍ତି, ପ୍ରତାପ ସ୍ୱାଇଁ, ତୁଷାରକାନ୍ତି ବେହେରା, ଭାଜପା ସଦସ୍ୟ ଅମରେନ୍ଦ୍ର ଦାସ ପ୍ରମୁଖ ଭାଗ ନେଇଥିଲେ।

# ଭାଜପାରେ ମିଶିବାକୁ ନେଇ ବ୍ଲକ୍ ଅଧ୍ୟକ୍ଷଙ୍କ ଅସ୍ୱୀକାର


ଦୟାନିଧି ଖମାରୀ

ଦେଓଗାଁ, ୨୪।୩
(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍ ଅଧ୍ୟକ୍ଷ ଦୟାନିଧି ଖମାରୀ ଭାଜପାରେ ମିଶିବା ନେଇ ସାମାଜିକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଆଲୋଚନା ଲାଗି ରହିଥିଲା। କିନ୍ତୁ ବ୍ଲକ୍ ଅଧ୍ୟକ୍ଷ ଖମାରୀ ସୋମବାର ଖବରଦାତା ସମ୍ମିଳନୀରେ ଭାଜପାରେ ମିଶିବା ନେଇ ଯେଉଁ ଖବର ପ୍ରସାରିତ ହୋଇଥିଲା ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସ୍ପଷ୍ଟ କରିଥିଲେ। ସେ ବିଜେଡିର ଜଣେ ଶୃଙ୍ଖଳିତ କର୍ମୀ। ଦୀର୍ଘ ବର୍ଷ ହେଲା ବିଜେଡିରେ ରହିଆସିଛନ୍ତି। ଏଭଳି ମିଥ୍ୟା ଖବର ପ୍ରକାଶ ନ କରିବା ପାଇଁ ସବୁ ଗଣମାଧ୍ୟମକୁ ଅନୁରୋଧ କରିଥିଲେ। ସମ୍ମିଳନୀରେ ଅନ୍ତର୍ଯ୍ୟାମୀ ଭୋଇ, ରାଜପ୍ରତାପ ସିଂଦେଓ, ବୁଦ୍ଧଦେବ ପରୁଆ ପ୍ରମୁଖ ଉପସ୍ଥିତ ଥିଲେ।


# Classified Everyday
0674-2580101, 9692975378


AUTOMOBILE
SALE

Tata Ultra 41 Seater Bus for sale. Contact details: 7077714312. D-3396

Tata Magic OD02 AZ 6002 new condition 25800 KMS 1st Owner No finance for sale 9040413717, 9861122959. D-3339

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


REAL ESTATE
SALE

ଗଙ୍ଗପଡ଼ା Gift କଲେଜ Backsideରେ NH. 16 ରୁ 100 mtr ଦୂରରେ ଘରବାରି, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ମିଳୁଅଛି- 7978676652, 9439087845. D-76249

ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft., 5,55,000/-ରେ ପ୍ଲଟ୍ ବିକ୍ରିହେବ। (Outright). 9348232008. D-76250

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




**Relax, Refresh your body, mind at Saikrupa Spa with best therapies. 7848011468.** D-3288

**Full body massage experience, good looking therapist @999 (Bhubaneswar). 9078484455.** D-3280

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

I, Razia Begum, W/o- Hrudanand Jena, resident of Vill- Baraara, P.O.- Aragul, P.S.- Jatni, Dist.- Khordha, PIN- 752050 declare by this affidavit Sl. No.- 752, dated 07.06.2023, that now onwards I shall be known as ADYASHA JENA for all future purposes. D-76905

By virtue of an affidavit before the Notary Public, Bhubaneswar, Sl. No.- 137, dtd- 04.03.2025 after marriage I have changed my name from Palak Kapoor to Palak Narula. Henceforth, I shall be known as Palak Narula, W/o- Sarthak Narula, Resident of Plot No.- 501, Unit-3, Kharavel Nagar, Bhubaneswar, Dist.- Khorda, Odisha-751001 for all future purposes. D-76805

I, Durpati Singh, W/o- Ramveer Singh, declare by this affidavit No.7907 dated 19.03.25 sworn before the Notary Public, Sambalpur that now onwards I want to correction my name from Dropti to Durpati Singh in my Aadhaar Card bearing No.xxxx xxxx 6711. As well as my address as Santinagar, P.O.- Budharaja, P.S.- Ainthapali, Dist.- Sambalpur for all future purposes. D-3402

By virtue of an affidavit sworn before Notary Public, Bhadrak, dated 22. 01. 2025 I, Mata Sinku (36 yrs), S/o- Jagendra Sinku, Address: Vill- Raijhar (Gabashola), P.O.- Kalakala P.S.- Bairi, Dist.- Jajpur, PIN- 754082, Odisha declare that I have changed my daughter's name from Janga Sidhu to Joshna Sinku. Henceforth, she shall be known as Joshna Sinku for all purposes. D-3403

## ମନେ ପଡ଼ନ୍ତି

ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰କମଳାମଣି ଦେବୀ
ଚଣାଗୋରଡ଼ା, ସାକ୍ଷୀଗୋପାଳ, ପୁରୀ

ଚାହୁଁ ଚାହୁଁ ବର୍ଷ ପରେ ବର୍ଷ ବିତିଗଲା, ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରିଦେଇଛି। ଆଜି ମଧ୍ୟ ଲାଗୁଛି ତୁମେ ଆମସମସ୍ତଙ୍କ ଗହଣରେ ଅଛ । ତୁମର ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

*ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ*

ଧ-୭୪୪୦୪

# ଦିଲ୍ଲୀକୁ ଜିତାଇଲେ ଆଶୁତୋଷ

**ବିଶାଖାପଟନମ୍, ୨୪।୩**

ଆଶୁତୋଷ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ସୋମବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ୧ ଉଇକେଟରେ ପରାସ୍ତ କରିଛି। ମିଚେଲ ମାର୍ଶ ଓ ନିକୋଲସ ପୁରନଙ୍କ ଦୃଢ଼ ବ୍ୟାଟିଂ ବଳରେ ଲକ୍ଷ୍ନୌ ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୨୦୯ ରନ କରିଥିଲା। ଜବାବରେ ଦିଲ୍ଲୀ ଏକଦା ସଙ୍କଟ ସମୟ ଦେଇ ଗତି କରୁଥିଲେ ହେଁ ଆଶୁତୋଷଙ୍କ ଅପରାଜିତ ୬୬ ରନ ବଳରେ ୧୯.୩ ଓଭରରେ ୯ ଉଇକେଟ ହରାଇ ୨୧୧ ରନରେ ପହଞ୍ଚି ଯାଇଥିଲା। ୩୧ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଆଶୁତୋଷ ନିଜ ଇନିଂସ ମଧ୍ୟରେ ୫ଟି ଲେଖାଏ ଚୌକା ଓ ଛକା ମାରି ମ୍ୟାଚ ବିଜେତା ସାବ୍ୟସ୍ତ ହୋଇଥିଲେ। ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ଭିପ୍ରଜ ନିଗମ ୩୯, ଟ୍ରିଷ୍ଟନ ଷ୍ଟବ୍ସ ୩୪ ରନ କରିଥିଲେ। ଦିଲ୍ଲୀ ୧୧୩ ରନ ମଧ୍ୟରେ ୬ ଉଇକେଟ ହରାଇଥିବାବେଳେ ଆଶୁତୋଷ ଓ ଭିପ୍ରଜ ୭ମ ଉଇକେଟରେ ୨୨ ବଲ୍‌ରୁ ୫୫ ରନ ଯୋଗକରି ମୋମେଣ୍ଟମ ବଦଳାଇ ଦେଇଥିଲେ। ଲକ୍ଷ୍ନୌ ପକ୍ଷରୁ ଶାର୍ଦ୍ଦୁଳ ଠାକୁର, ମନିମାରାନ ସିଦ୍ଧାର୍ଥ, ଦିଗଭେଶ ରାଠି ଓ ରବି ବିଷ୍ଣୋଇ ୨ଟି ଲେଖାଏ ଉଇକେଟ ନେଇଥିଲେ।

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିସ୍ଫୋରକ ଆରମ୍ଭ କରିଥିଲା। ଓପନିଂ ଯୋଡ଼ିରେ ୨୮ ବଲ୍‌ରୁ ୪୬ ରନ ସଂଗ୍ରହ କରି ଦଳପାଇଁ ବଡ଼ ସ୍କୋରର ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ ଏଡେନ ମାରକ୍ରମ ଓ ମିଚେଲ ମାର୍ଶ। ମାରକ୍ରମ ଯଦିଓ ୧୫ ରନ କରି ଆଉଟ ହୋଇଥିଲେ ତେବେ ଆକ୍ରମଣାତ୍ମକ ବ୍ୟାଟିଂ ଜାରି ରଖି ମାର୍ଶ ଓ ପୁରନ ଦ୍ୱିତୀୟ ଉଇକେଟରେ ୮୭ ରନର ଭାଗୀଦାରି ଗଢ଼ିଥିଲେ। ମାର୍ଶ ୭୨ (୩୬ ବଲ, ୬ ଚୌକା, ୬ ଛକା) ଏବଂ ପୁରନ ୭୫ (୩୦ ବଲ, ୬ ଚୌକା, ୭ ଛକା) ରନରେ ଆଉଟ ହେବା ସହ ଲକ୍ଷ୍ନୌ ମୋମେଣ୍ଟମ ହରାଇଥିଲା। ଦିଲ୍ଲୀ ପକ୍ଷରୁ ମିଚେଲ ଷ୍ଟାର୍କ ସର୍ବାଧିକ ୩ଟି, କୁଲଦୀପ ଯାଦବ ୨ଟି ଏବଂ ଭିପରାଜ ନିଗମ ଓ ମୁକେଶ କୁମାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ବିଜୟସୂଚକ ଛକା ମାରିବା ପରେ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଆଶୁତୋଷ ଶର୍ମା।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
ଗୁଜରାଟ
ବନାମ ପଞ୍ଜାବ
ସ୍ଥାନ: ଅହମଦାବାଦ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୨୦୯/୮ (ନିକୋଲସ ପୁରନ-୭୫, ମିଚେଲ ମାର୍ଶ-୭୨, ଡେଭିଡ ମିଲର-୨୭*, ମିଚେଲ ଷ୍ଟାର୍କ-୩/୪୨, କୁଲଦୀପ ଯାଦବ-୨/୨୦, ଭିପରାଜ ନିଗମ-୧/୩୫, ମୁକେଶ କୁମାର-୧/୨୨)। ଦିଲ୍ଲୀ କ୍ୟାପିଟାଲ୍ସ ୧୯.୩ ଓଭରରେ ୨୧୧/୯ (ଆଶୁତୋଷ ଶର୍ମା-୬୬*, ଭିପ୍ରଜ ନିଗମ-୩୯, ଟ୍ରିଷ୍ଟନ ଷ୍ଟବ୍ସ-୩୪, ଫାଫ୍ ଡୁପ୍ଲେସି-୨୯, ଶାର୍ଦ୍ଦୁଳ ଠାକୁର-୨/୧୯, ମନିମାରାନ ସିଦ୍ଧାର୍ଥ-୨/୩୯, ଦିଗ୍‌ଭେଶ ରାଠି-୨/୩୧, ରବି ବିଷ୍ଣୋଇ-୨/୫୩)।

**ଖେଲୋ ଇଣ୍ଡିଆ ପାରା ଗେମ୍ସ**

## ଗଦାଧରଙ୍କୁ ବ୍ରୋଞ୍ଜ




**ଭୁବନେଶ୍ୱର, ୨୪।୩ (ତପନ ସ୍ୱାଇଁ):** ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଚାଲିଥିବା ଖେଲୋ ଇଣ୍ଡିଆ ପାରା ଗେମ୍ସରେ ସୋମବାର ଓଡ଼ିଶାର ଗଦାଧର ସାହୁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଗଦାଧର ପୁରୁଷ ୬୫ କେଜି ଶକ୍ତି ଉତ୍ତୋଳନରେ ମୋଟ ୧୪୩ କେଜି ଉତ୍ତୋଳନ କରି ଏହି ସଫଳତା ପାଇଛନ୍ତି। କେରଳର ଜୋବି ମାଥ୍ୟୁ ୧୪୮ କେଜି ସହ ସ୍ୱର୍ଣ୍ଣ ଓ ଗୁଜରାଟର ଅରବିନ୍ଦ ମାକୱାନା ୧୪୬ କେଜି ଉଠାଇ ରୌପ୍ୟ ପଦକ ହାସଲ କରିଛନ୍ତି।

## ଜାତୀୟ ଜୁନିୟର ହ୍ୟାଣ୍ଡବଲ ପାଇଁ ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୨୪।୩ (ତପନ ସ୍ୱାଇଁ)**

ଚଳିତମାସ ୨୬ରୁ ୩୦ ପର୍ଯ୍ୟନ୍ତ ଲକ୍ଷ୍ନୌଠାରେ ୪୭ତମ ଜାତୀୟ ଜୁନିୟର ବାଳିକା ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ୧୬ ଜଣିଆ ଓଡ଼ିଶା ଦଳ ଘୋଷିତ ହୋଇଛି। ମନୋନୀତ ଖେଳାଳିମାନେ ହେଲେ ସୁନିତା ମହାନ୍ତ (ଅଧିନାୟକ), ରାଜଲକ୍ଷ୍ମୀ ନାୟକ, ମୋନାଲିସା ବେହେରା, ପ୍ରତୀକ୍ଷା ଦାସ, ଲକିରାଣୀ ବେହେରା, ରାଣୀ ଦାସ, ସୁମନ ଦାସ, ଶ୍ରଦ୍ଧାଞ୍ଜଳି ବେହେରା, ରୋଶନୀ ପିଟର, ସଞ୍ଜନା କୁମାରୀ ସ୍ୱାଇଁ, ବିଜୟଲକ୍ଷ୍ମୀ ପ୍ରଧାନ, ସୁଭଦ୍ରା ନାୟକ, ପୂଜା ବେହେରା, ସସ୍ମିତା ଦାସ, ସ୍ୱାତୀ ସୁଚରିତା ଦାସ ଓ ସ୍ୱାଗତିକା ପାତ୍ର। କୋଚ ଅଭିଜିତ ଆଶିଷ କୁମାର ଲେଙ୍କା ଓ ମ୍ୟାନେଜର ଶୁଭ୍ର ପଲ୍ଲବୀ ଦାସ ଦଳ ସହ ଲକ୍ଷ୍ନୌ ଯାତ୍ରା କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଓଏସ୍ ଡି. ଧୀରଜ କୁମାର ପଟ୍ଟନାୟକ, ପ୍ରୋଗ୍ରାମ ଅଫିସର ହରେଶ ମିଶ୍ର, ଓଡ଼ିଶା ହ୍ୟାଣ୍ଡବଲ ସଂଘ ସମ୍ପାଦକ ମାନସ କୁମାର ସିଂ, ସଭାପତି ବିପ୍ଳବ ଚୌଧୁରୀ, ଉପ ସଭାପତି ପ୍ରିୟନାଥ ରାୟ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ, କୋଚ ଗୌରୀ ଶଙ୍କର ମିଶ୍ର ପ୍ରମୁଖ ଯୋଗଦେଇ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

## କନ୍ୟା ସନ୍ତାନର ଜନକ ହେଲେ ରାହୁଲ

**ନୂଆଦିଲ୍ଲୀ, ୨୪।୩:** ଭାରତ ଓ ଦିଲ୍ଲୀ କ୍ୟାପିଟାଲ୍ସ ବ୍ୟାଟର ଲୋକେଶ ରାହୁଲ ସୋମବାର ପ୍ରଥମ ଥର ଲାଗି ବାପା ହୋଇଛନ୍ତି। ତାଙ୍କ ସ୍ତ୍ରୀ ଆଥିଆ ଶେଟ୍ଟି ଏକ କନ୍ୟାକୁ ଜନ୍ମ ଦେଇଛନ୍ତି। ଏ ନେଇ ଆଥିଆ ଇନଷ୍ଟାଗ୍ରାମ ଜରିଆରେ ସୂଚନା ଦେଇଛନ୍ତି। ବାପା ହେବାକୁ ଯାଉଥିବାରୁ ରାହୁଲ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍ଏସ୍‌ଜି) ବିପକ୍ଷ ପ୍ରଥମ ମ୍ୟାଚରେ ଖେଳି ନ ଥିଲେ। ଆସନ୍ତା ୩୦ ତାରିଖରେ ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍ଆର୍‌ଏଚ୍) ବିପକ୍ଷରେ ହେବାକୁ ଥିବା ମ୍ୟାଚ ପୂର୍ବରୁ ସେ ଦଳରେ ଯୋଗଦେବେ ବୋଲି ଆଶା କରାଯାଉଛି।

## ବିଡ଼ାନାସୀ ମର୍ନିଂ କ୍ଲବ ଚାମ୍ପିୟନ


ଚାମ୍ପିୟନ ବିଡ଼ାନାସୀ ମର୍ନିଂ କ୍ଲବ ଦଳ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୪।୩ (ତପନ ସ୍ୱାଇଁ)**

ଭୁବନେଶ୍ୱର ଭେଟେରାନ ଖେଳାଳି ସଂଘ ଓ ଖଣ୍ଡଗିରି କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଓଡିଏମ୍ ଗ୍ଲୋବାଲ ସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ଭେଟେରାନ ଫୁଟବଲ ଟୁର୍ନାମେଣ୍ଟରେ କଟକର ବିଡ଼ାନାସୀ ମର୍ନିଂ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲରେ ମର୍ନିଂ କ୍ଲବ ଟାଇବ୍ରେକର ୪-୨ ଗୋଲରେ ରେଭେନ୍‌ଶା ମର୍ନିଂ କ୍ଲବକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ଗୋଲଶୂନ୍ୟ ରହିଥିଲା। ୪ ଦଳକୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲରେ ରେଭେନ୍‌ଶା ମର୍ନିଂ କ୍ଲବ ୧-୦ ଗୋଲରେ ଜାଗମରାର କେସିଏକୁ ଏବଂ ଦ୍ୱିତୀୟ ସେମିରେ ବିଡ଼ାନାସୀ ଦଳ ୫-୧ ଗୋଲରେ ଭୁବନେଶ୍ୱର ଭେଟେରାନ ଦଳକୁ ହରାଇଥିଲା। ୩ଟି ମ୍ୟାଚରେ ସନାତନ ଦାସ, ସୂର୍ଯ୍ୟନାରାୟଣ ପଟ୍ଟନାୟକ ଓ ସିଙ୍ଗୁ ମାରାଣ୍ଡି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳ ଶେଷରେ ୩ ଜୁନିୟର ଖେଳାଳି ଆୟୁଷ ଦିଗାଲ, ଶ୍ରୀଜନ କିସ୍କୁ ଓ ଦାସରଥି ହାଂସଦାଙ୍କ ସମେତ କୋଚ୍ ଜୟଦେବ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସ୍ଥାନୀୟ ବିଧାୟକ ସୁଶାନ୍ତ ରାଉତ, ଓଡିଏମ୍ ଗ୍ଲୋବାଲ ସ୍କୁଲ ପ୍ରତିଷ୍ଠାତା ସତ୍ୟବ୍ରତ ମୀନକେତନ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଆଜି ଭାରତ-ବାଂଲାଦେଶ ମ୍ୟାଚ

**ଶିଲଂ, ୨୪।୩ (ପି.ଟି.):** ଆଜି ଭାରତୀୟ ଦଳ ୨୦୨୭ ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାଇଂ ରାଉଣ୍ଡର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ବାଂଲାଦେଶକୁ ଭେଟିବ। ଗତ ୧୯ ତାରିଖରେ ଭାରତୀୟ ଦଳ ୩-୦ ଗୋଲରେ ମାଲଦିଭ୍ସକୁ ହରାଇଥିଲା। ଏହା ମାନୋଲୋ ମାର୍କ୍ୱେଜଙ୍କ ମାର୍ଗଦର୍ଶନରେ ଦଳର ପ୍ରଥମ ବିଜୟ ଥିଲା। ଏହି ବିଜୟ ଯୋଗୁ ସୁନୀଲ ଛେତ୍ରୀଙ୍କ ନେତୃତ୍ୱାଧୀନ ଭାରତୀୟ ଦଳର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ବାଂଲାଦେଶ ଦଳ ଭାରତ ପାଇଁ ପରିଚିତ ପ୍ରତିଦ୍ୱନ୍ଦ୍ୱୀ। ହେଲେ ଦୁଇ ଦଳ ମଧ୍ୟରେ ପ୍ରତି ଥର ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମ୍ୟାଚ ହୁଏ। ଫିଫା ର୍‌ୟାଙ୍କିଙ୍ଗ୍‌ରେ ଭାରତ ୧୨୬ତମ ସ୍ଥାନରେ ଥିବା ବେଳେ ବାଂଲାଦେଶ ୧୮୫ତମ ସ୍ଥାନରେ ରହିଛି। ୨୦୨୧ ସାଫ ଚାମ୍ପିୟନଶିପରେ ଦୁଇ ଦଳ ପରସ୍ପରକୁ ଅନ୍ତିମ ଥର ଭେଟିଥିଲେ ଏବଂ ମ୍ୟାଚ ଫଳାଫଳ ୧-୧ ଗୋଲରେ ଡ୍ର’ ରହିଥିଲା। ତେବେ ବାଂଲାଦେଶ ଦଳରେ ହମଜା ଚୌଧୁରୀଙ୍କ ଭଳି ଖେଳାଳି ରହିଛନ୍ତି, ଯିଏକି ଶିଫିଲ୍ଡ ୟୁନାଇଟେଡ୍ ଲାଗି ଇଂଲିଶ ପ୍ରିମିୟର ଲିଗ (ଇପିଏଲ୍)ରେ ଖେଳନ୍ତି। ମଙ୍ଗଳବାର ହେବାକୁ ଥିବା ମ୍ୟାଚ ଭାରତୀୟ ଦଳ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ଏହି ମ୍ୟାଚରେ ପରାଜୟ ୨୦୨୭ ଏଏଫ୍‌ସି ଏସିଆନ କପରେ ଭାରତର ଖେଳିବାର ଆଶା ପ୍ରତି ଘାତକ ହୋଇପାରେ। ଭାରତୀୟ ଦଳ ଗତ ବର୍ଷ ଦ୍ୱିତୀୟ ରାଉଣ୍ଡ କ୍ୱାଲିଫାଇଂ ଜରିଆରେ ମୁଖ୍ୟ ଟୁର୍ନାମେଣ୍ଟ ଲାଗି ଯୋଗ୍ୟତା ହାସଲ କରିପାରିଥାନ୍ତା।

## ତମିମଙ୍କୁ ହୃଦ୍‌ଘାତ

**ଢାକା, ୨୪।୩ (ପି.ଟି.):** ବାଂଲାଦେଶର ପୂର୍ବତନ ଅଧିନାୟକ ତମିମ ଇକ୍‌ବାଲ ସୋମବାର ହୃଦ୍‌ଘାତର ସମ୍ମୁଖୀନ ହେବା ପରେ ତାଙ୍କର ଆନଜିଓପ୍ଲାଷ୍ଟି କରାଯାଇଛି। ଢାକା ପ୍ରିମିୟର ଡିଭିଜନ କ୍ରିକେଟ ଲିଗ ମ୍ୟାଚରେ ଖେଳୁଥିବା ବେଳେ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। କ୍ରିକଇନ୍‌ଫୋ ଅନୁଯାୟୀ, ମହମ୍ମଡାନ ସ୍ପୋର୍ଟିଂ କ୍ଲବ ଓ ଶିନେପୁକୁର କ୍ରିକେଟ କ୍ଲବ ମଧ୍ୟରେ ଖେଳାଯାଉଥିବା ୫୦ ଓଭରିଆ ମ୍ୟାଚ୍‌ର ପ୍ରଥମ ଇନିଂସରେ ଏହି ଘଟଣା ଘଟିଥିଲା। ମହମ୍ମଡାନ ଦଳର ନେତୃତ୍ୱ ନେଉଥିବା ୩୬ ବର୍ଷୀୟ ତମିମ ଫିଲ୍ଡରେ ମାତ୍ର ୧ ଓଭର ଫିଲ୍ଡିଂ କରିବା ପରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ସ୍ଥାନୀୟ ହସ୍ପିଟାଲ ନିଆଯାଇଥିଲା। ପ୍ରାରମ୍ଭିକ ଭାବେ ଏକ ହେଲିକପ୍ଟର ବ୍ୟବସ୍ଥା କରାଯାଇଥିଲା। ହେଲେ ହେଲିକପ୍ଟର ବିକେଏସ୍‌ପି ଗ୍ରାଉଣ୍ଡରୁ ଉଡାଣ ଆରମ୍ଭ କରିପାରି ନ ଥିଲା।

## ଜାତୀୟ କରାଟେ ପାଇଁ ଓଡ଼ିଶାରୁ ୩୨

**ଭୁବନେଶ୍ୱର, ୨୪।୩ (ତପନ ସ୍ୱାଇଁ)**

ହାଇଦ୍ରାବାଦର ବାଚିକାଭଲି ଇନ୍‌ଡୋର ଷ୍ଟାଡିୟମରେ ଚଳିତ ମାସ ୨୬ରୁ ୨୯ ପର୍ଯ୍ୟନ୍ତ ସିନିୟର ଓ ୨୧ ବର୍ଷରୁ କମ୍ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶା ରାଜ୍ୟ କରାଟେ ସଂଘ ଦ୍ୱାରା ୩୨ ମହିଳା ଓ ପୁରୁଷ କରାଟେକା ଏବଂ ୬ ଅଫିସିଆଲ ମନୋନୀତ ହୋଇଛନ୍ତି। ଓଡ଼ିଶା ପ୍ରତିନିଧି ଦଳ ସୋମବାର ହାଇଦ୍ରାବାଦ ଯାତ୍ରା କରିଛି। ଓଡ଼ିଶା ରାଜ୍ୟ କରାଟେ ସଂଘ ଦ୍ୱାରା ଆୟୋଜିତ ଏକ ବିଦାୟୀ ଶୁଭେଚ୍ଛା ଉତ୍ସବରେ ଓଡ଼ିଶା ଭାଜପା ନେତା ଜଗନ୍ନାଥ ପ୍ରଧାନ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ ଭାଜପା ନେତା ସମୀର ମହାନ୍ତି ଓ ବିଧାୟକ ବାବୁ ସିଂ ଓଡ଼ିଶା କରାଟେ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଉତ୍ସବରେ ରାଜ୍ୟ କରାଟେ ସଂଘର ସଭାପତି ହରି ପ୍ରସାଦ ପଟ୍ଟନାୟକ, ସମ୍ପାଦକ ଗୌରି ମହାନ୍ତି, ଉପଦେଷ୍ଟା ସନତ ନାୟକ, ଉପସଭାପତି ପ୍ରଦୀପ ସରକାର, କୋଷାଧକ୍ଷ ଖାରବେଳ ମଲିକ, ସହ ସମ୍ପାଦକ କାଳି ପ୍ରସାଦ ନନ୍ଦ, ହିମାଂଶୁ ଶେଖର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଜାତୀୟ କରାଟେ ପାଇଁ ମନୋନୀତ ଓଡ଼ିଶା କରାଟେକାମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

**ସିସିଆଇ ସେଣ୍ଟ୍ରାଲ କଣ୍ଟ୍ରାକ୍ଟ**

## ଗ୍ରେଡ୍ ‘ଏ’ରେ ରହିଲେ ହରମନପ୍ରୀତ୍, ମନ୍ଧାନା, ଦୀପ୍ତି

**ନୂଆଦିଲ୍ଲୀ, ୨୪।୩ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସେଣ୍ଟ୍ରାଲ କଣ୍ଟ୍ରାକ୍ଟ ତାଲିକା ସୋମବାର ପ୍ରକାଶ ପାଇଛି। ଏଥିରେ ଭାରତ ମହିଳା ଟିମ୍ ଅଧିନାୟିକା ହରମନପ୍ରୀତ୍ କୌର ଓ ତାଙ୍କ ଡେପୁଟି ସ୍ମୃତି ମନ୍ଧାନା ଏବଂ ଦୀପ୍ତି ଶର୍ମା ଗ୍ରେଡ୍ ‘ଏ’ରେ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ଗତବର୍ଷ ଗ୍ରେଡ୍ ‘ବି’ରେ ସ୍ଥାନ ପାଇଥିବା ବାମହାତୀ ରକ୍ଷଣଶୀଳ ବୋଲର ରାଜେଶ୍ୱରୀ ଗାଏକ୍ୱାଡଙ୍କୁ ଏହି ସିଜନରେ ସେଣ୍ଟ୍ରାଲ କଣ୍ଟ୍ରାକ୍ଟରେ ସ୍ଥାନ ମିଳିନି। ବିସିସିଆଇ ମହିଳା ସେଣ୍ଟ୍ରାଲ କଣ୍ଟ୍ରାକ୍ଟର ‘ଏ’ କାଟେଗୋରିରେ ପ୍ରତ୍ୟେକ ଖେଳାଳିଙ୍କୁ ମ୍ୟାଚ ଫି’ ବ୍ୟତୀତ ୫୦ ଲକ୍ଷ ଏବଂ ‘ବି’ ଓ ‘ସି’ କାଟେଗୋରୀରେ ଯଥାକ୍ରମେ ୩୦ ଲକ୍ଷ ଓ ୧୦ ଲକ୍ଷ ଟଙ୍କା ଲେଖାଏ ମିଳିଥାଏ।

**ସମ୍ପୂର୍ଣ୍ଣ ତାଲିକା:** ଗ୍ରେଡ୍ ‘ଏ’: ହରମନପ୍ରୀତ କୌର, ସ୍ମୃତି ମନ୍ଧାନା, ଦୀପ୍ତି ଶର୍ମା। ଗ୍ରେଡ୍ ‘ବି’: ରେଣୁକା ଠାକୁର, ଜେମିମା ରୋଡ୍ରିଗ୍ସ, ରିଚା ଘୋଷ, ଶେଫାଳି ବର୍ମା। ଗ୍ରେଡ୍ ‘ସି’: ୟସ୍ତିକା ଭାଟିଆ, ରାଧା ଯାଦବ, ଶେୟଙ୍କା ପାଟିଲ, ତିତାସ ସାଧୁ, ଅରୁନ୍ଧତି ରେଡ୍ଡୀ, ଅମନଜୋତ କୌର, ଉମା ଚେତ୍ରୀ, ସ୍ନେହ ରାଣା, ପୂଜା ବସ୍ତ୍ରାକାର।

## ସିଏସ୍‌କେ ବିରୋଧରେ ବଲ ଟ୍ୟାମ୍ପରିଂ ଅଭିଯୋଗ

**ନୂଆଦିଲ୍ଲୀ, ୨୪।୩:** ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଚଳିତ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍ଆଇ) ବିପକ୍ଷରେ ୪ ଉଇକେଟର ବିଜୟ ସହ ଅଭିଯାନ ଆରମ୍ଭ କରିଛି। ହେଲେ ଫଳାଫଳ ଅପେକ୍ଷା ମ୍ୟାଚର ଏକ ଭିଡିଓ କ୍ଲିପକୁ ନେଇ ଖୁବ ଚର୍ଚ୍ଚା ହେଉଛି। ଭାଇରାଲ ଭିଡିଓରେ ସିଏସ୍‌କେ ଅଧିନାୟକ ଋତୁରାଜ ଗାଏକ୍ୱାଡ ନିଜ ପକେଟରୁ କିଛି ବାହାର କରି ବୋଲିଂ ପାଇଁ ପ୍ରସ୍ତୁତ ହେଉଥିବା ପେସର ଖଲିଲ ଅହମ୍ମଦଙ୍କୁ ଦେଇଥିଲେ। ଦୁହେଁ କ୍ୟାମେରା ଆଡ଼କୁ ପିଠି କରି କିଛି ଚର୍ଚ୍ଚା କରିଥିଲେ। ଖଲିଲଙ୍କୁ ବଲ ମିଳିବା ପରେ ଋତୁରାଜ ସେହି ବସ୍ତୁକୁ ନିଜ ପକେଟରେ ରଖି ଦେଇଥିଲେ। ଏହି ଭିଡିଓ ଭାଇରାଲ ହେବା ଯୋଗୁ ଘରୋଇ ଚେନ୍ନାଇ ଦଳ ବଲ ଟ୍ୟାମ୍ପରିଂ କରିଥିବା ନେଇ ଚର୍ଚ୍ଚା ହେଉଛି। ହେଲେ ଏ ସମ୍ପର୍କରେ ମ୍ୟାଚ ଅଫିସିଆଲ କିମ୍ବା ବିସିସିଆଇ ପକ୍ଷରୁ କୌଣସି ସ୍ପଷ୍ଟିକରଣ ଦିଆଯାଇ ନାହିଁ।

## ଓଡ଼ିଶା ବିଜୟୀ

**ରାଞ୍ଚି, ୨୪।୩ (ପି.ଟି.):** ଜାତୀୟ ମହିଳା ହକି ଲିଗ୍‌ର ଅନ୍ତିମ ପର୍ଯ୍ୟାୟରେ ଓଡ଼ିଶା, ମିଜୋରାମ, ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ସୋମବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଓଡ଼ିଶା ୨-୦ ଗୋଲ୍‌ରେ ଟେବୁଲ ଟପର ହରିୟାଣାକୁ ପରାସ୍ତ କରିଛି। ପୁଲ୍ ‘ଏ’ର ଏହି ମ୍ୟାଚରେ ଓଡ଼ିଶା ତରଫରୁ ପ୍ରତିଭା କିଣ୍ଡୋ (୯ମ ମିନିଟ) ଓ ଶିବାନୀ ଲୁଗୁନ (୫୯ତମ) ଗୋଲ୍ ସ୍କୋର କରିଥିଲେ।

## ଅଲ୍ ଓଡ଼ିଶା କବାଡ଼ି: ରେନ୍‌ବୋ ଚାମ୍ପିୟନ

**ଭୁବନେଶ୍ୱର, ୨୪।୩ (ତପନ ସ୍ୱାଇଁ)**

ପଟିଆଗଡ଼ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ପ୍ରଥମ ଅଲ୍ ଓଡ଼ିଶା କବାଡ଼ି ପ୍ରିମିୟର ଲିଗ ଉଦ୍‌ଯାପିତ ହୋଇଛି। ୩ ଦିନ ବିଶିଷ୍ଟ ପ୍ରତିଯୋଗିତାରେ ପଟିଆ ରେନ୍‌ବୋ ଚାମ୍ପିୟନ ଏବଂ ଟାଇଗର୍ସ ରନରଅପ୍ ହୋଇଛି। ଭାଗ ନେଇଥିବା ୬ ଦଳ ହେଲେ ପଟିଆ ଟାଇଗର୍ସ, ପଟିଆ, ପଟିଆ ୱାରିୟର୍ସ, ରେନ୍‌ବୋ, ରେଞ୍ଜର୍ସ ଏବଂ ସନ୍‌ରାଇଜ୍। ଫାଇନାଲ ରେନ୍‌ବୋ ଓ ଟାଇଗର୍ସ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ରେନ୍‌ବୋ ୪୨-୩୩ରେ ବିଜୟୀ ହୋଇଥିଲା। ପ୍ରଥମ କ୍ୱାଲିଫାୟରରେ ଟାଇଗର୍ସ ୩୭-୩୧ରେ ରେନ୍‌ବୋକୁ ଏବଂ ୨ୟ କ୍ୱାଲିଫାୟରରେ ରେନ୍‌ବୋ ୩୬-୩୩ରେ ସନ୍‌ରାଇଜକୁ ପରାସ୍ତ କରିଥିଲା। ସନ୍‌ରାଇଜ ୩ୟ ଏବଂ ରେଞ୍ଜର ୪ର୍ଥ ସ୍ଥାନରେ ରହିଥିଲା। ବିଧାୟକ ସୁଶାନ୍ତ ରାଉତ ମୁଖ୍ୟ ଅତିଥି ଓ ବିଧାୟକ ଅନନ୍ତ ନାରାୟଣ ଜେନା ବିଶେଷ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପଟିଆ ଗ୍ରାମର ସଭାପତି ଚିତ୍ତରଞ୍ଜନ ପାତ୍ର, ଉପଦେଷ୍ଟା ନୃସିଂହଚରଣ ରାଉତ, ଟିଁଟି ଖେଳାଳି ତ୍ରୈଲୋକ୍ୟ ରାଉତ, ଜୟନ୍ତ ଜେନା, ଓଡ଼ିଶା କବାଡ଼ି ସଂଘର ସମ୍ପାଦକ ଅଜୟ ବେହେରା, ବିଷ୍ଣୁ ଚନ୍ଦ୍ର ପାତ୍ର, ସୁବାସ ପରିଡ଼ା ଏବଂ ସୂର୍ଯ୍ୟକାନ୍ତ ମହାନ୍ତି ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ।


ଚାମ୍ପିୟନ ରେନ୍‌ବୋ କ୍ଲବର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ପାରାମାଉଣ୍ଟକୁ ହରାଇଲା ଟାଉନ୍ କ୍ଲବ

**ଏଲଏଲସିସି ଜୁନିୟର କ୍ରିକେଟ**

**ଭୁବନେଶ୍ୱର, ୨୪।୩ (ତପନ ସ୍ୱାଇଁ)**

ଲାଇଭ୍ ଲିଜେଣ୍ଡ କ୍ରିକେଟ କ୍ଲବ (ଏଲଏଲସିସି) ଜୁନିୟର (୧୫ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲରେ ଟାଉନ୍ କ୍ଲବ ୮ ଉଇକେଟରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରିଛି। ଏଲଏଲସିସି ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ନିର୍ଦ୍ଧାରିତ ୩୫ ଓଭରରେ ୭ ଉଇକେଟ ହରାଇ ୨୦୨ ରନ କରିଥିଲେ। ସାଇଦିତି ମହାନ୍ତି ସର୍ବାଧିକ ୯୨ ଓ ପ୍ରତୀକ୍ଷିତ ପ୍ରଧାନ ୩୨ ରନ କରିଥିଲେ। ବିପକ୍ଷ ଦଳର ଓଁକାର ଶୁଭ ସଙ୍କେତ ୩ଟି ଓ ଶ୍ଳୋକ ସଂକଳ୍ପ ୨ଟି ଉଇକେଟ ନେଇଥିଲେ। ୨୦୩ ରନର ବିଜୟ ଲକ୍ଷ୍ୟକୁ ଟାଉନ୍ କ୍ଲବ ୩୧.୧ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଅନୁରାଗ ସାମନ୍ତରାୟ ୯୧ ବଲ୍‌ରୁ ୧୨୮ ରନକରି ଅପରାଜିତ ରହିଥିବାବେଳେ ଆଦର୍ଶ ବିଶ୍ୱାଳ ୨୮ ରନ ସ୍କୋର କରିଥିଲେ। ଅପରାଜିତ ବିସ୍ଫୋରକ ଶତକୀୟ ଇନିଂସ ପାଇଁ ଅନୁରାଗ ସାମନ୍ତରାୟ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। କ୍ରିକେଟ କୋଚ୍ ମନୋଜ କୁମାର ମହାପାତ୍ର ଓ ଜେପି. ପଟ୍ଟନାୟକ ପୁରସ୍କାର ପ୍ରଦାନ କରିଥିଲେ।



ଅନୁରାଗ ସାମନ୍ତରାୟଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ




SHOWROOMS: ODISHA: RENAULT BHUBANESWAR Ph: 8860076082, RENAULT BHUBANESWAR CENTRAL Ph: 7428190232. RENAULT BHAWANIPATNA Ph: 9438395880. RENAULT CUTTACK Ph: 9311772648. RENAULT JEYPORE Ph: 9311596618. RENAULT SAMBALPUR Ph: 8448890323.




**SHOWROOMS: ODISHA:** RENAULT **CUTTACK** Ph: 9311772648. RENAULT **BHUBANESWAR** Ph: 8860076082, RENAULT **BHUBANESWAR CENTRAL** Ph: 7428190232. RENAULT **BHAWANIPATNA** Ph: 9438395880. RENAULT **JEYPORE** Ph: 9311596618. RENAULT **SAMBALPUR** Ph: 8448890323.